# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୫/୨୦୨୧ (୧୬ ପୃଷ୍ଠା) | Balasore, Friday, February 5/2021 | ★★★★

୪୭ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ମହିଳାଙ୍କ ବେକ କାଟି ମୁଣ୍ଡ ନେଲେ

ଭୁବନେଶ୍ୱର,୪।୨(ବ୍ୟୁରୋ)



ସନ୍ଧାନୀ କୁକୁରକୁ ଘଟଣାସ୍ଥଳକୁ ନିଆଯାଉଛି।

## ରାଜଧାନୀରେ ବଳିଗଲା ବର୍ବରତା

- ବଳାତ୍କାର ପରେ ହତ୍ୟା ସନ୍ଦେହ, ମିଳିନି ପରିଚୟ
- ଘଟଣାସ୍ଥଳରୁ ଛୁରି, ପୋଷାକ, ରକ୍ତଭିଜା ଗ୍ଲୋଭ୍ସ ଜବତ
- ସନ୍ଧାନୀ କୁକୁର ସହାୟତାରେ ତଦନ୍ତ
- ନମୁନା ସଂଗ୍ରହ କଲା ଫରେନ୍ସିକ୍ ଟିମ୍

ଭୁବନେଶ୍ୱରରେ ବଳିଗଲା ଅପରାଧୀଙ୍କ ବର୍ବରତା। ରମାଦେବୀ ଛାତ୍ରୀ ଝରାଫୁଲ ମୃତ୍ୟୁ ଉପରୁ ପର୍ଦ୍ଦା ହଟି ନ ଥିବାବେଳେ ରାଜଧାନୀ ଉପକଣ୍ଠରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଗୁରୁବାର ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଦାସପୁର ରାସ୍ତାକଡ଼ରୁ ତାଙ୍କର ମୁଣ୍ଡବିହୀନ ମୃତଦେହ ମିଳିଛି। ଅପରାଧୀମାନେ ହତ୍ୟା ପରେ ମୁଣ୍ଡକୁ ନେଇଯାଇଛନ୍ତି। ମହିଳାଙ୍କ ଶରୀରସାରା କ୍ଷତ ଚିହ୍ନ ଥିବାରୁ ବଳାତ୍କାର ପରେ ଏଭଳି ନୃଶଂସ କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଡିସିପି, ଅତିରିକ୍ତ ଡିସିପି, ସ୍ପେଶାଲ ସ୍କ୍ୱାଡ୍ ଏସିପି ଓ ୩ ଥାନାର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୁଣ୍ଡ ନ ଥିବାରୁ ପରିଚୟ ପାଇବା କଷ୍ଟକର ହୋଇପଡିଛି। ଫରେନ୍ସିକ୍ ଟିମ୍ ମହିଳାଙ୍କ ରକ୍ତ ଓ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ମୃତଦେହଠାରୁ ଅଳ୍ପ କିଛି ଦୂର ଜଙ୍ଗଲିଆ ସ୍ଥାନରୁ ଏକ ଛୁରି, ରକ୍ତଭିଜା ହ୍ୟାଣ୍ଡ୍ ଗ୍ଲୋଭ୍ସ ଓ ମହିଳାଙ୍କ ପୋଷାକ ମିଳିଛି। ନିକଟରେ ଭଙ୍ଗା ମଦ ବୋତଲ ପଡ଼ିଥିବାବେଳେ କାର୍ ଚକା ଚିହ୍ନ ରହିଛି। ସନ୍ଧାନୀ କୁକୁର ସହାୟତାରେ କଟାମୁଣ୍ଡ ସହ ଅନ୍ୟ କିଛି ପ୍ରମାଣ ପାଇବା ପାଇଁ ପୋଲିସ ଉଦ୍ୟମ କରିଥିଲେ ମଧ୍ୟ ସେପରି କିଛି ସୁରାକ ମିଳିପାରି ନାହିଁ। ଶେଷରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ନିଜଆଡୁ ଏକ ହତ୍ୟା ମାମଲା (ନଂ.୨୭/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି ଚନ୍ଦକା ପୋଲିସ।

ସକାଳ ପ୍ରାୟ ସାଢ଼େ ୮ଟା ହେବ। ଦାସପୁର ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଯାଉଥିବାବେଳେ ପାର୍ଶ୍ୱସ୍ଥ ଜଙ୍ଗଲିଆ ସ୍ଥାନରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ମୃତଦେହଟି ତଳମୁହାଁ ହୋଇ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଥିବାବେଳେ ପିନ୍ଧିଥିବା ନାଇଟ୍‌ଟି ଉପରକୁ ଟେକି ହୋଇ ରହିଥିଲା। ମୁଣ୍ଡ ନ ଥିବାରୁ ସେମାନେ ଡରିଯାଇ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କୁ ଡାକିଥିଲେ। ଖବର ଚାରିଆଡକୁ ବ୍ୟାପିଯିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ବଢ଼ିଥିଲା। ଖବରପାଇ ପ୍ରଥମେ ଚନ୍ଦକା ଥାନା ପୋଲିସ ପହଞ୍ଚି ପୂରା ଅଞ୍ଚଳକୁ କର୍ଡନ କରିଦେଇଥିଲା। ପରେ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପରେ ତଦନ୍ତ ଆରମ୍ଭ ହୋଇଥିଲା। ସନ୍ଧାନୀ କୁକୁର ଘଟଣାସ୍ଥଳରୁ ସିଧା ନିକଟରେ ଥିବା ଓଡ଼ିଶା ବାୟୋଟେକ୍ ପାର୍କ ଆଡକୁ ଯାଇଥିଲା। ଗେଟ୍ ବନ୍ଦ ଥିବାରୁ ପୋଲିସ ତାଲା ଭାଙ୍ଗି ଭିତରକୁ ପଶି ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ ମଧ୍ୟ କିଛି ମିଳି ନ ଥିଲା। ଏପଟେ ଫରେନ୍ସିକ୍ ଟିମ୍ ସହ ପୋଲିସ ଜଙ୍ଗଲିଆ ଅଞ୍ଚଳରେ ଖୋଜାଖୋଜି କରିବା ଭିତରେ ଛୁରି, ଗ୍ଲୋଭ୍ସ ଓ ପୋଷାକ ଆଦି ପାଇଥିଲେ। ଘଟଣାସ୍ଥଳରେ ଅଳ୍ପ କିଛି ରକ୍ତ ପଡିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଅନ୍ୟ କେଉଁଠି ବେକକାଟି ହତ୍ୟା ପରେ ଏଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି।

ଅନ୍ୟପକ୍ଷେ ପ୍ରାଥମିକ ତଦନ୍ତରୁ ଏହାଏକ ହତ୍ୟାକାଣ୍ଡ ବୋଲି ଡିସିପି ଉମାଶଙ୍କର ଦାଶ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଅଭିଯୁକ୍ତମାନେ ବୁଧବାର ବିଳମ୍ବିତ ରାତିରେ ☞ପୃଷ୍ଠା-୪






# ଜଳିଗଲେ ୨ ଭଉଣୀ

**ନିଆଁ ପୁଇଁବା ହେଲା କାଳ**

ଟିକିର/ରାୟଗଡ଼ା ଅଫିସ,୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଲାକରସି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଥଣ୍ଡାରେ ନିଆଁ ପୁଇଁବାବେଳ ଜଳିଯାଇଛନ୍ତି ୨ ଭଉଣୀ। ଦୁହେଁ ହେଲେ ଗାଁର ଦୁର୍ଯ୍ୟୋଧନ ମାଝିଙ୍କ ଝିଅ କୁମାରୀ(୫) ଏବଂ ବିଦ୍ୟା(୩)। ସୂଚନା ଅନୁଯାୟୀ, ଦୁର୍ଯ୍ୟୋଧନ ପରିବା କ୍ଷେତରେ କାମ କରୁଥିଲେ। ଦୁଇ ଝିଅ କ୍ଷେତ ନିକଟରେ ଥିବା ପାଳଗଦା ପାଖରେ ନିଆଁ ଜାଳି ବସିଥିଲେ। ପବନ ଅଧିକ ହେଉଥିବାରୁ ନିଆଁ ପାଳଗଦାରେ ଲାଗିଯାଇଥିଲା। ଏଥିରେ ୨ଶିଶୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଖବର ପାଇ କାଶୀପୁର ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ରାୟଗଡ଼ା ଏସ୍‌ଡିପିଓ ତପନ ନାରାୟଣ ରଥ ସୂଚନା ଦେଇଛନ୍ତି। ସେହିପରି ଅତିରିକ୍ତ ତହସିଲଦାର କୁଶ ଗରଡ଼ା ମଧ୍ୟ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁ ଗାଁକୁ ଯାଇଥିବା ଅଧିକାରୀମାନଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ।









# ପେଟ୍ରୋଲ ୩୪, ଡିଜେଲ ୩୭ ପଇସା ବଢ଼ିଲା

ଭୁବନେଶ୍ୱର,୪।୨

ଗତ ୭ ଦିନ ହେବ ତେଲ ଦର ବୃଦ୍ଧିରେ ବିରତି ପରେ ଗୁରୁବାର ପୁଣି ଥରେ ଦର ବୃଦ୍ଧି ପାଇଛି। ପେଟ୍ରୋଲ ଲିଟର ପିଛା ୩୪ ପଇସା ଏବଂ ଡିଜେଲ ୩୭ ପଇସା ବଢ଼ିଥିବା ନଜରକୁ ଆସିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ୮୭.୩୨ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଲାଗି ଲୋକଙ୍କୁ ୮୩.୭୧ ଟଙ୍କା ଦେବାକୁ ପଡୁଛି। ଏଠାରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉର୍ଦ୍ଧ୍ୱରେ ରହିଛି। ଇନ୍ଧନ ଦର ରେକର୍ଡ ଭାଙ୍ଗି ଚାଲିଥିବା ନଜରକୁ ଆସିଛି। ବଜେଟ ପୂର୍ବରୁ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ପ୍ରିମିୟମ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କାକୁ ବଢିଥିଲା। ସେହିଭଳି ଗୁରୁବାର ନୂଆଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩୫ ପଇସା ବଢିବା ଯୋଗୁ ଦର ଯଥାକ୍ରମେ ୮୬.୬୫ ଟଙ୍କା ଏବଂ ୭୬.୮୩ ଟଙ୍କା ଛୁଇଁଛି। ଏଠାରେ ପେଟ୍ରୋଲ ରେକର୍ଡ ଉଚ୍ଚ ସ୍ତରରେ ରହିଛି।

ମୁମ୍ବାଇ କଥା ବିଚାରକୁ ନେଲେ ପେଟ୍ରୋଲ ୯୩.୨୦ ଟଙ୍କା ଏବଂ ଡିଜେଲ ୮୩.୬୭ ଟଙ୍କା ରହିଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଏକ ଭେଳିକି

ଶିଳ୍ପୀ ଅଣଦେଖା ........ ୩ ........

## ସଂକ୍ଷେପରେ

### ମାର୍ଚ୍ଚ ୧ରେ ୩ ଆସନ ପାଇଁ ରାଜ୍ୟ ସଭା ଉପନିର୍ବାଚନ

**ନୂଆଦିଲ୍ଲୀ, ୪।୨:** ଗୁଜରାଟ ଓ ଆସାମରୁ ରାଜ୍ୟ ସଭାରେ ଖାଲି ପଡ଼ିଥିବା ୩ ଆସନ ଲାଗି ମାର୍ଚ୍ଚ ୧ରେ ଉପନିର୍ବାଚନ ହେବ। ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ ଏବଂ ଭାଜପାର ଅଭୟ ଭରଦ୍ୱାଜଙ୍କ ପରଲୋକ ଯୋଗୁ ଗୁଜରାଟରେ ଦୁଇଟି ଆସନ ଖାଲିପଡ଼ିଥିଲା। ସେମାନଙ୍କ ରାଜ୍ୟ ସଭା ସଦସ୍ୟତା କାର୍ଯ୍ୟକାଳ ଯଥାକ୍ରମେ ୨୦୨୩ ଅଗଷ୍ଟ ଏବଂ ୨୦୨୬ ଜୁନ୍‌ରେ ଶେଷ ହୋଇଥାନ୍ତା। ସେହିପରି ବୋଡୋ ପିପୁଲ୍ସ ଫ୍ରଣ୍ଟ ଏମ୍‌ପି ବିଶ୍ୱଜିତ୍ ଡାଇମାରୀ ଗତବର୍ଷ ନଭେମ୍ବରରେ ରାଜ୍ୟ ସଭାରୁ ଇସ୍ତଫା ଦେବାରୁ ଆସାମରେ ଗୋଟିଏ ଆସନ ଖାଲି ପଡ଼ିଛି।

### ଦୁର୍ଘଟଣାରୁ ବର୍ତ୍ତିଲେ ପ୍ରିୟଙ୍କା

**ନୂଆଦିଲ୍ଲୀ, ୪।୨:** କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ କାର୍‌କେଡବେଳେ ୪ଟି କାର୍ ପରସ୍ପର ସହ ଧକ୍କା ହୋଇଥିଲା। ହାପୁର ରୋଡ୍ ୨୪ ନମ୍ବର ଜାତୀୟ ରାଜପଥରେ ଗୁରୁବାର ସକାଳେ ଏହି ଦୁର୍ଘଟଣା ଘଟିଥିବାବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ପ୍ରିୟଙ୍କା ଗାନ୍ଧୀ ଉତ୍ତର ପ୍ରଦେଶର ରାମପୁର ଅଭିମୁଖେ ଯାଉଥିବାବେଳେ ୪ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ।

### ନୂଆ କୃଷି ଆଇନକୁ ଆମେରିକାର ସମର୍ଥନ

**ୱାଶିଂଟନ, ୪।୨:** ଭାରତର ନୂଆ କୃଷି ଆଇନକୁ ଆମେରିକା ସମର୍ଥନ ଜଣାଇଛି। ଏହାର ଭାରତୀୟ ବଜାରର କାର୍ଯ୍ୟ କ୍ଷମତା ବଢ଼ାଇବା ସହ ବିପୁଳ ପରିମାଣର ଘରୋଇ ନିବେଶ ଆକର୍ଷଣ କରିବ। ତେବେ କୃଷି ଆଇନ ବିରୋଧରେ ଭାରତରେ ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର କହିଛନ୍ତି, ଯେକୌଣସି ସଫଳ ଗଣତନ୍ତ୍ର ପାଇଁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରାମାଣିକତା। ବିଭିନ୍ନ ଦଳ ମଧ୍ୟରେ ରହିଥିବା ମତପାର୍ଥକ୍ୟକୁ ଆଲୋଚନା ମାଧ୍ୟମରେ ଦୂର କରାଯାଇପାରିବ। ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ଆମେରିକା ସ୍ୱୀକୃତି ଦେଇଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସମାନ କଥା କହିଥିବା ପରରାଷ୍ଟ୍ର ବିଭାଗ ମୁଖପାତ୍ର କହିଛନ୍ତି।

### ୧୩ରୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ

**ନୂଆଦିଲ୍ଲୀ, ୪।୨(ପି.ଟି.):** ଫେବୃୟାରୀ ୧୩ରୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ଟିକା ଦିଆଯିବ। ଦେଶରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ ଟିକାକରଣ ଜାରି ରହିଛି। ଏଥିପାଇଁ ୧୨୩୯ ଘରୋଇ ଓ ୫,୯୧୨ ସରକାରୀ ହସ୍ପିଟାଲକୁ ବ୍ୟବହାର କରାଯାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ମାତ୍ର ୦.୧୮ ପ୍ରତିଶତ ମାମଲାରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ସେ ସୂଚନା ଦେଇଛନ୍ତି। ସରକାରଙ୍କ ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନ ୧ଟା ୩0 ସୁଦ୍ଧା ମୋଟ ୪୫,୯୩,୪୨୭ ଜଣ ସ୍ୱାସ୍ଥ୍ୟ କର୍ମଚାରୀ କୋଭିଡ୍ ଟିକା ନେଇଛନ୍ତି ଏବଂ ୮,୫୬୩ ଜଣଙ୍କଠାରେ ପ୍ରତିକ୍ରିୟା ଦେଖାଦେଇଛି।

### ମହାରାଷ୍ଟ୍ର ବିଧାନସଭା ବାଚସ୍ପତିଙ୍କ ଇସ୍ତଫା

**ମୁମ୍ବାଇ, ୪।୨:** ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ପଦରୁ ନାନା ପାଟୋଲ ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଉପବାଚସ୍ପତି ନରହରି ଜିର୍‌ୱାଲଙ୍କୁ ହସ୍ତାନ୍ତର କରିଛନ୍ତି। ସେ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ହେବେ ବୋଲି ଜଣାପଡ଼ିଛି। ମହା ବିକାଶ ଅଘାଡି ସହଯୋଗୀମାନଙ୍କ ବୈଠକ ବସି ନୂଆ ବାଚସ୍ପତି କିଏ ହେବେ ନିଷ୍ପତ୍ତି ନିଆଯିବ ବୋଲି ଏନ୍‌ସିପି ଅଧକ୍ଷ ଶରଦ ପାୱାର କହିଛନ୍ତି।

# କିଛି ଭୟ ନାହିଁ

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ବିରୋଧରେ ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି ସ୍ୱିଡେନର ପରିବେଶ କର୍ମୀ ଗ୍ରେଟା ଥନବର୍ଗଙ୍କ ଆଭିମୁଖ୍ୟ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ତାଙ୍କ ଟୁଇଟ୍‌କୁ ନେଇ ଭାରତରେ ବୟାନବାଜି ରାଜନୈତିକ ଉଷ୍ମତା ସୃଷ୍ଟି କରିଥିବାବେଳେ ଦିଲ୍ଲୀ ପୋଲିସ ଗ୍ରେଟାଙ୍କ ବିରୋଧରେ ନାନା ସଙ୍ଗିନ ଦଫାରେ ମାମଲା ରୁଜୁ କରିଛି। ହେଲେ ସେ ଏଥିରେ ଭୟଭୀତ ହୋଇନାହାନ୍ତି। କ୍ଲାଇମେଟ୍ କ୍ୟାମ୍ପେନର ଗ୍ରେଟା ଅନ୍ୟ ଏକ ଟୁଇଟ୍‌ରେ ନିଜ ପ୍ରତିକ୍ରିୟା ରଖିଛନ୍ତି, ସେ ଏବେ ମଧ୍ୟ କୃଷକମାନଙ୍କ ସହିତ ଅଛନ୍ତି। ନୋ ଆମାଉଣ୍ଟ୍ ଅଫ୍ ଥ୍ରେଟ୍ସ ଉଡ୍ ଚେଞ୍ଜ ଦାଟ୍।



**ନୂଆଦିଲ୍ଲୀ, ୪।୨**

ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଲକ୍ଷାଧିକ ଚାଷୀ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଛନ୍ତି। କୃଷକଙ୍କୁ ଦମନ କରିବାକୁ ଯାଇ ଦିଲ୍ଲୀ ପୋଲିସ କଣ୍ଟାର ତାରବାଡ଼ ଦେଇ ସିମେଣ୍ଟ କଂକ୍ରିଟ୍‌ରେ ଆନ୍ଦୋଳନସ୍ଥଳକୁ ଆବଦ୍ଧ କରିଛି। ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଅନ୍ନଦାତାଙ୍କ ପ୍ରତି ପୋଲିସ ପ୍ରଶାସନର ଏପରି ବର୍ବର ବ୍ୟବହାରର ଚିତ୍ର ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି। ଏହାକୁ ଦେଖି ବୁଧବାର ଅନ୍ତର୍ଜାତୀୟ ସ୍ତରରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆମେରିକୀୟ ପପ୍ ଷ୍ଟାର ରିହାନାଙ୍କ ପରେ ସେହି ଦେଶର ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଭାଣିଜୀ ତଥା ଓକିଲ ମୀନା ହାରିସ୍ ଓ ପର୍ନ ଷ୍ଟାର ମିଆ ଖଲିଫାଙ୍କ ସମେତ ଅନେକ ସେଲିବ୍ରିଟି ଚାଷୀ ଆନ୍ଦୋଳନ ସମର୍ଥନରେ ମତାମତ ଦେଇଥିଲେ। ଫଳରେ କଥା ଆଉ ଭାରତ ଭିତରେ ସୀମିତ ନ ରହି ଦରିଆପାରିକୁ ଗଲା। ଏପରି କି ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ମଧ୍ୟ ଏଥିଲାଗି ସ୍ପଷ୍ଟୀକରଣ ଦେବାକୁ ପଡ଼ିଲା। ଫଳରେ ଗୁରୁବାର ଦିଲ୍ଲୀ ପୋଲିସ ଗ୍ରେଟାଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଶତ୍ରୁତା ବଢ଼ାଇବା ଓ ଆପରାଧିକ ଷଡ଼ଯନ୍ତ୍ର କରିବା ଭଳି ଅଭିଯୋଗ ଆଣି ମାମଲା ରୁଜୁ କରିଛି। ଏହା ପରେ ମଧ୍ୟ ଗ୍ରେଟା ଆନ୍ଦୋଳନରତ

### ଦିଲ୍ଲୀ ପୋଲିସ ମାମଲା ଦାଏର କରିବା ପରେ ଗ୍ରେଟା କହିଲେ

ଚାଷୀଙ୍କ ପ୍ରତି ନିଜ ସମର୍ଥନ ଦୋହରାଇଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି, 'ମୁଁ ଏବେ ବି କୃଷକଙ୍କ ସହ ଅଛି ଏବଂ ସେମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସମର୍ଥନ କରୁଛି। ଘୃଣା, ବିରୋଧ ବା କୌଣସି ମାନବାଧିକାର ଉଲ୍ଲଂଘନ କାର୍ଯ୍ୟ ଏହାକୁ ବଦଳାଇପାରିବ ନାହିଁ'। କିନ୍ତୁ ମାମଲାରେ ଗ୍ରେଟାଙ୍କ ନାଁ ଉଲ୍ଲେଖ କରାଯାଇ ନ ଥିବା ଏବଂ କେବଳ 'ଟୁଲ୍‌କିଟ୍' ବିରୋଧରେ କେସ୍ ହୋଇଥିବା ଦିଲ୍ଲୀ ପୋଲିସ କହିଛି। ଅନ୍ତର୍ଜାତୀୟସ୍ତରରେ ଚାଷୀଙ୍କ ସମର୍ଥନରେ ବିଭିନ୍ନ ସେଲିବ୍ରିଟି ମତ ରଖୁଥିବାବେଳେ ଏହାକୁ ଭାଜପା ସମେତ ଭାରତୀୟ ସେଲିବ୍ରିଟିମାନେ ନିନ୍ଦା କରିବାରେ ଲାଗିଛନ୍ତି। ଅକ୍ଷୟ କୁମାର, ଅଜୟ ଦେବଗନ, କରନ ଜୋହର, କ୍ରିକେଟର ସଚିନ ତେନ୍ଦୁଲକର, ବିରାଟ କୋହଲି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ସରକାରଙ୍କ ସପକ୍ଷରେ ସେମାନଙ୍କ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଲେଖିଛନ୍ତି, ମିଥ୍ୟା ପ୍ରଚାର ପ୍ରସାର ଭାରତର ଭାଗ୍ୟ ସ୍ଥିର କରିପାରିବନି, କେବଳ 'ପ୍ରଗତି' ପାରିବ। ପ୍ରଗତି ହାସଲ ପାଇଁ ଭାରତ ଏକଜୁଟ ହେବ। ଅନ୍ୟପକ୍ଷରେ ଗ୍ରେଟାଙ୍କୁ ସମାଲୋଚନା କରି ଭାଜପା ଏମ୍‌ପି ମୀନାକ୍ଷୀ ଲେଖୀ କହିଛନ୍ତି, 'ଗ୍ରେଟା ଥନବର୍ଗ ଜଣେ ପିଲା। ମୋ ହାତରେ ଥିଲେ ମୁଁ ନୋବେଲ ପୁରସ୍କାର ନୋମିନି ତାଲିକାରୁ ତାଙ୍କ ନାଁ ହଟାଇ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବାଲ୍ ପୁରସ୍କାର ଧରେଇଥାନ୍ତି'।

# ହଜିଛି ନିଯୁକ୍ତି ଚାବି

## ଆଶାୟୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଛି ବଜେଟ

କୋଭିଡ୍-୧୯ ଭୂତାଣୁର ମୁକାବିଲା ପାଇଁ ଗତ ମାର୍ଚ୍ଚ ମାସରୁ ଲଗାତର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଭଳି କଠୋର ପଦକ୍ଷେପ ନିଆଯାଇଥିଲା। ଏହି ତାଲାବନ୍ଦୀ ଯୋଗୁ ଦୋକାନ ବଜାର କଳକାରଖାନା ଆଦି ବନ୍ଦ ହୋଇଯିବା ପରେ କୋଟି କୋଟି ଲୋକ ଜୀବିକା ହରାଇ ବେକାର ହୋଇଗଲେ। ଆଶା କରାଯାଉଥିଲା କେନ୍ଦ୍ର ସରକାର ଏଥର ବଜେଟରେ ଜୀବିକା ଓ ନିଯୁକ୍ତି ଆଶାୟୀଙ୍କ ପାଇଁ ବଡ଼ ପ୍ୟାକେଜ୍ ଘୋଷଣା କରିବେ। ହେଲେ ଆଶାରେ ହିଁ ରହିଗଲା ସେମାନଙ୍କ ଆଶା। କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ବା ସରକାରୀ ସ୍ତରରେ ନୂଆ ନିଯୁକ୍ତି ପ୍ରଦାନ ନେଇ କୌଣସି ଆଖିଦୃଶିଆ ଘୋଷଣା କରାଯାଇନାହିଁ ଫେବୃୟାରୀ ୧ରେ ଉପସ୍ଥାପିତ ୩୪.୮୩ ଲକ୍ଷ କୋଟି ଟଙ୍କିଆ ବଜେଟରେ। ଫଳରେ ସେମାନଙ୍କ ନିଯୁକ୍ତି ଚାବିକୁ କେନ୍ଦ୍ର ସରକାର କେଉଁଠି ହଜାଇ ଦେଇଛନ୍ତି ବୋଲି ବେକାରମାନେ ଏବେ ଧୈର୍ଯ୍ୟହରା।



**ନୂଆଦିଲ୍ଲୀ,୪।୨**

୨୦୨୧-୨୨ ଆର୍ଥିକ ବର୍ଷର ବଜେଟରେ ଭାରତର ବେରୋଜଗାର ସଙ୍କଟ ଦୂର ଲାଗି ବିଶେଷ କିଛି ବ୍ୟବସ୍ଥା କରାଯାଇ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗ୍ରାମାଞ୍ଚଳରେ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ଆବଣ୍ଟିତ ଅର୍ଥ ପୂର୍ବବର୍ଷର ସଂଶୋଧିତ ଆକଳନଠାରୁ ୩୫% କମ୍। ୨୦୨୦-୨୧ କେନ୍ଦ୍ରୀୟ ବଜେଟରେ ୪.୧୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ୨୦୨୧-୨୨ ବଜେଟରେ ଏଥିରେ ୩୪% ବୃଦ୍ଧି କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି, ଯାହାକି କରୋନା ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁ ସୃଷ୍ଟି ହୋଇଥିବା ବେକାର ସଙ୍କଟର ସମାଧାନ ଦିଗରେ ସହାୟକ ହୋଇପାରିବ ନାହିଁ ବୋଲି ବିଶ୍ଳେଷଣରୁ ସ୍ପଷ୍ଟ ହୋଇଛି। ବଡ଼ ଭିତ୍ତିଭୂମି ପ୍ରକଳ୍ପ ଏକ ଉଚିତ ପଦକ୍ଷେପ ହୋଇଥିଲେ ହେଁ ଏଗୁଡ଼ିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ନାହିଁ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଏହି ବଜେଟରେ କେବଳ ୨୦୧୯ ଓ ୨୦୨୦ରେ ପାର୍ଲାମେଣ୍ଟରେ ସାମାଜିକ ସୁରକ୍ଷା ଏବଂ ସାର୍ବଜନୀନ ସର୍ବନିମ୍ନ ମଜୁରି ଉପରେ ଗୃହୀତ ଲେବର କୋଡ୍‌ର ନିୟମଗୁଡ଼ିକୁ ଦୋହରାଯାଇଛି।

ଚଳିତ ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅର୍ଥକୁ ହ୍ରାସ କରିଦିଆଯାଇଛି। ଭାରତର ଗାଁଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ତଥା ଲକ୍‌ଡାଉନ୍ ଯୋଗୁ ସହରରେ ଜୀବିକା ହରାଇ ଘରକୁ ଫେରିଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କ ଜୀବନରେଖା କୁହାଯାଉଥିବା ଏହି ଯୋଜନାକୁ ଧକ୍କା ଲାଗିଛି। ଏପରି କି ସହରାଞ୍ଚଳରେ ନିଯୁକ୍ତି ସୃଷ୍ଟି ପାଇଁ ମଧ୍ୟ କୌଣସି ନୂଆ ପଦକ୍ଷେପ ନିଆଯାଇ ନାହିଁ, ଯାହାକୁ ମହାମାରୀ ପରବର୍ତ୍ତୀ ଆର୍ଥିକ ଅନଟନ ସମୟରେ ଅତି ଜରୁରୀ ବୋଲି କୁହାଯାଉଥିଲା। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟକୁ ୧୩,୩୦୬.୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି ପରିମାଣ ୨୦୨୦-୨୧ ବଜେଟର ସଂଶୋଧିତ ଆକଳନଠାରୁ ୪୧୩ କୋଟି ଟଙ୍କା କମ୍। ଏହାସହ ଶ୍ରମିକମାନଙ୍କ ପାଇଁ ପ୍ରଚଳିତ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ଆବଣ୍ଟନ ଅର୍ଥକୁ ୩.୪% ଅର୍ଥାତ୍ ୧୧,୧୦୪ କୋଟି ଟଙ୍କାକୁ ଖସାଇ ଦିଆଯାଇଛି।

ଲକ୍‌ଡାଉନ୍‌ର ୪ ମାସ ପୂର୍ବରୁ ଅର୍ଥାତ୍ ୨୦୧୯ ଡିସେମ୍ବରରେ ଭାରତର ଶ୍ରମଶକ୍ତିର ପ୍ରାୟ ୪୮% ଥିଲା ଆତ୍ମନିଯୁକ୍ତି। ୨୦୨୦ ଅଗଷ୍ଟ ବେଳକୁ ଏହି ହାର ୬୪%କୁ ବୃଦ୍ଧି ପାଇଥିଲା। କର୍ମନିଯୁକ୍ତି ହ୍ରାସ ପାଉଥିବା ବିଷୟ ଏଥିରୁ ସ୍ପଷ୍ଟ ହେଉଛି ବୋଲି ୨୦୨୧ ଜାନୁୟାରୀରେ କେତେକ ରେଟିଂ ସଂସ୍ଥା ସୂଚାଇଥିଲେ। ତେଣୁ ଫେବୃୟାରୀ ୧ରେ ଅଣାଯାଇଥିବା ବଜେଟରେ ଗ୍ରାମ୍ୟ ଓ ସହରୀ ଭାରତର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବଜେଟରେ ଏହି କ୍ଷେତ୍ରଗୁଡ଼ିକୁ ଆବଣ୍ଟିତ ଅର୍ଥ ନିଯୁକ୍ତି ଆଶାୟୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଛି।

### ଏମ୍‌ଏସ୍‌ଏମ୍‌ଇ ଅର୍ଥ ପର୍ଯ୍ୟାପ୍ତ ନୁହେଁ

ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଦେଶର ପ୍ରାୟ ୪୦% ଋତୁକାଳୀନ ଓ ଠିକା ଶ୍ରମିକଙ୍କୁ ନିଯୁକ୍ତି ଦେଇଥାଏ। ଲକ୍‌ଡାଉନ୍ ଯୋଗୁ ଅନେକ ଛୋଟ ୟୁନିଟ୍ ଦେବାଳିଆ ହୋଇଯାଇଥିବାବେଳେ ଏହି ସେକ୍ଟରକୁ ମଧ୍ୟ ବଜେଟରେ ପର୍ଯ୍ୟାପ୍ତ ଅର୍ଥ ଦିଆଯାଇ ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପାଇଁ ପୂର୍ବ ଆର୍ଥିକ ବର୍ଷ (୭,୫୭୨ କୋଟି) ତୁଳନାରେ ପ୍ରାୟ ଦୁଇଗୁଣ (୧୫,୭୦୦ କୋଟି) ଅର୍ଥ ଆବଣ୍ଟନ କରାଯାଇଛି। ତେବେ ଏହି ଅର୍ଥର ୬୪% ଗ୍ୟାରେଣ୍ଟି ଏମର୍ଜେନ୍ସି କ୍ରେଡିଟ୍ ଲାଇନ୍ ସୁବିଧା ପାଇଁ ଉଦ୍ଦିଷ୍ଟ। ଏମ୍‌ଏସ୍‌ଏମ୍‌ଇକୁ ନଗଦ ସୁବିଧା ଓ ଋଣ ଗ୍ୟାରେଣ୍ଟି ଭାବେ ଅଧିକ ସହାୟତା ଦିଆଯାଇଛି। ତେବେ ଏହି କ୍ଷେତ୍ରର ଅଧିକାଂଶ କମ୍ପାନୀ ଅସଙ୍ଗଠିତ ଓ ଅଣପଞ୍ଜୀକୃତ ହୋଇଥିବାରୁ ଉପରୋକ୍ତ ସୁବିଧା ପାଇପାରୁ ନାହାନ୍ତି।

### ସହରାଞ୍ଚଳ ପାଇଁ ସୁଯୋଗ ନାହିଁ




ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଧାରାରେ ଓଡ଼ିଶା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଓ କେରଳ ଭଳି କେତେକ ରାଜ୍ୟରେ ସହରାଞ୍ଚଳ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ କରୋନା କାଳରେ ସେଗୁଡ଼ିକର ଅବସ୍ଥା ଖରାପ ହୋଇଯାଇଛି। କୃଷି ଉପରେ ଲୋକଙ୍କ ନିର୍ଭରଶୀଳତା ବୃଦ୍ଧି ପାଇବା ସହରାଞ୍ଚଳରେ ଅଣକୃଷି ନିଯୁକ୍ତିର ସୀମିତ ପରିସରକୁ ଦର୍ଶାଉଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିର ୨୦୨୧ ଜାନୁୟାରୀ ବିଶ୍ଳେଷଣରୁ ଜଣାପଡ଼ିଛି।




### ବଡ଼ ଭିତ୍ତିଭୂମି, କମ୍ ସୁଯୋଗ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ୧୧୦ ମିନିଟର ବଜେଟ ଅଭିଭାଷଣରେ ନିଯୁକ୍ତି ବୃଦ୍ଧିର ସମ୍ଭାବନା ବହନ କରୁଥିବା ବୟନ, ଜାହାଜ ଚଳାଚଳ ଓ ଭିତ୍ତିଭୂମି କ୍ଷେତ୍ର ସକାଶେ କେତେକ ଯୋଜନା ଓ ଆବଣ୍ଟନର ଘୋଷଣା କରିଥିଲେ। ସେଗୁଡ଼ିକରୁ କେତେକ ହେଲା-

- ୧୩ଟି କ୍ଷେତ୍ର ପାଇଁ ୫ ବର୍ଷରେ ୧.୯୭ ଲକ୍ଷ କୋଟି ଟଙ୍କା ଉତ୍ପାଦନ ସଂଯୋଗୀ ପଦକ୍ଷେପ।
- ଆଗାମୀ ୩ ବର୍ଷରେ ୭ଟି ମେଗା ଇନ୍‌ଭେଷ୍ଟମେଣ୍ଟ ଟେକ୍ସଟାଇଲ୍ ପାର୍କ ଖୋଲାଯିବ। ଟେକ୍ସଟାଇଲ୍ କଞ୍ଚାମାଲ ପାଇଁ ମୌଳିକ ଉତ୍ପାଦ ଶୁଳ୍କକୁ ୫% ହ୍ରାସ କରାଯିବ।
- ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହ ଅର୍ଥନୈତିକ କରିଡର ଏବଂ ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ ଓ ଆସାମରେ ଜାତୀୟ ରାଜପଥ କାର୍ଯ୍ୟ ପାଇଁ ୧,୦୮,୨୩୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ନେଇ ଘୋଷଣା କରାଯାଇଛି।
- ସହରାଞ୍ଚଳ ପାଇଁ ୧୮,୦୦୦ କୋଟି ଟଙ୍କାର ଏକ ସାଧାରଣ ବସ୍ ପରିବହନ ବର୍ଦ୍ଧନ ଯୋଜନା ଘୋଷଣା କରାଯାଇଛି, ଯାହାକି ସରକାରୀ-ଘରୋଇ-ସହଭାଗିତା (ପିପିପି) ମଡେଲରେ କାର୍ଯ୍ୟକାରୀ ହେବ।



ରାଧିକା କପୁର

ଏହି ଯୋଜନା ଓ ପଦକ୍ଷେପଗୁଡ଼ିକ ନିଯୁକ୍ତି ସୁଯୋଗ ଆଣିବ, କିନ୍ତୁ ତାହା ଏତେ ଶୀଘ୍ର ଅନୁଭୂତ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭିତ୍ତିଭୂମିରେ ନିବେଶ ଭଲ କଥା। ତେବେ ଇକୋନୋମିକ୍ କରିଡର ଭଳି ଏହି ପ୍ରକଳ୍ପଗୁଡ଼ିକ କେତେ ଶୀଘ୍ର ଆରମ୍ଭ ହେବ ତାହା ଉପରେ ନିର୍ଭର କରେ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଫର୍ ରିସର୍ଚ୍ଚ ଅନ୍ ଇକୋନୋମିକ୍ ରିଲେଶନ୍ସର ବରିଷ୍ଠ ଅର୍ଥନୀତି ଗବେଷିକା ରାଧିକା କପୁର ମତ ଦେଇଛନ୍ତି। ସେହିପରି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସିର ଅର୍ଥନୀତିଜ୍ଞ ଭବେଶ ହାଜାରିକାଙ୍କ ଅନୁସାରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରିବା ଏକ ସକାରାତ୍ମକ ପଦକ୍ଷେପ। ତେବେ ଏଥିପାଇଁ ଆବଣ୍ଟିତ ଅର୍ଥ ପର୍ଯ୍ୟାପ୍ତ ନୁହେଁ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍: ଆକଳନଠୁ କମ୍

ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ବାର୍ଷିକ ୧୦୦ ଦିନର କାମ ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଦେଶର ୧୩୩ ନିଯୁତ ସକ୍ରିୟ ଶ୍ରମିକ ଆସୁଛନ୍ତି। ଲକ୍‌ଡାଉନ୍ ବେଳେ ଜୀବିକା ହରାଇ ଘରକୁ ଫେରିଥିବା ପ୍ରବାସୀ ଶ୍ରମିକମାନେ ଏହି ଯୋଜନାରେ ଆବେଦନ କରିଥିଲେ। କିନ୍ତୁ କାମ ଖୋଜୁଥିବା ୯.୭ ନିଯୁତ ପରିବାରକୁ ନିରାଶ ହେବାକୁ ପଡ଼ିଛି। ୨୦୨୦ ଜୁନ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୨୦୨୦-୨୧ ପାଇଁ ୬୧,୫୦୦ କୋଟି ଟଙ୍କା ଓ ମହାମାରୀଜନିତ ନିଯୁକ୍ତି ସଙ୍କଟ ଦୂର କରିବା ଲାଗି ଅତିରିକ୍ତ ୪୦,୦୦୦ କୋଟି ଟଙ୍କା ଦେବାକୁ ଯୋଜନା ହୋଇଥିଲା। ୨୦୨୧-୨୨ ପାଇଁ ୭୩,୦୦୦ କୋଟି ଟଙ୍କାର ବର୍ଦ୍ଧିତ ଆବଣ୍ଟନ କରାଯାଇଥିଲେ ସୁଦ୍ଧା ଉପଲବ୍ଧ କରାଯାଇଥିବା ରାଶି ସଂଶୋଧିତ ଆକଳନର ୩୫%ରୁ କମ୍। କୋଭିଡ୍ ସଙ୍କଟ ସରି ନ ଥିବାରୁ ଶ୍ରମ ବଜାରଗୁଡ଼ିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ଦେଶରେ ଆର୍ଥିକ ଅସମାନତା ବଢ଼ିବାରେ ଲାଗିଥିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅଧିକ ଦୃଷ୍ଟି ଦେବା ଜରୁରୀ ଥିଲା ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି।




### ମାସକରେ ୧୨ କୋଟି ବେକାର

ମହାମାରୀ କରୋନା କୋଟି କୋଟି ଭାରତୀୟଙ୍କ ଚାକିରି ଛଡ଼ାଇନେଇଛି। ବର୍ତ୍ତମାନ ଭୂତାଣୁ ସଂକ୍ରମଣ କମିଥିଲେ ବି ବହୁ ସଂଖ୍ୟକ ଲୋକ ବିନା ଦରମା ବା ଅଧା ଦରମାରେ ମଧ୍ୟ କାମ କରିବାକୁ ବାଧ୍ୟ ହେଉଛନ୍ତି। ଘରୋଇ କ୍ଷେତ୍ରର ଥିଙ୍କଟ୍ୟାଙ୍କ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ଅନୁସାରେ କେବଳ ୨୦୨୦ ଏପ୍ରିଲରେ ୧୨.୨ କୋଟି ଭାରତୀୟ ନିଯୁକ୍ତି ହରାଇଥିଲେ। ଅନ୍ୟପକ୍ଷେ ଅସଙ୍ଗଠିତ କ୍ଷେତ୍ରର କେତେ ଲୋକ ଜୀବନ ବା ଜୀବିକା ହରାଇଛନ୍ତି ସେନେଇ କୌଣସି ତଥ୍ୟ ନ ଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ(ସେପ୍ଟେମ୍ବର ୧୪)ରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର।



# ଆତଙ୍କବାଦୀଙ୍କ ହାତରେ ରାସାୟନିକ ଅସ୍ତ୍ର

**ଜାତିସଂଘ, ୪।୨(ଆଇଏଏନ୍‌ଏସ୍):** ଆତଙ୍କବାଦୀମାନଙ୍କ ହାତରେ ଗଣବିଧ୍ୱଂସୀ ରାସାୟନିକ ଅସ୍ତ୍ର ପଡ଼ିଥିବା ଭାରତ ଜାତିସଂଘ ସୁରକ୍ଷା ପରିଷଦକୁ ସତର୍କ କରାଇଦେଇଛି। ସିରିଆରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ପୁନରୁତ୍ଥାନ ହେଉଥିବା ରିପୋର୍ଟ ଆଧାରରେ ଭାରତ ଏହା କହିଛି। ଏଭଳି ଗଣବିଧ୍ୱଂସୀ ଅସ୍ତ୍ର ଆତଙ୍କବାଦୀ କିମ୍ବା ସେମାନଙ୍କ ସଂଗଠନ ହାତରେ ପଡ଼ିବା ସମ୍ଭାବନା ରହିଛି ବୋଲି ଜାତିସଂଘ ସୁରକ୍ଷା ପରିଷଦକୁ ଭାରତର ଉପ ସ୍ଥାୟୀ ପ୍ରତିନିଧି ଆର୍. ରବୀନ୍ଦ୍ର କହିଛନ୍ତି। ଆତଙ୍କବାଦୀମାନେ ସିରିଆ ବିବାଦର ଫାଇଦା ଉଠାଇ ନିଜକୁ ସୁଦୃଢ଼ କରୁଛନ୍ତି ଓ ସମଗ୍ର ଅଞ୍ଚଳ ପାଇଁ ବିପଦ ସାଜୁଛନ୍ତି। ରାସାୟନିକ ଅସ୍ତ୍ର ବିରୋଧରେ ୨୦୧୩ରେ ଜାତିସଂଘରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ପ୍ରସ୍ତାବ ଅନୁଯାୟୀ ଅଣରାଷ୍ଟ୍ର ଶକ୍ତି କିମ୍ବା ଆତଙ୍କବାଦୀ ସଂଗଠନ ରାସାୟନିକ, ଜୈବିକ କିମ୍ବା ଅଣୁଅସ୍ତ୍ର ବିକଶିତ, ଅଧିଗ୍ରହଣ, ଉତ୍ପାଦନ, ପରିବହନ, ହସ୍ତାନ୍ତର କିମ୍ବା ବ୍ୟବହାର କରିପାରିବେ ନାହିଁ।

# ୨୧% ସଂକ୍ରମିତ ହୋଇଥିଲେ: ସର୍ଭେ

**ନୂଆଦିଲ୍ଲୀ, ୪।୨**

ଭାରତର ଜନସଂଖ୍ୟାର ୨୧ ପ୍ରତିଶତରୁ ଊର୍ଦ୍ଧ୍ୱ କୋଭିଡ୍-୧୯ ମହାମାରୀ ଦ୍ୱାରା ସଂକ୍ରମିତ ହୋଇଥାଇପାରନ୍ତି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ସଦ୍ୟ ସେରୋ ସର୍ଭେରୁ ଜଣାପଡିଛି। ଜନସଂଖ୍ୟାର ଏକ ବଡ଼ ଅଂଶ ପ୍ରତି ଏବେ ମଧ୍ୟ ସଂକ୍ରମଣ ଭୟ ରହିଥିବା ଗୁରୁବାର ସରକାର କହିଛନ୍ତି। ଗତ ଡିସେମ୍ବର ୭ରୁ ଜାନୁୟାରୀ ୮ ମଧ୍ୟରେ ଆଇସିଏମ୍‌ଆର୍ ପକ୍ଷରୁ ତୃତୀୟ ଜାତୀୟ ସେରୋ ସର୍ଭେ କରାଯାଇଥିଲା। ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ୨୮,୫୮୯ ଜଣଙ୍କ ମଧ୍ୟରୁ ୨୧.୪%ଠାରେ ଅତୀତରେ କୋଭିଡ୍ ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ୧୦ରୁ ୧୭ ବର୍ଷ ବୟସ ବର୍ଗର ୨୫.୩% ପିଲାଙ୍କଠାରେ ଏହି ରୋଗ ଥିଲା ବୋଲି ସର୍ଭେରୁ ଜଣାପଡ଼ିଥିବା ଆଇସିଏମ୍‌ଆର୍ ମହାନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ କହିଛନ୍ତି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ସଂକ୍ରମଣ ହାର ଅଧିକ ରହିଛି। ଗ୍ରାମାଞ୍ଚଳରେ ୧୯.୧%ଠାରେ, ସହରାଞ୍ଚଳ ବସ୍ତିରେ ୩୧.୭% ଏବଂ ଅଣବସ୍ତି ଅଞ୍ଚଳରେ ୨୬.୨%ଙ୍କଠାରେ କରୋନା ସଂକ୍ରମଣ ହୋଇଥାଇପାରେ ବୋଲି ଜଣାପଡ଼ିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୫୧,୩୧,୨୪୮ | ୨୨,୮୪,୨୧୫ | ୭,୬୮,୫୩,୩୪୧ |
| ଭାରତ | ୧,୦୮,୦୨,୮୩୧ | ୧,୫୪,୮୪୧ | ୧,୦୪,୯୪,୪୯୩ |
| ଓଡ଼ିଶା | ୩,୩୫,୩୭୯ | ୧୯୦୭(+୫୩) | ୩,୩୨,୬୧୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଶିଳ୍ପୀ ଅଣଦେଖା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରାଜ୍ୟ ଶିଳ୍ପୀ ମହାସଂଘ ପକ୍ଷରୁ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ କାରିଗର ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଥିବା ମହାସଂଘ ଯୁକ୍ତି ବାଢ଼ିଛି, ଯାହାକି ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ବିକାଶରେ ବାଧା ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ସୁନାମକୁ ମଳିନ କରୁଛି ବୋଲି ଆଲୋଚନା ହେଉଛି।

ରାଜ୍ୟର ବହୁ ପ୍ରତିଷ୍ଠିତ ଏବଂ ଆଗଧାଡ଼ିର ଶିଳ୍ପୀଙ୍କ କହିବାନୁଯାୟୀ, ୨୦୧୨ରୁ ଭୁବନେଶ୍ୱର ଜନତା ମଇଦାନଠାରେ ତୋଷାଳି ମେଳା ଆୟୋଜନ ହୋଇଆସୁଛି। ଏହି ମେଳା ସାରା ଦେଶରେ ସୁନାମ ଅର୍ଜନ କରିଛି। ଏହାର ଉଦ୍‌ଘାଟନ ସମୟରେ ପ୍ରତିବର୍ଷ ରାଜ୍ୟର ଜଣେ ବିଶିଷ୍ଟ ଶିଳ୍ପୀଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ବିଚାରକ ମଣ୍ଡଳୀଙ୍କ ଦ୍ୱାରା 'ଜୀବନବ୍ୟାପୀ ସାଧନା ପୁରସ୍କାର' ପାଇଁ ରାଜ୍ୟର ସୁନାମଧନ୍ୟ ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ନାମ ମନୋନୀତ ହୋଇଥିଲା। କିନ୍ତୁ ଏଥିରେ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ବ୍ୟକ୍ତିଗତ ଆକ୍ରୋଶ ପାଇଁ ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ବଞ୍ଚିତ ହେବାକୁ ପଡ଼ିଲା ବୋଲି ମହାସଂଘ ଜଣାଇଛି। ବାଦବିବାଦ ମଧ୍ୟରେ ଏବର୍ଷ 'ଜୀବନବ୍ୟାପୀ ସାଧନା ପୁରସ୍କାର' କାହାକୁ ପ୍ରଦାନ କରାଯାଇ ନାହିଁ। ଗତ ଜାନୁୟାରୀ ୨୫ ତାରିଖରେ ପଦ୍ମଶ୍ରୀ ସୁଦର୍ଶନ ସାହୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପଦ୍ମ ବିଭୂଷଣ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ସେହି ଶିଳ୍ପୀଙ୍କୁ ସମ୍ମାନିତ କରିବାର ସୁଯୋଗ ହରାଇଲେ ବୋଲି ଶିଳ୍ପୀ ସଂଘ ଅଭିଯୋଗ ଆଣିଛି। ଯେଉଁଥିଲାଗି ଶିଳ୍ପୀଙ୍କ ନିକଟରେ ରାଜ୍ୟ ସରକାରଙ୍କ ଛବି ମଳିନ ପଡ଼ିଥିବାର ଯୁକ୍ତି ଦର୍ଶାଯାଇଛି। ସେହିପରି ଶିଳ୍ପୀ ସଂଘ ପକ୍ଷରୁ ଆହୁରି ଅଭିଯୋଗ ହୋଇଛି ଯେ, ଗତ ୫ ମାର୍ଚ୍ଚ ୨୦୧୯ରେ ସରକାର ରାଜ୍ୟ ଶିଳ୍ପୀ ଓ ବୁଣାକାର ସାମାଜିକ ସୁରକ୍ଷା ପାଇଁ ମାସିକ ଆର୍ଥିକ ସହାୟତା ଘୋଷଣା କରିଥିଲେ। ହେଲେ ଏ କ୍ଷେତ୍ରରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପ୍ରଚେଷ୍ଟା ରହିଲା ନାହିଁ, ଯେଉଁଥିଲାଗି ଏ ପର୍ଯ୍ୟନ୍ତ କାରିଗରମାନେ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି। ଅନ୍ୟପଟେ ୨୦୧୮ ମାର୍ଚ୍ଚ ୨୨ରେ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଉଦ୍‌ଘାଟିତ ହୋଇଥିଲା। ପରିଷଦର ପରିଚାଳନା ପାଇଁ ରାଜ୍ୟର ବିଶିଷ୍ଟ ଶିଳ୍ପୀ, ବୁଣାକାର ଓ ସରକାରୀ ଅଧିକାରୀଙ୍କୁ ନେଇ ଏକ ୨୨ଜଣିଆ ବୋର୍ଡ ଗଠନ ହେଲା। ପରିଷଦକୁ ମୁଖ୍ୟମନ୍ତ୍ରୀ ୨୦କୋଟି ଟଙ୍କା ମଧ୍ୟ ପ୍ରଦାନ କଲେ। ହେଲେ ବିଡ଼ମ୍ବନାର ବିଷୟ ଏହି ଅର୍ଥରୁ ଟଙ୍କାଟିଏ ଖର୍ଚ୍ଚ ହୋଇପାରିଲା ନାହିଁ। ପରିଷଦ ପାଇଁ ଅଫିସ ଗୃହ ଓ କର୍ମଚାରୀଙ୍କ ବ୍ୟବସ୍ଥା ନ କରି ଶେଷରେ ୨୦୧୯ ମେ' ମାସରେ ବିକାଶ ପରିଷଦର ବୋର୍ଡ ଭାଙ୍ଗି ଦିଆଯାଇଥିବା ନେଇ ଚିଠି ହୋଇଗଲା। ଏହାପରଠାରୁ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଏବଂ ଉନ୍ନୟନ ପରିଷଦର ନୂତନ ବୋର୍ଡ ଗଠନ ହେଉନାହିଁ। ସେହିପରି କରୋନା ସମୟରେ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ନିଯୁକ୍ତି ଉପରେ ରୋକ ଲଗାଇଥିବାବେଳେ ଏହି ବିଭାଗରେ କିନ୍ତୁ ଉକ୍ତ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଦିଆଯାଇଛି। ଏଭଳି ପୁନଃନିଯୁକ୍ତି ପ୍ରକ୍ରିୟା ରାଜ୍ୟ କାରିଗରଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଏଭଳି ନିଷ୍ପତ୍ତି ଯୋଗୁ ପଦୋନ୍ନତି ଅପେକ୍ଷାରେ ଥିବା ଅନ୍ୟ ଅଧିକାରୀଙ୍କୁ ମଧ୍ୟ ହତୋତ୍ସାହିତ ହେବାକୁ ପଡୁଛି। ଗୋଟିଏପଟେ ରାଜ୍ୟ ସରକାର ଉତ୍କଳିକା, ବୟନିକା, ସେରିଫେଡ ଓ ସମ୍ବଲପୁରୀ ବସ୍ତ୍ରାଳୟକୁ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ଉତ୍ପାଦିତ ସାମଗ୍ରୀ କିଣିବାକୁ ୩୦କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ। ହେଲେ ଏଥିରେ ମଧ୍ୟ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି। ଏହି ଅର୍ଥର ସମ୍ପୂର୍ଣ୍ଣ ବିନିଯୋଗ ହୋଇପାରି ନାହିଁ। ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀଙ୍କୁ ହାତ କରି ରାଜ୍ୟ ବାହାର ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସଂଘ ମତ ରଖିଛି। ଏନେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଶୁଭା ଶର୍ମାଙ୍କୁ ତାଙ୍କ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ରେଲୱେ ଲାଗି ଓଡ଼ିଶାକୁ ୬୯୯୫ କୋଟି

**ଭୁବନେଶ୍ୱର,୪।୨**

- ଭିତ୍ତିଭୂମି, ନିରାପତ୍ତା କାର୍ଯ୍ୟ ବାବଦ ଖର୍ଚ୍ଚ ହେବ ୫,୫୨୮ କୋଟି
- ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପକୁ ୧ ହଜାର କୋଟି
- ଲାଇନ ଦୋହରୀକରଣକୁ ଗୁରୁତ୍ୱ
- ଯାତ୍ରୀ ସୁବିଧା ଲାଗି ୩୦୦ କୋଟି
- ଲେଭଲ କ୍ରସିଂ ଉଚ୍ଛେଦ ବାବଦ ୪୦୦ କୋଟି

ବଜେଟ ୨୦୨୧-୨୨ରେ ଓଡ଼ିଶାକୁ ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ୨୦୨୦-୨୧ରେ ରାଜ୍ୟକୁ ୫୬୫୯.୬୪ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ବର୍ଷ ବଜେଟରେ ଏହା ୬୯୯୫.୫୮ କୋଟି ଟଙ୍କାକୁ ବଢ଼ିଛି। ପାଣ୍ଠି ଅଭାବ ଯୋଗୁ ଯେଭଳି କୌଣସି ପ୍ରକଳ୍ପ କାମ ନ ଅଟକେ ସେ ଦିଗରେ ଧ୍ୟାନ ରଖାଯାଇଥିବା ରେଲୱେ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଯାତ୍ରୀ ସୁବିଧା, ନିରାପତ୍ତା କାର୍ଯ୍ୟ, ରୋଡ ଅଣ୍ଡରବ୍ରିଜ, ଓଭର ବ୍ରିଜ ଏବଂ ଲିମିଟେଡ ହାଇଟ୍ ସବ୍‌ୱେ (ଏଲଏଚ୍‌ଏସ୍) ଭଳି କାର୍ଯ୍ୟ ସାମିଲ ରହିଛି।

ଚଳିତ ବର୍ଷ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ଲାଗି ୧୦୦୦.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ବର୍ଷ ଏହା ୫୨୦ କୋଟି ଟଙ୍କା ରହିଥିବା ବେଳେ ଏଥିରେ ୯୨.୪% ବୃଦ୍ଧି ଘଟିଛି। ବିଭିନ୍ନ ପ୍ରକଳ୍ପର ଲାଇନ ଦୋହରୀକରଣ ଲାଗି ପାଣ୍ଠି ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି। ବାଂଶପାଣି-ଦୈତାରୀ-ଟମକା-ଯଖପୁରା ପ୍ରକଳ୍ପରେ ବ୍ୟୟବରାଦ ୧୮୫% ବଢ଼ି ୨୨୮ କୋଟି ଟଙ୍କା ରହିଛି। ସେହିଭଳି ବୃନ୍ଦାମାଳ-ଝାରସୁଗୁଡ଼ା ଫ୍ଲାଏଓଭର ଲାଗି ୨୦ କୋଟି, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ଲାଗି ୨୨୯ କୋଟି, ବୁଢ଼ାପଙ୍କ-ଶାଳଗାଁ ପ୍ରକଳ୍ପରେ ୨୧୫ କୋଟି, ରାଉରକେଲା-ଝାରସୁଗୁଡ଼ା ତୃତୀୟ ଲାଇନ ଲାଗି ୨୩୦ କୋଟି ଏବଂ ନୟାଗଡ-ଭଦ୍ରକ ତୃତୀୟ ଲାଇନ ଲାଗି ୨୨୫ କୋଟି ଟଙ୍କା ଦିଆଯାଇଛି। ଏଥିରେ ପ୍ରାୟ ୩୫୦% ଅନୁଦାନ ବଢ଼ାଯାଇଛି।

ଯାତ୍ରୀ ସୁବିଧାକୁ ପ୍ରାଥମିକତା ସହ ବ୍ୟୟବରାଦ ୧୨୯ କୋଟିରୁ ୪୨୯ କୋଟି ଟଙ୍କାକୁ ବଢ଼ିଛି। ଏଲ୍‌ସି ଗେଟ୍ ଲେଭଲ କ୍ରସିଂ ହଟାଇବା ଲାଗି ୪୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଏହା ଗତ ବର୍ଷ ୩୨୪ କୋଟି ଟଙ୍କା ରହିଥିଲା। ୨୦୨୧-୨୨ ଲାଗି ରେଳ ଭିତ୍ତିଭୂମି ଏବଂ ନିରାପତ୍ତା ସଂକ୍ରାନ୍ତ କାର୍ଯ୍ୟ ଲାଗି ବଜେଟରେ ୫,୫୨୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମୋଟ ପ୍ରକଳ୍ପ ବାବଦ ଯୋଜନାକୁ ଦେଖିଲେ ଏହା ୬୯୯୫.୫୮ କୋଟି ଟଙ୍କା ରହିଛି। ସେହିଭଳି ବିଭିନ୍ନ ପ୍ରକଳ୍ପ ବଜେଟ ଗ୍ରାଣ୍ଟ କଥା ବିଚାରକୁ ନେଲେ ନୂଆ ଲାଇନ ବାବଦ ୧୫୫୩ କୋଟି, ଦୋହରୀକରଣରେ ୧୭୦୨ କୋଟି, ଟ୍ରାଫିକ ସୁବିଧା ଲାଗି ୧୭.୧୫ କୋଟି, କମ୍ପ୍ୟୁଟରୀକରଣ ୩.୪୭ କୋଟି, ରୋଲିଂ ଷ୍ଟକ ୨୩.୫୨ କୋଟି, ଲିଜ୍ ଚାର୍ଜେସ ୬୫୧.୪୮ କୋଟି, ଲେଭଲ କ୍ରସିଂ ୧୮.୮୧ କୋଟି ଏବଂ ଆରଓବି-ଆର୍‌ୟୁବି ବାବଦ ୨୮୦.୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିଭଳି ଟ୍ରାକ ନବୀକରଣ ଲାଗି ୪୦୨ କୋଟି, ବ୍ରିଜ କାର୍ଯ୍ୟ ଲାଗି ୩୮ କୋଟି, ପ୍ରକଳ୍ପ ବିଦ୍ୟୁତୀକରଣ ୧୭୩ କୋଟି, ଅନ୍ୟ ବିଦ୍ୟୁତୀକରଣ ବାବଦ ୨୪.୫୪ କୋଟି, ମେସିନେରି ପ୍ଲାଣ୍ଟ ୧୩.୫୯ କୋଟି, ୱାର୍କଶପ ୩୭.୯୧ କୋଟି, କର୍ମଚାରୀ କଲ୍ୟାଣ ୧୭.୩୨ କୋଟି, ଯାତ୍ରୀ ସୁବିଧା ୩୦୦.୮୦ କୋଟି, ଅନ୍ୟାନ୍ୟ କାର୍ଯ୍ୟ ୧୦.୮୯ କୋଟି, ମାନବ ସମ୍ବଳ ତାଲିମ ୨.୯୧ କୋଟି ଷ୍ଟୋର ସସ୍‌ପେନ୍ସ ୫୨୪.୭୩ କୋଟି, ଡବ୍ଲ୍ୟୁଏମ୍‌ଏସ୍ ୧୯୦.୯୫ କୋଟି ସହ ଏସ୍‌ଇଆର୍ ଏବଂ ଏସ୍‌ଇସିଆର୍ କାର୍ଯ୍ୟ ବାବଦକୁ ୯୨୧ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

# ପ୍ରଥମେ ନୂଆ ରିଂ ରୋଡ୍, ବ୍ୟବସାୟୀଙ୍କୁ ଥଇଥାନ

**କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାର ସମୀକ୍ଷା**

**କୋଣାର୍କ,୪।୨(ଡି.ଏନ୍.ଏ):** ଖୁବଶୀଘ୍ର ବିଶ୍ୱ ପ୍ରସିଦ୍ଧ କୋଣାର୍କ ନୂଆ ରୂପ ନେବାକୁ ଯାଉଛି। ଏଥିପାଇଁ କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ କାର୍ଯ୍ୟ ବଣ୍ଟନ କରାଯାଇଥିବାବେଳେ ଗୁରୁବାର ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବୈଠକରେ ଉପସ୍ଥିତ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ, କୋଣାର୍କ ନଗର ଗଣେଶ କମିଟି, କୋଣାର୍କ ସୁରକ୍ଷା ସମିତି, ବିଭିନ୍ନ ସଂଗଠନର ସଭାପତି, ସମ୍ପାଦକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନଙ୍କ ସହ ଜିଲାପାଳ କୋଣାର୍କ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଯୋଜନାରେ ପ୍ରଥମେ ପ୍ରସ୍ତାବିତ ନୂଆ ୬ଲେନ ରିଂରୋଡ ନିର୍ମାଣ ଓ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରାଯିବ। ସୂର୍ଯ୍ୟମନ୍ଦିର ମୁଖ୍ୟ ପ୍ରବେଶ ପଥରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ଆସନ୍ତା ୧୮ମାସ ପାଇଁ ଅନ୍ୟତ୍ର ଅସ୍ଥାୟୀ ଭାବେ ଥଇଥାନ କରାଯିବ। ପରେ ଆଇଓଏଫ ବସ୍ ପାର୍କିଂ ସ୍ଥଳରେ ସ୍ଥାୟୀ ଭାବେ ଥଇଥାନ କରାଯିବ। ଏଥିପାଇଁ ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ଆବଶ୍ୟକ। ସମସ୍ତ ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ କରାଯାଇ ସୂର୍ଯ୍ୟମନ୍ଦିର ସମ୍ମୁଖକୁ ନୂଆ ରୂପ ଦିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଓବିସିସି ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାଶ, ମହାପ୍ରବନ୍ଧକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିଲେ କୋରାପୁଟ ଜିଲାପାଳ

**ଭୁବନେଶ୍ୱର/ପଟ୍ଟାଙ୍ଗୀ,୪।୨(ବ୍ୟୁରୋ/ଡି.ଏନ୍.ଏ.):** କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂତନ ଜିଲାପାଳ ଭାବେ ଅବଦାଲ ଅକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ତର କଟକ ଜିଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ମଧୁସୂଦନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। କୋରାପୁଟ ଜିଲାର କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଦେଖାଦେଇଛି। କୋଟିଆ ପଞ୍ଚାୟତର ୩ଟି ଗ୍ରାମକୁ ଆନ୍ଧ୍ର ସରକାର ନେବାଲାଗି ଷଡଯନ୍ତ୍ର କରି ସେଠାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଛି। କୋଟିଆ ପଞ୍ଚାୟତ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି।




# ସାଇତିଛନ୍ତି ୬୦ ଦେଶର ୪୫୦ ମୁଦ୍ରା, ୧୯ ନୋଟ୍

**ଦିବ୍ୟଜ୍ୟୋତିଙ୍କ ଭିନ୍ନ ପ୍ରୟାସ**

**କଟକ ଅଫିସ, ୪।୨**

ସମସ୍ତଙ୍କର ସ୍ୱପ୍ନ ଭିନ୍ନ ଭିନ୍ନ। ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ଚେଷ୍ଟା କରିଥାନ୍ତି। ସେହିଭଳି ଏକ ସ୍ୱପ୍ନ ଦେଖିଥିଲେ କଟକ ଜିଲା ବିରିବାଟିସ୍ଥିତ ଡିହସାହି ଗ୍ରାମର ଦିବ୍ୟଜ୍ୟୋତି ଜେନା(୨୦)। କମ୍ ବୟସରେ ସେ ୬୦ଟି ଦେଶର ୪୫୦ ମୁଦ୍ରା ଓ ୧୯ ନୋଟ୍ ସଂଗ୍ରହ କରି ଲୋକଲୋଚନକୁ ଆସିପାରିଛନ୍ତି। ସେ ଏବେ କଟକ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷବର୍ଷରେ ଅଧ୍ୟୟନ କରୁଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ନୟାବଜାରସ୍ଥିତ ସେଣ୍ଟ ଜାଭିୟର ସ୍କୁଲରେ ପଢୁଥିବାବେଳେ ଗ୍ରୀଷ୍ମ




ଅବକାଶ ସମୟରେ ବିଭିନ୍ନ ଦେଶ ମୁଦ୍ରା ସଂଗ୍ରହ କରିବା ପାଇଁ ଶିକ୍ଷକ ମୋତେ ଏକ ପ୍ରୋଜେକ୍ଟ ଦେଇଥିଲେ। ତଦନୁଯାୟୀ ବିଭିନ୍ନ ଦେଶର ମୁଦ୍ରା ସଂଗ୍ରହ କରି ସାରଙ୍କଠାରୁ ପ୍ରଶଂସିତ ହୋଇଥିଲି। ଏହାପରଠାରୁ ଦେଶ ବିଦେଶର ମୁଦ୍ରା ସଂଗ୍ରହ କରିବା ମୋର ଏକ ନିଶା ପାଲଟି ଯାଇଥିଲା। ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ସାଙ୍ଗସାଥୀ, ପଡୋଶୀ ଯଦି କେହି ବିଦେଶ ବୁଲିବାକୁ ଯାଉଥିଲେ, ସେଠାକାର ମୁଦ୍ରା ଆଣିବାକୁ ମୁଁ ତାଙ୍କୁ କହୁଥିଲି। ସେମାନେ ସେଠାକାର ମୁଦ୍ରା ଆଣି ଦେବା ପରେ ମୁଁ ଏହାକୁ ମୋ ଆଲ୍‌ବମ୍‌ରେ ସାଇତି ରଖୁଥିଲି। ଇତିମଧ୍ୟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ନେପାଳ, ଥାଇଲାଣ୍ଡ, ଜାପାନ, ଓମାନ୍, ଇରାକ୍, ଶ୍ରୀଲଙ୍କା, ପାକିସ୍ତାନ, ଇଣ୍ଡୋନେସିଆ, କାନାଡା, ମେକ୍ସିକୋ, ଆମେରିକା, ସିଙ୍ଗାପୁର ଭଳି ୬୦ଟି ଦେଶର ୪୫୦ ମୁଦ୍ରା ଓ ୧୯ଟି ନୋଟ୍ ସଂଗ୍ରହ କରି ଏବେ ତିନୋଟି ଆଲ୍‌ବମରେ ସାଇତି ରଖିଛନ୍ତି।

# ଟ୍ରେନ୍ ଧକ୍କାରେ ୨ ହାତୀ ମୃତ

**ଅଣ୍ଡରପାସ୍ ରାସ୍ତା ଦାବି କଲେ ଗ୍ରାମବାସୀ**

**ରାଉରକେଲା ଅଫିସ,୪।୨**

ସୁନ୍ଦରଗଡ଼ ଜିଲା ବିଶ୍ରା ବନ ବିଭାଗ ଅନ୍ତର୍ଗତ ମହିପାଣି ନିକଟରେ ବୁଧବାର ବିଳମ୍ବିତ ରାତିରେ ଟ୍ରେନ୍ ଧକ୍କାରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଛି। ହାଓଡ଼ା-ମୁମ୍ବାଇ ରେଳପଥର ଭାଲୁଲତା ଓ ଜରେଇକେଲା ରେଳଷ୍ଟେଶନ ମଝି ମହିପାଣି ନିକଟରେ ହାତୀପଲ ରେଳଧାରଣା ପାରି ହେଉଥିବାବେଳେ ଏହି ଘଟଣା ଘଟିଛି। ଖବରପାଇ ବିଶ୍ରା ବନ ବିଭାଗ ଅଧିକାରୀ ଓ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ହାତୀ ଦୁଇଟିର ମୃତ ଶରୀରକୁ ରେଳଧାରଣାରୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି।

ରାତି ପ୍ରାୟ ଗୋଟାଏ ସମୟରେ ହାତୀପଲ ରେଳଧାରଣା ଅତିକ୍ରମ କରୁଥିଲେ। ଏହି ସମୟରେ ଏକ ପାର୍ସଲ ଟ୍ରେନ ଦ୍ରୁତ ଗତିରେ ଆସିଥିଲା। ସବୁ ହାତୀ ରେଳଧାରଣା ଅତିକ୍ରମ



ରେଳପଥ ପାର୍ଶ୍ୱରେ ପଡ଼ିଥିବା ହାତୀର ମୃତଦେହ।

କରିଯାଇଥିବାବେଳେ ପଛରେ ରହିଯାଇଥିବା ଏହି ୨ ହାତୀକୁ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ହାତୀ ୨ଟି ରେଳଧାରଣା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହାତୀ ଦୁଇଟିର ମୃତ୍ୟୁ ଘଟିଥିଲା। ଘଟଣାପରେ ସ୍ଥାନୀୟ ରେଳ କର୍ମଚାରୀ ବନବିଭାଗ ଓ ବନ୍ଧମୁଣ୍ଡା ରେଳବିଭାଗ ଅଧିକାରୀଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ବିଶ୍ରା ରେଞ୍ଜର ଦିଲୀପ ସାହୁ, ଆଞ୍ଚଳିକ ବନ ସଂରକ୍ଷଣ ଅଧିକାରୀ ଭଞ୍ଜ କିଶୋର ସ୍ୱାଇଁ, ପାନପୋଷ ବନ ବିଭାଗ ଅଧିକାରୀ ଦୁର୍ଯ୍ୟୋଧ ସାହୁ, ମାଣିକେଶ୍ୱର ହାସଁଦା, ଟଙ୍କଧର ବେହେରାଙ୍କ ସହ ବନ୍ଧମୁଣ୍ଡା ରେଳବିଭାଗ ଏଆରଏମ୍ ନିଶାନ୍ତ କୁମାର ଓ ବହୁ ରେଳ କର୍ମଚାରୀ ଉପସ୍ଥିତ ଥିଲେ। ଧକ୍କା ଦେଇଥିବା ପାର୍ସଲ ଟ୍ରେନ୍ ଝାରସୁଗୁଡ଼ାରୁ ଚକ୍ରଧରପୁର ଆଡ଼କୁ ଯାଉଥିଲା। ମହିପାଣି ଅଞ୍ଚଳରେ ଏଭଳି ହାତୀ ଦୁଇଟିର ମୃତ୍ୟୁଘଟଣା ପ୍ରଥମ ବୋଲି କୁହାଯାଉଛି। ଉକ୍ତ ସ୍ଥାନରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ବିଭିନ୍ନ ସମୟରେ ଉକ୍ତ ରେଳଧାରଣା ଦେଇ ହାତୀପଲ ଯାତାୟାତ କରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ରେଳବିଭାଗ ପକ୍ଷରୁ ଅଣ୍ଡରପାସ ରାସ୍ତା ପାଇଁ ଦାବି କରିଥିଲେ। ଏଠାରେ ହାତୀପଲର ଗତିବିଧିକୁ ବନ କର୍ମଚାରୀମାନେ ଅନୁସରଣ କରିଥାଆନ୍ତି। କିନ୍ତୁ ବୁଧବାର ବିଳମ୍ବିତ ରାତି ହୋଇ ଯାଇଥିବାରୁ ହଠାତ୍ ୧୫ଟି ହାତୀ ରେଳପଥ ଅତିକ୍ରମ କରିବା ସମୟରେ ଏଭଳି ଅଘଟଣ ଘଟିଛି। ଯାହା ଦୁଃଖଦ ଘଟଣା ବୋଲି ବନ୍ଧମୁଣ୍ଡା ରେଲୱେ ଏଆରଏମ୍ ନିଶାନ୍ତ କୁମାର କହିଛନ୍ତି। ବିଶ୍ରା ରେଞ୍ଜ ପକ୍ଷରୁ ଉକ୍ତ ଟ୍ରେନର ଡ୍ରାଇଭର ପି. ବାଳକୃଷ୍ଣଙ୍କ ନାମରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଏହା ପୂର୍ବରୁ ୨୦୧୫ରେ କେ.ବଲାଙ୍ଗ ଅଞ୍ଚଳରେ ଗୋଟିଏ ହାତୀକୁ ମାଲବାହୀ ଟ୍ରେନ ଧକ୍କା ଦେଇଥିବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଥିଲା। ୨୦୧୮ରେ ରେଳ ବିଭାଗ ପକ୍ଷରୁ କେବୁଲ କାମ ଚାଲିଥିବାବେଳେ ଏକ ହାତୀ ଶାବକ ଖାଲରେ ପଡ଼ି ମୃତ୍ୟୁବରଣ କରିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ବର୍ଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଲା ଛଟକି**
**ବାଟ ଚାଲୁଥାଏ ଗୋଡ଼କୁ ଟେକି**
**ମୁଦିରେ ନ ଲାଗେ ଧୂଳି**
**ସୁନ୍ଦର ପଣକୁ ପଟାନ୍ତର ନାହିଁ**
**କଥା ପଦକରେ ଗାଳି**

କେତେଜଣ ବ୍ୟକ୍ତି ଅତ୍ୟନ୍ତ ଛଇଛଟକି ପ୍ରକୃତିର ହୋଇଥାନ୍ତି। ନିଜର ସୁନ୍ଦର ପଣକୁ ନେଇ ଅହେତୁକ ଗର୍ବ କରିଥାନ୍ତି। ତେବେ ରୂପ ସୁନ୍ଦର ହୋଇଥିଲେ ସୁଦ୍ଧା ଭିତରର ଗୁଣ ଯଦି ସେପରି ସୁନ୍ଦର ହୋଇନଥାଏ ତା'ହେଲେ ସବୁ ବୃଥା ହୋଇଥାଏ। ରୂପ ଠାରୁ ଗୁଣ ଶ୍ରେଷ୍ଠ। ଗୁଣ ବା ପ୍ରକୃତି ସୁନ୍ଦର ହୋଇନଥିଲେ ସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭଙ୍ଗା କୁଆଳି**
**ଘଇତା ମାଡ଼କୁ ନାହିଁ ଗୁହାରି**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ କିଛି କଥା ବା କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଥିବାର ଜଣାଯାଏ। ତେବେ ଲାଗିରହୁଥିବା ବାଦବିବାଦ କ୍ଷଣସ୍ଥାୟୀ ହୋଇଥିବା ବେଳେ ତାଙ୍କ ମଧ୍ୟରେ ପଶିବାକୁ କେହି ଉଚିତ ମଣିନଥାନ୍ତି। ସ୍ୱାମୀ ମାଡ଼ଗାଳି ଦେଲେ ସ୍ତ୍ରୀ ବିଚାରୀ କାହା ଆଗରେ କହି ନ ପାରି ନିଜ ଭାଗ୍ୟକୁ ଆଦରି ପଡ଼ି ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସରକାରଙ୍କୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ, ୪।୨(ପି.ଟି.)

ନୂଆ କୃଷି ଆଇନ ବିରୋଧରେ ଚାଷୀମାନେ ଚଳାଇଥିବା ଆନ୍ଦୋଳନକୁ ଯେଉଁଭଳି ଢଙ୍ଗରେ ଦମନ କରିବାକୁ ଉଦ୍ୟମ ହେଉଛି, ତାକୁ ନେଇ ଗୁରୁବାର ରାଜ୍ୟ ସଭାରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ମିଳିତ ଆକ୍ରମଣ କରିଛନ୍ତି। ମନ୍ତ୍ରୀମାନେ ଆତ୍ମଭାଷଣରେ ବିଶ୍ୱାସ କରୁଛନ୍ତି। କୃଷକମାନଙ୍କ ମନ ଜିତିବାକୁ

### ରାଜ୍ୟ ସଭା

ବ୍ରିଜ୍ ନିର୍ମାଣ ହେବା ବଦଳରେ ରାସ୍ତାରେ ଟ୍ରେଞ୍ଚ୍ ଖୋଳାଯାଉଛି, ତାରବାଡ଼ ଲଗାଯିବା ସହ ରାସ୍ତାରେ କଣ୍ଟା ପୋତାଯାଉଛି।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଦ୍ୱିତୀୟ ଦିନରେ ଆର୍‌ଜେଡି ସଦସ୍ୟ ମନୋଜ କୁମାର ଝା କହିଥିଲେ, ଶୁଣିବା ପାଇଁ ସରକାରଙ୍କର ଧୈର୍ଯ୍ୟ ନାହିଁ। ଯେକୌଣସି ସମାଲୋଚନାକୁ ସେମାନେ ରାଷ୍ଟ୍ରବିରୋଧୀ ଭାବେ ଚିତ୍ରଣ କରୁଛନ୍ତି। ଚାଷୀମାନଙ୍କ ଯନ୍ତ୍ରଣାକୁ ହୃଦୟଙ୍ଗମ କରିବାପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ପ୍ରଚଣ୍ଡ ଶୀତରେ ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନରେ ବସିଥିବାବେଳେ ସେମାନଙ୍କୁ ପାଣି ଯୋଗାଣ ବନ୍ଦ କରିଦିଆଯାଉଛି। ଟଏଲେଟ ସୁବିଧା ହଟାଇ ଦିଆଯାଉଛି, ରାସ୍ତାରେ ଟ୍ରେଞ୍ଚ ଖୋଳାଯିବା ସହ କଣ୍ଟା ଓ ତାରବାଡ଼ ଲଗାଯାଉଛି, ଯାହା ପଡୋଶୀ ଦେଶରେ ମଧ୍ୟ ଶୁଣାଯାଇ ନ ଥିଲା। କୃଷକ ଆନ୍ଦୋଳନ ସମ୍ପର୍କରେ ପପ୍ ଷ୍ଟାର ରାହାନ୍ନାଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଝା କହିଥିଲେ, ଗୋଟିଏ ଟୁଇଟ୍‌ରେ ଗଣତନ୍ତ୍ର ଦୁର୍ବଳ ହୋଇଯିବ ନାହିଁ। ସରକାରଙ୍କ ବିରୋଧରେ ପ୍ରତ୍ୟେକ ଶବ୍ଦ ଜାତୀୟତା ବିରୋଧୀ ନୁହେଁ।

୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବା ସହ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିବା ଲାଗି ସିପିଆଇ(ଏମ୍) ରାଜ୍ୟ ସଭା ସଦସ୍ୟ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ଦାବି କରିଛନ୍ତି। ରାସ୍ତାରେ ଢଳେଇ ବ୍ୟାରିକେଡ୍ ଓ ତାରବାଡ଼ ଦେଇ କୃଷକମାନଙ୍କୁ ବୁଝାମଣା ପାଇଁ ଆମନ୍ତ୍ରଣ କରାଯାଇପାରିବ ନାହିଁ। ଏହା ଗଣତାନ୍ତ୍ରିକ ସରକାରର ତରିକା ନୁହେଁ ବୋଲି ଭଟ୍ଟାଚାର୍ଯ୍ୟ କହିଥିଲେ।

### ଆତ୍ମଭାଷଣ ନୁହେଁ, ଆଲୋଚନା ଆରମ୍ଭ କର



### ଲୋକ ସଭାରେ ଅଚଳାବସ୍ଥା ଜାରି

ବିରୋଧୀ ସଦସ୍ୟମାନେ ବିବାଦୀୟ କୃଷି ଆଇନ ଉପରେ ପୃଥମ ଆଲୋଚନା ଦାବିରେ ଅଡ଼ିବସିଥିବାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲୋକ ସଭାରେ ଅଚଳାବସ୍ଥା ଜାରି ରହିଛି। ଫଳରେ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ ରଖିଥିଲେ। ତୃତୀୟ ମୁଲତବୀ ପରେ ରାତି ୭ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାରୁ ବିରୋଧୀମାନେ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଫଳରେ ଗୃହରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲ ଚତୁର୍ଥ ଥର ପାଇଁ ରାତି ୮ଟା ୩୦ ପର୍ଯ୍ୟନ୍ତ ଲୋକ ସଭାକୁ ମୁଲତବୀ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ମିତ୍ରମାନେ ସୁବିଧାବାଦୀ ଭଳି କାମ କରିବେ, ଯାହାକି ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**



ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ସ୍ଥାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ**



କର୍ମ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ପୂର୍ବପରି ରହିବା ସଙ୍ଗକୁ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ବିରକ୍ତିଭାବ ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଅର୍ଥାଭାବ ନିର୍ମାଣ, ପ୍ରକଳ୍ପ କିମ୍ବା ନୂତନ ଯୋଜନା ସକାଶେ ବାଧକ ସାଜିପାରେ।

**କର୍କଟ**



ଆଜି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରୁ ଧୋକା ଖାଇବାକୁ ପଡିବ। ପରିବାରର ଆବଶ୍ୟକତାକୁ ନେଇ ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ପାରିବାରିକ ସମସ୍ୟା ସମ୍ପର୍କରେ ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ। ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିବେ।

**ସିଂହ**



କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ମୂଲ୍ୟବାନ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯେତିକି ପାଇବା କଥା ତାହା ପାଇବା ଦୁର୍ବିଷହ ହୋଇପାରେ।

**କନ୍ୟା**



ସ୍ଥଗିତ କାର୍ଯ୍ୟ ସାଧନ ସକାଶେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। ଆଜି ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା**



ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ମାଙ୍ଗଳିକଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଘର ସାଜସଜ୍ଜା, ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନ ବାହନ ମରାମତି ପାଇଁ ବ୍ୟସ୍ତତା ବୃଦ୍ଧିପାଇବ। କୌଣସି ଶୁଭଖବର ପାଇବା ଯୋଗୁଁ ବିଶେଷ ଖୁସି ଅନୁଭବ କରିବେ।

**ବିଛା**



ଜୀବନଯାତ୍ରାକୁ ଶୃଙ୍ଖଳିତ ରଖିବା ହେତୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**ଧନୁ**



ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟା କଲେ ଉପକୃତ ଅବଶ୍ୟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ।

**ମକର**



ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁଁ ପ୍ରଗତି ହୋଇପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହି ନ ପାରେ। ସଭାସମିତିରେ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ**



ଗତକାଲିର ଆଲୋଚନା ଓ ଯୋଜନା ଅନୁଯାୟୀ କାମ କଲେ ଅବଶ୍ୟ ଉପକୃତ ହେବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ରହିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବେ। ପ୍ରତ୍ୟୁଷ ଯାତ୍ରାରେ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**



ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସହକର୍ମୀଙ୍କ ସହ ଅବସର ସମୟରେ ଆଳାପ ଆଲୋଚନାରେ ସମୟ କଟାଇବେ। ସୁପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବେ।

ଆଜି ମାଘ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ଫେବୃୟାରୀ ୫ ତାରିଖ, ରାଶିନକ୍ଷତ୍ର-ବିଶାଖା/ତୁଳା। ଘ.୧୨.୪୭ମି. ଗତେ ବିଛା ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୪ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୦୭.୫୩ମି. ଗତେ ଘ.୧୦.୦୮ମି. ମଧ୍ୟେ, ଘ.୧୨.୨୩ମି. ଗତେ ଘ.୦୨.୩୭ମି. ମଧ୍ୟେ, ଘ.୦୪.୦୭ମି. ଗତେ ଘ.୦୫.୩୭ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୩୬ମି. ଗତେ ଘ.୧୨.୦୦ମି. ମଧ୍ୟେ ରାହୁକାଳ।



# classifieds Everyday

0674-2580101, 2549302





**HIRE**

JCB Machine Excavators 22T, 20T, 12T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556740228, 9937292015. Email: kttbbsr@gmail.com. D-19804





**SALE**

Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085 D-70178

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932. D-69370

Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511. D-69369

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

To-let for open space godown at Hanspal NH-side area 25000sqft. with boundarywall, Gate, Office room, Toilet, Kitchen, Electricity and Water supply available Contact: 8455036260. D-19777

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764. D-19667

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1050/- plot ମିଳୁଛି। 9090963952. D-70154

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766. D-19562

Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545. D-19781

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

Re-Sale old and new flat, duplex, Triplex and plot avaiable in around Bhubaneswar contact: 8455036260. D-19778

**PURCHASE**

Urgently require 2000-2400sqft. or 3000-3400sqft. gharabari sthitiban plot with minimum 20ft road in Pokhariput or Jagamara. Interested seller may contact- immediately. 7978074243, 8328867667 (Broker excuse). D-70179

Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982. D-70175





For construction only in your plot inside Bhubaneswar area, contact MRC- 9937064680. D-27287

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Well furnished house suitable for Family, Office, Godown at Pitapalli square, 2stored building 1575sqft. each. 9437470622. D-19849

Godown Space 3000sqft (Approx.) available at Samantarapur – Puri Road, Bhubaneswar on rent for immediate possession. Contact: 9437004597. D-19851





Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789





Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

Swarna SPA newly open positively health benefits with expert therapist. 9556978408. D-70519

Newly open full body massage ladies and gents. 9337349409. D-70423

Refreshing your mind & body with best therapy at Lotus SPA. 8018234866. D-70424

Get refreshment Body Massage by Expert Therapist. Contact for: 6371537969. D-70516

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

**BUSINESS**

SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

**LOST**

I, Sri Nirakara Nayak, S/o- Srikantha Nayak of Village- Baulagadia, P.O.- Iswarpur, P.S- Nilgiri, Via- Bahanaga, Dist- Balasore. Mob: 9437201085 my deed No- 3653, 3899 and urgent papers with Bag have lost while I am returning by Bus after finishing my daily work at Nilgiri. Please inform me if a kindhearted person has received the same. D-19852

I, Lolita Lakra, W/o- Benedick Kujur have purchased the House No.- C2L 2-57, Chhend Phase-II, PO- Rourkela-15, PS- Chhend, Dist- Sundargarh vide Regd. Tripartite lease-cum sale deed No. 11711400077 dt. 13.01.2014. That on Dt. 02.02.21 while I was going to Balangiri for Official work I lost the original lease-cum- sale deed No.- 1958 of 2005 on the way somewhere and could not trace the said documents in spite of best effort. D-19853



ପ୍ରଥମ ପୃଷ୍ଠାରୁ...

### ମହିଳାଙ୍କ ବେକକାଟି...

ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ଏଠାରେ ଫିଙ୍ଗି ଦେଇଥାଇପାରନ୍ତି। ବଳାତ୍କାର କରାଯାଇଛି କି ନାହିଁ ତାହାର ମଧ୍ୟ ତଦନ୍ତ କରାଯାଉଛି। ଭୁବନେଶ୍ୱର ଆଖପାଖ ସମସ୍ତ ଥାନାକୁ ଖବର ଦେଇଛୁ। କୌଣସି ମହିଳା ଦୁଇତିନି ଦିନ ମଧ୍ୟରେ ନିଖୋଜ ହୋଇଥିଲେ ଜଣାଇବାକୁ କୁହାଯାଇଛି। ହତ୍ୟାରେ ଏକାଧିକ ଲୋକଙ୍କର ସମ୍ପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ଘଟଣାଟି ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ମହିଳାଙ୍କ ପରିଚୟ ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଅଭିଯୁକ୍ତଙ୍କୁ ଧରିବା ସହଜ ହେବ। ଏନେଇ ଅଧିକ ତଦନ୍ତ କରାଯାଉଛି ବୋଲି ଡିସିପି ଦାଶ କହିଛନ୍ତି। ସେପଟେ ମୃତଦେହ ସ୍ଥାନୀୟ ଅଞ୍ଚଳର କୌଣସି ମହିଳାଙ୍କର ନୁହେଁ ବୋଲି ଉପସ୍ଥିତ ଲୋକେ କହିଛନ୍ତି।

### ପେଟ୍ରୋଲ ୩୪,...

୨୦୧୮ ଅକ୍ଟୋବର ୪ରେ ନୂଆଦିଲ୍ଲୀରେ ପେଟ୍ରୋଲ ୮୪ ଟଙ୍କା ରହିଥିଲା। ୨୦୨୦ ଡିସେମ୍ବର ୭ରେ ଏହା ୮୩.୭୧ ଟଙ୍କା ସ୍ତର ଛୁଇଁଥିଲା। ୨୦୨୧ ଜାନୁୟାରୀ ୬ପରଠାରୁ ତେଲ କମ୍ପାନୀ ଇନ୍ଧନ ଦର ବଢାଉଛନ୍ତି। କେନ୍ଦ୍ରୀୟ ଟିକସ ବୃଦ୍ଧି ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବା ଯୋଗୁ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପାଇଛି। ବଜେଟରେ ସରକାର କୃଷି ଭିତ୍ତିଭୂମି ଏବଂ ଉନ୍ନତୀକରଣ ସେସ୍ ଲଗାଇବା ଦର ବୃଦ୍ଧିର ମଧ୍ୟ ଅନ୍ୟ ଏକ କାରଣ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପେଟ୍ରୋଲ ଲିଟର ପିଛା ୨.୫ ଟଙ୍କା ଏବଂ ଡିଜେଲ ଉପରେ ୪ ଟଙ୍କା କୃଷି ସେସ୍ ଲାଗୁ କରିଛନ୍ତି। ଅପରପକ୍ଷରେ ଇନ୍ଧନ ଉପରେ ଲାଗୁ ହେଉଥିବା ଉତ୍ପାଦ ଟିକସ ସେହି ତୁଳନାରେ ହ୍ରାସ କରିବା ଦିଗରେ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ତେଲ ଦର ଆଗାମୀ ଦିନରେ ବଢ଼ିବ ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀ କହିଥିଲେ। କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଲେ ତୈଳ ବିପଣନ କମ୍ପାନୀ କ୍ଷତି ସହୁଥିବାରୁ ଦେଶରେ ତେଲ ଦର ବୃଦ୍ଧି ପାଉଥିବା ଦେଖାଯାଇଛି।

### ଆଜିର ମନ୍ତବ୍ୟ

ଭାଜପା ସୁନାର ଭାରତକୁ ନଷ୍ଟ କରି ସୁନାର ପଶ୍ଚିମବଙ୍ଗ ନିର୍ମାଣ କରିବାକୁ କହୁଛି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**ସଂକ୍ଷେପରେ**

## କମିଲା ଶୀତ, ୬ରେ ହାଲୁକା ବର୍ଷା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ରାଜ୍ୟରେ ଗତ କିଛି ଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଥିଲା। ତେବେ ଶୁକ୍ରବାର ଠାରୁ ଏହା ହ୍ରାସ ପାଇଛି। କେତେକ ସ୍ଥାନରେ ପାରଦ ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆସନ୍ତା ୫ ଦିନ ଯାଏ ପାରଦ ଉପରମୁହାଁ ହେବା ଆଉ ଶୀତ ପ୍ରକୋପ ରହିବ ନାହିଁ। କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ସମ୍ଭାବନା ରହିଛି। ତେବେ ୫ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଏବଂ ଅନୁଗୋଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଗୁରୁବାର ୧୨ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

## ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

**ବାରିପଦା ଅଫିସ,୪।୨:** ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଧୀନ ଖୃଟିଂ ନିକଟରେ ଗୁରୁବାର ଏକ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୧ଲକ୍ଷ ୭ହଜାର ଟଙ୍କା, ମୋବାଇଲ ଫୋନ୍ ଓ ଏକ ଟାବ୍‌ଲେଟ ଲୁଟି ନେଇଛନ୍ତି। ଖବରପାଇ ଥାନା ଆଇଆଇସି ଡି.ଲାକ୍ରା ସଦଳବଳେ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରଖିଥିଲେ ହେଁ ଲୁଟେରାଙ୍କ ପତ୍ତା ମିଳି ପାରିନାହିଁ। ସନ୍ଧ୍ୟାରେ କଲେକ୍ସନ ଟଙ୍କା ଧରି କରଞ୍ଜିଆର କରଡ଼ିହାସ୍ଥିତ ଘରୋଇ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ଶୁଭେନ୍ଦୁ ଦାସ ବାଇକ୍‌ରେ ଫେରୁଥିଲା ବେଳେ ଏହି ଘଟଣା ଘଟିଥିଲା।

# କୋର୍ଟରେ ହାଜର ହେଲେ ପ୍ରଦୀପ

**ବ୍ରହ୍ମପୁର ଅଫିସ,୪।୨**



ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ପୋଲିସ କଡ଼ା ସୁରକ୍ଷାରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟକୁ ନେଉଛି।

- ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ
- ୩ଦିନ ରହିବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ
- ୭ରେ ଯିବେ ଝାରପଡ଼ା ଜେଲ
- କାରାପାଳ, ଡାକ୍ତର ଚିକିତ୍ସା କରିବେ

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଝାରପଡ଼ା ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୁରୁବାର ବ୍ରହ୍ମପୁର କୋର୍ଟରେ ପୋଲିସ କଡ଼ା ସୁରକ୍ଷାରେ ହାଜର କରିଥିଲା। ଗୋଳନ୍ଥରା ଥାନାରେ ତାଙ୍କ ନାଁରେ ରୁଜୁ ହୋଇଥିବା ତିନୋଟି ଠକେଇ ମାମଲାରେ ତାଙ୍କୁ ଜଡିତ କରାଗଲା ବୋଲି ଏସ୍‌ଡିଜେଏମ୍ ପ୍ରଦୀପଙ୍କୁ କହିଥିଲେ।

**ବ୍ରହ୍ମପୁର ଏସ୍‌ଡିଜେଏମ୍ ଅଦାଲତ**

କୋର୍ଟରେ ପ୍ରଦୀପ ଏସ୍‌ଡିଜେଏମ୍‌ଙ୍କୁ କହିଥିଲେ, ପୋଲିସ ବିନା ଡାକ୍ତରୀ ଚିକିତ୍ସାରେ ମୋତେ ଏଠାରେ ହାଜର କରିଛି। ମୋର ସ୍ୱାସ୍ଥ୍ୟ ଖରାପ ରହିଛି। ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ ପଠାଇ ସେଠାରେ ଚିକିତ୍ସା କରିବା ପାଇଁ ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ ଏକ ପିଟିଶନ ଦାଖଲରେ ଉଲ୍ଲେଖ କରିଥିଲେ। ଅନ୍ୟପଟେ ସରକାରୀ ଏପିପି ମାଳତୀ ପାଳ ଏହାର ପ୍ରତିବାଦ କରିବା ସହ ବ୍ରହ୍ମପୁର ଜେଲରେ ପ୍ରଦୀପଙ୍କର ଭଲ ଚିକିତ୍ସା ବ୍ୟବସ୍ଥା କରାଯାଇପାରିବ ବୋଲି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅନ୍ୟ ଏକ ପିଟିଶନ ଦାଖଲ କରିଥିଲେ। ଏହି ଦୁଇଟି ଯାକର ଶୁଣାଣି କରି ଏସ୍‌ଡିଜେଏମ୍ ଗୁରୁବାର ସନ୍ଧ୍ୟାରେ ତାଙ୍କ ରାୟ ପ୍ରକାଶ କରିଛନ୍ତି।

ସେ ଉଲ୍ଲେଖ କରିଛନ୍ତି, ପ୍ରଦୀପଙ୍କୁ ୩ଦିନ ପାଇଁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖାଯିବ। ସେଠାରେ କାରାପାଳ ଓ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଆସନ୍ତା ୭ ତାରିଖରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲ ପଠାଯିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ପ୍ରଦୀପଙ୍କ ଓକିଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୋଳନ୍ଥରା ଥାନାରେ ପ୍ରଦୀପଙ୍କ ନାମରେ ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ପୃଥକ୍ ଭାବେ ୩ଟି ଟଙ୍କା ଠକେଇ ମାମଲା (ଜିଆର୍-୨୨୨୫/୨୦, ୨୨୬୮/୨୦, ୬୨/୨୧) ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କ ନାମରେ ରିମାଣ୍ଡ ଲଗାଇବା ପାଇଁ ଗୋଳନ୍ଥରା ପୋଲିସ ପକ୍ଷରୁ ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ଏହି ଆବେଦନର ଶୁଣାଣି ବେଳେ କୋର୍ଟରେ ପୂର୍ବରୁ ଉଭୟ ପକ୍ଷ ଓକିଲଙ୍କ ଜବାବସୁଆଲ ଶେଷ ହୋଇଥିଲା। ଶେଷରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ଏହି ୩ଟି ମାମଲାରେ ପ୍ରଦୀପଙ୍କ ନାଁରେ ରିମାଣ୍ଡ ଲଗାଇବା ପାଇଁ ଗତ ସୋମବାର ସନ୍ଧ୍ୟାରେ ପୋଲିସକୁ ଅନୁମତି ଦେଇଥିଲେ। ତେବେ ଗତ ମଙ୍ଗଳବାର ପ୍ରଦୀପଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ, କୁମାର କାନ୍ତ ବେହେରା ଓ ଅସିତ ଶତପଥୀ ଏସ୍‌ଡିଜେଏମ୍ କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପ୍ରଦୀପଙ୍କୁ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ପାଇଁ ଅନୁମତି ଦେବାକୁ ପିଟିଶନରେ ଉଲ୍ଲେଖ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ବୁଧବାର ଉକ୍ତ ପିଟିଶନକୁ ଖାରଜ କରିବା ସହ ବିଧାୟକ ପ୍ରଦୀପଙ୍କୁ କୋର୍ଟରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଜିଆର୍‌ଏସ୍‌ଙ୍କ ଆତ୍ମାହୁତି ଉଦ୍ୟମ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ବାସୁଦେବପୁର,୪।୨(ଡି.ଏନ୍.ଏ.)**

**ବକେୟା ଦରମା ନ ମିଳିବାରୁ ପ୍ରତିବାଦ**

୧୦ ମାସର ବକେୟା ଦରମା ନ ମିଳିବା ପ୍ରତିବାଦରେ ଜଣେ ଜିଆର୍‌ଏସ୍ ଓ ତାଙ୍କ ସ୍ତ୍ରୀ ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଜିଲା ବାସୁଦେବପୁର ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉତ୍କଳ ମଲିକ ନାମକ ଜଣେ ଜିଆର୍‌ଏସ୍ ତାଙ୍କର ୧୦ ମାସର ବକେୟା ଦରମା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ପୂର୍ବାହ୍ନ ୧୧ଟା ବେଳେ ସେ ଓ ତାଙ୍କ ସ୍ତ୍ରୀ ମିନତି ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ବ୍ଲକ କର୍ମଚାରୀମାନେ ଅଟକାଇ ଥିଲେ। ଫଳରେ ଦୁଇଜଣ ନିଜ ଦେହରେ କିରୋସିନ ଢାଳି ଦେଇଥିବା ବେଳେ ନିଆଁ ଲଗାଇ ପାରି ନ ଥିଲେ। ସେମାନେ ବିଡିଓଙ୍କୁ ତାଙ୍କ ଅଫିସରେ ଗାଳିଗୁଲଜ କରିବା ସହ ବକେୟା ଦରମା ଦେବାକୁ ଦାବି କରିଥିଲେ। ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଡିଓ ତାଙ୍କୁ ଦରମା ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କର ୨ ମାସର ଦରମା ରିଲିଜ୍ କରାଯାଇଥିବା କହିଛନ୍ତି।

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର-୨ କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଶାଖା ପୁନଃସ୍ଥାପନ ନିମନ୍ତେ ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ୍ ବରୋଦା ନିମ୍ନଲିଖିତ ସ୍ଥାନରେ ନିମ୍ନରେ ଦର୍ଶାଯାଇଥିବା ଶାଖାଗୁଡିକର ସ୍ଥାନାନ୍ତରଣ/ପୁନଃସ୍ଥାପନ ନିମନ୍ତେ ପାର୍କିଂ ଏବଂ ପର୍ଯ୍ୟାପ୍ତ ବିଦ୍ୟୁତ୍ ସରବରାହ ସହିତ ସମସ୍ତ ସୁବିଧା ଉପଲବ୍ଧ ଥିବା ଗୃହ ପାଇଁ ଦୁଇଟି ପୃଥକ ବିଡ୍ ମାଧ୍ୟମରେ ଗୃହ ମାଲିକ / ପାୱାର ଅଫ୍ ଆଟୋର୍ଣ୍ଣି ହୋଲ୍ଡରମାନଙ୍କ ଠାରୁ ଲିଜ୍ ଭିତ୍ତିରେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| | |
|---|---|
| ୧. ମାଳଦା: ମାଳଦା ଛକ ଏବଂ ଏହାର ଆଖପାଖରେ, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୦୦୦ ରୁ ୧୨୦୦ ବର୍ଗଫୁଟ କାର୍ପେଟ ଏରିଆ |
| ୨. କେନ୍ଦୁଝର: ସିରାଜୁଦ୍ଦିନ ସ୍କୋୟାର/ଗାନ୍ଧୀ ଛକ ଏବଂ ଏହାର ଆଖପାଖରେ, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୧୦୦ ରୁ ୧୩୫୦ ବର୍ଗଫୁଟ କାର୍ପେଟ ଏରିଆ |
| ୩. ବଡବିଲ: ବଡବିଲ ମୁଖ୍ୟ ରାସ୍ତା, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୧୦୦ ରୁ ୧୩୫୦ବର୍ଗଫୁଟ କାର୍ପେଟ ଏରିଆ |

ପରିସରଟି ପ୍ରସ୍ତୁତ ଥିବା କିମ୍ବା ଆପାତତଃ ୩ ମାସ ମଧ୍ୟରେ ଅଧିକୃତ କରିବା ପାଇଁ ପ୍ରସ୍ତୁତ ହୋଇପାରିବା ଆବଶ୍ୟକ। ଆଗ୍ରହୀ ପକ୍ଷମାନେ ୨ଟି ପୃଥକ ମୁଦ ଲଫାପାରେ ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ଉଲ୍ଲେଖ କରି **କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର-୨ କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**ଠାରେ **ତା.୨୫.୦୨.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପ୍ରସ୍ତାବମାନ ଦାଖଲ କରିପାରିବେ। ପବ୍ଲିକ୍ ସେକ୍ଟର ୟୁନିଟ୍/ସରକାରୀ ବିଭାଗ ଗୁଡିକ ଅଧିନସ୍ଥ ପରିସରକୁ ଅଗ୍ରାଧିକାର ଦିଆଯିବ। (ସବିଶେଷ ବିବରଣୀ ନିମନ୍ତେ ଆମର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୭୦୭୭୭୭୭୦୨୮ରେ ଯୋଗାଯୋଗ କରନ୍ତୁ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ସଂଶୋଧନ ପତ୍ର / ଯୋଗପତ୍ର (ଯଦି କିଛି ଥାଏ) କେବଳ ବ୍ୟାଙ୍କ ୱେବସାଇଟ୍‌ରେ ପ୍ରଦାନ କରାଯିବ।
ତାରିଖ:୦୫.୦୨.୨୦୨୧ କ୍ଷେତ୍ରୀୟ ପ୍ରବନ୍ଧକ

# ୧୧ରେ ପିଜି ସ୍ପଟ୍ ନାମଲେଖା-୨

**୬ରେ ମେଧା ତାଲିକା ପ୍ରକାଶ ପାଇବ**

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ପୋଷ୍ଟ ଗ୍ରାଜୁଏଟ(ପିଜି) ପାଇଁ ସ୍ପଟ୍ ନାମଲେଖା-୨ ନିମନ୍ତେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନାମଲେଖା ନେଇ ପ୍ରସ୍ତୁତ ଗାଇଡ୍‌ଲାଇନ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ, ଡିଗ୍ରୀ କଲେଜଗୁଡ଼ିକର ଅଧ୍ୟକ୍ଷଙ୍କୁ ଜଣାଇ ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଫେବୃୟାରୀ ୬ରେ ମେଧା ତାଲିକା (ମେରିଟ୍ ଲିଷ୍ଟ) ପ୍ରକାଶ ପାଇବ। ୮ ଓ ୯ ତାରିଖରେ ପ୍ରାର୍ଥୀମାନଙ୍କର ମେଧା ତାଲିକା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ପଠାଇ ଦିଆଯିବ। ୧୦ ତାରିଖ ମଧ୍ୟାହ୍ନ ୧ଟା ସୁଦ୍ଧା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକ ଚୟନ ତାଲିକା ପ୍ରକାଶ କରିବେ। ୧୧ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀମାନଙ୍କର ନାମଲେଖା କରାଯିବ। ୧୨ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସାମ୍‌ସ ପୋର୍ଟାଲରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କର ତାଲିକାକୁ ଅପ୍‌ଡେଟ କରିବାକୁ କୁହାଯାଇଛି।

ମାର୍କ ଆଧାରରେ ମେଧା ତାଲିକା ପ୍ରସ୍ତୁତ କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି। ବିଷୟ ଅନୁଯାୟୀ ପ୍ରସ୍ତୁତ ମେଧା ତାଲିକାକୁ ସାମ୍‌ସରେ ଅପ୍‌ଲୋଡ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାର୍ଥୀମାନଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ନାମଲେଖା ପାଇଁ ଜଣାଇ ଦିଆଯିବ। ମେଧା ତାଲିକାରେ ଥିବା ପ୍ରାର୍ଥୀମାନେ କେଉଁ ତାରିଖ ଓ ସମୟରେ ନାମ ଲେଖାଇବେ ସେ ନେଇ ଜଣାଇବା ସହ ପ୍ରାର୍ଥୀମାନଙ୍କର ଉପସ୍ଥାନ, ଫୋନ୍ ନମ୍ବର ଏବଂ ଇ-ମେଲ୍ ଆଇଡି ରଖିବାକୁ କୁହାଯାଇଛି। ତେବେ ସ୍ପଟ୍ ନାମ ଲେଖା ପାଇଁ ସ୍ଲାଇଡ୍ ଅପ୍ ଅପଶନ ନ ବାଛିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାର୍ଥୀମାନଙ୍କର ରିପୋର୍ଟିଂ ସମୟ ପରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଖାଲିଥିବା ସିଟ୍‌ଗୁଡିକ ସମ୍ପର୍କରେ ନୋଟିସ ବୋର୍ଡରେ ପ୍ରକାଶ କରିବାକୁ କୁହାଯାଇଛି। ପ୍ରାର୍ଥୀମାନେ ଅତିବେଶିରେ ଗୋଟିଏ ଶିକ୍ଷାନୁଷ୍ଠାନ ଓ ବିଷୟକୁ ବାଛିପାରିବେ। ଯଦି କୌଣସି କାରଣରୁ ଏକାଧିକ ଦେଇଥିବେ ତେବେ ଗୋଟିଏ ବିଷୟ ଓ ଶିକ୍ଷାନୁଷ୍ଠାନକୁ ଚୂଡ଼ାନ୍ତ କରିବାକୁ ପଡ଼ିବ। ଏହା ଛଡ଼ା ଅନ୍ୟ ସବୁକୁ ବ୍ଲକ୍ କରି ଦିଆଯିବ। ଯଦି ୧୧ ତାରିଖ ନାମଲେଖା ପରେ ସିଟ୍ ଖାଲି ପଡିବ ତେବେ ଫେବୃୟାରୀ ୨୦ ତାରିଖ ଯାଏ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନାମଲେଖା ପ୍ରକ୍ରିୟାକୁ ଜାରି ରଖିପାରିବେ।

**ହାଇକୋର୍ଟରେ ନୟାଗଡ଼ ଚିନିକଲର ଶୁଣାଣି**

# ସତ୍ୟପାଠ, ସମ୍ପତ୍ତି ଆକଳନ ତାଲିକା ଦାଖଲ

**ନୟାଗଡ଼ ଅଫିସ,୪।୨**



- ଇଣ୍ଟରଭେନ୍‌ସନ୍‌ର ଆବେଦନ ବିଚାର ପାଇଁ ଗ୍ରହଣ
- ପୁଣି ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ୍

ହାଇକୋର୍ଟରେ ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର ଓ ବିଚାରପତି ବିଶ୍ୱରଞ୍ଜନ ରଥଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ନୟାଗଡ଼ ଚିନିକଲର ଭିଡିଓ କନ୍‌ଫରେନ୍ସ ମୋଡ୍‌ରେ ଶୁଣାଣି କରିଛନ୍ତି। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ସବିର ପଣ୍ଡା ଓକିଲଙ୍କ ଜରିଆରେ ଜାନୁୟାରୀ ୨୮ରେ ହୋଇଥିବା ଚିନିକଳ ସମ୍ପତ୍ତି ଆକଳନ ତାଲିକା ଦାଖଲ ସହ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିଥିଲେ। ଅପରପକ୍ଷରେ ଜିଲାପାଳ ଓ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକଙ୍କ ସତ୍ୟପାଠ ଉପରେ ସାନି ଜବାବ ଦାଖଲ କରିବା ପାଇଁ ନୟା ସୁଗାର କମ୍ପ୍ଲେକ୍ସ ଲିମିଟେଡର ମାଲିକ ତ୍ରୈଲୋକ୍ୟ ମିଶ୍ର ଖଣ୍ଡପୀଠଙ୍କ ଅନୁମତି ଲୋଡିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨କୁ ସ୍ଥିର ହୋଇଛି। ତେବେ ଶୁଣାଣି ଚାଲିଥିବା ସମୟରେ ନୟାଗଡ଼ର ଆଇନଜୀବୀ ରଣଜିତ ଦାଶଙ୍କ ଦ୍ୱାରା ୧୮୬୯/୧।୨।୨୦୨୧ର ଦାଖଲ ହୋଇଥିବା ଇଣ୍ଟର ଭେନ୍‌ସନ ପିଟିଶନକୁ ଖଣ୍ଡପୀଠ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷ ୟୁକୋ ବ୍ୟାଙ୍କ, ଜିଲାପାଳ, ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨ ଧାର୍ଯ୍ୟ ହୋଇଥିବାବେଳେ ସେହିଦିନ ଇଣ୍ଟରଭେନ୍‌ସନ ପିଟିଶନର ଜବାବ ଦାଖଲ ପାଇଁ କୁହାଯାଇଛି।

ଆଇନଜୀବୀ ରଣଜିତ୍ ଦାଶ ହାଇକୋର୍ଟରେ କରିଥିବା ଆବେଦନରେ ଦର୍ଶାଇଛନ୍ତି, ନୟାଗଡ଼ ଜିଲାରେ ୩୦ହଜାର ଆଖୁଚାଷୀ ପାଣିପୋଇଲାସ୍ଥିତ ନୟାଗଡ଼ ଚିନିକଳ ଉପରେ ନିର୍ଭରଶୀଳ ଥିଲେ। ଏଥିରେ ୧ଲକ୍ଷ ୨୦ହଜାର ଟନ ଆଖୁ ପେଡ଼ା ଯାଉଥିଲା। ଜିଲାର ହଜାର ହଜାର ଚାଷୀଙ୍କ ଅର୍ଥନୈତିକ ଅବସ୍ଥାରେ ସ୍ୱଚ୍ଛଳତା ଆସିଥିଲା। ଚିନିକଳ ବନ୍ଦ ହେବାପରଠାରୁ ଆଖୁ ଚାଷୀ ଓ ଚିନିକଳ କର୍ମଚାରୀ ବକେୟା ପ୍ରାପ୍ୟ ପାଇ ନାହାନ୍ତି। ଏପରି କି ସୁରକ୍ଷା ଅଭାବରୁ ଚିନିକଳରୁ ୨୫ କୋଟି ଟଙ୍କାର ପ୍ଲାଣ୍ଟ ମେଶିନାରୀ ଚୋରି ହୋଇଯାଇଛି। ଏହି ମୂଲ୍ୟବାନ ଯନ୍ତ୍ରାଂଶ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ସହ ଚିନିକଳରେ ପୋଲିସ ମୁତୟନ କରି ସୁରକ୍ଷା ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶ ଏଯାବତ୍ କାର୍ଯ୍ୟକାରୀ ହୋଇ ନାହିଁ। ଇତିମଧ୍ୟରେ ଆଖୁଚାଷୀମାନେ କାମ ହରାଇ ଦାଦନ ଚାଲିଗଲେଣି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ଜିଲାପାଳଙ୍କ ବିରୋଧରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବା ପାଇଁ ଇଣ୍ଟରଭେନ୍ସନ ପିଟିଶନରେ ଉଲ୍ଲେଖ ରହିଛି। ପୁଣି ୨୫କୋଟି ଟଙ୍କାର ଯନ୍ତ୍ରାଂଶ ଚୋରିର ତଦାରଖ ପାଇଁ ହାଇକୋର୍ଟଙ୍କ ଦ୍ୱାରା ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ, ଚିନିକଳକୁ ପୁନଃରୁଦ୍ଧାର କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆଖୁନ୍‌ଚାଷୀ ଓ ଚିନିକଳ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ପାଇବାର ବ୍ୟବସ୍ଥା କରିବାକୁ ଆବେଦନରେ ଦର୍ଶାଯାଇଛି।

**Sambalpur University Institute of Information Technology**
**Jyoti Vihar, Burla, Sambalpur, Odisha - 768019**
SUIIT
Advt. No. 99 / SUIIT Date. 03/ 02/ 2021

**WALK-IN-INTERVIEW**

Walk-in-interview is going to be held at SUIIT on date and time mentioned against each for the following teaching post on contractual basis for one semester (i.e. up to 31st May, 2021) with a consolidated remuneration.

| Name of the Post | No. of post | Date & time of Interview | Reporting time |
|---|---|---|---|
| Asst. Prof. in Mathematics | 01 | 09.02.2021 at 11.00 AM | 9.00 AM |

The details of qualifications, remuneration structure and application form are available at our website www.suiit.ac.in.

Sd/-
Director, SUIIT

**ODISHA ELECTRICITY REGULATORY COMMISSION**
Bidyut Niyamak Bhawan, Plot No. 4, Chunokoli, Sailashree Vihar, Bhubaneswar-751021
E-mail : orierc@rediffmail.com, Website :www.orierc.org

**MODIFICATION OF PUBLIC NOTICE**
**Case No. 76 of 2020**

Hearing Of NESCO Utility's Application on Aggregate Revenue Requirement (ARR), Wheeling Tariff & Retail Supply Tariff For the FY 2021-22 under S.62 of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2014.

In modification to the notice published in the newspapers on 31.01.2021 (Indian Express, Dharitri and Prameya) by OERC, it is hereby notified that pursuant to the Public Notice in the English and Odia dailies by NESCO Utility on 19.12.2020 with regard to its Aggregate Revenue Requirement, Wheeling Tariff & Retail Supply Tariff for the Financial Year 2021-22, the aforesaid applications will now be taken up for both admission and hearing along with another Case No. 80 of 2020 (for determination of open access charges for FY 2021-22) on 17.02.2021 at 10.30 AM in the Durbar Hall, Colletorate, Keonjhar-768001. The objections/ suggestions filed by the Organization/Persons whose names appear in this notice against the above stated application of NESCO Utility have been admitted by the Commission for hearing.

Both the applicant (NESCO Utility) and the Organizations/Persons whose objections/ suggestions are admitted by the Commission for hearing are hereby directed to be present in person or through their authorized representatives or duly constituted attorney before the Commission on the date, time & place mentioned above. Since, the hearing is taking place in the supply area of (NESCO Utility) and for the convenience of the consumers of the licensed area, the Commission has been pleased to allow such interested persons to put forth their objection/suggestion during hearing who shall register their name at Licensee's head quarter office by 15.02.2021. If any person is interested to take part in the hearing through virtual mode, he can do so by sending their e-mail ID/Whats app number one day before the hearing on e- mail address oerc.vc@gmail.com to facilitate providing links for hearing.

Dated:04.02.2021 **By Order of the Commission**
**Sd./- SECRETARY**

**N.B.:** (i) The above public notice with list of Organizations/Persons whose objections/suggestions have been admitted by the Commission for hearing is also available in OERC website **www.orierc.org**.

**NESCO Utility**

| | |
|---|---|
| 1 | Shri. Akshya Kumar Sahani, Retd. Electrical Inspector, GoO, B/L-108, VSS Nagar, Bhubaneswar - 75007. |
| 2 | M/s. Balasore Alloys Limited, Balgopalpur, Balasore-756020, Odisha. |
| 3 | Principal Chief Electrical Engineer, East Coast Railway, Rail Sadan, Chandrasekharpur, Bhubaneswar - 751017. |
| 4 | Sri Ananda Kumar Mohapatra, Power Analyst, S/o-Jachindranath Mohapatra, Plot No. 639/1021, Lane-2, Laxmi Vihar, P.O.- Bankual, Tankapani Road, P.S.- Saheed Nagar, Bhubaneswar, Dist.- Khurda - 751002. |
| 5 | M/s. Grinity Power Tech Pvt. Ltd., At-K-8-82, Kalinganagar, Ghatikia, Bhubaneswar-751029. |
| 6 | M/s. Visa Steel Limited, Kalinga Nagar Industrial Complex, At/P.O.- Jakhapura - 755026, Dist.- Jajpur, Odisha. |
| 7 | Shri Ramesh Ch. Satpathy, Secretary, National Institute of Indian Labour & President,Upobhokta Mahasangha, Plot No. 302(B), Beherasahi, Nayapalli, Bhubaneswar - 751012. |
| 8 | Er. (Dr.) P.K.Pradhan, Duplex-244, Manorama Estate, Rasulgarh, Bhubaneswar - 751010. |
| 9 | M/s. Indian Energy Exchange, Plot No. C-001/A/1, 9th Floor, Max Towers, Sector-16B, Noida, Gautam Buddha Nagar, Uttar Pradesh - 201301. |
| 10 | M/s. Tata Steel Limited, Kalinganagar Industrial Complex, Duburi, JK Road, Dist.-Jajpur - 755026. |
| 11 | Sri Prabhakar Dora, 3rd Lane, Vidya Nagar, Co-Operative Colony, Rayagada, Dist.- Rayagada - 765001. |
| 12 | Prasanta Kumar Panda, District Executive Member, BJP, At- Goudapada, P.O.- Jamujhadi, Via-Simulia, Dist.- Balasore - 756126. Email.ID-**prasantakp44@gmail.com** |

# ଭୁବନେଶ୍ୱରରୁ ସ୍କୁଟି, ପ୍ୟାଣ୍ଟଶାର୍ଟ ଜବତ

**ଭୁବନେଶ୍ୱର (ବ୍ୟୁରୋ), ଯାଜପୁର ଅଫିସ/ ରସୁଲପୁର, ୪।୨(ଡି.ଏନ୍.ଏ.)**

**ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

- ରାକେଶଙ୍କ ଭାଇ, ସମ୍ପର୍କୀୟ ଭାଇଙ୍କୁ ଯାଜପୁର ନେଇ ପଚରାଉଚରା
- ଏଟିଏମ୍ ଟଙ୍କା ଉଠାଣ ଫେରାର ସହଯୋଗୀଙ୍କୁ ଧରାଇବ



ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୧)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୯ଦିନ ବିତିଛି। ଦୁଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଗୁରୁବାର କୁଆଖିଆ ପୋଲିସକୁ ଆଉ ଏକ ସଫଳତା ମିଳିଛି। ଭୁବନେଶ୍ୱରରୁ ଯାଜପୁରକୁ ମୃତଦେହ ବୋହିବାରେ ବ୍ୟବହୃତ ସ୍କୁଟି (ନଂ.ଓଡି୦୨ବିପି୭୮୪୫) ଓ ଘଟଣାଦିନ ଅଭିଯୁକ୍ତମାନେ ପିନ୍ଧିଥିବା ପ୍ୟାଣ୍ଟଶାର୍ଟକୁ ପୋଲିସ ଜବତ କରିଛି। ବୁଧବାର ତଦନ୍ତ ପାଇଁ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଝରାଫୁଲଙ୍କ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ନେଇ ଭୁବନେଶ୍ୱର ଯାଇଥିଲା। ସୁନ୍ଦରପଦା ଅଞ୍ଚଳରେ ପହଞ୍ଚିବାବେଳେ ତାଙ୍କର ସବୁ ମିଛ ଧରା ପଡିଯାଇଥିଲା। ପୂର୍ବରୁ ସେ ସ୍କୁଟିକୁ ପିପିଲି ଅଞ୍ଚଳରେ ଲୁଚାଇ ରଖିଥିବା ପୋଲିସକୁ କହିଥିଲେ। ମାତ୍ର ଘଟଣାର ରିକ୍ରିଏଶନବେଳେ ପୋଲିସ ଆଗରେ ରାକେଶ ସତ ଓଗାଳି ଥିଲେ। ମୃତଦେହକୁ ଫିଙ୍ଗି ଦେଇ ଆସିବା ପରେ ସ୍କୁଟିକୁ ସେ ଘରଠାରୁ ଅନତି ଦୂର ଧୋବାଛକସ୍ଥିତ ଦୁଇଟି ପୋଖରୀ ହୁଡାରେ ଥିବା ବାଲିଗଦା ପାଖକୁ ନେଇ ପଲିଥିନ ଘୋଡାଇ ରଖିଥିଲେ। ଧରା ନ ପଡ଼ିବା ପାଇଁ ସ୍କୁଟିର ନମ୍ବର ପ୍ଲେଟ୍‌କୁ ଖୋଲି ଡିକି ଭିତରେ ରଖିଦେଇଥିଲେ। ଏପରିକି ରଙ୍ଗ ବଦଳାଇବା ସହ ବିକ୍ରି ପାଇଁ ମଧ୍ୟ ଯୋଜନା କରିଥିଲେ। ତେବେ ପୋଲିସ ଉକ୍ତ ସ୍କୁଟିକୁ ଠାବ କରିବା ପରେ କାଗଜପତ୍ର ଯାଞ୍ଚ କରିଥିଲା। ଗତ ଜାନୁୟାରୀ ୧୧ରେ ରାକେଶ ନିଜ ନାମରେ ଗାଡିଟିକୁ କିଣିଥିବା ଜଣାପଡିଛି। ଏଥିସହ ରାକେଶଙ୍କ ପ୍ୟାଣ୍ଟଶାର୍ଟକୁ ତାଙ୍କ ଘରୁ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଉକ୍ତ ପୋଷାକରୁ କିଛି ସୁରାକ ମିଳିପାରେ ବୋଲି ପୋଲିସ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ମୃତା ଝରାଫୁଲଙ୍କ ମୋବାଇଲ ଫୋନ୍ ଏଯାଏ ଠାବ କରିପାରିନି ପୋଲିସ। ଅଭିଯୁକ୍ତ ଦେଖାଇଥିବା ସ୍ଥାନରୁ ତାହା ମିଳି ନ ଥିବାରୁ ପୋଲିସ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଅଭିଯୁକ୍ତ ପୋଲିସକୁ ମିଛ କହିଥାଇପାରେ ବୋଲି ଅନୁମାନ କରାଯାଉଛି। ଗୁରୁବାର ରାକେଶଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି । ତେବେ ଅଭିଯୁକ୍ତ ଏଯାଏ ସତ କଥା କହୁ ନ ଥିବାରୁ ପୋଲିସ ଆହୁରି ଅଧିକ ଦିନ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିପାରେ ବୋଲି ସୂଚନା ମିଳିଛି।

ସେହିପରି ରାକେଶଙ୍କ ସହଯୋଗୀ ଏବେବି ଫେରାର ଅଛନ୍ତି। ସେ ବାରମ୍ବାର ସ୍ଥାନ ବଦଳାଉଥିବା ଜଣାପଡିଛି। ମୋବାଇଲ୍ ଫୋନ୍ ବନ୍ଦ ରହିଥିଲେ ମଧ୍ୟ ସେ ଏଟିଏମ୍‌ରୁ ଟଙ୍କା ଉଠାଉଥିବାରୁ ଆସୁଥିବା ମେସେଜ୍‌ରୁ ପୋଲିସ ତାଙ୍କ ଉପରେ କଡ଼ା ନଜର ରଖିଛି। ଖୁବ୍‌ଶୀଘ୍ର କିପରି ତାଙ୍କୁ ଗିରଫ କରାଯିବ ସେନେଇ ଖଣ୍ଡଗିରି ଥାନା ପୋଲିସ ଓ ଗଠିତ ସ୍ୱତନ୍ତ୍ର ଟିମ୍ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେ ଧରାପଡିବା ପରେ ଉଭୟଙ୍କୁ ମୁହାଁମୁହିଁ ପଚରାଉଚରା କରିବାକୁ ଯୋଜନା ରଖିଛି। ଏହା ଭିତରେ ଶବ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲେ ମଧ୍ୟ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପ୍ରକାଶ କରାଯାଉ ନାହିଁ। ଏପଟେ ଭିସେରା ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି। ଏହାପରେ ୨୬ ତାରିଖ ରାତିରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଧର୍ମବିହାରସ୍ଥିତ ଗେଷ୍ଟହାଉସ୍ ରୁମ୍ ନଂ.୨୦୧ରେ ଝରାଫୁଲଙ୍କ ସହିତ କ'ଣ ସବୁ ଘଟିଥିଲା ଓ ତାଙ୍କର ମୃତ୍ୟୁ କେମିତି ହୋଇଥିଲା ତାହାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।

୩ ଦିନିଆ ରିମାଣ୍ଡର ଶେଷଦିନରେ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କୁ ମାରାଥନ ଜେରା କରାଯାଇଛି। କୁଆଖିଆ ଥାନାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାଉରୀ ବନ୍ଧୁ ବେହେରା ଓ ତଦନ୍ତ ଅଧିକାରୀ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ପହଞ୍ଚି ରାକେଶଙ୍କ ସମେତ ତାଙ୍କ ଭାଇ ଓ ଅନ୍ୟଜଣେ ସମ୍ପର୍କୀୟ ଭାଇଙ୍କୁ ଆଣି ଥାନାରେ ପଚରାଉଚରା କରିଛି। ତେବେ ଦୁଇ ଭାଇଙ୍କୁ ଜେରା ପରେ ରାତିରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

# ଏକ ଭେଳିକି

ଚଳିତ ବର୍ଷ ଉପସ୍ଥାପନ କରାଯାଇଥିବା କେନ୍ଦ୍ର ବଜେଟ ଏକ ବ୍ୟୟ ସର୍ବସ୍ୱ ବୋଲି ଦାବି କରାଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ୧୦୦ ମିନିଟରୁ ଊର୍ଦ୍ଧ୍ୱ ସମୟର ବଜେଟ ଅଭିଭାଷଣରେ 'ଆମେ ବ୍ୟୟ କରିଛୁ, ଆମେ ବ୍ୟୟ କରିଛୁ, ଆମେ ବ୍ୟୟ କରିଛୁ ' ବୋଲି କହିଛନ୍ତି। ଦେଶକୁ ଏହା ବୁଝାଇବା ଉପରେ ସେ ଅଧିକ ଗୁରୁତ୍ୱ ଦେଇଛନ୍ତି। କୋଭିଡ୍ ଯୋଗୁ ଗତ ବର୍ଷ ବଜେଟର ଧାର୍ଯ୍ୟ ତୁଳନାରେ ୪.୧ ଲକ୍ଷ କୋଟି ଟଙ୍କା ଅଧିକ ବ୍ୟୟ କରିଥିବା ସରକାର ଦାବି କରିଛନ୍ତି। ଅତିରିକ୍ତ ଖର୍ଚ୍ଚ କରି ବଜେଟର ବ୍ୟୟକୁ ୧୩% ବୃଦ୍ଧି କରିବା ଯୋଗୁ ବିତ୍ତୀୟ ନିଅଣ୍ଟ ଅପ୍ରତ୍ୟାଶିତ ଭାବେ ୯.୫% ଛୁଇଁଛି। ବିତ୍ତୀୟ ନିଅଣ୍ଟ ଆସନ୍ତା ଆର୍ଥିକ ବର୍ଷରେ ୬.୮% ରହିବ ବୋଲି ଆକଳନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ବ୍ୟୟ ୧୪ % ଉପରେ ରହିବ ବୋଲି ଅନୁମାନ କରାଯାଇଥିବାବେଳେ ରାଜସ୍ୱ ୧୨% କମିବ ବୋଲି ଆକଳନ କରାଯାଉଛି। ତେବେ ବାସ୍ତବରେ ସରକାର ଅତିରିକ୍ତ ୪.୧ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ବୋଲି ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ୪.୧ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ମଧ୍ୟରୁ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଅତିରିକ୍ତ ଖାଦ୍ୟ ସବ୍‌ସିଡି ଉପରେ ଖର୍ଚ୍ଚ କରାଗଲା। ତେବେ କୋଭିଡ୍ ମହାମାରୀ ଯୋଗୁ ଲକ୍‌ଡାଉନର ପ୍ରାରମ୍ଭିକ ମାସଗୁଡ଼ିକରେ କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯିବାରେ ଏହି ଅତିରିକ୍ତ ଟଙ୍କା ଖର୍ଚ୍ଚ କରାଗଲା ବୋଲି ଭାବିବା ଭୁଲ୍। ପ୍ରକୃତ କଥା ହେଉଛି,ଏହି ଟଙ୍କାରୁ ପ୍ରାୟ ଅଧା ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ) ବା ଭାରତର ଖାଦ୍ୟ ନିଗମର ପୂର୍ବ ବକେୟା ବାବଦକୁ ଦିଆଗଲା। ଯଦି ଏହି ପରିମାଣକୁ ବାଦ ଦିଆଯାଏ ,ତେବେ ବାସ୍ତବରେ ୧ ଲକ୍ଷ କୋଟି ଟଙ୍କାରୁ ସାମାନ୍ୟ ଅଧିକ ଖର୍ଚ୍ଚ ହୋଇଥିଲା। ସେହିପରି ଅତିରିକ୍ତ ଖର୍ଚ୍ଚର ପ୍ରାୟ ୫୦,୦୦୦ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ଫର୍ଟିଲାଇଜର ଫାର୍ମଗୁଡ଼ିକର ପୁରୁଣା ବକେୟା ଭରଣାରେ ଗଲା। ଅର୍ଥାତ୍ ସରକାର ଦାବି କରୁଥିବା ଅତିରିକ୍ତ ଖର୍ଚ୍ଚ ପ୍ରକୃତରେ ୧.୩ ଲକ୍ଷ କୋଟି ଏବଂ ୧.୪ ଲକ୍ଷ କୋଟି ଟଙ୍କା ମଧ୍ୟରେ କରାଯାଇଛି। ଅନ୍ୟ ଅର୍ଥରେ ମୋଟ ଘରୋଇ ଉତ୍ପାଦ( ଜିଡିପି)ର ମାତ୍ର ୦.୭% ବ୍ୟୟ କରାଯାଇଛି।

### ଆଜିର ଅର୍ଥନୀତି

ଚଳିତ ବଜେଟରେ ଗତ ବର୍ଷ ବଜେଟ ଠାରୁ ୪.୪ ଲକ୍ଷ କୋଟି ଟଙ୍କା ଅଧିକ ବ୍ୟୟବୃଦ୍ଧିର କଥା ଯାହା କୁହାଯାଉଛି ତାହାକୁ ଲକ୍ଷ୍ୟ କଲେ ଜଣାପଡେ ଯେ, ଏହାର ଏକ ସିଂହଭାଗ ଏଫ୍‌ସିଆଇର ବହୁଦିନ ଧରି ପଡିରହିଥିବା ବକେୟା ଶୁଝିବାରେ ଯିବ। ଏଣୁ ଆସନ୍ତା ଆର୍ଥିକ ବର୍ଷରେ ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ଅଧିକ ବ୍ୟୟ କରାଯିବାର ଯେଉଁ ବଡ଼ ଧରଣର ଦାବି କରାଯାଉଛି ତାହା ଆଦୌ ସତ ନୁହେଁ। ଆସନ୍ତା ଆର୍ଥିକ ବର୍ଷରେ ସରକାର ଅଧିକ ପୁଞ୍ଜି ଖର୍ଚ୍ଚ କରିବେ ବୋଲି ଅର୍ଥମନ୍ତ୍ରୀ ମଧ୍ୟ ଜୋର ଦେଇ କହିଲେ। ପୁଞ୍ଜି ଆକାରରେ ୫.୫୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। କିନ୍ତୁ ଏହାର ଏକ ସିଂହଭାଗ ଆଗକୁ ନିର୍ବାଚନ ହେବାକୁ ଥିବା ୪ଟି ରାଜ୍ୟ ତାମିଲନାଡୁ, ପଶ୍ଚିମବଙ୍ଗ,କେରଳ ଏବଂ ଆସାମକୁ ଦିଆଯିବ । ଯେଉଁ ବଡ଼ ଧରଣର ପୁଞ୍ଜି କଥା କୁହାଯାଉଛି ସେଥିରୁ୨.୨୭ ଲକ୍ଷ କୋଟି ଟଙ୍କା ଏହି ୪ଟି ରାଜ୍ୟ ପାଇବେ ଏବଂ ରେଳ ଭିତ୍ତିଭୂମି ପାଇଁ ୧.୦୮ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରାଯିବ। ଅର୍ଥମନ୍ତ୍ରୀ କହିଲେ ଯେ,ଏଭଳି ବ୍ୟୟବୃଦ୍ଧି ଅର୍ଥ ବ୍ୟବସ୍ଥାରେ ଚାହିଦା ଏବଂ ନିଯୁକ୍ତି ସୃଷ୍ଟିକୁ ଲକ୍ଷ୍ୟ କରି କରାଯାଇଛି। କିନ୍ତୁ ଏହା ଯଦି ହୁଏ, ତେବେ ଏସବୁ ଦେଶସାରା ନୁହେଁ, ବରଂ ନିର୍ବାଚନ ହେବାକୁ ଥିବା ୪ଟି ରାଜ୍ୟରେ ହିଁ ହେବ। ଯେଉଁଭଳି ଭାବେ ଏହାକୁ ଉପସ୍ଥାପନ କରାଗଲା ତାହା ଏକ ଧାରଣା ସୃଷ୍ଟି କଲା ଯେ, ସତେ ଯେମିତି ବିପୁଳ ପରିମାଣର ଅର୍ଥ ଦେଶର ଭିତ୍ତିଭୂମି ବିକାଶର ଖର୍ଚ୍ଚ ଲାଗି ଉଦ୍ଦିଷ୍ଟ। ପୂରା ପ୍ରକ୍ରିୟାଟି କିଛି ନ ଥିଲା ବରଂ ଏହା ଥିଲା ଏକ ଭେଳିକି। ଏକ ବିଶ୍ୱସ୍ତରୀୟ ସଙ୍କଟରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ହେଲା ଏବଂ ଏବେ ବି ମୃତ୍ୟୁ ଜାରି ରହିଛି। ଏହି ସମୟରେ ଏହି ବଜେଟ ଏକ ଦୀର୍ଘମିଆଦୀ ସଂସ୍କାର ଆଣିବ ବୋଲି ଆମେ ଆଶା କରୁଥିଲୁ। ଶେୟାର ବଜାର ବି ଉଚ୍ଚରେ ରହିଥିଲା। ସରକାରଙ୍କ ସମ୍ବଳ ସୀମିତ ଥିବାରୁ ଏହି ବଜେଟ ଏକ କଠିନ ବଜେଟ ହେବ ବୋଲି ଲୋକମାନେ ଅଳ୍ପ ବହୁତେ ଭାବି ନେଇଥିଲେ। ଏକ କଠିନ ସମୟ ଏକ କଠିନ ନିଷ୍ପତ୍ତି ଦାବି କରେ। କିନ୍ତୁ କେନ୍ଦ୍ର ଅର୍ଥମନ୍ତ୍ରୀ ସମ୍ପୂର୍ଣ୍ଣ ବଜେଟ ଅଭିଭାଷଣରେ ସରକାରୀ ସମ୍ପତ୍ତି ବିକ୍ରି ବା ପୁଞ୍ଜିପ୍ରତ୍ୟାହର ପାଇଁ ନିଆଯାଇଥିବା ଠୋସ ପଦକ୍ଷେପ ବ୍ୟତୀତ ଆଉ କୌଣସି ବଡ଼ ଘୋଷଣା କରି ନ ଥିଲେ। ସରକାରୀ ସମ୍ପତ୍ତି ବିକ୍ରି କରି ଏକ କଠିନ ପରିସ୍ଥିତିକୁ ମୁକାବିଲା କରିବା ଏକ ବାହାଦୁରି ନୁହେଁ, ଏହା ଯେ କେହି ଯେ କୌଣସି ସମୟରେ କରିପାରିବେ। ସରକାର ଏହା ହିଁ କରୁଛନ୍ତି। ଏହାବାଦ୍ ଯାହା ରହିଲା ତାହା ପୂରା ଫମ୍ପା ହେଲେ ବି ତାହାକୁ ବଡ଼ କରି ଉପସ୍ଥାପନ କରାଯିବାର ବାହାନା କରାଯାଉଛି।

# ବଜେଟରେ ଅନ୍ନଦାତାଙ୍କୁ ପ୍ରତାରଣା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟକୁ ସଂସଦରେ ଉପସ୍ଥାପିତ କରିଛନ୍ତି। କରୋନା ମହାମାରୀ ଓ ତଜ୍ଜନିତ ଲକ୍‌ଡାଉନ୍ ଫଳରେ ଦେଶର ସାଧାରଣ ଜନତାଙ୍କ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ଚଳିତ ବଜେଟ ପ୍ରତି ଦେଶବାସୀଙ୍କ ଅନେକ ଆଶା ଓ ଆଶଙ୍କା ରହିଥିଲା। ବିଶେଷକରି କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନର ପ୍ରତ୍ୟାହାର ଏବଂ ଏମ୍‌ଏସ୍‌ପି ନେଇ ଆଇନ ପ୍ରଣୟନ କରିବା ଦାବିରେ ଦେଶବ୍ୟାପୀ କୃଷକମାନଙ୍କ ଅଭୂତପୂର୍ବ ଆନ୍ଦୋଳନ ଚାଲିଥିବାରୁ ସରକାର ସେମାନଙ୍କୁ ସନ୍ତୁଷ୍ଟ କରିବାକୁ କିଛି ଆଖିଦୃଶିଆ ଘୋଷଣା କରିବେ ବୋଲି ଅନେକେ ଆଶା କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀଙ୍କ ଚଳିତ ବଜେଟ ଦେଶର ଅନ୍ନଦାତା କୁହାଯାଉଥିବା କୃଷକମାନଙ୍କୁ କେବଳ ନିରାଶ କରିନି ବରଂ ପ୍ରତାରିତ କରିଛି ବୋଲି କୁହାଯାଇପାରେ।

କ୍ଷମତାକୁ ଆସିବା ପୂର୍ବରୁ ମୋଦି ଓ ତାଙ୍କ ଦଳ ଦେଶରେ କୃଷି ସଙ୍କଟର ସମାଧାନ ସହ କୃଷକଙ୍କ ପାଇଁ ଅଚ୍ଛେ ଦିନ୍ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅନୁଯାୟୀ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ମୂଲ୍ୟ ଦେବା, ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟକୁ ଦୁଇଗୁଣ କରିବାର ଦମ୍ଭୋକ୍ତିକୁ ବାରମ୍ବାର ଦୋହରାଇଛନ୍ତି। କିନ୍ତୁ ଗତ ପ୍ରାୟ ସାତ ବର୍ଷର ଶାସନ କାଳରେ ନା ସ୍ୱାମୀନାଥନ୍ କମିଶନଙ୍କ ପ୍ରତିଶ୍ରୁତିକୁ ଲାଗୁ କରାଗଲା, ନା ଆସନ୍ତା ବର୍ଷ ସୁଦ୍ଧା କୃଷକଙ୍କ ଆୟକୁ ଦୁଇ ଗୁଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଗଲା। ବରଂ ମହାମାରୀ ସମୟରେ ଲୋକଙ୍କୁ ଗୃହବନ୍ଦୀ କରି ସରକାର କୃଷି ସଂସ୍କାର ନାଁରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ଯେଉଁ ତିନୋଟି ଆଇନକୁ ଅଗଣତାନ୍ତ୍ରିକ ଭାବେ ଆଣି ଚାଷୀଙ୍କ ଉପରେ ଲଦିଦେଲେ ତାରି ଫଳରେ ଦେଶର ଅନ୍ନଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗତ ଦୁଇ ମାସରୁ ଅଧିକ ସମୟ ଧରି ଦେଶର ଲକ୍ଷ ଲକ୍ଷ ଚାଷୀ ଦିଲ୍ଲୀ ସୀମାନ୍ତରେ ଆନ୍ଦୋଳନ କରୁଥିବା ବେଳେ ଦେଶବ୍ୟାପୀ କୃଷକମାନଙ୍କ ଆନ୍ଦୋଳନ ଅବ୍ୟାହତ ରହିଛି।

ସରକାରଙ୍କ ପାଇଁ ଦେଶର କୋଟି କୋଟି କୃଷକଙ୍କ ଅପେକ୍ଷା ହାତଗଣତି ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ଙ୍କ ସ୍ୱାର୍ଥ ଯେ ସର୍ବୋପରି ଚଳିତ ବଜେଟରୁ ପୁଣିଥରେ ପ୍ରମାଣିତ ହୋଇଯାଇଛି। ଅନ୍ତର୍ଜାତୀୟ ସଂସ୍ଥା ଅକ୍ସଫାମ୍‌ର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ମହାମାରୀ ସମୟରେ ଦେଶର କର୍ପୋରେଟ୍‌ମାନଙ୍କ ଆୟରେ ୩୫% ବୃଦ୍ଧି ଘଟିଛି। ଅର୍ଥାତ୍ କାହାର ପୁଷମାସ ତ କାହାର ସର୍ବନାଶ ଭଳି ଦେଶର କୋଟି କୋଟି ସାଧାରଣ ଜନତା ଅତ୍ୟନ୍ତ ଦୁର୍ଦ୍ଦଶାରେ ରହିଥିବା ବେଳେ ଦେଶର କର୍ପୋରେଟ୍‌ମାନେ ବିପୁଳ ଆୟ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ମହାମାରୀ ଯୋଗୁ ଆୟ ସଙ୍କଟର ସାମ୍ନା କରୁଥିବା ସରକାର ନିଜର ଆୟବୃଦ୍ଧି ପାଇଁ ଚଳିତ ବଜେଟରେ ଏହି ଅଧିକ ଆୟ କରିଥିବା ଧନାଢ୍ୟ ବର୍ଗଙ୍କ ଉପରେ କୌଣସି ନୂତନ କିମ୍ବା ଅତିରିକ୍ତ ଟିକସ ବସାଇବା ପରିବର୍ତ୍ତେ ଦେଶର ସାଧାରଣ ଜନତାଙ୍କ ଉପରେ ହିଁ ଟିକସର ବୋଝକୁ ଲଦିବାକୁ ଚେଷ୍ଟା କରିଛନ୍ତି। କୃଷକଙ୍କ ନାଁରେ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭକରି ଅନେକ ପଦାର୍ଥ ଉପରେ କୃଷି ସେସ୍ ଧାର୍ଯ୍ୟ କରାଯାଇ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝକୁ ବଢ଼ାଯାଇଥିବା ବେଳେ ଓଲଟା କର୍ପୋରେଟ୍‌ମାନଙ୍କ ପାଇଁ ଭଣ୍ଡାର ଖୋଲି ଦିଆଯାଇଛି। ବଜେଟରେ ନିଅଣ୍ଟକୁ ଭରଣା କରିବାକୁ କୃଷି ଏବଂ ସାମାଜିକ କ୍ଷେତ୍ରରେ ବ୍ୟାପକ ଖର୍ଚ୍ଚକାଟ କରାଯାଇଛି।

ଦେଶରେ କୃଷକଙ୍କ ଲଗାତର ଆନ୍ଦୋଳନ କାରଣରୁ ତଥା ସରକାରଙ୍କ ବହୁ ପ୍ରଚାରିତ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦୃଷ୍ଟିରୁ ଚଳିତ ବଜେଟରେ କୃଷି ଓ କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ବାବଦରେ ବ୍ୟୟବରାଦ ଗତବର୍ଷ ତୁଳନାରେ ଅନେକ ବୃଦ୍ଧି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବଜେଟରେ ମୋଟ ବ୍ୟୟବରାଦ ଗତବର୍ଷର ୩୦.୪୨ ଲକ୍ଷ କୋଟିରୁ ଚଳିତ ବର୍ଷ ୩୩.୮ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଥିବା ବେଳେ ଦେଶର ଜିଡିପିର ୧୫% ରୂପେ ପରିଚିତ କୃଷିକ୍ଷେତ୍ର ପାଇଁ ବ୍ୟୟବରାଦ ଗତବର୍ଷ ୫.୧% ରହିଥିବା ବେଳେ ଚଳିତ ବର୍ଷ ତାହା ୪.୩%କୁ ହ୍ରାସ କରାଯାଇଛି। ୨୦୨୦-୨୧ ବଜେଟରେ ସରକାର ଏ ବାବଦରେ ୧.୫୪ ଲକ୍ଷ କୋଟି ବ୍ୟୟବରାଦ କରିଥିବା ବେଳେ ଚଳିତ ବଜେଟରେ କିନ୍ତୁ ୧.୪୮ ଲକ୍ଷ କୋଟିକୁ ହ୍ରାସ କରିଛନ୍ତି। ଯଦିଓ ଗତବର୍ଷ ତୁଳନାରେ ଏହି ହ୍ରାସର ହାର ୮% ରହିଥିଲେ ମଧ୍ୟ ମୁଦ୍ରାସ୍ଫୀତିକୁ ଦେଖିଲେ ତାହା ବହୁ ଅଧିକ ହେବ। କୃଷିଋଣର ପରିମାଣ ୧୬ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଥିଲେ ମଧ୍ୟ ତା' ସୁଧର ହାରରେ ଦିଆଯାଉଥିବା ରିହାତିକୁ ୨୧, ୧୭୫ କୋଟିରୁ ୧୯,୪୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି।

ସରକାର ବଜେଟରେ ନିଜର ବହୁ ପ୍ରଚାରିତ ପିଏମ୍ କିଷାନ୍ ଯୋଜନାର ବ୍ୟୟବରାଦକୁ ମଧ୍ୟ ହ୍ରାସ କରିଛନ୍ତି। ଗତବର୍ଷ ଏ ବାବଦରେ ସରକାର ୭୫ ହଜାର କୋଟି ବ୍ୟୟବରାଦ କରିଥିବା ବେଳେ ଚଳିତ ବଜେଟରେ ତାକୁ ୧୩% କମାଇ ୬୫ ହଜାର କୋଟି କରିଛନ୍ତି। ଏହା ବ୍ୟତୀତ କୃଷକଙ୍କୁ ସେମାନଙ୍କ ଉତ୍ପାଦର ଉପଯୁକ୍ତ ଦର ଦେବାକୁ ଉଦ୍ଦିଷ୍ଟ ନାମକୁ ମାତ୍ର ଯୋଜନା ପ୍ରଧାନମନ୍ତ୍ରୀ ଆୟ ସଂରକ୍ଷଣ ଅଭିଯାନ (ପିଏମ୍-ଆଶା) ଯୋଜନାରେ ମଧ୍ୟ ୨୦୧୯-୨୦ରେ ୧୫୦୦ କୋଟି ଓ ୨୦୨୦-୨୧ରେ ୫୦୦ କୋଟି ବ୍ୟୟବରାଦ କରିଥିବା ବେଳେ ୨୦୨୧-୨୨ ବଜେଟରେ ତାକୁ ୪୦୦ କୋଟିକୁ ହ୍ରାସ କରାଯାଇଛି। କୃଷକଙ୍କୁ ଫସଲର ଅଭାବୀ ବିକ୍ରିରୁ ସୁରକ୍ଷା ଦେବାକୁ ଉଦ୍ଦିଷ୍ଟ ଆଉ ଏକ ଯୋଜନା ବଜାର ହସ୍ତକ୍ଷେପ ଯୋଜନା (ଏମ୍‌ଆଇଏସ୍)ରେ ୨୦୧୯-୨୦ରେ ୩୦୦୦କୋଟି, ୨୦୨୦-୨୧ରେ ୨୦୦୦ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବଜେଟରେ ତାକୁ ୧୫୦୧ କୋଟିକୁ ହ୍ରାସ କରାଯାଇଛି। ଦେଶରେ ସମସ୍ତ କୃଷି ଉତ୍ପାଦର ସହାୟକ ଦର ପାଇଁ ଆଇନ କରିବାକୁ କୃଷକମାନେ ଆନ୍ଦୋଳନ ଚଳାଇଥିବା ବେଳେ ଏହି ପଦକ୍ଷେପ କୃଷକଙ୍କ ଆୟବୃଦ୍ଧି ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଉଜାଗର କରୁଛି।

ଦେଶର ଗ୍ରାମାଞ୍ଚଳରେ ରହୁଥିବା କୃଷି ଶ୍ରମିକ ଓ ନାମମାତ୍ର କୃଷକଙ୍କୁ ବର୍ଷକୁ ଶହେ ଦିନ ରୋଜଗାର ଦେବା ପାଇଁ ଉଦ୍ଦିଷ୍ଟ ମନରେଗା ଯୋଜନା ବି ସରକାରଙ୍କ ଖର୍ଚ୍ଚକାଟରୁ ବାଦ ପଡ଼ିନି। ଖୋଦ ପ୍ରଧାନମନ୍ତ୍ରୀ ଅତୀତରେ ଏହି ଯୋଜନା ନେଇ ସଂସଦରେ ଅନେକ କଟାକ୍ଷ କରିଥିଲେ ମଧ୍ୟ ମହାମାରୀ ସମୟରେ ଲକ୍‌ଡାଉନ୍ ଯୋଗୁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଘରକୁ ଫେରିଥିବା ଦେଶର କୋଟି କୋଟି ଶ୍ରମିକଙ୍କୁ ତୁରନ୍ତ ରୋଜଗାର ଦେବାରେ ଏହା ଏକମାତ୍ର ବିକଳ୍ପ ଭାବେ କାମ କରିଥିଲା। ଏପରିକି ଗତ ବଜେଟରେ ସରକାର ଏହା ବାବଦରେ ୬୧,୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ ମଧ୍ୟ ସଂଶୋଧିତ ହିସାବ ଅନୁଯାୟୀ ସେ ବାବଦରେ ଏଯାଏ ମୋଟ ୧,୧୧,୫୦୦ କୋଟି ଟଙ୍କା ବ୍ୟୟ ହୋଇସାରିଛି। ଏଭଳି ସ୍ଥଳେ ସରକାର ଚଳିତ ବଜେଟରେ ଗତବର୍ଷର ମୋଟ ବ୍ୟୟର ୪୨% ହ୍ରାସ କରି ମାତ୍ର ୭୩,୦୦୦ କୋଟି ବ୍ୟୟବରାଦ କରିଛନ୍ତି। ଏଭଳି ପଦକ୍ଷେପ ଦେଶର ଗ୍ରାମାଞ୍ଚଳର ଗରିବ କୃଷି ଶ୍ରମିକ ଏବଂ ନାମମାତ୍ର କୃଷକଙ୍କ ଆୟକୁ ପ୍ରଭାବିତ କରିବାକୁ ଯାଉଛି।

ଖାଦ୍ୟ ସୁରକ୍ଷାର ଅଭାବକୁ ସାମ୍ନା କରୁଥିବା ଦେଶର ଗ୍ରାମାଞ୍ଚଳର ୭୫% ଓ ସହରାଞ୍ଚଳର ୫୦% ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ନାଁରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ଏହି କ୍ରମରେ ପ୍ରତ୍ୟେକ ବ୍ୟକ୍ତିକୁ ମାସିକ ପାଞ୍ଚ କିଲୋ ଖାଦ୍ୟଶସ୍ୟ ସୁଲଭ ଦରରେ (ଓଡ଼ିଶାରେ କିଲୋ ପ୍ରତି ଏକ ଟଙ୍କାରେ) ଯୋଗାଇ ଦିଆଯାଉଛି। ପର୍ଯ୍ୟାପ୍ତ ନହେଲେ ବି ଏହି କାର୍ଯ୍ୟକ୍ରମରେ ମିଳୁଥିବା ଖାଦ୍ୟଶସ୍ୟ ଦେଶର କୋଟି କୋଟି ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଯୋଗାଇବାରେ ସହାୟକ ହୋଇଆସିଛି। କିନ୍ତୁ ଦେଶୀ ବିଦେଶୀ ବଡ଼ କର୍ପୋରେଟ୍‌ଙ୍କ ଖାଦ୍ୟଶସ୍ୟ ବ୍ୟବସାୟକୁ ସୁଗମ କରିବାକୁ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଆଣିଥିବା ମୋଦି ସରକାର ଦେଶର ଖାଦ୍ୟ ସୁରକ୍ଷା ଯୋଜନାରେ କରୁଥିବା ବ୍ୟୟରେ ବଡ଼ ଧରଣର କାଟ କରିଛନ୍ତି। ୨୦୨୦-୨୧ ବଜେଟରେ ଖାଦ୍ୟ ସୁରକ୍ଷା ବାବଦରେ ୩,୪୪,୦୭୭ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ୨୦୨୧-୨୨ ବଜେଟରେ ତାକୁ ୨,୦୨,୬୧୬ କୋଟିକୁ ହ୍ରାସ କରିଛନ୍ତି। ଦେଶର ଖାଦ୍ୟ ସୁରକ୍ଷା ବାବଦରେ ଏତେବଡ଼ ଖର୍ଚ୍ଚକାଟ ଦରବୃଦ୍ଧି ଓ ବେରୋଜଗାରୀର ଶିକାର ଦେଶର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ଯେ ଗୁରୁତର ଭାବେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ।

ଭୟଙ୍କର ସଙ୍କଟର ସାମ୍ନା କରୁଥିବା ଦେଶର କୃଷି ଏବଂ କୃଷକଙ୍କୁ ସହାୟତା ଦେବାରେ ଚଳିତ ବଜେଟ ଏକଦମ୍ ବିଫଳ ହୋଇଛି। କୃଷି ସଙ୍କଟର ସମାଧାନ ପାଇଁ ଗୋଟିଏ ପଟେ ଉତ୍ପାଦନ ଖର୍ଚ୍ଚକୁ ହ୍ରାସ କରିବା ଏବଂ କୃଷକଙ୍କୁ ଫସଲର ଉପଯୁକ୍ତ ଦର ନିଶ୍ଚିତ କରିବା ଜରୁରୀ ହୋଇଥିବା ବେଳେ ଚଳିତ ବଜେଟ ଏ ଦିଗରେ ସରକାରଙ୍କ ଅସହାୟତାକୁ ଦେଖାଉଛି। ଦେଶରେ ପେଟ୍ରୋଲ, ଡିଜେଲ ଦରରେ ଲଗାତର ବୃଦ୍ଧି ଫସଲର ଉତ୍ପାଦନ ଖର୍ଚ୍ଚକୁ ବଢ଼େଇ ଚାଲିଥିବା ବେଳେ ବଜେଟରେ ଫସଲର ଏମ୍‌ଏସ୍‌ପି ବୃଦ୍ଧି ନେଇ କୌଣସି ବଡ଼ ଘୋଷଣା କରାଯାଇନି। ବୋଧହୁଏ, କୃଷି ଆଇନ ଜରିଆରେ ସରକାର ଦେଶର କୃଷକମାନଙ୍କ ପାଇଁ ଅଧିକ ଚିନ୍ତା ନ କରି ସେମାନଙ୍କୁ କର୍ପୋରେଟ୍‌ଙ୍କ ଦୟାରେ ଛାଡ଼ିଦେଇଛନ୍ତି।

ମୋ:୯୪୩୭୧୬୬୩୯୧

# ଗଜମୋତି ପାନ



ସୁବାସ ତାରଣିଆଁ

କେଉଁ ଆବହମାନ କାଳରୁ ଆମ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଗୁଣିଗାରେଡ଼ି ପ୍ରଚଳିତ ରହିଆସିଛି। ଭଲ ଫସଲ ଅମଳ ପାଇଁ କ୍ଷେତରେ ବଳି ଦିଆଯାଉଛି ତ କେଉଁଠି ରିଷ୍ଟ ଖଣ୍ଡନ, ମନସ୍କାମନା ପୂରଣ ପାଇଁ ଦେବଦେବୀଙ୍କ ପାଖରେ ପଶୁବଳି ଦିଆଯାଉଛି। ଆଉ କେଉଁଠି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନରବଳି ମଧ୍ୟ ଦିଆଯାଉଛି। ଏବେ ବିଜ୍ଞାନ ଯୁଗରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ମହାମାରୀ ଅସାଧ୍ୟ ରୋଗରୁ ଉପଶମ ପାଇବା ପାଇଁ ଲୋକମାନେ ଗୁଣିଗାରେଡ଼ି, ତାନ୍ତ୍ରିକ ଓ ଭଣ୍ଡବାବାଙ୍କ ଉପରେ ବିଶ୍ୱାସ କରନ୍ତି। କିଛିଦିନ ତଳେ ଯାଜପୁର ଜିଲା ଦାନଗଦି ଥାନା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ଗୁଣିଗାରେଡ଼ି ସନ୍ଦେହରେ ଆମ ସମାଜରେ ଏପରି ହତ୍ୟାକାଣ୍ଡ କିଛି ନୂଆ କଥା ନୁହେଁ। ଶହ ଶହ ସଂଖ୍ୟାରେ ଏପରି ଅଘଟଣ ଘଟିଚାଲିଛି। କାହାର ଦେହ ଦୀର୍ଘଦିନ ଧରି ଖରାପ ରହି ମୃତ୍ୟୁବରଣ କଲେ ସେମାନେ ଗୁଣିଗାରେଡ଼ି କରାଯାଇଥିବା ବିଶ୍ୱାସ କରନ୍ତି। ବିଶେଷକରି ଅନେକ ଦୁର୍ଗମ ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇପଡ଼ିଛି। ସେସବୁ ଅଞ୍ଚଳକୁ ଗମନାଗମନର ସୁବିଧା ନାହିଁ କିମ୍ବା ସ୍ୱାସ୍ଥ୍ୟସେବାର ସୁଯୋଗ ନାହିଁ। ଫଳରେ ସେମାନେ ଗୁଣିଗାରେଡ଼ି ଉପରେ ବିଶ୍ୱାସ କରିବାକୁ ବାଧ୍ୟ ହୁଅନ୍ତି। ଆଜିର ଡିଜିଟାଲ ଯୁଗରେ ମଣିଷ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଏଭଳି ବସା ବାନ୍ଧିଛି ଯେ, ତାହା ବିଲୋପ ହେବା କାଠିକର ପାଠ ହୋଇପଡ଼ିଛି। ସେହିପରି ରାଜନୈତିକ ନେତାମାନେ ନିଜର ରିଷ୍ଟ ଖଣ୍ଡନ ପାଇଁ ତଥା ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଦୀର୍ଘବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବା ପାଇଁ ପଶୁପକ୍ଷୀଙ୍କୁ ବଳି ଦେବା,ଭଣ୍ଡବାବା ଓ ତାନ୍ତ୍ରିକମାନଙ୍କୁ ଦାମୀ ଉପହାର, ପ୍ରଚୁର ଅର୍ଥ ପ୍ରଦାନ କରିବାର ଅନେକ ନଜିର ରହିଛି। ପ୍ରତିଦିନ ଖବରକାଗଜର ପୃଷ୍ଠା ଲେଉଟାଇଲେ ଆଖି ସାମ୍ନାରେ ପଡ଼େ ଗୁଣି ଗାରେଡ଼ି ସନ୍ଦେହରେ ହାତ୍ୟା ଘଟଣା। ଏସବୁକୁ ଅନୁଧ୍ୟାନ କଲେ, ଜଣାଯାଏ ଯେ, ନିଜର ହୀନ ଚରିତାର୍ଥ ଏବଂ ରିଷ୍ଟ ଖଣ୍ଡନ ପାଇଁ କେତେ ଯେ ନିରୀହ ପଶୁ, ପକ୍ଷୀ ଓ ମଣିଷଙ୍କୁ ହତ୍ୟା କରାଯାଉଛି ତାହା କଳନା କରିବା କଷ୍ଟସାଧ୍ୟ।

ବହୁ ବର୍ଷ ପୂର୍ବେ ନେପାଳର ତତ୍କାଳୀନ ରାଜା ଓଡ଼ିଶା ଭ୍ରମଣରେ ଆସି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ମନ୍ଦିରର କାରୁକାର୍ଯ୍ୟ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ଐତିହ୍ୟ ବିଷୟରେ ଜାଣି ସେ ଏତେ ଭାବବିହ୍ୱଳ ହୋଇଯାଇଥିଲେ ଯେ, ଜଗନ୍ନାଥଙ୍କ ସେଦିନର ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ପଣ୍ଡାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏକଥା ଶୁଣି ପଣ୍ଡାମାନେ ଶ୍ରୀଜଗନ୍ନାଥଙ୍କ ପାଖରେ ଗୁହାରି ପଡ଼ି ମହାପ୍ରଭୁଙ୍କୁ ନେପାଳ ରାଜାଙ୍କ କଥା ଜଣାଇଲେ। ପ୍ରଭୁ ଜଗନ୍ନାଥ ନେପାଳ ରାଜାଙ୍କୁ ପରୀକ୍ଷା କରିବା ପାଇଁ ପଣ୍ଡାମାନଙ୍କୁ ସ୍ୱପ୍ନାଦେଶ କଲେ, ଯାଅ ନେପାଳ ରାଜାଙ୍କୁ କହିବ ମୋ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ବହନ କରିବାର ଆବଶ୍ୟକ ନାହିଁ, ଯଦି ସେ ଇଚ୍ଛାପ୍ରକାଶ କରୁଛନ୍ତି, ତେବେ ମୋ ପାଇଁ ଗଜମୋତି ଚୂନ ଲଗା ଖଣ୍ଡିଏ ପାନ ଦିଅନ୍ତୁ। ପଣ୍ଡାମାନେ ଜଗନ୍ନାଥଙ୍କ ବାଣୀକୁ ନେପାଳ ରାଜାଙ୍କ ଆଗରେ ପ୍ରକାଶ କରିବାରୁ, ମହାରାଜ ମନେ ମନେ ଭାବିଥିଲେ, କିଛି ଦାମୀ ଜିନିଷ ବଦଳରେ ଏଇ ସାମାନ୍ୟ ଗଜମୋତି ଚୂନ ଲଗା ପାନ ଖଣ୍ଡିଏ ମାଗିଥିବାରୁ ମହାପ୍ରଭୁଙ୍କ ପାଇଁ ଗଜମୋତି ଚୂନ ଲଗା ପାନ ଖଣ୍ଡିଏ ଦେବା ପାଇଁ ଗର୍ବ ଓ ଦମ୍ଭପଣରେ ପଣ୍ଡାମାନଙ୍କୁ କହି ପ୍ରଭୁ ଜଗନ୍ନାଥଙ୍କଠାରୁ ବିଦାୟ ନେଇ ନିଜ ଦେଶ ନେପାଳ ଅଭିମୁଖେ ଯାତ୍ରା କରିଥିଲେ। ପୁରାଣ ଶାସ୍ତ୍ର ଅନୁସାରେ ଗଜମୋତି ସାଧାରଣତଃ ହାତୀଙ୍କ ମୁଣ୍ଡରୁ ମିଳିଥାଏ ଏବଂ ଏହା ଏପରି ଏକ ଦୁର୍ଲଭ ଜିନିଷ ଯେ, କୋଟିଏ ହାତୀଙ୍କ ମୁଣ୍ଡରୁ ଗୋଟିଏ ଗଜମୋତି ମିଳିବା ବି ବିରଳ। ନିଜ ଦେଶ ନେପାଳରେ ପହଞ୍ଚି ମହାରାଜ ତାଙ୍କ ପ୍ରଜାମାନଙ୍କୁ ଆଦେଶ ଦେଲେ ଯେ, ମୁଁ ଗଜମୋତି ପାନ ପ୍ରଭୁ ଜଗନ୍ନାଥଙ୍କୁ ଦେବା ପାଇଁ ପ୍ରତିଜ୍ଞା କରି ଆସିଛି। ତେଣୁ ଯେତେଶୀଘ୍ର ପାରୁଛ ଯାଅ ହାତୀ ଶିକାର କରି ତା'ର ମୁଣ୍ଡରେ ଥିବା ଗଜମୋତି ଆଣି ମୋତେ ଦିଅ, ଏଥିପାଇଁ ଦରକାର ପଡ଼ିଲେ ଆମ ଦେଶରୁ ହାତୀବଂଶ ଲୋପ ପାଇଯାଉ ପଛେ, କିନ୍ତୁ ମୋତେ ଗଜମୋତି ଦେବା ନିହାତି ଜରୁରୀ। ରାଜାଙ୍କ ଆଦେଶ ପାଳନ କରି ପ୍ରଜାମାନେ ଗଜମୋତି ଅନୁସନ୍ଧାନରେ ବାହାରି ହାତୀ ମରା ଅଭିଯାନରେ ଲାଗିପଡ଼ିଲେ। ଦିନ ପରେ ଦିନ ବିତି ଚାଲିଲା, ଗୋଟିଏ ପରେ ଗୋଟିଏ ହାତୀ ଶିକାର କରାଗଲା ହେଲେ, ଗଜମୋତିର ସନ୍ଧାନ ମିଳିଲା ନାହିଁ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେ ଦେଶରୁ ନିରୀହ ପଶୁ ହାତୀମାନଙ୍କ ବଂଶ ଲୋପ ପାଇଗଲା, କିନ୍ତୁ ଗଜମୋତି ମିଳିପାରିଲା ନାହିଁ। ଏହାପରେ ନେପାଳ ରାଜା ନିଜକୁ ଲଜ୍ଜିତ ଅନୁଭବ କରି ଶ୍ରୀଜଗନ୍ନାଥଙ୍କ ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ ହୋଇଥିଲେ ଏବଂ ନିଜର ପ୍ରତିଜ୍ଞା ପୂରଣ କରିପାରି ନ ଥିବାରୁ ଜଗନ୍ନାଥଙ୍କ ନିକଟରେ ନିଜର ଭୁଲ୍ ସ୍ୱୀକାର କରିଥିଲେ। ଏହି ଘଟଣାକୁ ତର୍ଜମା କଲେ ଜଣାଯାଏ ଯେ, ଗଜମୋତି ପାନ ପାଇଁ ରାଜକୋଷରୁ ପ୍ରଚୁର ଅର୍ଥ ଖର୍ଚ୍ଚ ହେଲା, ପ୍ରଜାମାନଙ୍କର ହାତୀ ଶିକାର କରି ଏକ ପ୍ରକାର ଅପରାଧୀ ବୋଲି ପ୍ରମାଣିତ ହେଲେ ଏବଂ ସେ ଦେଶର ହାତୀବଂଶ ଲୋପ ପାଇଗଲା, କିନ୍ତୁ ଗଜମୋତି ମିଳିପାରିଲା ନାହିଁ।

ପିତୃଭକ୍ତ ଶ୍ରବଣ କୁମାର ନିଜର ଅନ୍ଧ ମାତାପିତାଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ନିଜ କାନ୍ଧରେ ବାହୁଙ୍ଗି ସାହାଯ୍ୟରେ ମାତାପିତାଙ୍କୁ ବସାଇ ଖାଲି ପାଦରେ ଚାଲି ଚାଲି ଗୟା, କାଶୀ, ପ୍ରୟାଗ ଓ ଅଯୋଧ୍ୟା ଆଦି ପ୍ରମୁଖ ତୀର୍ଥ ସ୍ଥାନ ଭ୍ରମଣ କରିଥିଲେ। ୧୨ ବର୍ଷର ବାଳକ ଧର୍ମପଦ ୧୨ ଶହ ବଢ଼େଇଙ୍କ ଜୀବନ ବଞ୍ଚାଇବାକୁ ଯାଇ କୋଣାର୍କର ମୁଣ୍ଡି ମାରି ନିଜେ ପ୍ରାଣବଳି ଦେଇଥିଲେ। ସତୀ ସାବିତ୍ରୀ ସତିତ୍ୱ ବଳରେ ଯମରାଜଙ୍କୁ ପ୍ରସନ୍ନ କରି ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଦାସିଆର ଭକ୍ତିରେ ସନ୍ତୁଷ୍ଟ ହୋଇ ପ୍ରଭୁ ଜଗନ୍ନାଥ ନିଜେ ହାତ ବଢାଇ ତା'ର ନଡ଼ିଆ ଗ୍ରହଣ କରିଥିଲେ; ଯାହା ଇତିହାସରେ ସବୁଦିନ ପାଇଁ ସ୍ମରଣୀୟ ଓ ଉଦାହରଣ ହୋଇ ରହିଛି ଯାହା ନେପାଳ ରାଜାଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଥିଲା। ତେଣୁ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରେ କେବେ ଲୋପ ପାଇବ ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରଥା। ଏଥିପାଇଁ ସଚେତନତାର ଅଭାବ ଓ ଆମ୍ ବଡ଼ିମା ମୁଖ୍ୟତଃ ଦାୟୀ।

କଣ୍ଟି, ବାହାରଣା, ବାଲିକୁଦା, ଜଗତ୍‌ସିଂହପୁର,
ମୋ :୮୩୨୮୮୪୦୨୧୪

## ଏଇ ଭାରତରେ

ପରିବେଶ ତଥା ଜୀବଜନ୍ତୁଙ୍କ ସୁରକ୍ଷା ବହୁ ସମୟରେ ଅନେକଙ୍କ ନିଶା ପାଲଟିଯାଏ, ଯାହା ଘଟିଛି ଅରବିନ୍ଦ ମିଶ୍ରାଙ୍କ ଜୀବନରେ। ବିହାରର ଭାଗଲପୁର ଜିଲା ନିବାସୀ ଅରବିନ୍ଦ ବିଲୁପ୍ତର ଦ୍ୱାରଦେଶରେ ଥିବା ଗ୍ରେଟର ଆଡ୍‌ଜୁଟାଣ୍ଟ ଷ୍ଟୋର୍କ (ଏକ ପ୍ରକାର ବୃହତ୍ ବଗ)ଙ୍କ ସୁରକ୍ଷାରେ ଲାଗିଛନ୍ତି। ଏହି ପକ୍ଷୀଙ୍କ ଉଚ୍ଚତା ୧.୫ ମିଟର ଏବଂ ଦେଖିବାକୁ ଭାରି ସୁନ୍ଦର। ଉକ୍ତ ପକ୍ଷୀକୁ ସ୍ଥାନୀୟ ଅଞ୍ଚଳରେ ଲୋକେ ଗରୁଡ଼ କୁହନ୍ତି। ଅରବିନ୍ଦ ଦୀର୍ଘ ୧୩ ବର୍ଷ ଧରି ଏମାନଙ୍କ ବଂଶ ରକ୍ଷା କରିଆସୁଛନ୍ତି। ୨୦୦୬ରୁ ଭାଗଲପୁର ଜିଲାକୁ ଏହି ପ୍ରଜାତିର ପକ୍ଷୀ ପ୍ରଥମେ ଆସିବାର ତାଙ୍କ ବନ୍ଧୁ ତଥା ବନ୍ୟଜନ୍ତୁ ବିଶେଷଜ୍ଞ ଜୈନ ନାରାୟଣଙ୍କଠାରୁ ଖବର ପାଇ ଗଙ୍ଗା ଡାଇରା ଅଞ୍ଚଳରେ ପହଞ୍ଚି ପ୍ରଥମେ ସେ ଏକ ଯୋଡ଼ା ଏହି ପ୍ରଜାତିର ପକ୍ଷୀ ଦେଖିବାକୁ ପାଇଥିଲେ। ଏମାନେ ଶିମିଳି ଗଛରେ ବସା ବାନ୍ଧିଥିଲେ। ୨୦୦୭ରେ ସେହି ଅଞ୍ଚଳରେ ତଥା ବିହାରର ଅନ୍ୟ ଭାଗରେ ଗଣନା ପରେ ଏମାନଙ୍କ ସଂଖ୍ୟା ଥିଲା ୭୮। ତେବେ ଅରବିନ୍ଦଙ୍କ ପ୍ରଚେଷ୍ଟାରେ ଏବେ ଏହି ପକ୍ଷୀଙ୍କ ସଂଖ୍ୟା ୬୦୦ରେ ପହଞ୍ଚିଛି। ଜଣଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ଭବ ନୁହେଁ ବୋଲି ଅରବିନ୍ଦ ଅନୁଭବ କରିବା ପରେ ୨୦୧୯ରେ ଏକ ଏନ୍‌ଜିଓ ମନ୍ଦାର ନେଚର କ୍ଲବ ପ୍ରତିଷ୍ଠା କରି ସେଥିରେ ବହୁ ଯୁବକଙ୍କୁ ସାମିଲ କରିଛନ୍ତି। ୨୦୧୫ରେ ରାଜ୍ୟ ସରକାରଙ୍କ ସହଯୋଗରେ ଏକ ପକ୍ଷୀ ପୁନରୁଦ୍ଧାର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଆହତ ପକ୍ଷୀମାନଙ୍କୁ ଉଦ୍ଧାର କରି ସେଠାରେ ଚିକିତ୍ସା କରୁଛନ୍ତି ଓ ସୁସ୍ଥ ହେବା ପରେ ସେମାନଙ୍କ ବାସସ୍ଥଳୀରେ ଛାଡ଼ି ଦେଉଛନ୍ତି। ଏବେ ଭାରତର ଆସାମ, ବିହାର ଏବଂ କାମ୍ବୋଡ଼ିଆରେ କେବଳ ଏହି ପକ୍ଷୀ ଦେଖାଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଫେବୃଆରୀ ୧୯୯୬**

- ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା, ଗାୟକ ଓ ନିର୍ଦ୍ଦେଶକ ଜେନ କେଲଙ୍କର ୮୩ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜାଲିଓ୍ୱାନାବାଗ ଘଟଣାର ପ୍ରତ୍ୟକ୍ଷଦର୍ଶୀ ବିହାରିଲାଲ ଖାନ୍ନାଙ୍କର ୮୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା କନୁ।

-(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 1 | | | 2 | B | | 6 | 3 | | | | | 9 |
| | | 4 | 3 | 7 | | 1 | | 9 | A | | | | | |
| | 5 | 8 | C | 0 | | | | | | 4 | | | | |
| | | | | 4 | 9 | | A | | | | 5 | | | |
| | | 6 | B | | D | 3 | | 4 | 7 | | E | 5 | A | |
| | | D | 6 | | 0 | 4 | | | | | | | | |
| | | 5 | | 3 | B | | C | 1 | | | | | 6 | 2 |
| | E | | | | | | | | 4 | 2 | C | | | |
| | | | | | 8 | | | | 9 | | 7 | D | 1 | |
| | | 3 | | 9 | | 2 | 6 | | | A | 1 | | | 0 |
| | | | D | | | 7 | | 0 | | | | | 4 | 6 |
| | | | | | | | | A | | | 2 | 9 | 5 | |
| | D | 7 | | | | E | | 8 | | | | 2 | | |
| | 0 | B | | | | | 9 | | 5 | | | C | 7 | |
| | | | | | | | | B | | | | 8 | | 1 |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 2 | 7 | C | 3 | E | 8 | 6 | B | 9 | 5 | D | 4 | 1 |
| 9 | 7 | B | 4 | E | D | 3 | 1 | A | C | 2 | 0 | 6 | 8 | 5 |
| D | C | E | 9 | 6 | 0 | 5 | 2 | 7 | 4 | 8 | 1 | A | 3 | B |
| 6 | 1 | 3 | 5 | 2 | 8 | B | 9 | 4 | A | D | E | 7 | C | 0 |
| 5 | 8 | 4 | 1 | B | A | 0 | D | C | 7 | 3 | 6 | 9 | E | 2 |
| B | 2 | D | 3 | 9 | E | A | 4 | 0 | 8 | 1 | C | 5 | 6 | 7 |
| E | 3 | 1 | 0 | 4 | C | 7 | 6 | 5 | D | A | 2 | B | 9 | 8 |
| 7 | 6 | 0 | 8 | A | 2 | D | B | 9 | E | 5 | 4 | 3 | 1 | C |
| C | 9 | 8 | D | 5 | B | 1 | 3 | E | 0 | 6 | 7 | 4 | 2 | A |
| 4 | 5 | A | 6 | 1 | 7 | 8 | C | 2 | 9 | B | 3 | E | 0 | D |
| 3 | E | 5 | B | 7 | 1 | C | 0 | 8 | 6 | 4 | D | 2 | A | 9 |
| 2 | 0 | 7 | C | 3 | 4 | 9 | A | D | 1 | E | B | 8 | 5 | 6 |
| 8 | D | C | E | 0 | 9 | 6 | 5 | 3 | 2 | 7 | A | 1 | B | 4 |
| A | B | 6 | 2 | 8 | 5 | 4 | 7 | 1 | 3 | 0 | 9 | C | D | E |
| 1 | 4 | 9 | A | D | 6 | 2 | E | B | 5 | C | 8 | 0 | 7 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିନା ଜନପ୍ରତିନିଧିରେ କେତେଦିନ

ମହାଶୟ,

ବର୍ଷାଧିକ ସମୟ ବିତି ଯାଇଥିଲେ ବି ପୌର ନିର୍ବାଚନ ନ ହୋଇପାରି ବିନା ଜନ ପ୍ରତିନିଧିରେ ଚାଲିଛି ରଜ୍ୟର ପୌର ପାଳିକା। ଏଥିପାଇଁ ପ୍ରଶାସନ ତତ୍ପର ହେଉ ନାହିଁ। ଏ ପରିସ୍ଥିତିରେ ପୌରାଞ୍ଚଳବାସୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କରୋନା କଟକଣା ସହିତ ଅଧିକାରୀଙ୍କ ମନମାନି ଯୋଗୁ ମଧ୍ୟ ସଂପୃକ୍ତ ଅଧିବାସୀମାନେ ମୌଳିକ ସେବା ପାଇପାରୁ ନ ଥିବା ବିଡ଼ମ୍ବନାର ବିଷୟ। ଗୁହାରି କରିବା ପାଇଁ ନିର୍ବାଚିତ ଜନପ୍ରତିନିଧିଙ୍କ ଜରୁରୀ ଆବଶ୍ୟକତା ରହିଛି। ବିନା ନିର୍ବାଚିତ ପ୍ରତିନିଧିରେ ପୌରପାଳିକାର କାର୍ଯ୍ୟଶୈଳୀ ତଦାରଖ, ନିୟନ୍ତ୍ରଣ, ନିୟାମକ ନିର୍ଦ୍ଧାରଣ ପାଇଁ ପୌରସଭା ବସୁଛି କିପରି ? କେତେଦିନ ବିନା ନିର୍ବାଚିତ ପ୍ରତିନିଧିରେ ପୌରପାଳିକା ଚାଲିବ ? ସରକାର ତଥା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ତତ୍ପର ହେବା ଦରକାର।

-ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ରାଜ୍ୟ ସଭାରେ ପ୍ରସନ୍ନ, ସସ୍ମିତଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୪।୨(ବ୍ୟୁରୋ):** ରାଜ୍ୟ ସଭାରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଧନ୍ୟବାଦ ଭାଷଣ ଦେବା ସମୟରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏବଂ ସସ୍ମିତ ପାତ୍ରଙ୍କୁ ସମାଲୋଚନା କରିଛନ୍ତି। ଉଭୟଙ୍କୁ ଧର୍ମେନ୍ଦ୍ର ସମାଲୋଚନା କରି କହିଛନ୍ତି, ସ୍ୱାମିନାଥନ କମିଟି ସୁପାରିଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଗୁ କରିଛନ୍ତି। ଗରିବଙ୍କୁ କେନ୍ଦ୍ର ବିନ୍ଦୁରେ ରଖି ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସରକାର କେବଳ ଘୋଷଣା କରନ୍ତିନି ଦାୟିତ୍ୱ ନେଇ ସମୟ ପୂର୍ବରୁ ସାରନ୍ତି। ଜନସାଧାରଣଙ୍କୁ ନେଇ ସରକାର ଚଳାଇବା ଆମ ଶାସନର ମୂଳମନ୍ତ୍ର। ୧୯୭୫ ମସିହାରେ ୨ ପ୍ରତିଶତ ଟଏଲେଟ ଥିଲା। ଆଜି ଶତପ୍ରତିଶତଙ୍କ ଘରେ ଟଏଲେଟ ଅଛି। ୨୦୧୪ରେ ୧୪ କୋଟି ଘରୋଇ ଗ୍ୟାସ ସଂଯୋଗ ଥିଲା। ଆଜି ୨୯ କୋଟି ଲୋକଙ୍କ ପାଖରେ ସଂଯୋଗ ପହଞ୍ଚିଛି। ଜନଧନ ଯୋଜନାରେ ୪୨ କୋଟି ଲୋକଙ୍କ ଖାତା ଖୋଲାଯାଇଛି। ସେ ଆହୁରି କହିଛନ୍ତି ଯେ, ପଶ୍ଚିମ ସହ ପୂର୍ବ ଭାରତର ବିକାଶ ପାଇଁ କେନ୍ଦ୍ର ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ପାଇଁ ଆମେ କରୋନାକୁ ହରାଇ ପାରିଛୁ। ମହାମାରୀରେ ଘରକୁ ଆସିଥିବା ଶ୍ରମିକଙ୍କ ପାଇଁ ରୋଜଗାର ବ୍ୟବସ୍ଥା ହୋଇଛି। ୫୦ ହଜାର କୋଟିର ପ୍ୟାକେଜ ଏବଂ ୫୦ କୋଟି ଶ୍ରମ ଦିବସ କରାଯାଇଛି ବୋଲି ସେ କହିଛନ୍ତି।

## ଶବ ଦାହରୁ ନିଆଁ ଲାଗି ମୃତକଙ୍କ ସାନପୁଅ ଗୁରୁତର

**ବାଲିକୁଦା,୪।୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ଗାଁରେ ଗୁରୁବାର ଶବ ଦାହ ସମୟରେ ନିଆଁ ଲାଗି ମୃତକଙ୍କ ସାନ ପୁଅ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ନିତ୍ୟାନନ୍ଦ ବରାଳ(୩୨)ଙ୍କୁ ପ୍ରଥମେ ଜଗତ୍‌ସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନାଅନୁସାରେ, ଗାଁର ରାମଚନ୍ଦ୍ର ବରାଳ (୭୫)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ସଂସ୍କାର ପାଇଁ ଗାଁ ମଶାଣିକୁ ନିଆଯାଇଥିଲା। ବଡ଼ ପୁଅ କୈଳାସ ମୁଖାଗ୍ନି ଦେଇ ମଶାଣିରୁ ଚାଲି ଆସିଥିଲେ। ମାତ୍ର ପରିବାରର ଅନ୍ୟ କୁଟୁମ୍ବ ଓ ପଡ଼ୋଶୀ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଅସାବଧାନତାବଶତଃ ନିକଟରେ ଥିବା କିରୋସିନ୍ ଜାର୍‌ରୁ ନିଆଁ ଲାଗି ନିତ୍ୟାନନ୍ଦ ଗୁରୁତର ହେବା ସହ ପଡ଼ୋଶୀ ବୀରବର ନାୟକ (୪୯) ଆହତ ହୋଇଥିଲେ। ଯନ୍ତ୍ରଣା ସହି ନ ପାରି ନିତ୍ୟାନନ୍ଦ ମଶାଣି ନିକଟରେ ଥିବା ଏକ ପୋଖରୀକୁ ଦୌଡ଼ି ଯାଇ ପାଣିକୁ ଡେଇଁ ପଡ଼ିଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

# ଭିଟାମାଟି ଛାଡ଼ିଲେ ୮୫ରୁ ଊର୍ଦ୍ଧ୍ୱ ପରିବାର

**ଚିତ୍ରକୋଣ୍ଡା,୪।୨(ଡି.ଏନ୍.ଏ.)**


ପ୍ରଶାସନ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

- ଗଣମାଧମ ଓ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଭିନ୍ନ ମତ
- ଆନ୍ଧ୍ର ସୀମାନ୍ତ ଗାଁକୁ ଯିବାକୁ ଜିଲାପାଳଙ୍କୁ ଦରଖାସ୍ତ
- ଗାଁ ଛାଡ଼ିବାର କାରଣକୁ ନେଇ ଦ୍ୱନ୍ଦ୍ୱ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୮୫ ପରିବାର ଭିଟାମାଟି ଛାଡ଼ିଛନ୍ତି। ବୁଧବାରଠାରୁ ସେମାନେ ଗାଁ ଛାଡ଼ି ଚିତ୍ରକୋଣ୍ଡା ଥାନା ଅଧୀନ ରାଜୁଲକୋଣ୍ଡା ସରକାରୀ ଫଳବଗିଚା ନିକଟରେ ପଲିଥିନ୍ ବାନ୍ଧି ରହୁଛନ୍ତି। ଭିଟାମାଟି ଛାଡ଼ିଥିବା ୮୫ ପରିବାର ଚିତ୍ରକୋଣ୍ଡା ବ୍ଲକ୍‌ର ଯୋଡ଼ାମ୍ବ, ପଣସପୁଟ, ଅଣ୍ଡରାପାଲି ଓ ନାକାମାମୁ ପଞ୍ଚାୟତବାସୀ ବୋଲି ଜଣାପଡ଼ିଛି। ଏଥିରେ ପ୍ରାୟ ୧୨ ଖଣ୍ଡ ଗ୍ରାମ ଯଥା ଖଜୁରିଗଡ଼ା, ବିହନଗୁଡ଼ି, ଖାଲପଦର, ତାରାବେଢା, ମାଟିଖାଲ, ଲାଡିଗୁଡ଼ା, ବେଜିଙ୍ଗ, ତାଲପଦର, ଦୁଡ଼ମାଗୁଡ଼ା, ପଳାସପଦର, ଡଲିଅମ୍ବ, ମୁଡାମ୍ବ, ଗମେଲପୁଟ, ଦୋରାଗୁଡ଼ାର ଲୋକେ ରହିଛନ୍ତି। ତେବେ ଏମାନେ ସରକାରୀ ଜାଗାରେ ରହିଥିବାବେଳେ ଉକ୍ତ ଜମିରେ ପୂର୍ବରୁ ରାଜୁଲକୋଣ୍ଡା ଗ୍ରାମବାସୀ ଚାଷ କରିଆସୁଛନ୍ତି। ତେଣୁ ରାଜଲକୋଣ୍ଡା ଗ୍ରାମବାସୀ ଏ ନେଇ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ତେବେ ମାଓବାଦୀଙ୍କ ଭୟରେ ଗ୍ରାମବାସୀ ଗାଁ ଛାଡ଼ିଥିବା ଗଣମାଧମ ନିକଟରେ ପ୍ରକାଶ କରିଥିବାବେଳେ ପ୍ରଶାସନ ନିକଟରେ ଭିନ୍ନ କାରଣ ଦର୍ଶାଇଛନ୍ତି। ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

ତେବେ ରାଜୁଲକୋଣ୍ଡା ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇ ଚିତ୍ରକୋଣ୍ଡା ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ଚିତ୍ରକୋଣ୍ଡା ଥାନା ପୋଲିସ ସେଠାରେ ପହଞ୍ଚିଥିଲେ। ପୋଲିସ ଏବଂ ପ୍ରଶାସନ ଗାଁ ଛାଡ଼ିଥିବା ପରିବାର ସହ ଆଲୋଚନା କରିଥିଲେ। ଏହି ସମୟରେ ଭିଟାମାଟି ଛାଡ଼ିଥିବା ଗ୍ରାମବାସୀ ମାଲକାନଗିରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏକ ଦରଖାସ୍ତ ପୋଲିସ ଓ ତହସିଲଦାରଙ୍କୁ ଦେଖାଇଥିଲେ। ସେମାନେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ କାଟ୍ରାଗେଡା ଏବଂ ଚିଟିମଟିଲପା ଅଞ୍ଚଳରେ ଦୀର୍ଘ ବର୍ଷ ତଳେ ରହୁଥିଲେ। ଚାଷକରି ପରିବାର ଚଳାଉଥିଲେ। ପରବର୍ତ୍ତୀ ସମୟରେ କୌଣସି ଅସୁବିଧା ଯୋଗୁ ସେମାନେ ସୀମାନ୍ତ ଗ୍ରାମ ଛାଡ଼ି ଚିତ୍ରକୋଣ୍ଡା ଅଞ୍ଚଳକୁ ଯାଇଥିଲେ। ଏବେ ପୁଣି ସେମାନେ ସୀମାନ୍ତ କାଟ୍ରାଗେଡା ଏବଂ ଚିଟିମଟିଲପା ଗ୍ରାମକୁ ଫେରିବାକୁ ଚାହିଁଥିବା ଦରଖାସ୍ତରେ ଉଲ୍ଲେଖ କରିବା ସହ ପ୍ରଶାସନର ଅନୁମତି ଲୋଡ଼ିଛନ୍ତି। ଏ ବିଷୟରେ ଚିତ୍ରକୋଣ୍ଡା ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଏମାନେ ଉକ୍ତ ବଗିଚା ଜମିକୁ ଜବରଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଫେରିବାକୁ ଚାହୁଁଥିବା ଦୁଇ ସୀମାନ୍ତ ଗ୍ରାମ ଆନ୍ଧ୍ରପ୍ରଦେଶ ଅଧୀନରେ ରହିଛି। ସେମାନଙ୍କ ଉଦ୍ଦେଶ୍ୟ ଜଣାପଡୁନାହିଁ। ତେଣୁ ଦରଖାସ୍ତ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

## ଟ୍ରକ୍ ଧକ୍କାରେ ପୁଅ ମୃତ, ବାପା ଗୁରୁତର

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୪।୨(ଡି.ଏନ.ଏ.)**

**ରାସ୍ତାରେ ମୋବିଲ୍ ଢାଳି ହୋଇଥିବାରୁ ଖସିପଡ଼ିଲା ବାଇକ୍**

ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଭାକୁଡ଼ ଛକ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ପୁଅର ମୃତ୍ୟୁ ଘଟିଥିଲା ବେଳେ ବାପା ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଧର୍ମଶାଳା ଥାନା ଅକବରାବାଦ ଗ୍ରାମର ଅନନ୍ତ ଜେନା(୩୨)। ଗୁରୁତର ହେଲେ ମୃତକଙ୍କ ବାପା ପୀତାମ୍ବର। ବାଲିଚନ୍ଦ୍ରପୁର ଥାନା ଭାକୁଡ଼-କଉଡୁକୋଲ ରାସ୍ତା ଉପରେ ଏକ ଗାଡ଼ିରୁ ମୋବିଲ ଢାଳି ହୋଇ ଯାଇଥିଲା। ସେହି ରାଜପଥ ଦେଇ ବାଇକ୍ ଯୋଗେ ଅନନ୍ତ ଓ ତାଙ୍କ ବାପା ଚଣ୍ଡିଖୋଲ ଆସୁଥିଲେ। ମୋବିଲ ଢାଳି ହୋଇଥିବା ଯୋଗୁ ବାଇକ୍‌ର ଚକା ଖସିଯିବାରୁ ଗାଡ଼ିଟି ପଡ଼ିଯାଇଥିଲା। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ଅନନ୍ତଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୀତାମ୍ବର ଗୁରୁତର ହୋଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ପୀତାମ୍ବରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅନ୍ୟପକ୍ଷରେ ମୋବିଲ ଢାଳି ହେବା ଯୋଗୁ ୧୦ରୁ ୧୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଥିବା ପୋଲିସ ପ୍ରକାଶ କରିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପାରା ୱାଚର ବହିଷ୍କୃତ, ବନପାଳ ନିଲମ୍ବିତ

**ମାଲକାନଗିରି,୪।୨(ଡି.ଏନ୍.ଏ.)**

**ଭାଲୁ ଆକ୍ରମଣ ସହାୟତା ପାଇଁ ଲାଞ୍ଚ**

ଭାଲୁ ଆକ୍ରମଣ ସହାୟତା ପ୍ରଦାନରେ ଲାଞ୍ଚ କାରବାର ହେଉଥିବା ଜାଣି ଚୁପ୍ ରହିବା ଅଭିଯୋଗରେ ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ କୁଡୁମୁଲୁଗୁମ୍ମା ବନପାଳ ରାଜେନ୍ଦ୍ର ଶବର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ସେହିପରି ଲାଞ୍ଚ ନେବା ଅଭିଯୋଗରେ ପାରା ୱାଚର ଅନନ୍ତରାମ ପାଙ୍ଗୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସୂଚନା ଅନୁଯାୟୀ, ଖଇରପୁଟ ବ୍ଲକ୍ ରାସବେଡ଼ା ପଞ୍ଚାୟତ ବନ୍ଧଗଡ଼ା ଗ୍ରାମର ରଘୁ ମାଡ୍ରି(୬୦)ଙ୍କୁ ୮ମାସ ତଳେ ଭାଲୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣ କରିଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ମିଳୁଥିବାରୁ ରଘୁ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ସହାୟତା ନିମନ୍ତେ ବନ ବିଭାଗରେ ଆବେଦନ କରିଥିଲେ। ବନ ବିଭାଗ ତରଫରୁ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ସରକାରୀ ସହାୟତା ଆସିଥିଲା। ତେବେ କୁଡୁମୁଲୁଗୁମ୍ମା ବନପାଳ ଅଧୀନରେ କାମ କରୁଥିବା ପାରା ୱାଚର ଅନନ୍ତରାମ ସହାୟତା ଟଙ୍କା ବାବଦକୁ ରଘୁଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିସହ ରଘୁଙ୍କୁ ବ୍ୟାଙ୍କକୁ ନେଇ ଫରେଷ୍ଟର ଏବଂ ରେଞ୍ଜର ଲାଞ୍ଚ ମାଗୁଥିବା କହି ୩୦ହଜାର ଟଙ୍କା ଆକାଉଣ୍ଟରୁ ଉଠାଇ ନେଇଥିଲେ। ପରେ ପୁଣି ୧୦ହଜାର ଟଙ୍କା ଦେବାକୁ ବାଧ୍ୟ କରିବା ସହ ନ ଦେଲେ ସମସ୍ତ ଟଙ୍କା ଫେରିଯିବ ବୋଲି ଧମକ ଦେଇଥିଲେ। ହିତାଧିକାରୀଙ୍କ ଅଭିଯୋଗ ପରେ ମାଲକାନଗିରି ଡିଏଫ୍‌ଓ ଘଟଣାର ତଦନ୍ତ କରିଥିଲେ। ଏହି ଆଧାରରେ ପାରା ୱାଚର ଅନନ୍ତରାମ ପାଙ୍ଗୀଙ୍କୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ଏଭଳି ଘଟଣା ଜାଣି ନୀରବ ରହିଥିବାରୁ ଡିଏଫ୍‌ଓ ବନପାଳଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ସ୍ୱତନ୍ତ୍ର ଅଧିକାରୀ


ହିଞ୍ଜିଳିକାଟୁରେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଗୋପବନ୍ଧୁ ଦାଶ ଓ ଅନ୍ୟମାନେ।

**ଶେରଗଡ଼/ହିଞ୍ଜିଳିକାଟୁ ୪।୨(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ଡ. ପ୍ରଦୀପ୍ତ ମହାପାତ୍ର ଓ ରାଜନୈତିକ ପରାମର୍ଶଦାତା ଗୋପବନ୍ଧୁ ଦାଶ ଗୁରୁବାର ଗଞ୍ଜାମ ଜିଲା ଶେରଗଡ ଓ ହିଞ୍ଜିଳିକାଟୁ ବ୍ଲକ ଗସ୍ତ କରିଛନ୍ତି। ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ଗସ୍ତକରି ୨ ଅଧିକାରୀ ସ୍ମାର୍ଟକ୍ଲାସ୍ ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ଲକ ପରିସରରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧିଙ୍କ ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ଓ ଉନ୍ନୟନ କାର୍ଯ୍ୟର ପ୍ରସ୍ତାବ ବିଷୟରେ ଶୁଣିଥିଲେ। ଏଥିସହ ବରିଷ୍ଠ ନେତାଙ୍କ ସହ ଅଞ୍ଚଳର ଉନ୍ନତି ପ୍ରସଙ୍ଗରେ ଆଲୋଚନା ପରେ ଶେରଗଡ଼ ଅଭିମୁଖେ ଯାଇଥିଲେ।

ଶେରଗଡ ବ୍ଲକ ଧନନ୍ତର ସନ୍ତରାବନ୍ଧ ପରିଦର୍ଶନ କରି ଏହାକୁ ବ୍ୟବହାର ଉପଯୋଗୀ କରିବାକୁ କହିଥିଲେ। ଏହାପରେ ମୁକ୍ତେଶ୍ୱର ପୋଖରୀ ଉନ୍ନତୀକରଣ କାମ ଦେଖି ୨ ଅଧିକାରୀ ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ। ଏଠାରେ ଗୋବିନ୍ଦପୁର, ଗୋଠଗାଁ, ପଦ୍ମପୁର ଗ୍ରାମରେ ବନ୍ଦୋବସ୍ତ କରିବା, ଗ୍ରାମକଣ୍ଠ ପଟ୍ଟା ୨୦୦୬ ପରଠୁ ଅନୁବନ୍ଧିତ କରିବା, ପୁଣି ଚକବନ୍ଦୀ ଆରମ୍ଭ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବାଲି ନେଉଥିବାବେଳେ ତହସିଲ ପକ୍ଷରୁ ଜରିମାନା ଆଦାୟ କୋହଳ କରିବାକୁ ହୀନ ବେହେରା ଦାବି କରିଥିଲେ। ମହୁପଦର ପଞ୍ଚାୟତରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଏଲ୍‌ଆଇ ପଏଣ୍ଟ କରିବାକୁ ଦାବିପତ୍ର ପ୍ରଦାନ ସହ ଆଖୁପେଡା ଆରମ୍ଭ କରିବାକୁ ଆଖୁଚାଷୀ ନେତା ସମୀର ପ୍ରଧାନ ଦାବି କରିଥିଲେ।

୨ ଅଧିକାରୀଙ୍କ ହିଞ୍ଜିଳି ଗସ୍ତବେଳେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ଭୀମସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେରଗଡରେ ଅନୁଷ୍ଠିତ ବୈଠକରେ ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ଜବତ:୨ ଗିରଫ

**ନୟାଗଡ ଅଫିସ,୪।୨**

ନୟାଗଡ ଟାଉନ ଥାନା ପୋଲିସ ବୃନ୍ଦାବନପୁର ନିକଟସ୍ଥ ସତ୍‌ସଙ୍ଗ ମନ୍ଦିର ନିକଟରୁ ଗୁରୁବାର ୯.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ପୋଲିସ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ମାଣିକଗୋଡା ଦହିଖାଇର ମିର ଅତାଓଲା ଓରଫ ବବୁଲ ଓ ଦଳେଇସାହିର ଅବଦୁଲ ତୟବ ଖାଁ ଓରଫ ବାବୁଙ୍କୁ ଗିରଫ କରିଛି ।

## ଜନବସତିରୁ ମିଳିଲା କଟା ପାପୁଲି

**ରସୁଲପୁର,୪।୨(ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମ ବେହେରା ସାହିର ଜଣେ ବ୍ୟକ୍ତିଙ୍କ ଗୁହାଳ ସମ୍ମୁଖରୁ ଗୁରୁବାର ଏକ କଟାହାତ ପାପୁଲି ମିଳିଛି। ଉକ୍ତ ଘର ଲୋକେ ସକାଳୁ ଉଠି କଟାହାତ ପାପୁଲିକୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଏହି ଖବର ଚାହୁଁଚାହୁଁ ଚାରିଆଡ଼େ ବ୍ୟାପୀ ଯାଇଥିଲା। କଟାପାପୁଲି ପଡ଼ିଥିବା ସ୍ଥାନରେ ଲୋକେ ରୁଣ୍ଡ ହୋଇଥିଲେ। ଖବର ପାଇ କୁଆଖିଆ ପୋଲିସ ପହଞ୍ଚି ପାପୁଲିକୁ ଜବତ କରିଥିଲା। ପରେ ଜବତ ପାପୁଲିକୁ ପୋଲିସ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ମିଳିଥିବା ପାପୁଲି ଜଣେ ପୁରୁଷ ଲୋକର ବୋଲି ଜଣାପଡ଼ିଛି। ଏଥିରେ ମାଟି କାଦୁଅ ଲାଗିଥିଲା। ପାପୁଲିର କିଛି ଅଂଶ ପଚିଯାଇଛି। ବିଲୁଆ ଅବା କୁକୁର କେଉଁ ଏକ କବର ସ୍ଥାନରୁ ଏହି ପାପୁଲି ଆଣି ପକାଇ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ମେଡିକାଲ ରିପୋର୍ଟ ଆସିବା ପରେ ଏହା ସଦ୍ୟ କଟା ପାପୁଲି ନା କେଉଁ ଶବର ପାପୁଲି, ତାହା ଜଣାପଡ଼ିବ ବୋଲି ଏଏସ୍‌ଆଇ ଅଜୟ କୁମାର ସେଠୀ ପ୍ରକାଶ କରିଛନ୍ତି।

## ୧୨ରୁ ଜାତୀୟ ଆଦିବାସୀ ଲୋକନୃତ୍ୟ

**ଜୁନାଗଡ଼, ୪।୨ (ଡି.ଏନ.ଏ.)**

ଓଡ଼ିଶାରେ ପ୍ରଥମ ଥର ପାଇଁ ଜାତୀୟ ଆଦିବାସୀ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଅନୁଷ୍ଠିତ ହେବ। ଆସନ୍ତା ୧୨, ୧୩ ଓ ୧୪ ତାରିଖ ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଥମ ଥର ପାଇଁ ଓଡ଼ିଶାର ଜୁନାଗଡ଼ଠାରେ ଆୟୋଜନ ହେବାକୁ ଥିବା ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ, ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। କୋଲକାତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ଓଡ଼ିଶା ଭାଷା ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜନ ହେବ। ଏଥିରେ ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ସମେତ ୫ଟି ରାଜ୍ୟର ୧୫ଟି ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ୩ଟି ଆଦିବାସୀ ଓ ୩ଟି ଲୋକନୃତ୍ୟ ଦଳ ଯୋଗଦେବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଉକ୍ତ ଦଳଗୁଡ଼ିକର ରହଣି ପାଇଁ ଜୁନାଗଡ଼ ଓ ଭବାନୀପାଟଣାଠାରେ ବ୍ୟବସ୍ଥା କରାଯାଇଛି।

# ବାଲିଶୁଆଙ୍କ ସଂଖ୍ୟା କମୁଛି

**ଲୋକନାଥ ମିଶ୍ର**
**ନୟାଗଡ ଅଫିସ,୪।୨**



- ବାଇଶିପଲ୍ଲୀ ଅଭୟାରଣ୍ୟର ଆକର୍ଷଣ
- ବାଲିରେ ସୁଡ଼ଙ୍ଗ କରି ରୁହନ୍ତି
- ଯିବା ଆସିବା ପାଇଁ ଭିନ୍ନ ଦ୍ୱାର

ବିଭିନ୍ନ ପ୍ରଜାତିର ଶୁଆଙ୍କ ମଧ୍ୟରେ ବାଲି ଶୁଆ ଭିନ୍ନ । ସାଧାରଣତଃ ଶୁଆମାନେ ଡାଳକୁ ଡାଳ ଉଡି ବୁଲନ୍ତି । ଗଛରେ ବସା ବାନ୍ଧି ରୁହନ୍ତି । କିନ୍ତୁ ବାଲି ଶୁଆ ବାଲିରେ ସୁଡ଼ଙ୍ଗ କରି ରୁହେ ଓ ଗଛରେ ବସା ବାନ୍ଧି ପାରେ । ବାଲିରେ ସୁଡଙ୍ଗ କରି ରହୁଥିବାବେଳେ ଯିବା ଆସିବାର ଦ୍ୱାର ଭିନ୍ନ । କେତେବେଳେ କେଉଁ ଦ୍ୱାରରେ ଯାତାୟାତ କରେ ତାହା ଜାଣିବା ସହଜ ନୁହେଁ । ବର୍ଷର ୯ମାସ ବାଲିରେ ଓ କେବଳ ବର୍ଷା ଋତୁ ୩ମାସ ଗଛରେ ବସା ବାନ୍ଧି ରୁହେ । ଏଭଳି ଶୁଆ ନୟାଗଡ ଜିଲା ବାଇଶିପଲ୍ଲୀ ଅଭୟାରଣ୍ୟର ଆକର୍ଷଣ । ତେବେ ଧୀରେ ଧୀରେ ସେମାନଙ୍କ ସଂଖ୍ୟା କମି ଚାଲିଥିବାରୁ ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବାଇଶିପଲ୍ଲୀ ଅଭୟାରଣ୍ୟ ଅଞ୍ଚଳରେ ଥିବା ପଡିଆରେ ବାଲିଶୁଆ ଦେଖିବାକୁ ମିଳନ୍ତି । ସେହି ଶୁଆର ଉଚ୍ଚତା ୧୫ରୁ ୨୦ ସେମି ଓ ଲମ୍ବ ୩୦ରୁ ୪୦ ସେମି। ଆଖି ପଛ ପାଖରୁ ଥଣ୍ଟ ପର୍ଯ୍ୟନ୍ତ ଏକ କଳା ରଙ୍ଗର ପଟି ଚିହ୍ନ ରହିଛି । ଥଣ୍ଟଟି କଳାରଙ୍ଗର ହୋଇଥିବାବେଳେ ଲମ୍ବ ୩ରୁ ୪ସେମି । ଥଣ୍ଟ ତଳ ଭାଗରେ ହଳଦିଆ ଓ ଧୂସର ରଙ୍ଗର ମିଶ୍ରିତ ଅନ୍ୟ ଏକ ଦାଗ ରହିଛି । ଦେହସାରା ଶାଗୁଆ ରଙ୍ଗ ହୋଇଥିବାବେଳେ ଲାଞ୍ଜଟି ନୀଳ ରଙ୍ଗର । ମଛି, ମହୁମାଛି, ବିଭିନ୍ନ ପ୍ରକାରର ଶସ୍ୟ ଓ ଛୋଟ କୀଟପତଙ୍ଗ ସେମାନଙ୍କର ଖାଦ୍ୟ ।

ଏନେଇ ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି, ବାଇଶିପଲ୍ଲୀ ଅଭୟାରଣ୍ୟର ଅନୁକୂଳ ପରିବେଶ ବାଲିଶୁଆଙ୍କୁ ଆମନ୍ତ୍ରଣ କରିଥାଏ । ଏହା ଏକ ଶୁଭ ସଙ୍କେତ । ହେଲେ ଗତ କିଛିବର୍ଷ ହେବ ବାଲିଶୁଆଙ୍କ ସଂଖ୍ୟା କମିବାରେ ଲାଗିଛି। ଯାହା ପରିବେଶ ପାଇଁ ବିପଦକୁ ଆମନ୍ତ୍ରଣ କରୁଛି । ସେମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରା ନ ଗଲେ ସମୟ ଆସିବ ନୟାଗଡ ଜିଲାରୁ ବାଲିଶୁଆ ବିଲୁପ୍ତ ହୋଇଯିବେ । ବିଭିନ୍ନ ସ୍ଥାନରେ ଏବେ ପକ୍ଷୀ ଗଣନା ଚାଲିଛି । ଏଠାରେ ବି ବାଲିଶୁଆ ଗଣନା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ପରିବେଶବିତ୍ ସୁବାସ ନାୟକ ଓ ପକ୍ଷୀପ୍ରେମୀ ଗିରିଜା ଶଙ୍କର ମହାପାତ୍ର କୁହନ୍ତି, ମାନବ ସମାଜକୁ ପ୍ରକୃତିର ଉପହାର ବାଲି ଶୁଆ। ବାଇଶିପଲ୍ଲୀ ଅଭୟାରଣ୍ୟର ସୌନ୍ଦର୍ଯ୍ୟ ବୃଦ୍ଧିରେ ବାଲି ଶୁଆଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ସେମାନଙ୍କ ବଂଶବୃଦ୍ଧି ଓ ସୁରକ୍ଷା ପାଇଁ ବ୍ୟବସ୍ଥା କରାଇବା ଜରୁରୀ ବୋଲି ଉଭୟ କହିଛନ୍ତି ।


**DISTRICT RURAL DEVELOPMENT AGENCY, BALASORE**

No.624/ DRDA Date:4.2.2021

**Expression of Interest for Balasore District Ombudsman under MGNREGS**

Fresh expression of interest are invited from willing persons to be engaged as Ombudsman/Deputy Ombudsman inthe district of Balasore for redressal of grievances and disposal of complaints relating to implementation of the MGNREG Act and MGNREG Scheme.

The Ombudsman shall be appointed for tenure of 2 (Two) years extendable not more than twice by one year each based on a performance appraisal process or till the incumbent attens the age of 68 (Sixty eight) years, whichever is earlier. There shall be no reappointment.

**Eligibility Criteria:** The person fulfilling the following criteria may apply for selection of district ombudsman under MGNREGS.

1. A person of eminent standing and impeccable integrity with at least 10 years of experience in Public Administration, Law Academics, social work or Management as per documents furnished along with the application.
2. Experience in working with people or community organization shall be a mandatory qualification.
3. Preference may be given to a person resident of the same or neighbouring district so as to take advantage of his/her firsthand knowledge about the district.
4. In case there is any vacancy due to resignation, removal, death etc., the person next in the approved panel shall be offered the appointment as Ombudsman without calling for a fresh meeting of the Selection Committee.
5. No person who is a member of a recognized political party or a banned organization shall be considered for appointment as Ombudsman, each person shall be required to file a declaration to this effect along with the application.
6. Must be a physically active person and capable of conducting field tours, inspection and visit to remote rural location in the district.

**Appointment:** The Ombudsman in the district will be appointed by the State Govt. on the recommendation of the Selection Committee of the state. No written test or examination shall be conducted while an interview and an internal marking system should be evolved bythe Selection Committee of the state to rank persons in order of preference. Prior to appointment, the panel prepared bythe District Scrutiny Committee may be published on the official website of the District (**www.baleswar.nic.in**) to invite comments from the public. On expiry of 30 (Thirty) days of publication, the comments received may be examined by the Selection Committee. It is clarified that the work of the Ombudsman is in the nature of pro bond public service and no posts are created in the State for the purpose.

**Remuneration:** The Ombudsman shall be allowed compensation, in the form of a fee, of Rs.1000/- (One thousand) per sitting with maximum upper limit of Rs.20,000/- (Twenty thousand) per month.

**Removal:** On unsatisfactory performance, the Ombudsman may be removed by the State Government onthe recommendation of the Selection Committee of the State.

**Jurisdiction & Location:** The State Government shall specify the territorial jurisdiction of each Ombudsman in terms of a District & the Office of the MGNREGS Ombudsman shall be located at district head quarters.

The willing persons fulfilling above criteria may submit their written expression in the prescribed proforma along with copy of the required documents to the Project Director, DRDA, Balasore, At/P.O.- Balasore, District- Balasore, Pin-756001 (on behalf of Collector-cum-D.P.C., MGNREGA, Balasore) by 18.02.2021 through speed post/registered post or by hand. The application received after the due date will not be considered.

The Committee reserves right to accept or reject any application for expression of interest without assigning any reason thereof. The advertisement along with application format is also available in the Website of Balasore District- http://www.baleswar.nic.in.

**Sd./- Collector-cum-D.P.C.**
**MGNREGA, Balasore**

**ଅପହଞ୍ଚ ଇଲାକାରେ ଜନଶୁଣାଣି**

ତେଲକୋଇ, (ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ପଡାଙ୍ଗ ପଞ୍ଚାୟତର ଅପହଞ୍ଚ ଅଞ୍ଚଳ ସାଂକୋଇ ଗ୍ରାମରେ ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ଜନଶୁଣାଣି କରି ଲୋକଙ୍କ ବିଭିନ୍ନ ସମସ୍ୟାକୁ ଶୁଣିଥିଲେ। ତାଙ୍କର ଅଭିଯୋଗକୁ ନେଇ ଖୁବ ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଏହି ଅଞ୍ଚଳ ପାଇଁ ରାସ୍ତା ନିର୍ମାଣ ଓ ବିଦ୍ୟୁତ ସଂଯୋଗ ମାର୍ଚ୍ଚରୁ ଏପ୍ରିଲ ମାସ ମଧ୍ୟରେ ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ବେପାରୀ ଗିରଫ

**ବାରିପଦା ଅଫିସ,୪।୨:** ମୟୂରଭଞ୍ଜ ଜିଲା ଶୁଳିଆପଦା ପୋଲିସ ଗୁରୁବାର ଚଢ଼ାଉ କରି କୋଷ୍ଠା ନିକଟ କାଳିଆଶୋଳରୁ ଏକ କଳା ରଙ୍ଗର ହୋଣ୍ଡା ସାଇନ ବାଇକ୍ ସହିତ ୫୬୯ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସିଙ୍ଗିମରା ଗ୍ରାମର ଉଦୟ ରଞ୍ଜନ ନାଏକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୯/୨୧) ରୁଜୁ ହୋଇଛି। ଅଭିଯୁକ୍ତ ପଶ୍ଚିମବଙ୍ଗର ଖଡ଼ିକା ଗ୍ରାମରୁ ଗଞ୍ଜେଇ ଆଣି ବିଭିନ୍ନ ଛକ ମାନଙ୍କରେ ବିକ୍ରି କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

### ଚିକିତ୍ସାଧୀନ ଅବସ୍ଥାରେ ୨ ମୃତ

**ଜଳେଶ୍ୱର, ୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ସୁଗୋ ପେଟ୍ରୋଲପମ୍ପ ନିକଟରେ ଗତ ବୁଧବାର ଏକ ଟେମ୍ପୋ ସହ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୧୦ଜଣ ଆହତ ହୋଇ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କୁ ଦୁଇ ପର୍ଯ୍ୟାୟରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସପନ ପାଇକରାୟ(୫୦) ଓ ଅନ୍ୟଜଣେ ମହିଳା ଶ୍ରମିକ କାଜଲ ଦେହୁରୀ (୩୮)ଙ୍କ ମୃତ୍ୟୁ ହୋଇଛି। ବାରିପଦାର ଶଙ୍ଖାଭଙ୍ଗା ଅଞ୍ଚଳରୁ ଏକ ଟେମ୍ପୋରେ ୧୨ଜଣ ଶ୍ରମିକ କମର୍ଦ୍ଦା ଥାନା ନାଚିନ୍ଦାକୁ ଆସୁଥିଲେ।

### ଟ୍ରାକ୍ଟର ଓଲଟି ଜଣେ ମୃତ

**ରାଇବଣିଆ, ୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ରାଇବଣିଆ ଥାନା ଗୋପାଳ ପ୍ରସାଦ ନମାଣିଆ ଛକ (ସୀମାନ୍ତ କଲେଜ) ସମ୍ମୁଖରେ ଗୁରୁବାର ଏକ ଟ୍ରାକ୍ଟର ରାସ୍ତାକଡ଼ରେ ଓଲଟି ପଡ଼ିବାରୁ ଡ୍ରାଇଭର ଚକାତଳେ ଚାପି ହୋଇରହିଥିଲେ। ସ୍ଥାନୀୟ ଲୋକେ ବହୁ ଚେଷ୍ଟାରେ ତାଙ୍କୁ ବାହାର କରି ନ ପାରିବାରୁ ଜେସିବି ସହାୟତାରେ ଟ୍ରାକ୍ଟର ତଳୁ ଡ୍ରାଇଭରଙ୍କୁ ବାହାର କଲାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତ ଡ୍ରାଇଭର ହେଲେ ସଞ୍ଜୟ ମହାକୁଡ(୨୬)। ତାଙ୍କ ଘର ପଶ୍ଚିମବଙ୍ଗର ଛୋଟଝରିଆ ଗାଁରେ ବୋଲି ଜଣାପଡ଼ିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ଘରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଖବରକାଗଜ ବିତରକଙ୍କ ପରଲୋକ

**ପାଟଣା, ୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମଶାସନର ଜଣାଶୁଣା ଖବର କାଗଜ ବିତରକ ତଥା ସାମାଜିକ କର୍ମୀ ଯୁଧିଷ୍ଠିର ଦାଶଙ୍କର ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ତାଙ୍କର ଆକସ୍ମିକ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ସ୍ୱାମଶାସନରୁ ଏକ ଶୋଭାଯାତ୍ରାରେ ପାଟଣା ବୈତରଣୀ କୂଳକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ବଡ଼ପୁଅ ଖବରଦାତା ଚିରଞ୍ଜୀବ ଦାଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ପଣ୍ଡିତ ସୁଶାନ୍ତ ଶେଖର ଦାଶ, ଦୁଇବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବଡ଼ପାଟଣା ସରପଞ୍ଚ ଚନ୍ଦ୍ରମୋହନ ନାଏକ, କଂଗ୍ରେସ ନେତା ଲକ୍ଷ୍ମଣ କୁମାର ଦାଶ, ସାମାଜିକ କର୍ମୀ ଅଜିତ କୁମାର ଦାଶ, ଖବର ଦାତା ବୀରକିଶୋର ଦାଶ ପ୍ରମୁଖ ଅନ୍ତିମ ଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳୀ ବ୍ୟକ୍ତ କରିଛନ୍ତି।

# କଟ୍‌ନୀ ଛଟ୍‌ନୀ ନାଁରେ ଚାଷୀଙ୍କୁ ଶୋଷଣ

**ଯୋଗାଣ ଅଫିସ ସମ୍ମୁଖରେ ଭାଜପାର ଗଣଧାରଣା**

**ଭଦ୍ରକ ଅଫିସ,୪।୨**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ନାମ ପଞ୍ଜୀକରଣ, ମଣ୍ଡିରେ ଧାନକିଣାରେ ଅନିୟମିତତା ଓ ଅବ୍ୟବସ୍ଥାକୁ ନେଇ ଗୁରୁବାର ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ରାଜ୍ୟରେ ଚାଷୀ ସ୍ୱାର୍ଥ ବିରୋଧୀ ସରକାର ବୋଲି କହିବା ସହ କଟ୍‌ନୀ ଛଟ୍‌ନୀ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଛି ତଥା ଦାଦାବଟି ଆଦାୟ ହେଉଛି ବୋଲି ଆରୋପ କରିଥିଲେ। ସଭାରେ ୧୧ ଦଫା ବିଶିଷ୍ଟ ଦାବି ଉପସ୍ଥାପନ କରାଯାଇଥିଲା। ଚାଷୀଙ୍କ ନାମ ପଞ୍ଜୀକରଣରେ ବ୍ୟାପକ ତ୍ରୁଟିର ନିରପେକ୍ଷ ଯାଞ୍ଚ କରାଯାଇ



ଜିଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଭାଜପା ନେତା ଓ କର୍ମୀ।

ସଂଶୋଧନ, ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କ ଧାନ କ୍ରୟ, ମଣ୍ଡିକୁ ଧାନ ଆଣିବା ପାଇଁ ଚାଷୀଙ୍କୁ ପରିବହନ ଖର୍ଚ୍ଚ ସହିତ ବିନା ମୂଲ୍ୟରେ ଅଖା ଯୋଗାଇ ଦିଆଯିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ଯୋଗାଇଦେବା, ଟୋକନ ପ୍ରଦାନରେ ଚଞ୍ଚକତା ଓ ଧାନ କ୍ରୟ କ୍ଷେତ୍ରରେ ପାତରଅନ୍ତର ବନ୍ଦ, ମଣ୍ଡିରୁ ଧାନ ଉଠାଇବା ପାଇଁ ମିଲରଙ୍କୁ ତାଗିଦ୍ କରାଯାଉ ବୋଲି ଦାବି ଉପସ୍ଥାପନ କରାଯାଇଥିଲା। ଧାରଣାକୁ ସମର୍ଥନ ଜଣାଇ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାଳନ୍ଦୀ ସାମଲ, ଠାକୁର ରଣଜିତ୍ ଦାସ, ଜିଲା ନେତା ହେମନ୍ତ ପାଢୀ, ଡ. ପ୍ରଦୀପ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ମଣ୍ଡଳ ସଭାପତି ନବକିଶୋର ବଳ, ଖଗେଶ୍ୱର ବେହେରା, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ରବିନାରାୟଣ ସାହୁ, ସୂର୍ଯ୍ୟବଂଶୀ ସୂରଜ, ତପନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ବିଭାଗୀୟ ଅଧିକାରୀ ଧାରଣା ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଏଯାଏ ଚାଲିନି ଯାତ୍ରୀବାହୀ ଟ୍ରେନ

**ଉପେକ୍ଷିତ ଅଞ୍ଚଳବାସୀ**

**ଯୋଡା,୪।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ଯୋଡ଼ା, ମୁର୍ଗା, ବିଲେଇପଦା, ବଡବିଲ, ଜୁରୁଡି, ବାମେବାରୀ, ନୟାଗଡ, ପର୍ଜନପୁର, ଗୁଆଲିଡିହୀ ସହିତ ରାଉରକେଲା ପ୍ରଭୃତି ଅଞ୍ଚଳ ଦେଇ ଚଳାଚଳ କରୁଥିବା ରାଉରକେଲା–ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ବନ୍ଦ ହେବା ଯୋଗୁ ଖଣି ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମାର୍ଚ୍ଚ ମାସ ଠାରୁ କରୋନା କଟକଣା ଜାରିହେବାପରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। କୋଭିଡ୍ ନିୟମରେ କେନ୍ଦ୍ର ସରକାର ପର୍ଯ୍ୟାୟକ୍ରମେ କୋହଳ କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ହେଲେ ରାଉରକେଲାଠାରୁ ପୁରୀ ପର୍ଯ୍ୟନ୍ତ ଏହି ଖଣି ଅଞ୍ଚଳଦେଇ ଚଳାଚଳ କରୁଥିବା ଏକମାତ୍ର ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁନାହିଁ। ଏଥିପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ରେଳ ବିଭାଗ ଖଣି ଅଞ୍ଚଳରୁ ଖଣିଜ ପରିବହନ କରି କୋଟି କୋଟି ଟଙ୍କା ପରିବହନ ଭଡ଼ା ପାଉଛି। ହେଲେ ଯାତ୍ରୀବାହୀ ଟ୍ରେନକୁ ଚଳାଚଳ କରୁ ନ ଥିବାରୁ ଅଣଦେଖା କରାଯାଉଛି ବୋଲି ସ୍ଥାନୀୟରେ ଆଲୋଚନା ହେଉଛି। ଏ ସମ୍ପର୍କରେ ରେଳ ବିଭାଗର ଚକ୍ରଧରପୁର ଡିଭିଜନ୍‌ର ଡିଆର୍‌ଏମ୍ (ଡିଭିଜନାଲ ରେଲୱେ ମ୍ୟାନେଜର) ବିଜୟ କୁମାର ସାହୁ କହିଛନ୍ତି, ରାଉରକେଲା–ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଚଳାଇବା ପାଇଁ ସେ ରେଳ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ବିଭାଗ ପକ୍ଷରୁ ଅନୁମତି ମିଳିଲେ ଉକ୍ତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବ।

# ପାନୀୟ ଜଳଯୋଗାଣ ସୁବ୍ୟବସ୍ଥା ଦାବି



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୪।୨**

ବାଲେଶ୍ୱର ମ୍ୟୁନିସିପାଲିଟି ଅଧୀନ ଉଦୟନଗର, ଅଙ୍ଗାରଗଡ଼ିଆ ଓ ବସନ୍ତବିହାର ଅଞ୍ଚଳରେ ଦୀର୍ଘଦିନ ଧରି ପାନୀୟଜଳ ସଙ୍କଟ ଲାଗି ରହିଛି। ଗ୍ରାମବାସୀ ମିଳିତ ହୋଇ ନିଜସ୍ୱ ଅର୍ଥରେ ବୋର୍‌ୱେଲ ଖୋଳି ପାନୀୟଜଳ ବ୍ୟବସ୍ଥା କରିଛନ୍ତି। ନିକଟରେ ଥିବା ରେଳଲାଇନ୍ ଗମନାଗମନରେ ଅସୁବିଧା ପାଇଁ ରାଜ୍ୟ ସରକାର ରେଳ ଓଭରବ୍ରିଜ୍ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। କିଛିଦିନ ପୂର୍ବରୁ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଖୋଳା ହୋଇଥିବା ବୋର୍‌ୱେଲ ଓଭରବ୍ରିଜ୍ ନିର୍ମାଣ ପରିସରଭୁକ୍ତ ଥିବାରୁ ପାନୀୟଜଳ ଯୋଗାଣ ପାଇପ୍‌ଗୁଡ଼ିକ କଟି ନଷ୍ଟ ହେଉଛି। ଏହାର ପ୍ରତିବାଦ କରି ଗୁରୁବାର ଉଦୟ ଶକ୍ତି ବିକାଶ ମଞ୍ଚ ତଥା ବସନ୍ତ ବିହାର ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ପ୍ରଥମେ ପାନୀୟଜଳ ଯୋଗାଣ ସୁବ୍ୟବସ୍ଥା କରିବା ପରେ ଓଭରବ୍ରିଜ୍ କାର୍ଯ୍ୟ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଭାସ୍କର ଚନ୍ଦ୍ର ପାଢ଼ୀ, ନାରାୟଣ ବାରିକ, ରାମଚନ୍ଦ୍ର ତ୍ରିପାଠୀ, କରୁଣାକର ମହାପାତ୍ର, ବିପିନ ବିହାରୀ କର, ସୀତାରାମ ପ୍ରଧାନ, କୈଳାସ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ‘ସୁନାରାମ ସୋରେନଙ୍କ ନାମରେ ନାମିତ ହେବ ସଂସ୍କୃତି ଭବନ’

**ବାରିପଦା ଅଫିସ,୪।୨**

ମୟୂରଭଞ୍ଜ ଜିଲାର ବାରିପଦାଠାରେ ସ୍ୱାଧିନତା ସଂଗ୍ରାମୀ, ବିଶିଷ୍ଟ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଭଞ୍ଜବୀର ସୁନାରାମ ସୋରେନଙ୍କ ନାମରେ ପ୍ରତିଷ୍ଠା ହେବ ସଂସ୍କୃତି ଭବନ। ଗୁରୁବାର ସ୍ୱର୍ଗତ ସୋରେନଙ୍କ ୧୦୩ତମ ଜୟନ୍ତୀ ଅବସରରେ ବାରିପଦାସ୍ଥିତ ଭଞ୍ଜପୁରଠାରେ ନିର୍ମିତ ତାଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଯୋଗଦେଇ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହା ପ୍ରକାଶ କରିଛନ୍ତି। ଜିଲାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ଏହି ଭବନ ସହାୟକ ହେବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ।

ଏହି ଅବସରରେ ଜିଲାର କୋଣ ଅନୁକୋଣରୁ ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ମାଦଳ ଓ ଧୂମସାର ତାଳେ ତାଳେ ନୃତ୍ୟ କରିଥିଲେ। ଭଞ୍ଜବୀର ସୁନାରାମ ସୋରେନ ଟ୍ରଷ୍ଟର ଅଧକ୍ଷ ସେଙ୍ଗେଲ ସିଂ ଚମ୍ପେଇରାମ ସୋରେନଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ସଂଗ୍ରାମୀ ସୁନାରାମଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କୁ ସମ୍ମାନ ଜଣାଇ ରାଜ୍ୟ ସରକାର ପ୍ରତିମୂର୍ତ୍ତି ସ୍ଥାପନ ସହିତ ତାଙ୍କ ନାମରେ ସଂସ୍କୃତି ଭବନର ନାମକରଣ କରିଥିବାରୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ଗଣେଶ୍ୱର ପାତ୍ର, ସାଇବା ସୁଶୀଲ ହାଁସଦା, କୃଷ୍ଣାନନ୍ଦ ମହାନ୍ତି, ଟ୍ରଷ୍ଟର ଅଧକ୍ଷ ଫାଗୁରାମ ମାରାଣ୍ଡି, ଦୁର୍ଗୀ ସୋରେନ, ନୁନାରାମ ମାଝି, ବାସନ୍ତୀ ମୁର୍ମୁ, ଫାଗୁଚରଣ ମାରାଣ୍ଡି, କୁଅଁର ମାରାଣ୍ଡି, ଇଶ୍ୱର ବାସ୍କେ, ରଘୁନାଥ ମୁର୍ମୁଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ଟ୍ରଷ୍ଟ ପକ୍ଷରୁ ଅତିଥିଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।




ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ: ସ୍ୱାମୀ ଅଟକ

**ବାରିପଦା ଅଫିସ,୪।୨**

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅନ୍ତର୍ଗତ ଏକ ଫରେଷ୍ଟ ବିଟ୍ ହାଉସରେ କାର୍ଯ୍ୟରତ ଜଣେ ଗାର୍ଡଙ୍କ ସ୍ତ୍ରୀ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ମହିଳା ଜଣକ ବାରିପଦା ୧୭ନଂ. ୱାର୍ଡର ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁବାର କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ମହିଳା ଜଣକ କୌଣସି କାରଣରୁ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ସ୍ୱାମୀଙ୍କ ସହ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲେ। ଉଦ୍ଧାର କରିବାକୁ ଯାଇ ତାଙ୍କ ସ୍ୱାମୀ ପୋଡ଼ିହୋଇ ଆହତ ହୋଇଛନ୍ତି। ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ି ନାହିଁ।

# ଚାଲାଣ ବେଳେ ନକଲି ଜର୍ଦ୍ଦା ଜବତ

**ଭଦ୍ରକ ଅଫିସ, ୪।୨**

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ବୁଧବାର ରାତିରେ ନକଲି ଜର୍ଦ୍ଦା ଚାଲାଣ ବେଳେ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ବାଇକ୍ ସହ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ବିଭିନ୍ନ ନାମୀଦାମୀ କମ୍ପାନୀର ଜର୍ଦ୍ଦା ଜବତ କରିଛି ପୋଲିସ। ଏ ନେଇ ଥାନାରେ ୨ଟି ପୃଥକ୍ ମାମଲା(ନଂ.୪୦/୨୧ ଓ ୪୨/୨୧) ରୁଜୁକରାଯାଇଛି। ଗିରଫ ଦୁଇ ବ୍ୟବସାୟୀ ହେଲେ ହଳଦୀଡିହ ବାଇପାସ୍‌ର ଶେଖ୍ ଜାଭିର ଓ ପଠାଣମହଲାର ଶେଖ୍ ଅବଦୁଲ ହାକିମ। ଶେଖ୍ ଅବଦୁଲ ହାକିମଙ୍କୁ ପୁରୁଣାବଜାର ପଠାଣମହଲାରୁ ଓ ଶେଖ୍ ଜାଭିରଙ୍କୁ ହଳଦୀଡିହ ବାଇପାସ୍ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପିଲା ଚୋର ସନ୍ଦେହରେ ମାନସିକ ବିକାରଗ୍ରସ୍ତଙ୍କୁ ବାନ୍ଧିଲେ

**ଧାମନଗର,୪।୨**

ଗତ କିଛିଦିନ ଧରି ଗ୍ରାମାଞ୍ଚଳରେ ପିଲା ଚୋରି ଗୁଜବ ଚାଲିଥିବାରୁ ବିଭିନ୍ନ ଗାଁରେ ବୁଲାବୁଲି କରୁଥିବା ମାନସିକ ବିକାରଗ୍ରସ୍ତ ଲୋକଙ୍କ ମାଡ଼ ଗାଳିର ଶିକାର ହେଉଛନ୍ତି। କେତେକ ସ୍ଥାନରେ ହାବୁଡ଼ରେ ପଡ଼ିଥିବା ଏଭଳି ମାନସିକ ବିକାରଗ୍ରସ୍ତଙ୍କୁ ମାଡ଼ ମାରିବା ସହ ସେମାନଙ୍କ ଚୁଟି କାଟିବାକୁ ପଛାଉ ନାହାନ୍ତି ଲୋକେ। ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ଅଞ୍ଚଳରେ ଅନୁରୂପ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଚାରିଦିନ ହେଲା ସନ୍ଧ୍ୟାରେ କେହି ଜଣେ ଆସି ଘର ବାଡ଼ିରେ ପଶିବା, ପଛପଟେ ଠିଆ ହେବା ଓ ଲୋକଙ୍କୁ ଦେଖି ପଳାଇଯିବା ଭଳି ଘଟଣା ଘଟୁଥିବା କହି ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜଣେ ମଣିଷ ଭଳି ଦେଖାଯାଉଥିବା ଏବଂ ଲୋକ ଦେଖି ଦ୍ରୁତଗତିରେ ପଳାଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ପିଲା ଚୋର ଗ୍ରାମକୁ ଆସୁଛି ସନ୍ଦେହରେ ଲୋକେ ଭୟରେ ଘର ଚାରିପାଖରେ ଲାଇଟ୍ ଲଗାଇବା ସହ ଏଥିପ୍ରତି ନଜର ରଖିଛନ୍ତି। ଗୁରୁବାର ସକାଳୁ ପିଲାଚୋର ସନ୍ଦେହ କରି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଧରିଥିଲେ ସ୍ଥାନୀୟ ଯୁବକ। ତାଙ୍କୁ ମାଡ଼ ମାରିବା ସହ ଗାଁ ଦାଣ୍ଡ ଏକ ଲାଇଟ୍ ଖୁଣ୍ଟରେ ବାନ୍ଧି ରଖିଥିଲେ। ଛୁଆଧରା ଲୋକ ଧରାପଡ଼ିଥିବା ନେଇ ଖବର ଗ୍ରାମରେ ଚହଳ ପଡ଼ିବାରୁ ସେଠାରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ପରେ ସେ ପ୍ରକୃତରେ ଜଣେ ମାନସିକ ବିକାରଗ୍ରସ୍ତ ହୋଇଥିବା ହୃଦୟଙ୍ଗମ କରି ଲୋକେ ଗାଳି କରିବାରୁ ଯୁବକମାନେ ତାଙ୍କୁ ଛାଡ଼ି ଦେଇଥିଲେ। ପ୍ରକାଶ ଥାଉକି, ସପ୍ତାହେ ତଳେ ଖଡ଼ିପଦା ଦକ୍ଷିଣ କୁରୁଆ ଛକରେ ପିଲାଚୋର ଭାବି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଧରି ଯୁବକମାନେ ମାରଧର କରିଥିବା ଦେଖିବାକୁ ମିଳିଥିଲା।

# ବାଉରିପଦା–ମନୋହରପୁର ରାସ୍ତା ମରଣଯନ୍ତା

**କେନ୍ଦୁଝର, ୪।୨(ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକର ବାଉରୀପଦା ପଞ୍ଚାୟତ ଅନ୍ତର୍ଗତ ବାଉରୀପଦାଠାରୁ ମନୋହରପୁର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ସାଧାରଣ ଲୋକେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିବର୍ଷ ପୂର୍ବେ ଏହି ରାସ୍ତା ପିଚୁ କରାଯାଇଥିଲା। କିନ୍ତୁ ଆବଶ୍ୟକୀୟ ମରାମତି ଅଭାବରୁ ବାଉରୀପଦାଠାରୁ ମନୋହରପୁର ପର୍ଯ୍ୟନ୍ତ ସଂପୂର୍ଣ୍ଣ ରାସ୍ତାର ପିଚୁ ଉଠି ଯାଇ ଥିବାବେଳେ ରାସ୍ତାର ମେଟାଲ ଚିପ୍ସ ଏଣେ ତେଣେ ବିଛାଡି ହୋଇ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ପ୍ରତିଦିନ ୧୦ରୁ ୧୫ ଗାଁର ଲୋକେ କେନ୍ଦୁଝରକୁ ଯିବା ଆସିବା ପାଇଁ ବ୍ୟବହାର କରିଥାନ୍ତି। ରାସ୍ତାଟିର ମରାମତି ନ ହେବା କାରଣରୁ ଏହା ନଷ୍ଟ ହେବାକୁ ବସିଲାଣି। ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସ୍କୁଲ ନାମ ପରିବର୍ତ୍ତନ ନେଇ ଅଭିଯୋଗ

**ତିହିଡ଼ି,୪।୨(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତ ଶଙ୍ଖିଲୋ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ଶଙ୍ଖିଲୋ ପରିବର୍ତ୍ତେ କୋହ୍ଲ ନାମକରଣ କରାଯାଇଛି। ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ମମତା ନାୟକ ବିଡିଓ ବସନ୍ତ ସାହାଣୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲ ଗୃହ, ପାଚେରିରେ ରଙ୍ଗଦେବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ବେଆଇନ ଭାବେ ସ୍କୁଲ କମିଟିର ପରାମର୍ଶ ନ ନେଇ କରାଯାଇ ଥିବା ଅଭିଯୋଗ କରି ସ୍କୁଲ କମିଟି ସଭ୍ୟମାନେ ତଦନ୍ତ ଦାବି କରିଛନ୍ତି। ବିଡିଓ ଅଭିଯୋଗ ପତ୍ରକୁ ଗ୍ରହଣ କରିବା ସହିତ ଏହାର ତୁରନ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଟୋକନ ପାଇ ବି ଚାଷୀ ନିରାଶ

**କେନ୍ଦୁଝର, ୪।୨ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ମଇଦାନକେଲ ଅଞ୍ଚଳର ଚାଷୀମାନେ ପୁଣି ସିଏସଓ ଅଫିସ ଯାଇ ଧାନ କିଣିବା ପାଇଁ ପୁଣି ଥରେ ଦାବି କରିଛନ୍ତି । ପୂର୍ବରୁ ମଧ ସମାନ ଦାବି କରିଥିଲେ ହେଁ ଧାନ କିଣା ନ ଯିବାରୁ ବାଧ ହୋଇ ଚାଷୀମାନେ ଗୁରୁବାର ଅଭିଯୋଗ କରିଛନ୍ତି ବୋଲି ଚାଷୀ ନେତା ଭାଗିରଥୀ ସିଂ କହିଛନ୍ତି । ପାଖାପାଖି ୨୦ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ପାଖରେ ରହିଥିବା ବେଳେ ଟୋକନ ଧରି ଚାଷୀ ମାନେ ଧାନ ବିକିବା ପାଇଁ ଅପେକ୍ଷା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଧାନ ମଣ୍ଡିରେ ତାଲା ଝୁଲୁ ଥିବାରୁ ଚାଷୀ ମାନେ ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି। ଅନେକ ଚାଷୀ ଧାରକରଜ ଶୁଝିବା ପାଇଁ ତଥା ପରିବାର ଚଳାଇବା ଏବଂ ପିଲାମାନଙ୍କ ପାଠ ପଢା ପାଇଁ ବହୁ ଦିନ ଅପେକ୍ଷା କରି କମ ଦାମରେ ବେପାରୀଙ୍କୁ ବିକିବା ପାଇଁ ବାଧ୍ୟ ହୋଇଥିବା କହୁଛନ୍ତି । ଏଣୁ ଆଗାମୀ ଦିନରେ ଏନେଇ ପଦକ୍ଷେପ ନିଆନଗଲେ ବାଧ ହୋଇ ଧାନ ସହିତ ସିଏସଓ ଅଫିସ ଆଗରେ ଧାରଣା କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସଦର ବିଧାୟକ ମୋହନ ମାଝୀ, ବରିଷ୍ଠ ନେତା ଅଜୟ ସାହୁ ସଦର ବ୍ଲକର କେତେକ ମଣ୍ଡି ପରିଦର୍ଶନ କରି ସିଏସଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଟାର୍ଗେଟ ଆସିଲେ ପୁଣି ଧାନ କିଣାଯିବ ବୋଲି ସିଏସଓ ହାଡିବନ୍ଧୁ ସେଠୀ କହିଥିଲେ ହେଁ ଚାଷୀମାନେ ଆଉ କେତେଦିନ ଅପେକ୍ଷା କରିବେ ବୋଲି ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି।



ବିଧାୟକ ମୋହନ ମାଝିଙ୍କ ନେତୃତ୍ୱରେ ଚାଷୀମାନେ ସିଏସଓଙ୍କୁ ଦାବିପତ୍ର ଦେଉଛନ୍ତି।

# ବିକାଶଠାରୁ ଦୂରରେ ଉତ୍ତର ବାଲେଶ୍ୱର

**ଜଳେଶ୍ୱରରେ ସବ୍‌ଡିଭିଜନ ପ୍ରତିଷ୍ଠା ଦାବି**

**ବାଲେଶ୍ୱର ଅଫିସ, ୪।୨**

ଉତ୍ତରବାଲେଶ୍ୱର ଅଞ୍ଚଳର ଭୌଗୋଳିକ ସ୍ଥିତି ପାଇଁ କୃଷି, ଶିକ୍ଷା, ନୌବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଗୌରବ ଅର୍ଜନ କରିଛି। ହେଲେ ସ୍ୱାଧୀନତାର ୭୦ବର୍ଷ ପରେ ବି ଏହି ଅଞ୍ଚଳ ବିକାଶଠାରୁ ବହୁ ଦୂରରେ। ଏହି ଅଞ୍ଚଳ ବାଲେଶ୍ୱର ମହକୁମାରୁ ୧୦୦ କି.ମି. ଦୂରରେ ହୋଇଥିବାରୁ ସାଧାରଣ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିପାରୁନି। ଯେଉଁଥିପାଇଁ ଚୋରି, ଡକାୟତ, ନିଶା କାରବାର, ରାହାଜାନି, ବଳାତ୍କାର ଓ ହତ୍ୟା ଭଳି ସଙ୍ଗୀନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା ବ୍ଲକର ଅନ୍ୟୁନ ୮ଲକ୍ଷରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ବସବାସ କରୁଥିବା ବେଳେ ଶାସନ ବ୍ୟବସ୍ଥା ଓ ସୁରକ୍ଷା ଦେବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଏହି ୪ଟି ବ୍ଲକର ମଧ୍ୟସ୍ଥଳୀ ଜଳେଶ୍ୱରରେ ନୂତନ ସବ୍‌ଡିଭିଜନ କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ‘ଫ୍ୟୁଚର ବାଲେଶ୍ୱର’ ଅନୁଷ୍ଠାନର ମୁଖ୍ୟ ବିଜୟ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।

ବାଲେଶ୍ୱର ସହର ଷ୍ଟେଶନ ଛକ ନିକଟସ୍ଥ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ ପାଣିଗ୍ରାହୀ କହିଛନ୍ତି, ସୁବର୍ଣ୍ଣରେଖା ଅବବାହିକାରୁ ପଶ୍ଚିମବଙ୍ଗ ବାଲିମାଫିଆମାନେ ନିୟମିତ ବାଲି ଓ ମାଟି ଚାଲାଣ କରୁଥିବା ଯୋଗୁ ରାଜସ୍ୱ କ୍ଷତି ହେଉଛି। ଉତ୍ତରବାଲେଶ୍ୱରରେ ନିଶା କାରବାର ରୋକିବା ଲାଗି ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଆଗାମୀ ଯୁବପିଢ଼ି ନଷ୍ଟ ହେବାକୁ ବସିଲେଣି। ଉଦୟପୁର ବେଳାଭୂମିକୁ ପଶ୍ଚିମବଙ୍ଗ ମାଫିଆ କବ୍‌ଜାରେ ରଖି ଅପରାଧୀଙ୍କ ଭୂସ୍ୱର୍ଗ ବନାଇଛନ୍ତି। ଅନ୍ୟପକ୍ଷରେ ଜଳେଶ୍ୱରରୁ ଉଦୟପୁର ଦେଇ ଦୀଘାକୁ ରେଳ ସଂଯୋଗ କରାଇପାରିଲେ ଉତ୍ତରବାଲେଶ୍ୱର ଅଞ୍ଚଳରେ ଉତ୍ପାଦନ ହେଉଥିବା ଦ୍ରବ୍ୟ ସମୂହ ବାହାରକୁ ପରିବହନ କରିବା ଏବଂ ସହରକୁ ସଂଯୋଗୀକରଣ କରାଯାଇପାରନ୍ତା। ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୁକୁଲ ଚନ୍ଦ୍ର ଘଡ଼େଇ, ଶିକ୍ଷାବିତ୍ ଗିରିଜା ଶଙ୍କର ଦାସ, ରମେଶ ଚନ୍ଦ୍ର ଜେନା, ଡ. ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ପରିବହନ ପାଇଁ ଜଙ୍ଗଲ କଟା

**କେନ୍ଦୁଝର,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଉପର କାଦକଳାଠାରୁ ବସନ୍ତପୁର ପର୍ଯ୍ୟନ୍ତ ଜଙ୍ଗଲରେ ଖଣିଜ ପଥର ପରିବହନ ପାଇଁ ଜଙ୍ଗଲ କଟାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ସ୍ଥାନୀୟ ବସନ୍ତପୁର ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିଲେ ହେଁ ବନ ବିଭାଗ ଗିରଫ କରୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହି ଘଟଣାକୁ ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଥିଲେ ହେଁ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ସଡ଼କ ସୁରକ୍ଷା ମାସ ପାଳନ। ସ୍ଥାନ: ଫାଣ୍ଡି ଛକ। ସମୟ: ପୂର୍ବାହ୍ନ ୮ଟା ୩୦ ମିନିଟ୍।
- ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା। ସ୍ଥାନ: ଭେନିୟା ପାରାଡାଇଜ୍। ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରିଜିଟ୍ ଆଉଟଲେଟ୍ ଉଦ୍‌ଘାଟନ। ସ୍ଥାନ: ଡିଆଇସି ଛକ। ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ରାଜନେତା ଅରୁଣ ଦେଙ୍କ ଖବରଦାତା ସମ୍ମିଳନୀ। ସ୍ଥାନ: ମଲ୍ଲିକାଶପୁରସ୍ଥିତ ବାସଭବନ। ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ର କଂଗ୍ରେସ ପଦଯାତ୍ରା। ସ୍ଥାନ: ଗାନ୍ଧୀ ସ୍ମୃତିଭବନ। ସମୟ: ୧୨ଟା ୩୦।
- ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ। ସ୍ଥାନ: ରେମୁଣା ସରକାରୀ ଉଚ୍ଚ ବିଦ୍ୟାଳୟ। ସମୟ: ଅପରାହ୍ନ ୩ଟା।
- ସରକାରୀ ଜାଗା ମାପଚୁପ। ସ୍ଥାନ: ଭୋଗରାଇ ଥାନାଛକ ହେଲିପ୍ୟାଡ଼ ପଡ଼ିଆ। ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଜଲଙ୍ଗ-ଗଣ୍ଡିବେଡରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଲ୍ଲିସଭା। ସ୍ଥାନ: ଖଇରା ବ୍ଲକ ଜଲଙ୍ଗ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣ। ସମୟ: ପୂର୍ବାହ୍ନ ୧୦ଟା।
- ମା' ବୁଢ଼ୀ ଜାଗୁଳି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ। ସ୍ଥାନ: ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଣ୍ଡିଆ ଗ୍ରାମ ମୁନୀପଦା। ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟସ୍ତରରେ ଚକାଜାମ୍ ଆନ୍ଦୋଳନ ପାଇଁ ବାମଦଳ ଓ କଂଗ୍ରେସର ପ୍ରସ୍ତୁତି ବୈଠକ। ସ୍ଥାନ: ଖଇରା ବଜାର ଶହୀଦ ଭବନ। ସମୟ: ୧୨ଟା।

**ଭଦ୍ରକ**

- ଗରିବ କଲ୍ୟାଣ ଯୋଜନାର ସମୀକ୍ଷା, ସ୍ଥାନ: ଚାନ୍ଦବାଲି ତହସିଲ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।
- ତିହିଡ଼ି ଶ୍ୟାମାକ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ତିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**

- ବିଜେଡିର ନୂତନ ଅଫିସ ଗୃହ ଉଦ୍‌ଘାଟନ। ସ୍ଥାନ: ଜୁରୁଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ୨୬ତମ ଗୋଲଡେନ କପ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନ:ଅଲତିପୁର ମିନି ଷ୍ଟାଡିୟମ,ଘସିପୁରା।

**ମୟୂରଭଞ୍ଜ**

- ମୁଣ୍ଡାରୀବାନିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତି ଅନାବରଣ। ସ୍ଥାନ: ଶାମାଖୁଣ୍ଟା ବ୍ଲକ ରଙ୍ଗାମାଟିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶିମିଳିପାଳକୁ 'ମହେନ୍ଦ୍ର' ଓ 'ରାଜକୁମାର'ହାତୀକୁ ଫେରାଇ ଆଣିବା ଦାବିରେ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ। ସ୍ଥାନ: ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ। ସମୟ: ପୂର୍ବାହ୍ନ ୧୧ଟା।

# ରାସ୍ତା କାମ ବନ୍ଦ, ତେଜିଲା ଅସନ୍ତୋଷ

### ବିଡିଓଙ୍କଠାରେ ଫେରାଦ ହେଲେ ଗ୍ରାମବାସୀ

**ଠାକୁରମୁଣ୍ଡା,୪।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେଶଡ଼ିହା ପଞ୍ଚାୟତ ଘୁଟୁସାହି ଗ୍ରାମ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ ଗୁରୁବାର ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତା କାମ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, କେଶଡିହାଠାରୁ ଘୁଟୁସାହି ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନ ଥିବାରୁ ସେହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ରାସ୍ତା ଖରାପ କାରଣରୁ ପ୍ରାୟ ଦେଢ଼ କି.ମି. ଦୂର ପର୍ଯ୍ୟନ୍ତ ରୋଗୀଙ୍କୁ ଖଟିଆରେ ବୋହି ଲୋକେ ମୁଖ୍ୟରାସ୍ତାରେ ପହଞ୍ଚାଇଥାନ୍ତି। ସାହିର ୨୫/୩୦ଟି ପରିବାର ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ନେଇ ବିଡ଼ିଓଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତାରେ ମାଟି ପକାଇବାକୁ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାଦେଶ ମିଳିଥିଲା। ଲୋକେ ରାସ୍ତାରେ ମାଟି ପକାଇ କାମ ଆରମ୍ଭ କରିଥିଲେ। ମାତ୍ର କାମ ଆରମ୍ଭ ହେବାର ୨ ଦିନ ପରେ ସରପଞ୍ଚ କାମ ବନ୍ଦ କରିବାକୁ ଶ୍ରମିକ ଓ ଗ୍ରାମ ସଂଯୋଜକଙ୍କୁ କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ ରଘୁନାଥ ନାୟକଙ୍କୁ ପଚାରିବାରୁ ଜାଗା ସମସ୍ୟା ଥିବାରୁ ରାସ୍ତା କାମକୁ ବନ୍ଦ କରାଯାଇଥିଲା। କିନ୍ତୁ ଜାଗା ମାଲିକଙ୍କ ସହିତ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିବାରୁ ଖୁବ୍‌ଶୀଘ୍ର ରାସ୍ତା କାମ ହେବ ବୋଲି ସେ କହିଛନ୍ତି।


ବିଡିଓଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ୨ଜଣଙ୍କୁ ଧରିଲେ ଗ୍ରାମବାସୀ

### ଗହଣା ଲୁଟ୍ ଘଟଣା

**ଖଇରା, ୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଚକ ଓ ବୁଢାଗଡିଆ ଛକରୁ ଗହଣା ଲୁଟ୍ ଘଟଣାରେ ସାରୁଗାଁ ଗ୍ରାମବାସୀ ୨ଜଣ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଖସି ପଳାଇଥିବା ଅନ୍ୟମାନଙ୍କୁ ଧରିବାକୁ ଖଇରା ପୋଲିସ ସକ୍ଷମ ହୋଇନାହିଁ। ବୁଧବାର ରାତିରେ ୬ରୁ ଅଧିକ ଯୁବକ ଥିବା ଏକ ଗ୍ୟାଙ୍ଗ ପ୍ରଥମେ ମହତୀପୁର ପଞ୍ଚାୟତ ଚକ ଗ୍ରାମର ଗୋପାଳ ରାଉତଙ୍କ ଘରେ ପଶିଥିଲେ। ତାଙ୍କ ସ୍ତ୍ରୀ ରୋଷେଇ କରୁଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଧମକାଇ ମାରଣାସ୍ତ୍ର ଦେଖାଇ ସୁନା କାନଫୁଲ ଲୁଟି ନେଇ ପଳାଇଥିଲେ। ପରେ ଗଣ୍ଡିବେଡ ବଜାରରେ ଗହଣା ଦୋକାନ କରିଥିବା ପ୍ରମୋଦ କୁମାର ବିଶ୍ୱାଳ ଦୋକାନ ବନ୍ଦ କରି ସ୍ତ୍ରୀଙ୍କ ସହ ବୁଢାଗଡିଆ ଘରକୁ ଫେରୁଥିବା ବେଳେ ଲୁଟେରାମାନେ ବୁଢାଗଡିଆ ମିନିବ୍ୟାଙ୍କ ନିକଟରେ ମାରଣାସ୍ତ୍ର ଦେଖାଇ ତାଙ୍କ ଡିକିରେ ଥିବା ୧୫ହଜାର ଟଙ୍କା ଓ ଗହଣା ନେଇ ଯାଇଥିଲେ। ୩ଟି ଗାଡିରେ ଆସିଥିବା ୬ଜଣ ଅଲଗା ଅଲଗା ରାସ୍ତା ଦେଇ ପଳାଇଥିଲେ। ସାରୁଗାଁ ରାସ୍ତା ଦେଇ ସ୍କୁଟିରେ ଯାଉଥିବା ବଟେଶ୍ୱର ଗ୍ରାମର ବବଲୁ ଜେନା ଓ ଚୁଟୋ ଗ୍ରାମର ସଞ୍ଜୟ ଦାସଙ୍କୁ ସାରୁଗାଁ ଗ୍ରାମର ଗୌତମ ରାଉତ ଓ ଅନ୍ୟମାନେ ଅଟକାଇ ଭୁଜାଲି ସହ ସ୍କୁଟିକୁ ଜବତ କରି ଖଇରା ପୋଲିସକୁ ହସ୍ତାନ୍ତର କରିଥିଲେ।

# ଭାଜପାର ମିଶ୍ରଣପର୍ବ

**ବାସୁଦେବପୁର,୪।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର କିଷ୍ମତ କୃଷ୍ଣପୁର ପଞ୍ଚାୟତ ନଳବାଙ୍କଠାରେ ଗୁରୁବାର ଅପରାହ୍ନରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ନୂତନ କରି ଦଳରେ ସାମିଲ ହୋଇଥିବା କିଷ୍ମତ କୃଷ୍ଣପୁର ସରପଞ୍ଚ କମଳାକାନ୍ତ ବାରିକ, ପୂର୍ବତନ ସରପଞ୍ଚ ନିରୁପମା ବାରିକ, ଶତାଧିକ କର୍ମୀ ଓ ସମର୍ଥକଙ୍କୁ ସ୍ୱାଗତ କରିଥିଲେ। ଭାଜପା ସଦାସର୍ବଦା ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ଆସିଛି ବୋଲି ରାଜ୍ୟ ସଭାପତି ମହାନ୍ତି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ଜିଲା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ, ପଞ୍ଚାନନ ନାୟକ, ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବପୁର ଭାଜପା ନେତା ମାଧବାନନ୍ଦ ମଲ୍ଲିକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସମିତିରେ ତାଲା ପକାଇଲେ ଚାଷୀ


ସମିତିରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି।

**ବାହାନଗା, ୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ସେବା ସମିତିରେ ଧାନକିଣାରେ ଅନିୟମିତତା ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ଗୁରୁବାର ସମିତିରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ ଇନ୍ସପେକ୍ଟର ସୁଶାନ୍ତ କୁମାର ଦାସ, ବ୍ୟାଙ୍କ ଏଆରସିଏସ ଅମୂଲ୍ୟ ସମ୍ପଦ ସେଠୀ, ସମବାୟ ପ୍ରଶାସନିକ ଅଧିକାରୀ ଗୋପବନ୍ଧୁ ଦାସ, ବାହାନଗା ଗୋପାଳପୁର ଭଦ୍ରକ-ବାଲେଶ୍ୱର ବ୍ୟାଙ୍କ ଶାଖା ପରିଚାଳକ ଯଦୁନାଥ ସ ପ୍ରମୁଖ ଧାରଣାରତ ଚାଷୀଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ ଦିଗରେ ଆଲୋଚନା କରଥିଲେ। ପରେ ଧାନ କିଣିବାକୁ ବାକିଥିବା ସମସ୍ତ ଚାଷୀଙ୍କ ପାଇଁ ଅଧିକ ୧୬ଶହ କୁଇଣ୍ଟାଲ ଟାର୍ଗେଟ ଦେଇଥିଲେ। ଉପସ୍ଥିତ ଚାଷୀ ୫ଜଣିଆ ନେତୃବୃନ୍ଦ ଆସନ୍ତା ସୋମବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ପହଞ୍ଚି ଆଲୋଚନା କରବାକୁ ଆମନ୍ତ୍ରଣ କରିଛନ୍ତି। ଆଲୋଚନା ପରେ ଯଦି ଜିଲାପାଳ ରାଜି ହେବେ ତାହେଲେ ସମିତିକୁ ଆଉ ଅଧିକ ୭ ହଜାର କୁଇଣ୍ଟାଲ ଟାର୍ଗେଟ ଦେବେ ବୋଲି କହିବାରୁ ଚାଷୀମାନେ ସମିତି କବାଟରେ ପଡିଥିବା ତାଲା ଫିଟାଇଥିଲେ। ଆସିଥିବା ଅଧିକାରୀମାନେ ଆଲୋଚନା ପରେ ସମସ୍ତ ଚାଷୀଙ୍କ ଧାନ କିଣାଯିବା ସହିତ ସିଧାସଳଖ ଚାଷୀମାନେ ସମିତିକୁ ଧାନ ଆଣିବେ ଓ ଏଠାରେ ମିଲର ଆସି ଚାଷୀମାନଙ୍କ ଧାନ କିଣିବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

# ଭାଜପାର ବନ୍ଧୁମିଳନ ଉତ୍ସବ

**ବାଲିଆପାଳ,୪।୨(ସ୍ୱ.ପ୍ର)**

ବାଲିଆପାଳ ବ୍ଲକ ନୂଆଗାଁ ଗ୍ରାମର ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ବାସଭବନ ପରିସରରେ ବୁଧବାର ଭାଜପାର ମିଶ୍ରଣ ସଭା ଏବଂ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାଳିପଦା ମଣ୍ଡଳ ସଭାପତି ସତ୍ୟାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ନେତା ରଘୁନାଥ ମହାନ୍ତି ଯୋଗଦେଇ ଦଳର ଶକ୍ତିବୃଦ୍ଧି ପାଇଁ କର୍ମୀମାନେ ଆପ୍ରାଣ ଉଦ୍ୟମ କରିବା ଦରକାର ବୋଲି ପ୍ରକାଶ କରିଥିଲେ। ସଭାରେ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ମହେଶ୍ୱର ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଅରବିନ୍ଦ ବେହେରା, ମାନସ ଦାସ, ଶିବଶଙ୍କର ପ୍ରଧାନ, ନାରାୟଣ ପଣ୍ଡା, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ନୂଆଗାଁ ପଞ୍ଚାୟତର କର୍ମୀମାନେ ଯୋଗଦେଇ ଦକ୍ଷିଣ ବାଲିଆପାଳର ଜନବସତି ଅଞ୍ଚଳ ଭିତରେ ସରକାର ଯେଉଁ ପେଟ୍ରୋ କେମିକାଲ ପ୍ଲାଣ୍ଟ କରିବା ପାଇଁ ମସୁଧା କରୁଛନ୍ତି ତାହାକୁ ଭାଜପା ନିଶ୍ଚିତ ଭାବେ ବିରୋଧ କରିବ ବୋଲି କହିଥିଲେ।

# ଡ୍ରେନ ସମସ୍ୟା ନେଇ ଗ୍ରାଉଣ୍ଡ ସର୍ଭେ


ଡ୍ରେନ୍ ସମସ୍ୟା ନେଇ ସର୍ଭେ କରାଯାଉଛି।

**ସଜନାଗଡ଼, ୪।୨(ଡି.ଏନ.ଏ.)**

ନୀଳଗିରି ଏନଏସିର ୧୩ଗୋଟି ୱାର୍ଡ଼ରେ ଥିବା ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଗ୍ରାଉଣ୍ଡ ସର୍ଭେ କରାଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଡ୍ରେନେଜ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା, ଡେପୁଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କମଳା ବେହେରା, ଜେଇ ରାଇକେନ ବେଶ୍ରା, ନୀଳଗିରି ଏନଏସିର ନଟାପଡ଼ା, ଅଳେଇଚଣ୍ଡି, ଡାହାଣିମରା, ଢ଼ୋଢ଼ୟା ପୋଲ ସମେତ ବିଭିନ୍ନ ୱାର୍ଡ଼ ବୁଲି ସର୍ଭେ କରିଥିଲେ। ନୀଳଗିରି ଏନଏସି ଏରିଆରେ ଖୁବ୍‌ଶୀଘ୍ର ବିଭିନ୍ନ ପ୍ରକଳ୍ପ ନେଇ ବିଭାଗୀୟ ଅଧିକାରୀମାନେ ଟେଣ୍ଡର କରାଯିବ ବୋଲି ସୂଚନା ଦେଇଛନ୍ତି।

# ବୁଲିଲା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଭ୍ୟାନ୍


ଜିଲାପାଳ ପତାକା ହଲାଇ ଭ୍ରାମ୍ୟମାଣ ଭ୍ୟାନର ଶୁଭାରମ୍ଭ କରୁଛନ୍ତି।

**ବାରିପଦା ଅଫିସ,୪।୨**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆନୁକୂଲ୍ୟରେ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଭ୍ୟାନର ଶୁଭାରମ୍ଭ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଚାଷୀଙ୍କୁ ସଚେତନ କରାଯାଇ ମାଟି ପରୀକ୍ଷାକୁ ବ୍ୟାପକ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ଶତକଡା ୮୨ପ୍ରତିଶତ ଅମ୍ଳ ମାଟି ରହିଥିବାରୁ ଏହାର ପରୀକ୍ଷା କରାଯାଇ ଚାଷୀମାନଙ୍କୁ ଉପଯୁକ୍ତ ଖାଦ୍ୟସାର ବ୍ୟବହାର ପାଇଁ ପରାମର୍ଶ ଦିଆଯାଉଛି। ଜିଲାର ପ୍ରତିଟି ଗ୍ରାମକୁ ଏହି ଭ୍ୟାନ ମାଧ୍ୟମରେ ଚାଷୀଙ୍କ ମନରେ ମାଟି ପରୀକ୍ଷାର ଆଗ୍ରହ ସୃଷ୍ଟି କରିବାର ପ୍ରୟାସ ଜାରି ରଖାଯାଇଛି ବୋଲି ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା ରସାୟନବିତ) ଡ. ମନୋଜ ଚାନ୍ଦ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ଫସଫେଟ ଲିମିଟେଡର ମାର୍କେଟିଂ ମ୍ୟାନେଜର ରାଜୀବ କୁମାର ଶତପଥୀ ଓ ଏଗ୍ରୋନିଷ୍ଟ ବିନୋଦ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସାରନା ଧର୍ମକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ଦାବିପତ୍ର

**ସଜନାଗଡ଼,୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ବଣସୀମା ଅଞ୍ଚଳର ନୀଳଗିରି ଆଦିବାସୀ ସାରନା ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ପକ୍ଷରୁ ସାରନା ଧର୍ମକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ୨୦୨୧ ଜନଗଣନାରେ ଏହି ଧର୍ମକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ଦାବିରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ପଦୁଆର ବାହାରିଥିଲା। ପରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ନକଲ ଜିଲାପାଳ, ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ନୀଳଗିରି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସଂଘର ସମ୍ପାଦକ ଗୋପାଳ ଚରଣ ମାଝି, ସଭାପତି ଗୁରା ଟୁଡୁ, ମଦନ ମୋହନ ମାଝି, ନିମାଇଁ ଚରଣ ମାଝି, ସନାତନ ଟୁଡୁ, ଲକ୍ଷ୍ମୀଧର ମାଝି, ଭୀମ ବାସ୍କେଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆଦିବାସୀ ବୁଦ୍ଧିଜୀବୀ ଏଥିରେ ସାମିଲ ଥିଲେ।

# ଉନ୍ନତୀକରଣ, ସଂରକ୍ଷିତ ହେବ ଆଦମପୁର ଜଙ୍ଗଲ

**ଭଦ୍ରକ ଅଫିସ,୪।୨**

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥକୁ ଲାଗି କପାଳୀ ନଦୀକୂଳରେ ଥିବା ଆଦମପୁର ଜଙ୍ଗଲ(ନଳାଙ୍ଗ ବଣ)ର ବୃକ୍ଷରାଜିକୁ ସଂରକ୍ଷିତ ରଖାଯିବ। ଏଥିସହ ଏହିଅଞ୍ଚଳ ଏକ ପିକ୍‌ନିକ୍‌ସ୍ପଟ ପାଲଟିଥିବାରୁ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ନେଇ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଆଗ୍ରହ ପ୍ରକାଶ କରିଛନ୍ତି। ଜିଲାପାଳ ଦାସ ଗୁରୁବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସ୍ଥାନକୁ କିପରି ଅଧିକରୁ ଅଧିକ ସଂଖ୍ୟାରେ ଲୋକ ପିକ୍‌ନିକ୍ କରିବାକୁ ଆସିବେ ସେଥିଲାଗି ଆବଶ୍ୟକ ଥିବା ପାନୀୟଜଳ ବନ୍ଦୋବସ୍ତ, ବସିବା ଲାଗି ବେଞ୍ଚ, ବର୍ଜ୍ୟବସ୍ତୁକୁ ଫିଙ୍ଗିବା ପାଇଁ ଡଷ୍ଟବିନ୍ ସହିତ ପିଲାମାନଙ୍କ ନିମନ୍ତେ ଆକର୍ଷଣୀୟ ସାଜସଜ୍ଜା ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲାପାଳ। ସେହିପରି ଏହି ଅଞ୍ଚଳ ରାଜପଥ ପାର୍ଶ୍ୱରେ ହୋଇଥିବାରୁ ପିକ୍‌ନିକ୍ ପାଇଁ ଆସୁଥିବା ଗାଡ଼ିଗୁଡ଼ିକର ପାର୍କିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। କ୍ଷେତ୍ର ପରିଦର୍ଶନ ବେଳେ ଉପଜିଲାପାଳ ପିତାମ୍ବର ସାମଲ, ଭଣ୍ଡାରିପୋଖରୀ ବିଡିଓ ବିଜୟ କୁମାର ସାହୁ, ତହସିଲଦାର ମୃତ୍ୟୁଞ୍ଜୟ ଭୁୟାଁ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।


ଆଦମପୁର ଜଙ୍ଗଲ ଅଞ୍ଚଳ ବୁଲି ଦେଖୁଛନ୍ତି ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ।

## ଜିଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୪।୨:** ବାଲେଶ୍ୱର ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ବାଲେଶ୍ୱର ରାଜ୍ୟରେ ଲଗାତର ଦୁଇଥର ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳତା ଆଣିଥିବାରୁ ଏହା ବାଲେଶ୍ୱରକୁ ଗୌରବାନ୍ୱିତ କରିଛି। ଏତଦ୍‌ବ୍ୟତୀତ ସେ ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରିବାରେ ଆନ୍ତରିକତା ଦେଖାଉଥିବାରୁ ସଂଘ ଧନ୍ୟବାଦ ଅର୍ପଣ କରିଛି। ସଂଘର ଜିଲା ସଭାପତି ରମାକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ଅରୁଣ କୁମାର ପାତ୍ର ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା, ୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ସ୍ଥିତ ଚଣ୍ଡିମାତା ହାଇସ୍କୁଲର ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ମହାନ୍ତିଙ୍କୁ ରବିବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଶୁକ୍ଳ ସଭାପତିତ୍ୱ କରିଥିଲେ। ଓଷ୍ଟାର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ଷଡାନନ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ପ୍ରାକ୍ତନ ସଭାପତି ମହେନ୍ଦ୍ର ପ୍ରସାଦ କବି, ନୃସିଂହ ଚରଣ ଦ୍ୱିବେଦୀ, ନିର୍ମଳ ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଶିକ୍ଷକ ମାନସ ଲେଙ୍କା ଅତିଥି ପରିଚୟ, କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବାବୁଙ୍କ ତିରୋଧାନ ଦିବସ


ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

**ଜଳେଶ୍ୱର, ୪।୨(ଡି.ଏନ.ଏ.)**

ମଧୁବାବୁଙ୍କ ତିରୋଧାନ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ଓ ଜଳେଶ୍ୱର ଆଇନଜୀବୀଙ୍କ ପକ୍ଷରୁ ଗୁରୁବାର ବାଲେଶ୍ୱର ଜିଲା ଜଳେଶ୍ୱର ପୁରାତନ କୋର୍ଟ ବଜାରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉତ୍କଳ ସମ୍ମିଳନୀ ଶାଖାର ସଦସ୍ୟ ଅଜିତ୍ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ ନବ ଉତ୍କଳ ସଙ୍ଗଠନର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଶାନ୍ତ ଦାସ, ରାଜେଶ କୁମାର ପାତ୍ର, ବିନୋଦ ଅଗ୍ରୱାଲ, ନରହରି ପ୍ରଧାନ, ଗିରିଜା ଶଙ୍କର ଦାସ, ବରିଷ୍ଠ ମହୁରୁ ପ୍ରବୋଧ ଜେନା ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଦସ୍ୟ ମନୋରଞ୍ଜନ ଦାସ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ ସ୍କୁଲ ମିଶ୍ରଣ ପାଇଁ ନିର୍ଦ୍ଦେଶନାମା ଜାରି

### ସଦର ବ୍ଲକ
### ଗ୍ରାମବାସୀଙ୍କ ବିରୋଧ

**ରସାଳପୁର, ୪।୨(ଡି.ଏନ.ଏ.)**

ଯେଉଁ ସ୍କୁଲରେ ୨୫ରୁ ୪୦ଜଣ ପିଲାଙ୍କୁ ନେଇ ସ୍କୁଲ ଚାଲିଛି, ସେଗୁଡ଼ିକୁ ପାଖାପାଖି ସ୍କୁଲରେ ମ୍ୟାଗ କରାଯିବା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ପରେ ଏବେ ସଦର ବ୍ଲକ ଅଧୀନରେ ଥିବା ୧୨ଟି ସ୍କୁଲକୁ ପାଖ ସ୍କୁଲରେ ମିଶ୍ରଣ କରିବା ପାଇଁ ବ୍ଲକ ଏଜୁକେଶନ କାର୍ଯ୍ୟାଳୟରୁ ଫେବୃୟାରୀ ୨ତାରିଖରେ ଚିଠି(ନଂ. ୩୩୪) କରାଯାଇଛି। ସେଗୁଡ଼ିକ ହେଲା ବରଡ଼ିହା ପ୍ରାଇମେରୀ ସ୍କୁଲ, ଦୀପାପାଲ, ଗବଗାଁ, ଜୁଜୁନଣ୍ଡି, ଜୁଣଗୋଡ଼ିଆ ପଞ୍ଚାୟତ ସ୍କୁଲ, କଉଡ଼ିଆ ପାଟନା, ଖିରଙ୍ଗ, ଏମ୍‌ଆର୍‌କୁଛାଲପାଟନା ପଞ୍ଚାୟତ ସ୍କୁଲ, ମଣ୍ଡୁରୁକୁଲା, ଔପାଳ, ରସୁଲପୁର ଏବଂ ସାନସାଉଁ ସ୍କୁଲ। ୧କି.ମି. ଭିତରେ ଥିବା ସ୍କୁଲରେ ୫ତାରିଖ ସୁଦ୍ଧା ମିଶ୍ରଣ କରିବା ସହିତ ବିଦ୍ୟାଳୟ କୋଠାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ ସମସ୍ତ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କୁ ବ୍ଲକ ଏଜୁକେଶନ ଅଫିସର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତରେ ଥିବା ସାନସାଉଁ ପ୍ରାଇମେରୀ ସ୍କୁଲକୁ ପଳାଶପୁର ୟୁଜିୟୁପି ସ୍କୁଲରେ ମିଶ୍ରଣ କରାଯାଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସଦର ବିଡିଓ ନରେନ୍ଦ୍ର ଖମାରୀ, ସଦର ବ୍ଲକ ଶିକ୍ଷାଧିକାରୀ କବିତା ଜେନାଙ୍କ ସମେତ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସାନସାଉଁ ଓ ପାଖରସାଉଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଉକ୍ତ ବିଦ୍ୟାଳୟ ୧୯୨୯ରେ ସ୍ଥାପନ କରାଯାଇଥିବା ବେଳେ ଏଠାରେ ୫୦% ଆଦିବାସୀ ପିଲା ପାଠ ପଢୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଗାଁ ସ୍କୁଲରେ ଛୋଟ ପିଲାମାନେ ପଢୁଛନ୍ତି। ଏହା ଉଚ୍ଛେଦ ହେଲେ ଛୋଟ ଛୋଟ ପିଲାମାନେ ୧କି.ମି. ଦୂର ପଳାସପୁର ୟୁଜିୟୁପି ସ୍କୁଲକୁ ଯିବା ବିପଦପୂର୍ଣ୍ଣ। ଏବେ ଏଠାରେ ୪୩ଜଣ ପିଲା ପାଠ ପଢୁଛନ୍ତି। ଯଦି ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏହାକୁ ବିଚାର ନ କରି ଉଚ୍ଛେଦ କଲେ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି ରଞ୍ଜନ ପରିଡ଼ା, ୱାର୍ଡ଼ସଭ୍ୟା ରଞ୍ଜିତା ବିଶ୍ୱାଳଙ୍କ ସମେତ ମଧୁସୂଦନ ନାୟକ, ନବକୁମାର ନାୟକ, ଚୈତନ୍ୟ ସିଂ, ଲକ୍ଷ୍ମୀ ସିଂ, ରଘୁନାଥ ବିଶ୍ୱାଳ, ଗୋପୀନାଥ ବିଶ୍ୱାଳ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଡବ୍ଲ୍ୟୁଏଚ୍‌ଓ ୱେବ୍‌ସାଇଟରେ ଭୁଲ୍ ମାନଚିତ୍ର: ପ୍ରତିବାଦ ଜଣାଇଛି କେନ୍ଦ୍ର

**ନୂଆଦିଲ୍ଲୀ (ପି.ଟି.):** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ୱେବସାଇଟରେ ଭାରତର ଭୁଲ ମାନଚିତ୍ର ରଖାଯିବା ପ୍ରସଙ୍ଗରେ କେନ୍ଦ୍ର ସରକାର ତୀବ୍ର ପ୍ରତିବାଦ ଜଣାଇଥିଲା। ଡବ୍ଲ୍ୟୁଏଚ୍‌ଓ ଏହାର ପୋର୍ଟାଲରେ ଏହି ମାନଚିତ୍ରକୁ ଅସ୍ୱୀକାର କରିଥିବା ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ରାଜ୍ୟ ସଭାକୁ ଏହି ସୂଚନା ଦେଇଛନ୍ତି। ମାନଚିତ୍ରରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ସମ୍ପୂର୍ଣ୍ଣ ଭିନ୍ନ ରଙ୍ଗ ଦିଆଯାଇଥିଲା।

### ସଂକ୍ଷେପରେ

## ‘ଓଭରବ୍ରିଜ୍ ନିର୍ମାଣଠାରୁ ଗଛ ମୂଲ୍ୟବାନ୍’

**ନୂଆଦିଲ୍ଲୀ, ୪।୨(ପି.ଟି.):** ପଶ୍ଚିମବଙ୍ଗରେ ୫ଟି ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ୩୦୦ ଐତିହ୍ୟ ବୃକ୍ଷ କଟାଯିବାର ଥିଲା। ତେବେ ବୃକ୍ଷଗୁଡ଼ିକ ଯୋଗାଇବାକୁ ଥିବା ଅମ୍ଳଜାନ ଓ ଅନ୍ୟାନ୍ୟ ସାମଗ୍ରୀକୁ ହିସାବକୁ ନେଲେ ସେଗୁଡ଼ିକର ମୂଲ୍ୟ ୨୨୦ କୋଟି ଟଙ୍କା। ଅର୍ଥାତ୍ ଜୀବନ୍ତ ବୃକ୍ଷ ପ୍ରକଳ୍ପଠାରୁ ଅଧିକ ଲାଭକାରୀ ବୋଲି ବିଶେଷଜ୍ଞ କମିଟି ସୁପ୍ରିମକୋର୍ଟଙ୍କୁ କହିଛି। ଐତିହ୍ୟ ବୃକ୍ଷ ବଢ଼ିବା ପାଇଁ ବହୁ ଦଶନ୍ଧି କିମ୍ବା ଶତାଧିକ ବର୍ଷ ଲାଗିଯାଇଥାଏ। ଏହି ବୃକ୍ଷଗୁଡ଼ିକ ସିଭିଲ୍ ସୋସାଇଟିର ସେବାରେ ଲାଗିବା ସହ ପରିବେଶକୁ ପ୍ରଦୂଷଣମୁକ୍ତ କରିଥାନ୍ତି। ତେଣୁ ବୃକ୍ଷର ମୂଲ୍ୟାୟନ କଲାବେଳେ ଅମ୍ଳଜାନ, ସୂକ୍ଷ୍ମ ପୋଷକ ତତ୍ତ୍ୱ, କମ୍ପୋଷ୍ଟ, ଜୈବ ସାର ଇତ୍ୟାଦିକୁ ମଧ ହିସାବକୁ ନେବାକୁ ହେବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠକୁ ବିଶେଷଜ୍ଞ କମିଟି କହିଛି। ଏସବୁ ଖର୍ଚ୍ଚକୁ ମିଶାଇ ବୃକ୍ଷର ଅବଶିଷ୍ଟ ଆୟୁଷ ସହ ଗୁଣନ କଲେ ପ୍ରତିଟି ଗଛର ଦାମ୍ ୭୪,୫୦୦ ଟଙ୍କା ହେବ ବୋଲି କୁହାଯାଇଛି। ସେହି ଅନୁଯାୟୀ ୩୦୦ ବୃକ୍ଷର ଦାମ୍ ୨୨୦ କୋଟି ଟଙ୍କା। ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ପରିବେଶ ଉପରେ ପ୍ରଭାବ ସମ୍ପର୍କରେ ଆକଳନ କରାଯାଇ ନ ଥିବା କମିଟି କହିଛି।

## ପାକିସ୍ତାନରେ ଇରାନ୍‌ର ସର୍ଜିକାଲ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ, ୪।୨:** ଇରାନ ସେନା ପକ୍ଷରୁ ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇ ବାଲୋଚ ଆତଙ୍କବାଦୀଙ୍କ କବଳରୁ ଦୁଇଜଣ ରିଭଲ୍ୟୁଶନାରି ଗାର୍ଡଙ୍କୁ ମୁକ୍ତ କରାଯାଇଛି। ଗଣମାଧମ ରିପୋର୍ଟ ଅନୁଯାୟୀ ଇରାନର ଶକ୍ତିଶାଳୀ ରିଭଲ୍ୟୁଶନାରି ଗାର୍ଡ (ଆଇଆର୍‌ଜିସି) ପକ୍ଷରୁ ପାକିସ୍ତାନ ଭିତରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମଙ୍ଗଳବାର ରାତିରେ ଏହି ଗୋଇନ୍ଦା ଅପରେଶନ ସଫଳ ହୋଇଥିବା ଆଇଆର୍‌ଜିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ ୨୦୧୮ ଅକ୍ଟୋବର ୧୬ରେ ପାକିସ୍ତାନର ଇରାନୀୟ ସୁନ୍ନୀ ଉଗ୍ରପନ୍ଥୀ ସଂଗଠନ, ଜୈଶ ଅଲ୍-ଆଡଲ୍ (ନ୍ୟାୟ ସେନା) ଇରାନର ଦକ୍ଷିଣ ପୂର୍ବରେ ଥିବା ସିଷ୍ଟାନ ଓ ବେଲୁଚିସ୍ତାନ ପ୍ରଦେଶର ମିର୍‌ଜାଭେଦ ସୀମାରୁ ୧୨ ଇରାନୀ ସୁରକ୍ଷାଗାର୍ଡଙ୍କୁ ଅପହରଣ କରିନେଇଥିଲେ। ପରେ ସେମାନଙ୍କୁ ପାକିସ୍ତାନ ପଠାଇ ଦିଆଯାଇଥିଲା। ସେହିବର୍ଷ ନଭେମ୍ବରରେ ସେମାନଙ୍କ ମଧରୁ ୫ ଜଣଙ୍କୁ ମୁକ୍ତ କରାଯାଇଥିଲା। ୨୦୧୯ ମାର୍ଚ୍ଚ ୨୧ରେ ପାକିସ୍ତାନ ସୈନ୍ୟବାହିନୀ ଅନ୍ୟ ୪ ଇରାନୀ ସୈନ୍ୟଙ୍କୁ ଉଦ୍ଧାର କରିଥିଲେ।

## ମସ୍‌ଜିଦ୍ ଭୂମିକୁ ନିଜର ଦାବିକଲେ ୨ ଭଉଣୀ

**ଲକ୍ଷ୍ନୌ, ୪।୨:** ବାବ୍ରି ମସ୍‌ଜିଦ୍ ମାମଲାରେ ଅଯୋଧାରେ ମସ୍‌ଜିଦ ନିର୍ମାଣ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯାଇଥିବା ୫ ଏକର ଜମିକୁ ନିଜର ବୋଲି ଦାବି କରିଛନ୍ତି ଦିଲ୍ଲୀର ଦୁଇ ଭଉଣୀ ରାନୀ କପୁର ଏବଂ ରାମା ରାନି ପଞ୍ଜାବୀ। ଏ ନେଇ ସେମାନେ ଆଲ୍ଲାହାବାଦ୍ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆସନ୍ତା ୮ ତାରିଖରେ ଦାଖଲ ପିଟିଶନର ଶୁଣାଣି ହୋଇପାରେ। ପିଟିଶନରେ ସେମାନେ ଦର୍ଶାଇଛନ୍ତି ଯେ, ୧୯୪୭ରେ ଭାରତ ପାକିସ୍ତାନ ଅଲଗା ହେବା ସମୟରେ ସେମାନଙ୍କ ବାପା ଜ୍ଞାନଚନ୍ଦ୍ର ପଞ୍ଜାବୀ ଭାରତକୁ ଆସି ଉତ୍ତରପ୍ରଦେଶର ଫଇଜାବାଦ୍(ବର୍ତ୍ତମାନ ଅଯୋଧା)ରେ ବସତି ସ୍ଥାପନ କରିଥିଲେ। ଜ୍ଞାନଚନ୍ଦ୍ରଙ୍କୁ ଧନୀପୁର ଗ୍ରାମରେ ୨୮ ଏକର ଜମି ଆବଣ୍ଟିତ କରାଯାଇଥିଲା। କିନ୍ତୁ ପରେ ତାଙ୍କ ନାଁ ରେକର୍ଡରୁ ହଟାଇ ଦିଆଯିବାରୁ ସେ ଆଡିଶନାଲ କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ପୁନଃ ତାଙ୍କ ନାଁ ରେକର୍ଡକୁ ଅଣାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ପୁଣି ଜ୍ଞାନଚନ୍ଦ୍ରଙ୍କ ନାଁକୁ ହଟାଇଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସବୁ ପ୍ରତି ଦୃଷ୍ଟି ଦିଆ ନ ଯାଇ ତାଙ୍କ ୨୮ ଏକର ଜମିରୁ ୫ ଏକର ସୁନ୍ନି ୱାକଫ୍ ବୋର୍ଡକୁ ପ୍ରଦାନ କରାଯାଇଥିବା ପିଟିଶନରେ ଦର୍ଶାଯାଇଛି।

# ବିଦେଶକୁ ଲମ୍ବିଛି ନୀଳରକ୍ତ କଙ୍କଡ଼ା ର୍‍ୟାକେଟ୍

**ମହାକାଳପଡ଼ା, ୪।୨(ଡି.ଏନ୍.ଏ.)**

ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ବିରଳ ପ୍ରଜାତିର ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ବହୁଳ ମାତ୍ରାରେ ଦେଖାଯାଇଥାନ୍ତି। ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସନ୍ତସନ୍ତିଆ ହେନ୍ତାଳ ଜଙ୍ଗଲ ଓ ବାଲିଚରରେ ମଧ ଏମାନେ ଦେଖିବାକୁ ମିଳିଥାନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗହୀରମଥା, ସାମୁଦ୍ରିକ ଅଭୟାରଣ୍ୟର ହୁକିଟୋଲା, ମାଦଳୀ ମୁହାଣ, ଲଞ୍ଚଘୋଲା, ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳରେ ପ୍ରବାହିତ ନଦୀନାଳରେ ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳିଛି। ଏହି ପ୍ରଜାତିର କଙ୍କଡ଼ାକୁ ଅସାଧୁ ବ୍ୟବସାୟୀ ବିଦେଶ ଚାଲାଣ କରି ଲାଭବାନ୍ ହେଉଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଶୀତଋତୁରେ ନୀଳରକ୍ତ କଙ୍କଡା ମିଳନ ପାଇଁ କୂଳକୁ ଆସିଥିବାବେଳେ ଏମାନଙ୍କୁ ଧରି ସ୍ଥାନୀୟ ବ୍ୟବସାୟୀ ପାରାଦୀପକୁ ଚୋରା ଚାଲାଣ କରିଥାନ୍ତି। ସେଠାରୁ କୋଲକାତା ବାଟଦେଇ ବିଦେଶ ପଠାଯାଇଥାଏ ବୋଲି ଜଣେ ବ୍ୟକ୍ତି ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। କାରଣ ଏମାନଙ୍କ ରକ୍ତ ଔଷଧ ଓ ମଣିଷଙ୍କ ରୋଗ ନିଦାନରେ ବ୍ୟବହାର କରାଯାଇଥାଏ। ଏକ ରିପୋର୍ଟରୁ ଜଣାଯାଏ, ନୀଳରକ୍ତ କଙ୍କଡ଼ାଙ୍କ ୧ ଲିଟର ରକ୍ତର ଦାମ ବିଦେଶରେ ୧୧ ଲକ୍ଷ ଟଙ୍କା। ନୀଳରକ୍ତ କଙ୍କଡ଼ାଙ୍କୁ ଯେଉଁଭଳି ଭାବେ ଧରାଯାଉଛି, ଆଗାମୀଦିନରେ ଏହାର ବଂଶ ଲୋପ ପାଇଯିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।



ଉପକୂଳ ଲଞ୍ଚଘୋଲା, ମାଦଳୀ ମୁହାଣ ବାଲୁକାଶଯ୍ୟାରେ ନୀଳରକ୍ତ କଙ୍କଡ଼ା।

ବିଶ୍ୱର ବହୁ ପୁରାତନ ଜୀବଙ୍କ ମଧରେ ଅନ୍ୟତମ ହର୍ଷସୁ କ୍ରାବ୍ ବା ନୀଳରକ୍ତ କଙ୍କଡ଼ା ଡାଇନୋସର ପୂର୍ବରୁ ପୃଥିବୀରେ ଦେଖାଯାଉଥିବା କୁହାଯାଏ। ଆମେରିକାରେ ମେଡିକାଲ ଆନାଲିସିସ୍‌ରେ ଜଣାପଡିଥିଲା, ଏହି କଙ୍କଡ଼ା ୪୫ କୋଟି ବର୍ଷରୁ ଅଧିକ ସମୟ ଧରି ପୃଥିବୀରେ ଅଛନ୍ତି। ତେଣୁ ଏମାନଙ୍କୁ ଲିଭିଂ ଫସିଲ୍ ୪ର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରଜାତିର କଙ୍କଡ଼ାଙ୍କ ରକ୍ତରେ ଆଇରନ ବଦଳରେ କପର ବା ତମ୍ବା ସହ ହେମୋସିଆନିନ ନାମକ ଏକ ରାସାୟନିକ ପଦାର୍ଥ ଥିବାରୁ ଏମାନଙ୍କ ରକ୍ତର ରଙ୍ଗ ନୀଳ ହୋଇଥାଏ। ତେଣୁ ଏମାନଙ୍କୁ ନୀଳରକ୍ତ କଙ୍କଡ଼ା କୁହାଯାଏ। ଏହି ପ୍ରଜାତିର କଙ୍କଡ଼ାଙ୍କ ରକ୍ତରେ ଥିବା ରାସାୟନିକ ପଦାର୍ଥ ମଣିଷ ରକ୍ତରେ ଥିବା ରୋଗ ନିଦାନ ଚିହ୍ନଟରେ ସାହାଯ୍ୟ କରିଥାଏ। ଉପକୂଳବର୍ତ୍ତୀ ନଦୀ, ନାଳ ଓ ସମୁଦ୍ର କୂଳରେ ଥିବା ହେନ୍ତାଳ ବନରେ ଏମାନେ ରହୁଥିବା ହେତୁ ପରିବେଶ ସନ୍ତୁଳନ ସଜାଡ଼ିବାରେ ମୁଖ୍ୟ ଭୂମିକା ନିଭାଇଥାନ୍ତି। ହେନ୍ତାଳ ଗଛମୂଳ, ଦୋରସା ବାଲିଆ ପଙ୍କ ସନ୍ତସନ୍ତିଆ ସ୍ଥାନରେ ପ୍ରାୟ ସମୟରେ ଯୋଡ଼ା ଯୋଡ଼ା ହୋଇ ନୀଳରକ୍ତ କଙ୍କଡ଼ା ପଡ଼ିଥିବା ଲକ୍ଷ୍ୟ କରାଯାଏ। ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ଏହି କଙ୍କଡ଼ା ମିଳନ ପାଇଁ ସମୁଦ୍ରରୁ କୂଳ ଆଡ଼କୁ ଅଧିକ ସଂଖ୍ୟାରେ ଆସିଥାନ୍ତି।

### ବିପୁଳ ଚାଲାଣ ହେଉଛି

### ଅସାଧୁ ବ୍ୟବସାୟୀ ମାଲାମାଲ

ନଭେମ୍ବରଠାରୁ ଫେବୃୟାରୀ ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। କଙ୍କଡ଼ାଗୁଡିକର ରକ୍ତରୁ ବହୁ ମହୌଷଧି ଓ ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଔଷଧ ତିଆରି ହୋଇଥାଏ। ସେମାନଙ୍କ ବଂଶ ବିସ୍ତାର ପାଇଁ ବେଶ୍ ସୁରକ୍ଷିତ ମନେ କରି ଗହୀରମଥା ଅଞ୍ଚଳକୁ ନିରାପଦ ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି। କିନ୍ତୁ ଦିନକୁ ଦିନ ନଦୀନାଳରେ ମାଛଧରା ପାଇଁ ବ୍ୟବହୃତ ମେଶିନ ଚାଳିତ ବୋଟ୍, ମାଛ ଧରିବାରେ ଅତ୍ୟାଧୁନିକ ଗାଞ୍ଜ ପ୍ଲାଷ୍ଟିକ ଜାଲ ବ୍ୟବହାର ଏମାନଙ୍କ ପାଇଁ ବିପଦ ଆଣିଛି। ମାଦଳୀ ମୁହାଣ ବେଳାଭୂମିରେ ଏହି ବିରଳ ପ୍ରଜାତିର କଙ୍କଡ଼ା ଜାଲରେ ଛନ୍ଦି ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହି ପ୍ରଜାତିର କଙ୍କଡ଼ା ପ୍ରଜନନ ପୂର୍ବରୁ ମରଣମୁହଁକୁ ଠେଲି ହୋଇ ଯାଉଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳୀ କୁହନ୍ତି, ନୀଳରକ୍ତ କଙ୍କଡ଼ାଙ୍କ ରକ୍ତ ବହୁ ମାରାତ୍ମକ ରୋଗର ନିଦାନ ପାଇଁ ବ୍ୟବହାର ହେଉଛି। ସେମାନଙ୍କ ବଂଶ ବିସ୍ତାର ଓ ସୁରକ୍ଷା ପାଇଁ ବନ ବିଭାଗ ପଦକ୍ଷେପ ନେବା ସହ ମତ୍ସ୍ୟଜୀବୀଙ୍କୁ ସଚେତନ କରିବା ଜରୁରୀ ହୋଇପଡିଛି।

## ୧୪୪ରେ ପହଞ୍ଚିଲା ପୋଷ୍ୟ ବିଦ୍ୟାଳୟ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**




‘ମୋ ସ୍କୁଲ ଅଭିଯାନ’ ଅଧୀନରେ ଆରମ୍ଭ ହୋଇଥିବା ‘ସ୍କୁଲ ଆଡ୍‌ପଶନ କାର୍ଯ୍ୟକ୍ରମ’କୁ ସମଗ୍ର ରାଜ୍ୟରୁ ବିପୁଳ ସମର୍ଥନ ମିଳିଛି। ରାଜ୍ୟର ବହୁ ବିଶିଷ୍ଟ ଏବଂ ଜଣାଶୁଣା ବ୍ୟକ୍ତିଙ୍କ ସହ ବିଭିନ୍ନ ବର୍ଗର ଜନସାଧାରଣ ଏଥିରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୪୪ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟଭାବେ ଗ୍ରହଣ କରାଯାଇଛି। ୧୩ ମନ୍ତ୍ରୀ, ବିଧାୟକ ଏବଂ ଏମ୍‌ପି ୨୯ ସ୍କୁଲକୁ ପୋଷ୍ୟ ଗ୍ରହଣ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, କୃଷିମନ୍ତ୍ରୀ ଅରୁଣ ସାହୁ, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ଟୁକୁନି ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ସଭା ସଦସ୍ୟ ସୁବାସ ଚନ୍ଦ୍ର ସିଂ ଏବଂ ସୁଜିତ କୁମାର, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କଂଗ୍ରେସ ବିଧାୟକ ନରସିଂହ ମିଶ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନିଜେ ପଢିଥିବା ଏବଂ ସ୍ମୃତି ଜଡ଼ିତ ଥିବା ବିଦ୍ୟାଳୟକୁ ପୋଷ୍ୟ ନେଇଛନ୍ତି। ଅନୁରୂପ ଭାବେ ୫୩ ବରିଷ୍ଠ ଆଇଏଏସ୍ ଅଫିସର ୫୯, ୨୬ ଓଏଏସ୍ ଅଫିସର ୩୧, ୪ ଆଇପିଏସ୍ ଅଫିସର ଏବଂ ୨ ଆଇଏଫ୍‌ଏସ୍ ଅଫିସର ୬ ବିଦ୍ୟାଳୟକୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ଏମାନଙ୍କ ବ୍ୟତୀତ ବ୍ୟବସାୟୀ, କର୍ପୋରେଟ୍ ଅଧିକାରୀ, ଖବରଦାତା, ସାମାଜିକ କର୍ମୀ ଏବଂ ସାଧାରଣ ଜନତା ଏହି ଅଭିନବ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ କେବଳ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ନୁହନ୍ତି, ବରଂ ସାଧାରଣବର୍ଗର ଲୋକଙ୍କଠାରୁ ମଧ ଆକୁଣ୍ଠ ସମର୍ଥନ ମିଳିଛି। ବିଦ୍ୟାଳୟ ସହ ଥିବା ଭାବଗତ ବନ୍ଧନକୁ ଆହୁରି ସୁଦୃଢ଼ କରି ନିଜ ନିଜର ସ୍କୁଲ ପାଇଁ କିଛି କରିବାକୁ ଏହି ଆନ୍ଦୋଳନରେ ହଜାର ହଜାର ଲୋକ ସାମିଲ ହୋଇଛନ୍ତି। କେବଳ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନୁହେଁ, ଛାତ୍ରୀଛାତ୍ରଙ୍କୁ ମାନସିକସ୍ତରରେ ସମର୍ଥନ ଯୋଗାଇଦେବା, ସେମାନଙ୍କୁ ଶିକ୍ଷାଦାନ କରିବା, ଦୃଢ଼ ନେତୃତ୍ୱ ମାଧ୍ୟମରେ ପିଲାଙ୍କ ସର୍ବାଙ୍ଗୀନ ବିକାଶ କରିବା ଏବଂ ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପୁରାତନ ଛାତ୍ରୀଛାତ୍ର, ବିଶିଷ୍ଟ ବ୍ୟକ୍ତି ଏବଂ ସାଧାରଣ ଲୋକେ ଆଗେଇ ଆସିଛନ୍ତି।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ଗୁରୁବାର ରାଜଭବନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

## ଦୀର୍ଘଦିନର ଅବହେଳା ଦୂରହୋଇଛି: ଧର୍ମେନ୍ଦ୍ର

### ରେଳ ବଜେଟ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡ଼ିଶାକୁ ୬୯୯୫ କୋଟି ୫୮ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହି ବିପୁଳ ଅର୍ଥ ଅନୁଦାନ ମାଧ୍ୟମରେ ରାଜ୍ୟରେ ରେଳ ପ୍ରକଳ୍ପକୁ ଶୀଘ୍ର ସାରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏହାସହ ରାଜ୍ୟରେ ରେଳ ଭିତ୍ତିଭୂମି ଓ ରେଳ ସଂଯୋଗ ସ୍ଥାପନକୁ ସୁଦୃଢ଼ କରିବା ଏବଂ ଯାତ୍ରୀଙ୍କ ସୁବିଧା ବଢ଼ାଇବାକୁ ମଧ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶା ତଥା ପୂର୍ବ ଭାରତର ବିକାଶ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାରେ ରହିଛି। ଗତ ୬ ବର୍ଷରେ ରେଳପଥ କ୍ଷେତ୍ରରେ ଓଡ଼ିଶା ପ୍ରତି ଦୀର୍ଘଦିନର ଅବହେଳାକୁ ଦୂର କରାଯାଇ ରାଜ୍ୟକୁ ପ୍ରଚୁର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ରେଳ ଅନୁଦାନ ବଢ଼ିଛି। ମିଶନ ପୂର୍ବୋଦୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଥିବା ବେଳେ ଦେଶର ବିକାଶ ପୂର୍ବ ଭାରତର ନେତୃତ୍ୱ ଦ୍ୱାରା ସମ୍ଭବ ବୋଲି ଏହା ସୁନିଶ୍ଚିତ କରୁଛି। ଓଡ଼ିଶାରେ ୬୧ ହଜାର ୯୪୯ କୋଟି ଟଙ୍କା ବ୍ୟୟରେ ୪,୮୭୭ କି.ମି.ର ୩୯ ରେଳ ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ କ୍ରିୟାନ୍ୱିତ ହେଉଛି। କଂଗ୍ରେସ ସରକାରରେ ୨୦୦୯-୧୪ ମଧ୍ୟରେ ଓଡ଼ିଶାକୁ ରେଳ ଅନୁଦାନ ବାବଦକୁ ବାର୍ଷିକ ହାରାହାରି ମାତ୍ର ୮୩୮ କୋଟି ଟଙ୍କା ଦିଆଯାଇଥିଲା। ମାତ୍ର ୨୦୧୪-୧୯ରେ ୩୯୨ ପ୍ରତିଶତ ବୃଦ୍ଧି ପାଇ ବାର୍ଷିକ ହାରାହରି ୪,୧୨୬ କୋଟି ଟଙ୍କା ଦିଆଯାଉଛି। ପୂର୍ବୋଦୟର ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ନୈରାଶ୍ୟଜନକ: ବିଜେଡି, କଂଗ୍ରେସ

କେନ୍ଦ୍ର ରେଳ ବଜେଟରେ ଓଡ଼ିଶାକୁ ୬୯୯୫ କୋଟି ୫୮ ଲକ୍ଷ ଟଙ୍କା ମିଳିଛି। ଏହା ନୈରାଶ୍ୟଜନକ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ରେଳ ବଜେଟକୁ ନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ରାଜ୍ୟ ତରଫରୁ ୭ ହଜାର ୨୦୦ କୋଟି ଟଙ୍କା ଦାବି ଥିଲା। ହେଲେ ସେହି ଅନୁସାରେ ଅର୍ଥ ମିଳିନାହିଁ। ସେଥିରୁ ପୁରୁଣା ଖୋର୍ଦ୍ଧା- ବଲାଙ୍ଗୀର ପାଇଁ ୫ ଶହ କୋଟି ଟଙ୍କା ରହିଛି। ଅନ୍ୟପଟେ ରେଳ ବଜେଟ ନୈରାଶ୍ୟଜନକ ବୋଲି ବିଜେଡି ଏମ୍‌ପି ଅମର ପଟ୍ଟନାୟକ ମତ ରଖିଛନ୍ତି। ବିଜେଡି ଭଳି ରାଜ୍ୟ କଂଗ୍ରେସ ମଧ ରେଳ ବଜେଟକୁ ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏଥର ରେଲୱେ ବଜେଟରେ ଓଡ଼ିଶା ଲାଗି ଯେଉଁ ଭରସା ଥିଲା ସେହି ଅନୁସାରେ ହୋଇନାହିଁ। ଯେଉଁ ସବୁ ରାଜ୍ୟରେ ନିର୍ବାଚନ ହେବାକୁ ଅଛି ସେଗୁଡ଼ିକୁ ଅଧିକ ଗୁରୁତ୍ୱ ଏବଂ ଅର୍ଥ ଦେଇଛନ୍ତି। ଓଡ଼ିଶା ରେଲୱେକୁ ବହୁ ପରିମାଣର ରାଜସ୍ୱ ପ୍ରଦାନ କରୁଛି। ଓଡ଼ିଶାରେ ଆବଶ୍ୟକତା ମଧ ରହିଛି। ରେଲୱେ ଲାଇନ୍ ସମ୍ପ୍ରସାରଣ ପାଇଁ ସେମିତି କିଛି ଦେଇନାହାନ୍ତି। ତେଣୁ ପୂରା ବଜେଟକୁ ଦେଖିଲେ ଏହା ନୈରାଶ୍ୟଜନକ ବୋଲି ନିରଞ୍ଜନ କହିଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପରେ କ୍ରମାଗତଭାବେ ରେଳ ବଜେଟରେ ଓଡ଼ିଶାକୁ ଅଧିକରୁ ଅଧିକ ଅର୍ଥ ମିଳିଛି । ପୂର୍ବରୁ ଉପା ସରକାର ସମୟରେ ରେଳ ବଜେଟରେ ଓଡ଼ିଶାକୁ କେବେହେଲେ ହଜାରେ କୋଟିରୁ ଅଧିକ ଅର୍ଥ ମିଳି ନ ଥିଲା । ମୋଦି ସରକାର ସମୟରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାକୁ ରେକର୍ଡ ପରିମାଣ ୩୬,୧୦୭ କୋଟି ଟଙ୍କାର ଅନୁଦାନ ମିଳିଥିବାରୁ ସମୀର କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଳଯାତ୍ରୀଙ୍କ ସୁବିଧା ପାଇଁ ୪୨୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଚଳିତ ରେଳ ବଜେଟରେ ଓଡ଼ିଶାକୁ ରେକର୍ଡ ପରିମାଣର ଅର୍ଥ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କ ତରଫରୁ ସମୀର ଧନ୍ୟବାଦ ଦେଇଛନ୍ତି।

## ଓଡ଼ିଶାରେ ୫୦%ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ

**ଭୁବନେଶ୍ୱର,୪।୨(ବ୍ୟୁରୋ)-**୨୦୨୧ ଜାନୁୟାରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା କୋଭିଡ୍-୧୯ ଟିକାକରଣରେ ଓଡ଼ିଶା ୫୦ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକା ଦେବାରେ ସଫଳ ହୋଇଛି। ୧୩ଟି ପ୍ରମୁଖ ରାଜ୍ୟ ମଧ୍ୟରେ ଓଡ଼ିଶା ୬ ନମ୍ବର ସ୍ଥାନରେ ରହିଛି। ମଧ୍ୟପ୍ରଦେଶ ୭୩.୬ ପ୍ରତିଶତ ଟିକାକରଣ କରି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ରାଜସ୍ଥାନ ଦ୍ୱିତୀୟ(୬୬.୮ ପ୍ରତିଶତ), ତ୍ରିପୁରା ତୃତୀୟ (୬୫.୫ ପ୍ରତିଶତ), ମିଜୋରାମ ଚତୁର୍ଥ (୬୩.୭ ପ୍ରତିଶତ) ଏବଂ ଲକ୍ଷାଦ୍ୱୀପ ୬୨ ପ୍ରତିଶତ ଟିକାକରଣ କରି ୫ମ ସ୍ଥାନରେ ରହିଛି। ଓଡ଼ିଶା ପଛକୁ କେରଳ, ହରିୟାଣା, ବିହାର, ଆଣ୍ଡାମାନ ଓ ନିକୋବର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ରହିଛି। ଫେବୃୟାରୀ ୧୩ ତାରିଖରୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବ। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସୁଦ୍ଧା ରାଜ୍ୟରେ ୨୩,୫୭୭ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକାକରଣ କରାଯାଇଛି। ସମଗ୍ର ଦେଶରେ ୪୬ ଲକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକାକରଣ କରାଯାଇଛି।

## ୮ ରାଜ୍ୟରେ ପଜିଟିଭ ହାର ଚିନ୍ତାଜନକ

**ନୂଆଦିଲ୍ଲୀ, ୪।୨(ପି.ଟି.)**

ଦେଶରେ ଦୈନିକ କରୋନା ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଆମେରିକା, ବ୍ରିଟେନ୍ ଏବଂ ବ୍ରାଜିଲ୍ ତୁଳନାରେ ଭାରତରେ କୋଭିଡ୍ ସ୍ଥିତି ଭଲ ହେଉଛି। ତେବେ ଦେଶର ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପଜିଟିଭ ହାର ଏବେ ବି ଚିନ୍ତାଜନକ ରହିଥିବା ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଗୁରୁବାର କହିଛନ୍ତି। ଉକ୍ତ ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସାପ୍ତାହିକ ପଜିଟିଭ ହାର ଜାତୀୟ ହାର ତୁଳନାରେ ଅଧିକ ରହିଛି।

ଭାରତରେ ସାପ୍ତାହିକ କୋଭିଡ୍ ପଜିଟିଭ ହାର ୧.୮୨ ପ୍ରତିଶତ ଥିବାବେଳେ କେରଳରେ ସର୍ବାଧିକ ୧୧.୨୦, ଛତିଶଗଡ଼ରେ ୬.୨୦, ମହାରାଷ୍ଟ୍ରରେ ୪.୭୦, ଗୋଆରେ ୪.୪୦, ନାଗାଲାଣ୍ଡରେ ୩.୬୦, ଲଦାଖରେ ୨.୯୦, ପୁଡୁଚେରୀରେ ୨.୬୦, ଚଣ୍ଡିଗଡ଼ରେ ୨.୧୦ ପ୍ରତିଶତ ରହିଛି। ତେଣୁ ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସି ନ ଥିବା ସ୍ପଷ୍ଟ ହୋଇଛି। ଭାରତରେ ଏବେ ପଜିଟିଭ ମାମଲା ୧.୫୫ ଲକ୍ଷ ରହିଛି। ସେଥିରୁ କେରଳରେ ସର୍ବାଧିକ ୬୯,୩୬୫ ଜଣ ସଂକ୍ରମିତ ଥିବାବେଳେ ମହାରାଷ୍ଟ୍ରରେ ୩୮,୬୬୨ ରହିଛନ୍ତି।



ବିଶ୍ୱ କୋଭିଡ୍ ସ୍ଥିତିକୁ ଦେଖିଲେ କେତେକ ଦେଶରେ ଏକାଧିକ ଥର ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ଅର୍ଥାତ୍ ଅଧିକ ଲୋକ ଏହି ରୋଗ ସଂସ୍ପର୍ଶରେ ଆସି ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ୁଛି। ସେହି ଦୃଷ୍ଟିରୁ ଦେଖିଲେ ଭାରତର ସ୍ଥିତି ବହୁତ ଭଲ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ‘ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ’

### ସଚିବଙ୍କ ନୃସିଂହନାଥ, ହରିଶଙ୍କର ପରିଦର୍ଶନ ପ୍ରସଙ୍ଗ

- ସ୍ପଷ୍ଟୀକରଣ ଲୋଡ଼ିଲେ ପ୍ରଦୀପ ପୁରୋହିତ
- ବିକାଶ ପାଇଁ ବଜେଟ୍‌ରେ ପାଣ୍ଠି ବ୍ୟବସ୍ଥା ହେଉ
- ଖଣି ଖନନ ପ୍ରୟାସକୁ ବରଦାସ୍ତ କରାଯିବନି

**ବରଗଡ଼ ଅଫିସ୍,୪।୨**

ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଟିମ୍ ବୁଧବାର ଗନ୍ଧମାର୍ଦ୍ଦନର ନୃସିଂହନାଥ ଓ ହରିଶଙ୍କର ମନ୍ଦିର ପରିଦର୍ଶନରେ ଆସିଥିଲେ। ସେମାନଙ୍କ ଏହି ଗସ୍ତକୁ ନେଇ ପୂର୍ବତନ ପଦ୍ମପୁର ବିଧାୟକ, ଗନ୍ଧମାର୍ଦ୍ଦନ ଆନ୍ଦୋଳନର ନେତା ତଥା ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଛନ୍ତି ।

ପୁରୋହିତ କହିଛନ୍ତି, ୧୧ବର୍ଷ ତଳେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୃସିଂହନାଥ ପରିଦର୍ଶନରେ ଆସିଥିଲେ। ଏହାର ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଘୋଷଣା କରିଥିଲେ। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର ଦୁଇ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୃସିଂହନାଥ ଓ ହରିଶଙ୍କରର କୌଣସି ବିକାଶ କଲେ ନାହିଁ। ୧୧ ବର୍ଷ ପରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଏହି ପର୍ଯ୍ୟଟନସ୍ଥଳୀକୁ ମନେ ପକାଇଛନ୍ତି। ଏହି ଦୁଇ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସଚିବଙ୍କ ଗସ୍ତ ସ୍ୱାଗତଯୋଗ୍ୟ ବୋଲି ପୁରୋହିତ କହିଛନ୍ତି। ଏକଦା ଗୌତମ ବୁଦ୍ଧଙ୍କ ପଟଶିଷ୍ୟ ନାଗାର୍ଜ୍ଜୁନଙ୍କ ଦ୍ୱାରା ଗନ୍ଧମାର୍ଦ୍ଦନ ପାହାଡ଼ରେ ପ୍ରତିଷ୍ଠିତ ବୌଦ୍ଧ ବିଶ୍ୱବିଦ୍ୟାଳୟକୁ ଚିହ୍ନଟ ଓ ତାର ସୁରକ୍ଷା, ନୃସିଂହନାଥ-ହରିଶଙ୍କର ରୋପ୍ ୱେ, ଯାତ୍ରୀମାନଙ୍କ ପାଇଁ ରହିବା ବ୍ୟବସ୍ଥା, ନୃସିଂହନାଥ ଓ ହରିଶଙ୍କରକୁ କେନ୍ଦ୍ରୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଏବଂ ଗନ୍ଧମାର୍ଦ୍ଦନରେ ଉପଲବ୍ଧ ୨୨ଶହ ପ୍ରକାର ଦୁର୍ଲ୍ଲଭ ବନୌଷଧିର ସୁରକ୍ଷା ସହିତ ଏକ ଔଷଧୀୟ ପ୍ରକଳ୍ପ ସ୍ଥାପନ କରାଗଲେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହିତ ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ ମତପ୍ରକାଶ କରିଛନ୍ତି । ସରକାରଙ୍କର ଆନ୍ତରିକତା ଥିଲେ ଏଥିପାଇଁ ଚଳିତ ବିଧାନସଭା ଅଧିବେଶନରେ ପାଣ୍ଠି ବ୍ୟବସ୍ଥା କରନ୍ତୁ ବୋଲି ପୁରୋହିତ ଦାବି କରିଛନ୍ତି। ଅନ୍ୟପଟେ ବେଦାନ୍ତ କମ୍ପାନୀକୁ ବକ୍ସାଇଟ୍ ଯୋଗାଇ ଦେବା ପାଇଁ ଗନ୍ଧମାର୍ଦ୍ଦନକୁ ସଚିବମାନଙ୍କ ଗସ୍ତର ଯଦି ଗୁପ୍ତ ଏଜେଣ୍ଡା ରହିଛି, ତେବେ ରାଜ୍ୟ ସରକାର ଏହା ପ୍ରକାଶ କରନ୍ତୁ । ଗନ୍ଧମାର୍ଦ୍ଦନରେ ଖଣି ଖନନ ଉଦ୍ଦେଶ୍ୟ ଥିଲେ ଏହାକୁ ପଶ୍ଚିମ ଓଡ଼ିଶାବାସୀ ବରଦାସ୍ତ କରିବେ ନାହିଁ ବୋଲି ପୁରୋହିତ ଚେତାବନୀ ଦେଇଛନ୍ତି ।



ପ୍ରଦୀପ ପୁରୋହିତ ।

## ସଂକ୍ଷେପରେ

ସିଦ୍ଧ ମହାପୁରୁଷ ମନି ସୋସାଇଟି ନାଁରେ ୪କୋଟି ଆତ୍ମସାତ୍ ମାମଲା

### ସ୍ୱତନ୍ତ୍ର ଅଦାଲତରେ ୭ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

କଟକ ଅଫିସ୍, ୪।୨: କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଥାନା ଅନ୍ତର୍ଗତ ମଙ୍ଗଳପୁରଠାରେ ଥିବା ସିଦ୍ଧ ମହାପୁରୁଷ ସୋସାଇଟିରେ ୪କୋଟି ଟଙ୍କା ଅର୍ଥ ଆତ୍ମସାତ ମାମଲାର ବିଚାର କରି ଗୁରୁବାର ଚିଟ୍‌ଫଣ୍ଡ ସ୍ୱତନ୍ତ୍ର ଅଦାଲତ ୭ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଅଭିଯୁକ୍ତଙ୍କୁ ଆଇପିସିର ୪୨୦ ଦଫା(ଠକେଇ)ରେ ୭ବର୍ଷ ଲେଖାଏ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ପ୍ରାଇସ୍ ଚିଟ୍ ଆଣ୍ଡ ମନି ସର୍କୁଲାର(ନିଷେଧ) ଧାରା ୪ ଓ ୫ ଅନୁଯାୟୀ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଦିଆଯାଇଛି। ଏହି ଦଣ୍ଡାଦେଶ ଏକାସଙ୍ଗରେ ଲାଗୁ ହେବ। ଦଣ୍ଡିତ ହୋଇଥିବା ଅଭିଯୁକ୍ତମାନେ ହେଲେ ଭାଗ୍ୟବତୀ ରାଉତ, ଦୁର୍ଯ୍ୟୋଧନ ଭୂୟାଁ, ଜୀବନଦୀପ ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ମିତାଞ୍ଜଳୀ ରାଉତ, ସଞ୍ଜୀବ ରାଉତ ଓ ମନୋଜ ଲେଙ୍କା। ସିଦ୍ଧ ମହାପୁରୁଷ ମନି ସୋସାଇଟିରେ ଅର୍ଥ ହେରଫେର ହୋଇଥିବା ନେଇ ନାରାୟଣ ମଲ୍ଲ ଓ ଗୁରୁଚରଣ ରାଉତଙ୍କ ପକ୍ଷରୁ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ଏକତ୍ର ଶୁଣାଣି କରି ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ଏହି ରାୟ ଶୁଣାଇଛନ୍ତି।

# ସୀମିତ ଶ୍ରଦ୍ଧାଳୁରେ ମାଘବୁଡ଼

କୋଣାର୍କ,୪।୨(ଡି.ଏନ୍.ଏ)



ବୈଠକରେ ଯୋଗଦେଇଥିବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

■୫୦୦ଜଣ ହେବେ ସାମିଲ
■ସମ୍ପୃକ୍ତ ସ୍ଥାନରେ ଜାରି ହେବ ୧୪୪ ଧାରା

କୋଣାର୍କସ୍ଥିତ ଚନ୍ଦ୍ରଭାଗା ବେଳାଭୂମିରେ ଚଳିତବର୍ଷ ସୀମିତ ଶ୍ରଦ୍ଧାଳୁରେ ମାଘବୁଡ଼ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ଏଭଳି ନିୟମ କରାଯାଇଛି ବୋଲି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମାଘବୁଡ଼ ନିମନ୍ତେ ଗୁରୁବାର ଅନୁଷ୍ଠିତ ପ୍ରଥମ ସମନ୍ୱୟ କମିଟି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଦେଇଛନ୍ତି। ପୁରୀ ଜିଲା ପ୍ରଶାସନ ଓ କୋଣାର୍କ ଏନ୍‌ଏସି ଯୁଗ୍ମ ଆନୁକୂଲ୍ୟରେ କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଆୟୋଜିତ ଉକ୍ତ ବୈଠକରେ ମନ୍ତ୍ରୀ ଯୋଗଦେଇ କୋଭିଡ୍ ନିୟମ ଅନୁଯାୟୀ ମାଘବୁଡ଼ ପାଇଁ ସମସ୍ତ କାର୍ଯ୍ୟ କରାଯିବା ସହ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ଓ ସେବାୟତମାନଙ୍କୁ ନେଇ ମାଘସପ୍ତମୀ ବୁଡ଼ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ବୈଠକକୁ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରି ମାଘବୁଡ଼କୁ କୋଭିଡ ଲହରୀରୁ ଦୂରେଇ ରଖିବା ସହ ଧାର୍ମିକ ରୀତିନୀତି ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ଶୃଙ୍ଖଳାର ସହ ଶେଷ କରାଯିବ ବୋଲି କହିଥିଲେ। ବୈଠକରେ ତ୍ରିଶମ୍ଭୁଙ୍କ ସ୍ନାନ କାର୍ଯ୍ୟ, ପୂଜାର୍ଚ୍ଚନା, ପୁଷ୍କରିଣୀ ଖନନ, ମେଳାପଡ଼ିଆ ସଫେଇ କାର୍ଯ୍ୟ, ମେଳାପଡ଼ିଆ ବିଦ୍ୟୁତୀକରଣ, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା ଓ ଆମ୍ବୁଲାନ୍ସ ସେବା, ଠାକୁରଙ୍କ ଶୋଭାଯାତ୍ରା, ପୋଲିସ ବ୍ୟବସ୍ଥା ଓ ଅଗ୍ନିଶମ ଗାଡି ମୁତୟନ ସମେତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ମେଳାପଡିଆରେ କୋଭିଡ ନିୟମ ଅନୁଯାୟୀ କେବଳ ୫୦୦ଜଣଙ୍କୁ ନେଇ ମାଘବୁଡ ପରିଚାଳନା କରାଯିବ। ଏହାସହ ସମ୍ପୃକ୍ତ ସ୍ଥାନରେ ୧୪୪ଧାରା ଜାରି କରାଯାଇ ମେଳାକୁ ଧାର୍ମିକ କାର୍ଯ୍ୟ ଭାବେ ସମ୍ପାଦନ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, କାକଟପୁର ବିଡିଓ ସୁଧିର କୁମାର ନାୟକ, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଓ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମୁତୟନ କରାଯାଇ ସେବାକାର୍ଯ୍ୟ ସମ୍ପାଦିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଏମ୍‌ପିଏଲ୍‌ର ୨.୦ ଶୁଭାରମ୍ଭ

## ଟିକସ ଆଦାୟର ଅଭିନବ ପ୍ରୟାସ

ଭୁବନେଶ୍ୱର,୪।୨(ବ୍ୟୁରୋ)

ମ୍ୟୁନିସିପାଲିଟି ଅଧିକାରୀମାନଙ୍କ ମଧ୍ୟରେ ଟିକସ ଆଦାୟ କରିବାର ପ୍ରତିଯୋଗିତା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ମ୍ୟୁନିସିପାଲ ପ୍ରିମିୟର ଲିଗ୍(ଏମ୍‌ପିଏଲ ୨.୦) ଭଳି ଏକ ଅଭିନବ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଏମ୍‌ପିଏଲର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଟିକସ ଆଦାୟକୁ ଡିଜିଟାଇଜ କରାଯିବା ସହ ସ୍ୱଚ୍ଛତା ରକ୍ଷା କରିବା ଓ ଆଦାୟ କରିବାର ଦକ୍ଷତା ବୃଦ୍ଧି କରାଯାଇ ପାରିବ। ଏହି ବ୍ୟବସ୍ଥା ଟିକସ ଆଦାୟରେ ମିଶନ ଶକ୍ତି ସଂଗଠନଗୁଡ଼ିକୁ ସାମିଲ କରିବା ପାଇଁ ପ୍ରୋତ୍ସାହନ ଯୋଗାଇବ। ଅଧିକ ଟିକସ ଆଦାୟ କରୁଥିବା ଅଧିକାରୀ କିମ୍ବା ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂସହାୟକ ସଂସ୍ଥା(ଏସ୍‌ଏଚଜି)କୁ ଏମ୍‌ପିଏଲ ଶେଷରେ ପୁରସ୍କୃତ କରାଯିବ। ଏମ୍‌ପିଏଲର ପ୍ରଥମ ସଂସ୍କରଣ ୨୦୧୯-୨୦ ଆର୍ଥିକବର୍ଷରେ ୯ଟି ଅମୃତ ସହରରେ କରାଯାଇଥିଲା। ଏହାଦ୍ୱାରା ଟିକସ ଆଦାୟରେ ୩୭ ପ୍ରତିଶତ ଅଭିବୃଦ୍ଧି ହୋଇଥିଲା। ଏବେ ଏହାକୁ ୧୧୪ଟି ସହରାଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଅଭିନବ କାର୍ଯ୍ୟକ୍ରମ ଅଧୀନରେ ଡିଜିଟାଲ ଟିକସ ଆଦାୟକୁ ପ୍ରୋତ୍ସାହନ ଦେବା ପାଇଁ ଏମ୍‌ପିଏଲ ଗୁରୁତ୍ୱ ଦେଇ ଆସୁଛି। ଏଥିରେ ପୌର ସଂସ୍ଥାଗୁଡ଼ିକର ୯୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ମିଶନ ଶକ୍ତି ଅଧୀନରେ ଥିବା ଏସ୍‌ଏଚଜିଗୁଡ଼ିକ ଅଂଶଗ୍ରହଣ କରିବେ। ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ ଏମ୍‌ପିଏଲ ଶୁଭାରମ୍ଭ ପୂର୍ବରୁ ସୂଚନା ଦେଇଥିବା ବେଳେ ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରିଥିଲେ।

# ଠକେଇ ଅଭିଯୋଗରେ ୩ ଗିରଫ

ପିପିଲି,୪।୨(ଡି.ଏନ୍.ଏ)

କମ୍ପାନୀକୁ ନେବା ବଦଳରେ ଠକେଇ କରି କୁକୁଡ଼ାକୁ ବିକ୍ରି କରିବା ଅଭିଯୋଗରେ ପିପିଲି ଥାନା ପୋଲିସ ୩ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମାଟିଆପଦାର ପ୍ରମୋଦ ପ୍ରଧାନ, ବିନାୟକପୁରର ସୁବାସ ନାୟକ ଓ ବାଲିପାଟଣା ଥାନା ଅଞ୍ଚଳର ଜାର୍କି ଖାନ୍। ସୂଚନାଯୋଗ୍ୟ, ଭୁବନେଶ୍ୱରର ଏକ କମ୍ପାନୀର ସହପରିଚାଳକ ସରୋଜ କୁମାର ମଙ୍ଗରାଜ ଅଭିଯୁକ୍ତ ପ୍ରମୋଦ ଓ ବିନାୟକଙ୍କ ସହ କୁକୁଡ଼ା କାରବାର ନେଇ ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ କମ୍ପାନୀ ସେମାନଙ୍କୁ ଚିଆଁ ଦିଅନ୍ତି ଏବଂ କୁକୁଡା ବିକ୍ରି ଯୋଗ୍ୟ ହେଲେ ତାଙ୍କୁ ଲାଭ ଅର୍ଥ ଦେଇ ସମସ୍ତ କୁକୁଡା ନେଇଥାନ୍ତି। ମାତ୍ର ପ୍ରମୋଦ ଓ ବିନାୟକ ଗତ ୧୭ତାରିଖରେ କମ୍ପାନୀ ସହ ଠକେଇ କରି ୨୦୦କୁକୁଡ଼ାକୁ ବିକି ଦେଇଥିଲେ ବୋଲି ୨୦ତାରିଖରେ ପିପିଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ପ୍ରମୋଦ ଓ ବିନାୟକ ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ପଚରାଉଚରା ପରେ କୁକୁଡ଼ା ବିକ୍ରି କଥା ସ୍ୱୀକାର କରିବା ସହ ଜାର୍କିକୁ ଗିରଫ କରିବା ସହ ୧୦ହଜାର ଟଙ୍କା ଜବତ କରିଥିଲେ।

# ପାରାଦୀପଗଡ଼ ଗାଁରେ ପୋଲିସ-ଜନତା ଖଣ୍ଡଯୁଦ୍ଧ

ପାରାଦୀପ,୪।୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ ଗ୍ରାମର ବେଲାରିସାହିରେ ଗୁରୁବାର ରାତି ୯ଟାରେ ପୋଲିସ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ଅଭୟଚାନ୍ଦପୁର ପୋଲିସକୁ ଗ୍ରାମବାସୀ ଆକ୍ରମଣ କରି ତାଙ୍କୁ ଛଡାଇ ନେଇଛନ୍ତି। ଏହି ଘଟଣାରେ ପୋଲିସ ଫାଙ୍କା ଗୁଳିଚାଳନା କରିଥିବା ଗାଁ ଲୋକ କହୁଥିବା ବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ଘଟଣା ପରେ ଗାଁରେ ବ୍ୟାପକ ପୋଲିସ ପହଞ୍ଚି ପଇଁତରା ମାରୁଛି। ଗିରଫ ଭୟରେ ଗାଁରେ ରିପୋର୍ଟ ଲେଖା ହେବା ସୁଦ୍ଧା ତାଟିକବାଟ ପଡିଯାଇଛି।

ପାରାଦୀପ ଅଭୟଚାନ୍ଦପୁର ଥାନାରେ ଥିବା ପୁରୁଣା କେସ୍(ନଂ. ୮୨/୨୦)ର ଅଭିଯୁକ୍ତ ତ୍ରିନାଥ ଦଳେଇଙ୍କୁ ଗୁରୁବାର ରାତିରେ ଗିରଫ କରିବାକୁ ଲକ୍ ଥାନା ଅନ୍ତର୍ଗତ ଗଡ ଗ୍ରାମରେ ଚଢ଼ାଉ କରିଥିଲା। ତ୍ରିନାଥ ଏକ କମ୍ପାନୀକୁ ଦାଦାବଟି ମାଗିଥିବା ଅଭିଯୋଗ ହୋଇଥିଲା। ସେ ମାମଲାରେ ତ୍ରିନାଥ ଫେରାର ଥିଲେ। ରାତିରେ ଗାଁ ପାଖ ମଠରେ ଅଭୟଚାନ୍ଦପୁର ପୋଲିସ ଚଢ଼ାଉ କରି ତ୍ରିନାଥଙ୍କୁ ଗିରଫ କରି ନେବାବେଳେ କେତେଜଣ ଯୁବକ ପୋଲିସ ଗାଡିକୁ ଅଟକାଇ ଥିଲେ। ସେମାନଙ୍କ ସହ ମହିଳା ଓ ଗ୍ରାମର ଆଉ କେତେଜଣ ଲୋକ ସାମିଲ ହୋଇ ପୋଲିସ ସହିତ ଧସ୍ତାଧସ୍ତି କରି ଅଭିଯୁକ୍ତ ତ୍ରିନାଥଙ୍କୁ ଛଡାଇ ନେଇଥିଲେ ବୋଲି ଅଭୟଚାନ୍ଦପୁର ଥାନାଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି। ଏହି ଘଟଣାରେ ଦୁଇଜଣ ପୋଲିସ ଆହତ ହୋଇଛନ୍ତି। ସେମାନେ ହେଲେ ଏସ୍‌ଆଇ ରଘୁନାଥ ବେହେରା ଓ ଆଶୁତୋଷ ହୋତା। ଦୁଇ ପୋଲିସଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଖବରପାଇ ଲକ୍ ଥାନା ପୋଲିସ ସହିତ ଏଏସ୍‌ପି ନିମାଇଁ ଚରଣ ସେଠୀ ଓ ଫୋର୍ସ ଗାଁରେ ମୁତୟନ ଅଛନ୍ତି। ଗାଁ ଲୋକ କରିଥିବା ଆକ୍ରମଣ ଘଟଣାରେ ମାମଲା ହେବ ବୋଲି ଲକ୍ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ଗାଁ ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ପୋଲିସ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ପରେ ଫୋର୍ସ ମୁତୟନ।

# ଘର ଉପରକୁ ମାଡ଼ି ଗଲା ଟ୍ରକ୍

## କ୍ଷତିପୂରଣ ଲାଗି ରାସ୍ତା ଅବରୋଧ

ଯାଜପୁର ଟାଉନ,୪।୨(ଡି.ଏନ.ଏ.)

ଯାଜପୁର ଥାନା ରାମବାଗ ଅଞ୍ଚଳର ମହୁରିଆଛକଠାରେ ଥିବା ଗଣେଶ ଜେନାଙ୍କ ଘର ଉପରକୁ ଗୁରୁବାର ଅପରାହ୍ନରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ମାଡ଼ି ଯାଇଥିଲା।। ସୌଭାଗ୍ୟବଶତଃ ଏଥିରେ କୌଣସି ଜନଜୀବନ କ୍ଷତି ହୋଇନାହିଁ। ଟ୍ରକ୍ ଚାଳକ ଗୁରୁତର ଥିବାରୁ ତାଙ୍କୁ କଟକ ମଡମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଗଣେଶଙ୍କ ଘରର ଆସବାବପତ୍ର ନଷ୍ଟ ହୋଇଥିବାରୁ ସେ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଯାଜପୁର-ମଙ୍ଗଳପୁର ରାସ୍ତା ଅବରୋଧ କରାଯାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।


**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER**
**L.I. DIVISION SAMBALPUR**
e-mail I.D - eeolicsbp@gmail.com
NATIONAL COMPETITIVE BIDDING THROUGH e-Procurement
**Identification No. EEOLICSBP-13/20-21 Dt.02.02.2021**
No. CAD-1184:-

| | | | |
|---|---|---|---|
| 01 | Nos. of work | : | Revival of 02 nos. LIPs in State Plan Grant under Jharsuguda District |
| 02 | Estimated cost | : | Rs.08.00 lakhs to Rs.14.00 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 10.00 Hrs. of 05.02.2021 to 17.00 Hrs. of 16.02.2021 |
| 05 | Date & Time of opening of bids | : | 10.00 Hrs. of 17.02.2021 |
| 06 | Name and Address of the officer inviting bid | : | Executive Engineer, L.I. Division, Sambalpur |

Further details can be seen from the web site www.tendersorissa.gov.in
Executive Engineer,
L.I. Division, Sambalpur
OIPR-32142/11/0012/2021



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER,**
**DEO IRRIGATION PROJECT, KARANJIA**
AT/PO- KARANJIA, DIST-MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com
**"e" Procurement Notice**
**Bid Identification No. 02/CCEDIP of 2020-21**
No. A-537:-
Name of Work : As per Detailed Tender Call Notice
Total No. of Packages : 07 (Seven) Nos. of Individual work
Estimated cost of Package : As per DTCN
Period of Completion : As per DTCN
Class of Contractor : As per DTCN
Other Details :

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 02/CCEDIP of 2020-21 (on-line) | 10.02.2021 at 10.00 AM | 25.02.2021 up to 05.00 PM |

Further details can be seen from the Govt. website **www.tendersodisha.gov.in**. Any addendum/corrigendum/cancellation of tender can also be seen in the said Website.
Chief Construction Engineer,
Deo Irrigation Project, Karanjia
OIPR-32380/11/0004/2021



**OFFICE OF THE MUNICIPAL COUNCIL, GUNUPUR**
Email ID: eomun-gunupur@gov.in
No. 287 Date; 04.02.2021
**CORRIGENDUM**
**Sub: Cancellation of Request for Proposal No. 210/21 Dtd.27.01.2021.**
No. C-396: With reference to this office Request For Proposal (rpf) No. 210/21 Dtd.27.01.2021 (submitted to the I&PR Dept. for publication in Newspaper and Gunupur Municipality website: www.gunupurmunicipality.com), it is informed that due to some unavoidable circumstances the process of inviting CAG empanelled CA farm for Audit and Preparation of Financial Statement stands cancelled and the fresh dates will be intimated in due course of time. All the interested CAG empanelled CA farm may kindly take the note of the same.
**Sd./- Executive Officer**
**Gunupur Municipality**
OIPR-13104/11/0004/2021



**ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ**
ଭଦ୍ରକ – ୭୫୬୧୦୦ (ଓଡ଼ିଶା)
ଦୂରଭାଷ ନଂ. ୦୬୭୮୪-୨୫୧୫୧୯ (କାର୍ଯ୍ୟାଳୟ), ଫ୍ୟାକ୍ସ ନଂ. ୦୬୭୮୫-୨୫୧୨୨୧
E-mail: eobdkmunicipality@gmail.com
ନୋଟିସ୍ ସଂଖ୍ୟା: ୪୮୭ ତାରିଖ: ୩।୨।୨୧
**ନୋଟିସ୍**
No. C-390: ଏତଦ୍ୱାରା ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା କାର୍ଯ୍ୟାଳୟରେ ଥିବା ବୋଲେରୋ ଗାଡ଼ି ନଂ. ଓଆର୨୨ଏ୨୯୯୭ ଆସନ୍ତା ତା୧୦।୦୨।୨୦୨୧ରିଖ ଦିବା ୧୧ ଘଟିକା ସମୟରେ କାର୍ଯ୍ୟାଳୟ ପରିସରରେ ନିଲାମ କରିବା ସ୍ଥିର ହୋଇଅଛି। ନିଲାମ ଡାକିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ନିର୍ଦ୍ଧାରିତ ଦିନ ଓ ସମୟରେ ଉପସ୍ଥିତ ରହି ଅଂଶଗ୍ରହଣ କରିପାରିବେ। ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ.୨୦,୦୦୦/-ଙ୍କା ଅମାନତ (ଫେରସ୍ତ ଯୋଗ୍ୟ) ନିଲାମ ଡାକିବା ପୂର୍ବରୁ ପୌରପାଳିକା କାର୍ଯ୍ୟାଳୟରେ ଜମା କରିବେ। ପ୍ରକାଶ ଥାଉକି ଏହି ଗାଡ଼ିର ସର୍ବନିମ୍ନ ମୂଲ୍ୟ ଟ.୧,୧୨,୦୦୦/- (ଏକ ଲକ୍ଷ ବାର ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଛି। ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ସେ ନିଲାମ ଡାକ ପରିମାଣ ସଙ୍ଗେ ସଙ୍ଗେ ପୈଠ କରିବେ, ନଚେତ୍ ଉକ୍ତ ନିଲାମ ଡାକକୁ ରଦ୍ଦ କରାଯିବ ଏବଂ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ। ସର୍ବୋଚ୍ଚ ନିଲାମ ଡାକକୁ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ ନୁହଁନ୍ତି।
ସ୍ୱା./- ନିର୍ବାହୀ ଅଧିକାରୀ, ଭଦ୍ରକ ପୌରପାଳିକା
OIPR-13071/11/0005/2021



**OFFICE OF THE**
**NOTIFIED AREA COUNCIL, RAMBHA**
Rambha N.A.C., Ganjam, Odisha - 761028
Tel.: 06810-278336, E-mail: rambhanac123@gmail.com
Letter No. 179/NAC Date: 04.02.2021
**QUOTATION CALL NOTICE**
No. C-386: Sealed qotations are invited in prescribed format for supply of manpower (to be obtained from the Office of the undersigned on payment of tender paper cost) from the intending registered firms/NGO's/SHG/ Mission Shakti Groups/Organizations. Sanitation Contractors/Service Providers having experiences in the Municipal Soild Waste Management Work. Sanitation work of an ULB's desires to execute the cleaning and sanitation work includes road sweeping with source segregation, drain cleaning, door to door collection with source segregation, bush cutting and Bush Up-rooting works etc.
The quotations shouuld submit GST, PAN, Labour Licence, Experience Certificate, Solvency Certificate and EPF & ESI Clearance Certificate. The quotation will be available at the Office of the undersigned from the date **04.02.2021 to 19.02.2021** in the office hour except holidays at cost of **Rs.2000/-** (Rupees two thousand) only **+ 18% GST** in favour of Executive Officer, N.A.C., Rambha. The filled in schedule along with security deposit of **Rs.20000/-** (Rupees Twenty thousand) only in shape of B.D. in favour of Executive Officer, N.A.C., Rambha will at **02.00 P.M.** by Speed Post/Registered Post and same will be opened on the same day. The quotationer or their authorized agents may remain present at the time of opening of quotation. The qotation received beyond scheduled date and time shall not be entertained.
The authority reserves the right to accept, cancel or reject the quotation without assigning any reason thereof.
**Sd./- Executive Officer, N.A.C., Rambha**
OIPR-13114/11/0002/2021



**STATE MEDICINAL PLANTS BOARD, ODISHA**
**(F &E Dept. Govt.of Odisha)**
Mayur Bhawan, Saheed Nagar,
Bhubaneswar-751007
Website: www.smpborissa.org.in
E-mail: smpborissa@gmail.com
Tel: +91674-2954911
**NOTICE**
No. CAD-1192: SMPB, Odisha is going to organise the 13th State Level Kalinga Herbal Fair, Bhubaneswar from **16.03.2021 to 22.03.2021**. Interested Event Management Agencies having adequate eligibility are requested to apply latest by **16.00 Hrs of 18.02.2021**.
For details & Tender documents, please visit the following website: **www.odisha.gov.in (tenders.gov.in)** OR **www.odishaforest.in**.
**CHIEF EXECUTIVE, SMPB Odisha**
OIPR-10122/11/0001/2021



**OFFICE OF THE**
**MUNICIPAL COUNCIL: KEONJHARGARH**
No.559/KGM Dt.03.02.2021
**Expression of Interest for Comprehensive Consultancy Services**
No. C-397: The Executive Officer, Keonjhargarh Municipality, Keonjhar on behalf of Municipal Council, Keonjhargarh Municipality, Keonjhar invites expression of interest for the works detailed in the table from eligible contractors /registered Consultancy firms with the State Government and Central Government as per the prescribed format available with the office of the undersigned for the works as mention in table.

| Sl. No. | Place of Work |
|---|---|
| 1. | Preparation of DPR for Construction of Park infront of C.C. College. |
| 2. | Preparation of DPR for Biju Pattnayak Smart Park |

The rate should be quoted including all taxes. The receipt of the EOI shall start from **dt.08.02.2021 at 10.00 A.M.** and close on **dt.15.02.2021 at 5.00 P.M.** EOI shall be received in the office of the undersigned during office hours only.
The EOI should reach the office undersigned by person only. The firm/ agency shall furnish the copy of Registration certificate, ITCC/PAN, STCC/ GST clearance certificate with the EOI. and (1)Minimum experience 15 years ,2-Similar work experience in ULB, 3- Annual Turn over 25 Lakhs.
The EOI will be opened on **Dt.-17.02.2021 at 11.00 A.M.** in the office of the undersigned in the presence of the quotationer who wish to attend. If the office happens to be closed on the date of receipt and opening of EOI as specified the EOI will be received and opened on the next working day at the same time and venue. The EIO paper will be available in the office Executive Officer, Keonjhargarh Municipality.
Other details can be seen in the office of the undersigned.
The authority reserves the right to reject any of all quotations without assigning any reason thereof.
**Sd./- Executive Officer,**
**Keonjhargarh Municipality**
OIPR-13115/11/0001/2021



**WATER CORPORATION OF ODISHA**
**OFFICE OF THE MANAGING DIRECTOR, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax: +91-674-2391444
E-mail-mail@watcoodisha.in/md@watcoodisha.in
NATIONAL COMPETITIVE BIDDING THROUGH e-Procurement
**Bid Identification No. WATCO (W)-16/2020-21 Dt.02.02.2021**
No.C-377 **WATCO No.424 Date: 02.02.2021**

| | | |
|---|---|---|
| 01. | Name of work: | Procurment of DI K-7 Pipe for coverage of uncovered areas and missing links for conversion of socurce from ground water to surface water in connection with water supply to Cuttack Municipal Corporation. |
| 02. | Type of bid: | Double cover (Technical & Financial) |
| 03. | Estimated cost: | Rs.1224.00 Lakhs (Excluding GST) |
| 04. | Period of completion: | 3 (Three) Calendar months |
| 05. | Class of contractor: | Manufacturer |
| 06. | Date & time of availability of bid document inthe portal: | From 11.00 hrs. of Dt.08.02.2021 to 17.00 hrs. of 22.02.2021. |
| 07. | Last date/time of seeking clarification: | 17.00 hrs. of 12.02.2021 |
| 08. | Last date/time of receipt of bids in the portal: | 17.00 hrs. of 22.02.2021 |
| 09. | Date & time of opening of technical bids: | At 11.00 hrs. of 23.02.2021 |
| 10. | Name and address of the Officer inviting bid: | Managing Director, WATCO, Bhubaneswar, Telefax: 0674-2391444, E-mail: mail@watcoodisha.in, md@watcoodisha.in |

Further details can be seen from the e-Procurment portal "http://www.tendersorissa.gov.in"
**Sd./- Managing Director, WATCO, Bhubaneswar**
OIPR-13083/11/0018/2021



**OFFICE OF THE CHIEF CONSTRUCTION ENGINEER**
**KANUPUR IRRIGATION PROJECT**
AT/PO: BASUDEVPUR, DIST: KEONJHAR, ODISHA, PIN: 758047 E-mail: ccekipbpur@gmail.com
No. A-334:-
**"e" PROCUREMENT NOTICE**
**3rd Corrigendum to Bid Identification No. : 01/CCEKIP /2020-21 (online)**

| Sl. No. | Details | Existing | Amendment as per 2nd Corrigendum | Amendment as per 3rd Corrigendum |
|---|---|---|---|---|
| 1 | Name of the Work | Construction of 1000mm thick Plastic Concrete Cut-Off Wall at heel of the earth dam upto fresh rock level throughout the foundation of left embankment upto RD 1150m of Kanupur Irrigation Project in Keonjhar district of Odisha. | | |
| 1 | Date & Time of availability of bid document in the portal | From dt.14.12.2020, 10.00 Hours to dt.13.01.2021, 17.00 Hours | From dt.14.12.2020, 10.00 Hours to dt.01.02.2021, 17.00 Hours | From dt.14.12.2020, 10.00 Hours to dt.22.02.2021, 17.00 Hours |
| 2 | Last Date / Time for receipt of bids in the portal | Dt. 13.01.2021, 17.00 Hours | Dt. 01.02.2021, 17.00 Hours | Dt. 22.02.2021, 17.00 Hours |
| 3 | Date & Time of Opening of Technical Bid | Dt. 18.01.2021 at 11.00 Hours | Dt. 03.02.2021 at 11.00 Hours | Dt. 24.02.2021 at 11.00 Hours |
| 4 | Proof of deposit of EMD, Tender Cost and other original documents as per ITB | Dt.18.01.2021 upto 13.00 Hours | Dt.03.02.2021 upto 13.00 Hours | Dt.24.02.2021 upto 13.00 Hours |

All other terms & conditions remain unaltered. Further details can be seen from the eprocurement portal: **www.tendersodisha.gov.in.**
**Sd./- (Er. P.K. Pani), Chief Construction Engineer**
**Kanupur Irrigation Project, Basudevpur, Keonjhar, Odisha**
OIPR-32376/11/0004/2021



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287
**NATIONAL COMPETITIVE BIDDING TRHOUGH e-Procurement**
No. O-1010 **Bid Identification No. Online Tender / 22-2020-21/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 22-2020-21/BPR | Building Works | 01 No. | Rs.108.10 lakhs | "B" Class & "A" Class as applicable | 09 (Nine) Calendar Months as provided |

| Procurement Office | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender / 22-2020-21/BPR | 10.02.2021 at 10.00 A.M. | 24.02.2021 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
**Sd./- Superintending Engineer, R.W. Circle, Berhampur**
OIPR-25071/11/0018/2021

# ନର୍ଥଇଷ୍ଟ-ଗୋଆ ମ୍ୟାଚ ଡ୍ର

ଇଣ୍ଡିଆନ ସୁପରଲିଗ୍

ଭାସ୍କୋ, ୪।୨

ସ୍ଥାନୀୟ ତିଲକ ମଇଦାନରେ ଗୁରୁବାର ଅନୁଷ୍ଠିତ ନର୍ଥ ଇଷ୍ଟ ୟୁନାଇଟେଡ ଓ ଏଫ୍‌ସି ଗୋଆ ମ୍ୟାଚ ୨-୨ରେ ଡ୍ର ରହିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗୋଆ ୨ ଥର ଅଗ୍ରଣୀ ନେଇଥିଲେ ହେଁ ନର୍ଥ ଇଷ୍ଟ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା।

ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ହେଁ ୨୧ତମ ମିନିଟରେ ପ୍ରଥମେ ଗୋଲ ଦେଇ ଗୋଆ ଅଗ୍ରଣୀ ହାସଲ କରିଥିଲା। ଆଲବର୍ଟୋ ନୋଗୁଇରାଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ଆଲେକଜାଣ୍ଡର ଜେସୁରାଜ। ୪୦ତମ ମିନିଟରେ ଗୋଲ ପରିଶୋଧ ପାଇଁ ନର୍ଥ ଇଷ୍ଟ ପାଖରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ନର୍ଥ ଇଷ୍ଟ ଫରୱାର୍ଡ ଲୁଇସ ମଚାଡୋ ବକ୍ସ ଏରିଆ ମଧ୍ୟରେ ବଲ୍ ନେଇ ଆଗେଇ ଯାଉଥିବାବେଳେ ଗୋଆର ନୋଗୁଇରା ପଛପଟରୁ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହା ରେଫରିଙ୍କ ନଜରକୁ ଆସିବାରୁ ନର୍ଥ ଇଷ୍ଟକୁ ପେନାଲ୍ଟି ସୁଯୋଗ ଦିଆଯାଇଥିଲା। ୪୧ତମ ମିନିଟରେ ଏହାକୁ ଗୋଲରେ ପରିଣତ କରି ଫେଡେରିକୋ ଗାଲେଗୋ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟାର୍ଦ୍ଧରେ ଅଗ୍ରଣୀ ପାଇଁ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ। ୮୦ତମ ମିନିଟରେ ଅମରଜିତ ସିଂ ଗୋଲ ଦେଇ ପୁଣି ଗୋଆକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ୮୩ତମ ମିନିଟରେ ଫାଉଲ୍ ହେବାରୁ ନର୍ଥ ଇଷ୍ଟକୁ ଆଉ ଏକ ପେନାଲ୍ଟି ମିଳିଥିଲା। ଗାଲେଗୋ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ଗୋଆର ଜର୍ଜ ଓର୍ଟିଜ ପାସ୍ ଅଫ୍ ଦି ମ୍ୟାଚ ଏବଂ ଉରୁଗୁଏ ଖେଳାଳି ନର୍ଥ ଇଷ୍ଟର ଗାଲେଗୋ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚ ଡ୍ର ରହିଥିଲେ ହେଁ ଗୋଆ ଗୋଟିଏ ସ୍ଥାନ ଉପରକୁ ଉଠି ପଏଣ୍ଟ ଟେବୁଲର ତୃତୀୟରେ ପହଞ୍ଚି ଯାଇଛି। ଏହି ଦଳ ୧୫ ମ୍ୟାଚରୁ ୫ ବିଜୟ, ୭ ଡ୍ର ଓ ୩ ପରାଜୟ ସହ ୨୨ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ନର୍ଥ ଇଷ୍ଟ ୧୫ ମ୍ୟାଚରୁ ସମାନ ସଂଖ୍ୟକ ବିଜୟ, ଡ୍ର ଓ ପରାଜୟ ପାଇଥିଲେ ହେଁ ୨୨ ପଏଣ୍ଟ ସହିତ ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ୨୨ ପଏଣ୍ଟ ପ୍ରାପ୍ତ ଅନ୍ୟତମ ଦଳ ହାଇଦ୍ରାବାଦ ଏଫ୍‌ସି ୪ର୍ଥ ସ୍ଥାନକୁ ଖସିଛି। ମୁମ୍ବାଇ ସିଟି ଏଫ୍‌ସି ୩୩ ଓ ଏଟିକେ ମୋହନବାଗାନ ୨୭ ପଏଣ୍ଟ ସହ ଟେବୁଲର ପ୍ରଥମ ଦୁଇ ସ୍ଥାନ ଅଧିକାର କରିଛନ୍ତି।



ଗୁରୁବାର ନର୍ଥଇଷ୍ଟ ୟୁନାଇଟେଡ୍ ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ବିଶେଷ ମୁହୂର୍ତ୍ତ।

# ରାଜ୍ୟସ୍ତରୀୟ କ୍ରିକେଟ୍, ଫାଇନାଲରେ କ୍ରାଉନ ସ୍ପୋର୍ଟିଂ


ଜନ୍ମେଜୟ ନାୟକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନିମାପଡ଼ା,୪।୨(ଡି.ଏନ୍.ଏ)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ୨ୟ ସେମିଫାଇନାଲରେ କଟକ ନିମପୁର କ୍ରିକେଟ କ୍ଲବକୁ ପରାସ୍ତ କରି ଭୁବନେଶ୍ୱର କ୍ରାଉନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ନିମପୁର ଟିମ ବ୍ୟାଟିଂ କରି ୩୦ଓଭରରେ ୬ ଉଇକେଟ ହରାଇ ୧୪୬ରନ ସଂଗ୍ରହ କରିଥିଲେ। ଜବାବରେ କ୍ରାଉନ ସ୍ପୋର୍ଟିଂ ବ୍ୟାଟିଂ କରି ୨୯ଓଭରରେ ୯ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜନ୍ମେଜୟ ନାୟକ ସର୍ବାଧିକ ୫୨ରନ, ଦେବରାଜ କର ୩୨ ରନ କରିଥିଲେ। ଅତିଥି ଭାବେ ଆୟୋଜକ କମିଟିର ସମ୍ପାଦକ ଅକ୍ଷୟ ବେହେରା ଯୋଗଦେଇ ବିଜୟୀ ଦଳର ଜନ୍ମେଜୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରି ପୁରସ୍କୃତ କରିଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ତାପସ ଦାସ ମ୍ୟାଚ ପରିଚାଳନା କରିଥିଲେ।

## ୫ ଜାତୀୟ କ୍ରୀଡ଼ା ମହାସଂଘକୁ ୧ ବର୍ଷ ସମୟ

**ନୂଆଦିଲ୍ଲୀ, ୪।୨ (ପି.ଟି.):** ଜାତୀୟ କ୍ରୀଡ଼ା ବିକାଶ ଆଚରଣ ବିଧି ଅନୁସାରେ ସେମାନଙ୍କ ସମ୍ବିଧାନ ସଂଶୋଧନ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ୫ଟିକୁ ଛାଡି ଅନ୍ୟ ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍) ୬ ମାସ ସମୟ ଦେଇଛି। ସ୍ୱତନ୍ତ୍ର ପ୍ରକାର ଏହି ୫ଟି ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ହେଲା ୟାଚିଂ, ଇକ୍ୱେଷ୍ଟ୍ରିଆନ୍, ପୋଲୋ, ମୋଟର ସ୍ପୋର୍ଟ୍ସ ଓ ସ୍ପେଶାଲ ଅଲିମ୍ପିକ ଭାରତ। ଏଗୁଡ଼ିକ ଲାଗି ୧ ବର୍ଷ ସମୟ ଦିଆଯାଇଛି।

## ମଜୁରିଆ କୁସ୍ତିଯୋଦ୍ଧାଙ୍କୁ ୨.୫ ଲକ୍ଷ ସହାୟତା

**ନୂଆଦିଲ୍ଲୀ, ୪।୨ (ପି.ଟି.):** ମଜୁରିଆ ଭାବେ କାର୍ଯ୍ୟ କରୁଥିବା ମଧ୍ୟପ୍ରଦେଶର ଜଣେ କୁସ୍ତିଯୋଦ୍ଧା ସନ୍ନି ଯାଦବଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ୨.୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକ ଲାଗି ଟ୍ରେନିଂ ଏବଂ ପ୍ରସ୍ତୁତି ପାଇଁ ଆବଶ୍ୟକ ସରଞ୍ଜାମ କ୍ରୟ କରିବା କ୍ଷେତ୍ରରେ ସେ ଏହି ଅର୍ଥକୁ ବ୍ୟୟ କରିବେ। କ୍ରୀଡ଼ାବିତ୍‌ମାନଙ୍କ ଲାଗି ଉଦ୍ଦିଷ୍ଟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ୱେଲଫେୟାର ଫଣ୍ଡ୍‌ରୁ ଯାଦବଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ରାଜସ୍ଥାନର ଚିତ୍ତୋରଗଡ଼ଠାରେ ୨୦୧୮ରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଜାତୀୟ ଜୁନିୟର ରେସ୍‌ଲିଂ ଚାମ୍ପିୟନଶିପ୍ ଏବଂ ୨୦୨୦ରେ ଭୁବନେଶ୍ୱରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଯାଦବ ୬୦ କେଜି ଗ୍ରିକୋ-ରୋମାନ୍ ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ।

# ବାଂଲାଦେଶର ବିଶାଳ ସ୍କୋର

ମିରାଜଙ୍କ ଶତକ

ଚଟୋଗ୍ରାମ,୪।୨

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଟେଲଏଣ୍ଡର ମେହିଦି ହାସନ ମିରାଜଙ୍କ ଶତକ ସହାୟତାରେ ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରିଛି। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୧୫୦.୨ ଓଭରରେ ୪୩୦ ରନ କରି ଅଲ୍‌ଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୯ ଓଭରରେ ୨ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ୱେଷ୍ଟଇଣ୍ଡିଜ୍ ଏବେ ୩୫୫ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ତଥା ଅଧିନାୟକ କ୍ରେଗ୍ ବ୍ରାଥ୍‌ୱେଟ ୪୯ ଓ ଏନ୍‌କ୍ରୁମା ବୋନର ୧୭ ରନ କରି ଅପରାଜିତ ରହିଛନ୍ତି। ଆରମ୍ଭରୁ ୨ ଉଇକେଟ ହରାଇ ୱେଷ୍ଟଇଣ୍ଡିଜ ଝଟକା ଖାଇଥିଲା। ଓପନର ଜନ୍ କ୍ୟାମ୍ପବେଲ ୩ ଓ ଶାନେ ମୋସଲେ ୨ ରନ କରି ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୨/୫ରୁ ବାଂଲାଦେଶ ଖେଳ ଆରମ୍ଭ କରି ଗୁରୁବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ସାକିବ ଅଲ ହାସନ ୩୯ରୁ ଖେଳ ଆରମ୍ଭ କରି ୬୮ ଓ ଲିଟନ ଦାସ ୩୪ରୁ ଖେଳ ଆରମ୍ଭ କରି ୩୮ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ମିରାଜ ୧୦୩ ରନର ଶତକୀୟ ଇନିଂସ ଖେଳି ଦଳକୁ ବିଶାଳ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଇଜୁଲ ଇସ୍‌ଲାମ ୧୮ ଓ ନୟିମ ହାସନ ୨୪ ରନ ସଂଗ୍ରହ କରିଥିବା ବେଳେ ମୁସ୍ତାଫିଜୁର ୩ ରନ୍ କରି ଅପରାଜିତ ରହିଥିଲେ। ପୂର୍ବରୁ ଓପନର ଶଦମାନ ଇସ୍‌ଲାମ ୫୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜୋମେଲ ୱାରିକାନ ସର୍ବାଧିକ ୪, କେମର ରୋଚ, ଶାନନ ଗାବ୍ରିଏଲ ଓ ଏନ୍‌କ୍ରୁମା ବୋନର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ମେହିଦି ହାସନ ମିରାଜ

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ଇନିଂସ- ୧୫୦.୨ ଓଭରରେ ୪୩୦ ଅଲଆଉଟ୍ (ମିରାଜ- ୧୦୩, ସାକିବ- ୬୮, ୱାରିକାନ- ୪/ ୧୩୩)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୨୯ ଓଭରରେ ୭୫/୨ (ବ୍ରାଥୱେଟ- ୪୯*, ମୁସ୍ତାଫିଜୁର- ୨/୧୮)।

## ଟିମ୍ ଇଣ୍ଡିଆ ବୈଠକରେ କୃଷକ ଧର୍ମଘଟ ପ୍ରସଙ୍ଗ

**ଚେନ୍ନାଇ, ୪।୨ (ପି.ଟି.):** ଶୁକ୍ରବାର ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ ପୂର୍ବରୁ ବୁଧବାର ଟିମ୍ ଇଣ୍ଡିଆର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ଗେମ୍‌ପ୍ଲାନ ବ୍ୟତୀତ କୃଷକ ଧର୍ମଘଟ ସମ୍ପର୍କରେ କିଛି ସମୟ ଆଲୋଚନା ହୋଇଥିଲା। ସମସ୍ତେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ। ଅଧିନାୟକ ବିରାଟ କୋହଲି ଗୁରୁବାର ଅନ୍‌ଲାଇନ୍‌ରେ ଗଣମାଧ୍ୟମକୁ ଏ ବିଷୟରେ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି କୃଷକମାନେ ନୂଆଦିଲ୍ଲୀରେ ଦୁଇ ମାସରୁ ଅଧିକ ଦିନ ଧରି ଧର୍ମଘଟ ଚଳାଇ ଆସୁଛନ୍ତି। ଆମେରିକା ପପ୍ ଷ୍ଟାର ରିହାନାଙ୍କ ସମେତ କେତେଜଣ ଅନ୍ତର୍ଜାତୀୟ ସେଲିବ୍ରିଟି ସୋସିଆଲ ମିଡିଆରେ କୃଷକ ଆନ୍ଦୋଳନ ଉପରେ ମନ୍ତବ୍ୟ ଦେବା ପରେ ବୁଧବାର ସଚିନ ତେନ୍ଦୁଲକରଙ୍କ ସମେତ ବହୁ ଭାରତୀୟ କ୍ରିକେଟର ବର୍ତ୍ତମାନ ପରିସ୍ଥିତିରେ ଦେଶର ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନଙ୍କ ମଧ୍ୟରେ କୋହଲି ମଧ୍ୟ ରହିଥିଲେ। କୃଷକମାନେ ହେଉଛନ୍ତି ଆମ ଦେଶର ଏକ ଅଭିନ୍ନ ଅଙ୍ଗ। ଆପୋସ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଭାରତୀୟ କ୍ରିକେଟ ଅଧିନାୟକ କହିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ୪ ମ୍ୟାଚ ବିଶିଷ୍ଟ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହେବ। ସରକାର ତାଙ୍କର ତିନୋଟି ନୂଆ କୃଷି ଆଇନକୁ ଫେରାଇନେବା ଦାବିରେ ବିଶେଷ କରି ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶ ପଶ୍ଚିମାଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଚାଷୀ ଦୁଇ ମାସରୁ ଅଧିକ ସମୟ ଧରି ଦିଲ୍ଲୀ ସୀମାରେ ଡେରା ପକାଇଛନ୍ତି।

# ସେମିଫାଇନାଲରେ ଛତିଶଗଡ଼ ଫରେଷ୍ଟ

ଯାଜପୁର ଟାଉନ,୪।୨ (ଡି.ଏନ.ଏ.)

ଯାଜପୁର ବାଳାଶ୍ରମ ପଡ଼ିଆରେ ଚାଲିଥିବା ୯ମ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଛତିଶଗଡ଼ ଫରେଷ୍ଟ ଓ ଯାଜପୁର ଏମ୍‌ସିସି ମଧ୍ୟରେ ହୋଇଥିଲା। ମ୍ୟାଚରେ ଯାଜପୁର ଏମ୍‌ସିସି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏମ୍‌ସିସି ନିର୍ଦ୍ଧାରିତ ୩୦ ଓଭର ଖେଳି ୮ ଉଇକେଟ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଲୋକ ରାଜପୁତ ୫୦ ରନ୍ ଓ ଲେଲିନ୍ ବଳ ୪୨ରନ୍ ସଂଗ୍ରହ କରିଥିଲେ। ଛତିଶଗଡ଼ ଫରେଷ୍ଟ ଦଳ ତରଫରୁ ବିଶାଲ୍ ୬ ଓଭର ବୋଲିଂ କରି ୨୪ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଛତିଶଗଡ଼ ଫରେଷ୍ଟ ୨୬.୨ ଓଭର ଖେଳି ୨ ଉଇକେଟ ହରାଇ ୧୯୦ ରନ୍ ସଂଗ୍ରହ କରି ବିଜୟ ହାସଲ କରିବା ସହ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ପକ୍ଷରୁ ବୈଭବ ୬୮ରନ୍ (ନଟ୍ ଆଉଟ୍) ଓ ଭେଙ୍କଟ ରାଜ ୬୯ରନ୍ ସଂଗ୍ରହ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ବୈଭବଙ୍କୁ ନିଉ ଇଣ୍ଡିଆ ଆସୁରାନ୍ସର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ବେହେରା ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଓସିଏ ଅମ୍ପାୟାର୍ ସତ୍ୟ ରଥ ଏବଂ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ, ଜଗନ୍ନାଥ ସାମଲ ଓ ସ୍ୱସ୍ତିକ୍ କୁମାର ପହି ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବୈଭବ ପୁରସ୍କାର ଗ୍ରହଣ କରୁଛନ୍ତି।

# ବାବର-ଆଲମ ଇନିଂସ ସମ୍ଭାଳିଲେ

ରାୱଲପିଣ୍ଡି, ୪।୨(ଏପି)

ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ସ୍ଥାନୀୟ ରାୱଲପିଣ୍ଡି ଷ୍ଟାଡିୟମରେ ଆରମ୍ଭ ହୋଇଛି। ବର୍ଷା ବାଧା ଯୋଗୁ ପ୍ରଥମ ଦିବସରେ ୫୮ ଓଭର ଖେଳ ସମ୍ଭବ ହୋଇଛି। ଅଧିନାୟକ ବାବର ଆଜମ ଓ ଫୱାଦ ଆଲମଙ୍କ ଶତକୀୟ ଭାଗୀଦାରି ବଳରେ ପାକିସ୍ତାନ ଷ୍ଟମ୍ପ ପ୍ରତ୍ୟାହୃତ ହେବାବେଳକୁ ୩ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ମାତ୍ର ୨୨ ରନରେ ୩ଟି ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ଦକ୍ଷିଣ ଆଫ୍ରିକା ବାମହାତୀ ସ୍ପିନର କେଶବ ମହାରାଜ ୧୦ ବଲ୍ ବ୍ୟବଧାନରେ ୨ଟି ଉଇକେଟ ନେଇ ଘରୋଇ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଇମ୍ରାନ ବଟ୍ଟ ୧୫, ଆବିଦ ଅଲୀ ୬ ରନ କରିଥିବାବେଳେ ଆଜାର ଅଲୀ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ବାବର ଓ ଆଲମ ଅସମାପ୍ତ ୪ର୍ଥ ଉଇକେଟରେ ୧୨୩ ରନ ଯୋଗକରି ଇନିଂସ ସମ୍ଭାଳିଛନ୍ତି। ୧୨୫ ବଲ୍‌ର ସମ୍ମୁଖୀନ ହୋଇଥିବା ଆଜମ ୧୨ ଚୌକା ସହାୟତାରେ ୭୭ ଏବଂ ଆଲମ ୧୩୮ ବଲ୍‌ରୁ ୫ ଚୌକା ସହ ୪୨ ରନରେ ଅପରାଜିତ ରହିଛନ୍ତି। ଦ୍ୱିତୀୟ ସେସନରେ ଖେଳିବା ସହଜ ହୋଇଥିଲା। ବାବର ଓ ଆଲମ ପୂରା ଏହାର ଫାଇଦା ଉଠାଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ୨ଟି ଓ ଏନରିଚ୍ ନର୍ଜେ ଗୋଟିଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟରେ ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ୱିଆନ ମୁଲଡରଙ୍କୁ ଖେଳାଇଛି।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ: ୧୪୫/୩ (ବାବର-୭୭*, ଆଲମ-୪୨*, କେଶବ-୨/୫୧, ନର୍ଜେ-୧/୩୦)।

# ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ

ଭଣ୍ଡାରିପୋଖରୀ, ୪।୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଚିକିରି ଖେଳପଡ଼ିଆରେ ଚାଲିଥିବା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁର ଓ ଟାଉନ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଉତ୍କଳିକା ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ୨୫ ଓଭରରେ ୯ ଉଇକେଟ ହରାଇ ୨୨୮ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟଜ୍ୟୋତି ପଣ୍ଡା ୫୮ ଓ ଅଲେଖ ବେହେରା ୫୨ ରନ୍ କରିଥିବା ବେଳେ ପ୍ରତିପକ୍ଷ ବୋଲର ସୁମନ ମହାରଣା ୩ ଓଭରରେ ୪ ଉଇକେଟ ଓ ଶୁଭକାନ୍ତ ଧଳ ୫ ଓଭରରେ ୫ ଉଇକେଟ ଅକ୍ତିଆର କରିଥିଲେ। ଟାଉନ କ୍ଲବ ୨୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୧୪ ରନ୍ କରି ମ୍ୟାଚ୍ ହାରିଥିଲା। ଦଳ ପକ୍ଷରୁ ବିଶାଲ କର ୬୫ ଓ ଶୁଭ ସଂକେତ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହିତେଶ କାଗା ୪ ଓଭରରେ ୩ ଉଇକେଟ ଓ ଉପେନ୍ଦ୍ର ନାୟକ ୩ ଓଭରରେ ୩ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ମାନସ ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ଅମ୍ପାୟର, ଦେବାଶିଷ ରଥ, ମାନସ ନନ୍ଦ, ସୌମ୍ୟ ବର୍ଦ୍ଧନ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଜୁଭେନାଇଲ କଟକ ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ ଅଫ୍ ଦି ମ୍ୟାଚ୍ ମାନସ ମୁଦୁଲିଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା ପାଇଁ ବ୍ରୋଞ୍ଜ ଜିତିଲେ ଅନୁଜ, କୁନାଲ

**ଜାତୀୟ ଆଇସ୍‌ଷ୍ଟକ୍ ଚାମ୍ପିୟନଶିପ୍**

- ଚନ୍ଦନ ମାହାନା, ଅରବିନ୍ଦ ପାଢ଼ୀ, ସ୍ୱରାଜ ମହାପାତ୍ର ଓ ସୋନୁ ସେମଲିୟା ଦ୍ୱିତୀୟ ଖେଲୋ ଇଣ୍ଡିଆ ନ୍ୟାଶନାଲ ୱିଣ୍ଟର ଗେମ୍ସ ପାଇଁ ମନୋନୀତ

ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)

କାଶ୍ମୀରର ଗୁଲମାର୍ଗଠାରେ ୭ମ ଜାତୀୟ ଆଇସଷ୍ଟକ୍ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ରାଜ୍ୟରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆଇସଷ୍ଟକ୍ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ୫ ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୭ ଜଣ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସବ୍‌ଜୁନିୟର କାଟେଗୋରିରେ ୨ ଜଣ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ଦୁଇ ଖେଳାଳି ହେଲେ କୁନାଲ ବେହେରା ଓ ଅନୁଜ ଚୌଧୁରୀ। ଏହା ବ୍ୟତୀତ ଓଡ଼ିଶାର ୪ ଖେଳାଳି ଦ୍ୱିତୀୟ ଖେଲୋ ଇଣ୍ଡିଆ ନ୍ୟାଶନାଲ ୱିଣ୍ଟର ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଚନ୍ଦନ ମାହାନା, ଅରବିନ୍ଦ ପାଢ଼ୀ, ସ୍ୱରାଜ ମହାପାତ୍ର ଓ ସୋନୁ ସେମଲିୟା। ଏମାନଙ୍କ ମଧ୍ୟରୁ ଚନ୍ଦନ, ଅରବିନ୍ଦ ଓ ସ୍ୱରାଜ ଗୁଲମାର୍ଗ ଟୁର୍ନାମେଣ୍ଟରେ ସିନିୟର କାଟେଗୋରିରେ ଭାଗନେଇ ପଦକ ପାଇ ନ ଥିଲେ। ମାତ୍ର ପ୍ରଦର୍ଶନ ଭିତ୍ତିରେ ସେମାନଙ୍କ ଚୟନ କରାଯାଇଛି। ସୋନୁ ସୋମଲିୟା ପ୍ରଥମ ଖେଲୋ ଇଣ୍ଡିଆ ଗେମ୍ସରେ ଭାଗ ନେଇଥିଲେ। ତେଣୁ ସେ ମଧ୍ୟ ସ୍ୱତଃ ଚୟନ ହୋଇଛନ୍ତି। ଓଡ଼ିଶା ଦଳ ପ୍ରତ୍ୟାବର୍ତ୍ତନ କରିବାପରେ ଝାରସୁଗୁଡ଼ା ରେଲୱେ ଷ୍ଟେଶନରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହି ଅବସରରେ ଆସୋସିଏଶନ ପକ୍ଷରୁ ଅରବିନ୍ଦ ବାରିକ, ପ୍ରେମ୍ ସିଂ ଥାପ୍ପା, ରବୀନ୍ଦ୍ର ଚୌଧୁରୀ, ଅମ୍ବିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦଳର କୋଚ୍ ଥିଲେ ଆଶୁତୋଷ ନାୟକ ଓ ମ୍ୟାନେଜର ଭବାନୀ କୁମାର ସାହୁ।


ଝାରସୁଗୁଡ଼ାରେ ସମ୍ବର୍ଦ୍ଧିତ ହେବା ଅବସରରେ ଓଡ଼ିଶା ଆଇସ୍‌ଷ୍ଟକ୍ ଦଳ।

# ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ପାଇଁ ଆବଣ୍ଟିତ ପାଣ୍ଠି

| କ୍ର.ସଂ. | ପ୍ରକଳ୍ପର ନାମ | ବଜେଟ ଅନୁଦାନ (ସଂଖ୍ୟା କୋଟି ଟଙ୍କାରେ) ୨୦୨୧-୨୨ |
|---|---|---|
| ନୂଆ ଲାଇନ୍/କାମ ଚାଲୁଅଛି (ପିଏଚ୍-୧୧) | | |
| ୦୧ | ଅନୁଗୋଳ-ସୁକିନ୍ଦା ରାସ୍ତା (୯୮.୭ କି.ମି.) ନୂଆ ଲାଇନ୍ | ୪୦୦.୦୦ |
| ୦୨ | ହରିଦାସପୁର-ପାରାଦୀପ (୮୨ କି.ମି.) ନୂଆ ଲାଇନ୍ | ୧୦୦.୦୦ |
| ୦୩ | ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର (୨୮୯ କି.ମି.) ନୂଆ ଲାଇନ୍ | ୧୦୦୦.୫୦ |
| ୦୪ | ତାଳଚେର-ବିମଳାଗଡ଼ (୧୫୪ କି.ମି.) ନୂଆ ଲାଇନ୍ | ୧୦.୦୦ |
| ୦୫ | ଜୟପୁର-ମାଲକାନଗିରି (୧୩୦ କି.ମି.) ନୂଆ ଲାଇନ୍ | ୨୮.୦୦ |
| ୦୬ | ଜୟପୁର-ନବରଙ୍ଗପୁର (୩୮ କି.ମି.) ନୂଆ ଲାଇନ୍ | ୧୫.୧୦ |
| ୦୭ | ଖୋର୍ଦ୍ଧା ରୋଡ୍-ବିଜୟନଗରମ୍ ବାଇପାସ୍ | ୧୧.୦୦ |
| ୦୮ | ନୂଆପଡ଼ା-ଗୁଣପୁରଠାରୁ ବିସ୍ତୃତ ଥେରୁବାଲି ପର୍ଯ୍ୟନ୍ତ ୭୯.୪୫ କି.ମି. (ଗତବର୍ଷ ଅନୁମୋଦିତ) | ୦.୦୦୦୧ |
| ୦୯ | ଗୋପାଳପୁର ଠାରୁ ସମ୍ବଲପୁର ଭାୟା ଫୁଲବାଣୀ (ଚଳିତବର୍ଷ ଅନୁମୋଦିତ) | ୦.୦୦୦୧ |
| ୧୦ | ତାଳଚେର-ଅନୁଗୋଳ ନୂଆ ଲାଇନ୍ ସହିତ ତାଳଚେରଠାରେ 'ୱାଇ' କନେକ୍ସନ (୧୪.୫ କି.ମି.) | ୦.୦୦୦୧ |
| ଦୋହରୀକରଣ କାର୍ଯ୍ୟ(ପି.ଏଚ୍-୧୫) | | |
| ୦୧ | ସମ୍ବଲପୁର-ତାଳଚେର (୧୭୪.୧୧ କି.ମି.) ଦୋହରୀକରଣ | ୧୭୩.୮୨ |
| ୦୨ | ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) ଦୋହରୀକରଣ | ୨୦୦.୦୦ |
| ୦୩ | ଟିଟିଲାଗଡ଼ (ସମ୍ବଲପୁର)- ବିଜୟନଗରମ୍ ୩ୟ ଲାଇନ୍ ୨୬୪.୬ କି.ମି. | ୩୦୦.୦୦ |
| ୦୪ | ବାଂଶପାଣି-ଦୈତାରୀ-ଟମ୍କା-ଯଖପୁରା (୧୮୦ କି.ମି.) | ୨୨୮.୦୦ |
| ୦୫ | ବୃନ୍ଦାମାଳ-ଝାରସୁଗୁଡ଼ା- ଫ୍ଲାଏ ଓଭର୍ ଡାଉନ୍‌ଲେନ୍‌ରେ ସଂଯୋଗୀକରଣ | ୨୦.୦୦ |
| ୦୬ | ଭଦ୍ରକ-ନିର୍ଗୁଣ୍ଡି -୩ୟ ଲାଇନ୍ (୮୦ କି.ମି.) | ୨୨୯.୦୦ |
| ୦୭ | ଜରପଡ଼ା-ବୁଢ଼ାପାଙ୍କ (୩ୟ ଏବଂ ୪ର୍ଥ ଲାଇନ୍) | ୧୦୧.୦୦ |
| ୦୮ | ବୁଢ଼ପଙ୍କ-ସାଲେଗାଁ (୩ୟ ଏବଂ ୪ର୍ଥ ଲାଇନ୍) | ୨୧୫.୦୦ |
| ୦୯ | କୋରାପୁଟ-ସିଙ୍ଗାପୁର ରୋଡ୍ | ୦.୦୦୦୧ |
| ୧୦ | ଜଗଦଲପୁର-କୋରାପୁଟ ୧୧୦ କି.ମି. | ୮୫.୦୦ |
| ୧୧ | କୋଟଭାଲ୍‌ସା-କୋରାପୁଟ ୧୮୯ କି.ମି. | ୦.୦୦୦୧ |
| ୧୨ | ରାୟପୁର-ଟିଟିଲାଗଡ଼ ୨୦୩ କି.ମି. | ୫.୫୦ |
| ୧୩ | ଖୋର୍ଦ୍ଧା ରୋଡ୍-ବାରଙ୍ଗ ୩ୟ ଲାଇନ୍ | ୨୦.୦୦ |
| ୧୪ | ଝାରସୁଗୁଡ଼ା-ବିଳାସପୁର ୪ର୍ଥ ଲାଇନ୍ ୨୦୬ କି.ମି. | ୧୦୦.୦୦ |
| ୧୫ | ବାଘୁଆପାଳ ଫ୍ଲାଏ ଓଭର | ୦୫.୦୦ |
| ୧୬ | ମନୋହରପୁର-ବଣ୍ଡମୁଣ୍ଡା ୩ୟ ଲାଇନ୍ | ୪୦.୦୦ |
| ୧୭ | ରାଉରକେଲା-ଝାରସୁଗୁଡ଼ା ୩ୟ ଲାଇନ୍ | ୨୩୦.୦୦ |
| ୧୮ | ବଣ୍ଡମୁଣ୍ଡା-ରାଞ୍ଚି ଦୋହରୀକରଣ | ୩୨.୦୦ |
| ୧୯ | ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ | ୨୨୫.୦୦ |
| ୨୦ | ବଣ୍ଡମୁଣ୍ଡା-ରାଉରକେଲା ୪ର୍ଥ ଲାଇନ୍ | ୨୯.୦୦ |
| ୨୧ | ଚମ୍ପା-ଝାରସୁଗୁଡ଼ା ତୃତୀୟ ଲାଇନ | ୧୨.୦୦ |
| ୨୨ | ଚମ୍ପାଝରଣ-ବିମଳାଗଡ଼ ଦୋହରୀକରଣ | ୦୨.୦୦ |
| ୨୩ | ଦୁମିତ୍ରା- ବିସ୍ରା ଲିଙ୍କ୍ ସି ଲାଇନ | ୨୭.୦୦ |
| ୱାର୍କଶପ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ(ପିଏଚ୍-୪୨) | | |
| ୦୧ | ଅନୁଗୋଳ ଇଲେକ୍ଟ୍ରିକ୍ ଲୋକୋସେଡ୍- ଧାର୍ଯ୍ୟ କ୍ଷମତା ୧୫୦କୁ ବୃଦ୍ଧି | ୦୧.୦୦ |
| ୦୨ | ମାନେଶ୍ୱର(ସର୍ଲା ରୋଡ୍): ମାଲ୍‌ବାହୀ ଟ୍ରେନ୍, ରକ୍ଷଣାବେକ୍ଷଣ ବ୍ୟବସ୍ଥା | ୧୦.୦୦ |
| ୦୩ | କଳାହାଣ୍ଡି ବିଦ୍ୟୁତ୍ ଇଞ୍ଜିନ ଓଭରହଲିଂ ୱାର୍କଶପ୍ ସ୍ଥାପନ | ୦.୦୧୦୦ |
| | ରାଜ୍ୟରେ ରେଳ ବିଦ୍ୟୁତୀକରଣ କାର୍ଯ୍ୟ(ପିଏଚ୍-୩୫) | ୧୭୩.୦୦ |
| | ଅନ୍ୟାନ୍ୟ ଯୋଜନାରେ ବ୍ୟୟବରାଦ: ଟ୍ରାଫିକ୍ ସୁବିଧା, କମ୍ପ୍ୟୁଟରୀକରଣ, ରୋଲିଂ ଷ୍ଟକ୍, ଲିଜ୍ ଚାର୍ଜେସ, ଲେଭଲ କ୍ରସିଂ, ଆର୍‌ଓବି/ଆର୍‌ୟୁବି, ଟ୍ରାକ୍ ନବୀକରଣ, ବ୍ରିଜ୍ ୱାର୍କ, ସିଗ୍‌ନାଲ୍ ଏବଂ ଟେଲିକମ୍ କାର୍ଯ୍ୟ, ଅନ୍ୟ ବିଦ୍ୟୁତିକରଣ କାର୍ଯ୍ୟ, ୱାର୍କଶପ୍, ଏମ୍‌ଆଣ୍ଡପି, କର୍ମଚାରୀ କଲ୍ୟାଣ, ତାଲିମ୍ ଏବଂ ମାନବ ସମ୍ବଳ, ଅନ୍ୟ ନିର୍ଦ୍ଧାରିତ କାର୍ଯ୍ୟ | ୨୯୬୬.୬୬ |
| | ମୋଟ | ୬୯୯୫.୫୮ |

# ଓଡ଼ିଶା ପାଇଁ ବଜେଟ ଅନୁଦାନ

(ସଂଖ୍ୟା କୋଟି ଟଙ୍କାରେ)

| କ୍ର.ସଂ. | ପ୍ଲାନ୍ ହେଡ୍ | କାର୍ଯ୍ୟର ନାମ | ୨୦୨୧-୨୨ |
|---|---|---|---|
| ୦୧ | ୧୧ | ନୂଆ ଲାଇନ୍ | ୧୫୫୩.୬୦ |
| ୦୨ | ୧୫ | ଦୋହରୀକରଣ | ୧୭୦୨.୪୯ |
| ୦୩ | ୧୬ | ଟ୍ରାଫିକ୍ ସୁବିଧା | ୧୭.୧୫ |
| ୦୪ | ୧୭ | କମ୍ପ୍ୟୁଟରୀକରଣ | ୩.୪୭ |
| ୦୫ | ୨୧ | ରୋଲିଂ ଷ୍ଟକ୍ | ୨୩.୫୨ |
| ୦୬ | ୨୨ | ଲିଜ୍ ଚାର୍ଜ | ୬୫୧.୪୮ |
| ୦୭ | ୨୯ | ଲେଭଲ୍ କ୍ରସିଂ | ୧୮.୮୧ |
| ୦୮ | ୩୦ | ଆର୍‌ଓବି/ଆର୍‌ୟୁବି | ୨୮୦.୪୦ |
| ୦୯ | ୩୧ | ଟ୍ରାକ୍ ନବୀକରଣ | ୪୦୨.୪୮ |
| ୧୦ | ୩୨ | ବ୍ରିଜ୍ କାର୍ଯ୍ୟ | ୩୮.୫୦ |
| ୧୧ | ୩୩ | ସିଗ୍‌ନାଲ୍ ଏବଂ ଟେଲିକମ୍ କାର୍ଯ୍ୟ | ୬୯.୧୪ |
| ୧୨ | ୩୫ | ବିଦ୍ୟୁତିକରଣ (ପ୍ରକଳ୍ପ) | ୧୭୩.୦୦ |
| ୧୩ | ୩୬ | ଅନ୍ୟାନ୍ୟ ବୈଦ୍ୟୁତିକ କାର୍ଯ୍ୟ | ୨୪.୫୪ |
| ୧୪ | ୪୧ | ମେଶିନାରୀ ଏବଂ ପ୍ଲାଣ୍ଟସ | ୧୩.୫୯ |
| ୧୫ | ୪୨ | ୱାର୍କଶପ୍ | ୩୬.୯୧ |
| ୧୬ | ୫୧ | କର୍ମଚାରୀ କଲ୍ୟାଣ | ୧୭.୩୨ |
| ୧୭ | ୫୩ | ଯାତ୍ରୀ ସୁବିଧା | ୩୦୦.୮୦ |
| ୧୮ | ୬୪ | ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟ | ୧୦.୮୯ |
| ୧୯ | ୬୫ | ମାନବ ସମ୍ବଳ ପ୍ରଶିକ୍ଷଣ | ୨.୯୧ |
| ୨୦ | ୭୧ | ଷ୍ଟୋର୍ସ ସସ୍‌ପେନ୍ସ | ୫୪୨.୬୩ |
| ୨୧ | ୭୨ | ଡବ୍ଲ୍ୟୁଏମ୍‌ଏସ୍ | ୧୯୦.୯୫ |
| | | ମୋଟ | ୬୦୭୪.୫୮ |
| ୨୨ | | ଓଡ଼ିଶା ରାଜ୍ୟରେ ପଡୁଥିବା ଏସ୍‌ଇଆର୍ ଏବଂ ଏସ୍‌ଇସିଆର୍‌ରେ ଅନୁମୋଦିତ କାର୍ଯ୍ୟ | ୯୨୧.୦୦ |
| | | ସର୍ବମୋଟ | ୬୯୯୫.୫୮ |

# ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ବିଶ୍ୱ କର୍କଟ ଦିବସ



ଭୁବନେଶ୍ୱର,୪।୨

ବିଶ୍ୱ କର୍କଟ ଦିବସ ଅବସରରେ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍‌ପିଟାଲରେ ଏକ କ୍ୟାନସର ସଚେତନତା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଛି। କ୍ୟାନ୍‌ସର ରୋଗର କାରଣ ଓ ନିରାକରଣ କିପରି ସର୍ବସାଧାରଣରେ ପହଞ୍ଚି ପାରିବ ସେହି ମହାନ ଉଦ୍ଦେଶ୍ୟ ନେଇ ଏକ ସୁସଜ୍ଜିତ ଭ୍ୟାନ ବ୍ୟବସ୍ଥା ହୋଇଛି। ସେହିଭଳି ଏଲ୍‌ଇଡି ଟିଭି ଲଗାଇ ପ୍ରାୟ ୧୦ଟି ଜିଲାରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ଯୋଜନା ରହିଛି। ଏହା ଦୀର୍ଘ ଏକ ମାସ ଧରି ସଂପୃକ୍ତ ଜିଲ୍ଲା ଗୁଡ଼ିକରେ ହସ୍ପିଟାଲ କ୍ୟାନସର ସଚେତନତା ସୃଷ୍ଟି କରିବ।

ହସ୍ପିଟାଲ ପରିସରରେ ଗୃହରକ୍ଷୀ ଅଗ୍ନିଶମ ଏବଂ ସାଧାରଣ ପ୍ରତିରକ୍ଷା ଆଇଜିପି ଅସୀତ୍ ପାଣିଗ୍ରାହୀ, ଓଡ଼ିଆ ସିନେ ଜଗତର ପ୍ରଖ୍ୟାତ ଅଭିନେତା ଦୀପକ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି କଟକ ସଦର, ସ୍ଥାନୀୟ କର୍ପୋରେଟର ପ୍ରମୋଦ ମହାପାତ୍ର, ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର କୃପାସିନ୍ଧୁ ପଣ୍ଡା, ଏଭିପି ଗିରୀଶ ମିଶ୍ର, ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡି.ଡି. ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାନସର ବିଜୟୀ ଗଗନ ସାହୁ, ସୁବାସିନୀ ଲେଙ୍କା ଓ ନଗେନ୍ଦ୍ର ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରିଥିଲେ।

# ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣରେ ରେକର୍ଡ

ମୁମ୍ବାଇ,୪।୨

**ପ୍ରଥମ ଥର ଲାଗି ୨୦୦ ଲକ୍ଷ କୋଟି ଟଙ୍କା ଟପିଲା**

ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ଐତିହାସିକ ରେକର୍ଡ ଦେଖାଯାଇଛି। ଏହି କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ଗୁରୁବାର ପ୍ରଥମଥର ଲାଗି ୨୦୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଭାରତୀୟ ପୁଞ୍ଜି ବଜାରରେ ଗତ କିଛି ଦିନ ହେବ ଭଲ କାରବାର ହେଉଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ କାରବାର ଗୁରୁବାର ୩୫୮.୫୪ ପଏଣ୍ଟ(୦.୭୧%) ଉର୍ଦ୍ଧ୍ୱରେ ରହିବା ଯୋଗୁ ଏହା ୫୦,୬୧୪.୨୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସମ୍ପତ୍ତି ସୃଷ୍ଟିରେ ବିଏସ୍‌ଇ ଲଗାତର ଏହାର ଯୋଗଦାନ ରଖିଥିବା ଏହାର ସିଇଓ ଆଶିସ ଚୌହାନ କହିଛନ୍ତି। ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ କ୍ଷେତ୍ରରେ ବିଏସ୍‌ଇ ବିଶ୍ୱର ନବମ ବୃହତ୍ତ ଷ୍ଟକ ବଜାର ହୋଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୪ ଦିନରେ ନିବେଶକଙ୍କ ସମ୍ପତ୍ତି ୧୪.୩୪ ଲକ୍ଷ କୋଟି ଟଙ୍କା ବଢିଥିବା ଜଣାପଡିଛି।

# ଶ୍ରୀ ମୋହନ ଏମ୍ ଓଜିବିର ନୂତନ ଅଧ୍ୟକ୍ଷ



**ଭୁବନେଶ୍ୱର,୪।୨:** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ନୂତନ ଅଧ୍ୟକ୍ଷ ଭାବେ ଶ୍ରୀ ମୋହନ ଏମ୍ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଦାୟିତ୍ୱ ପୂର୍ବରୁ ସେ ଶ୍ରୀଲଙ୍କାରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର କଣ୍ଟ୍ରି ହେଡ୍ ଭାବେ କାର୍ଯ୍ୟ କରୁଥିଲେ। ୧୯୯୧ରେ ସେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ଯୋଗଦେଇଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ଇଣ୍ଡିଆନ ଓଭରସିଜ ବ୍ୟାଙ୍କର କେନ୍ଦ୍ରୀୟ କାର୍ଯ୍ୟାଳୟ, ଚେନ୍ନାଇ, ଦିଲ୍ଲୀ, ଅହମ୍ମଦାବାଦ ଭଳି ସ୍ଥାନରେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ଓଜିବି ଅଧିକ ଗ୍ରାହକ କୈନ୍ଦ୍ରିକ ସେବା ଯୋଗାଣ ଏବଂ ଅଭିବୃଦ୍ଧି କରିବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବର୍ତ୍ତମାନ ଆଞ୍ଚଳିକ ସ୍ତରରେ ଆଦୃତ ହେବା ସହ ଏକ ବିକାଶମୁଖୀ ବ୍ୟାଙ୍କ ଭାବେ ପ୍ରତିଷ୍ଠା ଲାଭ କରିଛି।

# ଖୋର୍ଦ୍ଧା ରେଳ ଡିଆର୍‌ଏମ୍‌ଙ୍କ ଜେଏସ୍‌ପିଏଲ୍ ପରିଦର୍ଶନ



**ଅନୁଗୋଳ ଅଫିସ,୪।୨:** ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ଡିଭିଜନ୍‌ର ଡିଭିଜନାଲ୍ ମ୍ୟାନେଜର (ଡିଆର୍‌ଏମ୍) ଶଶୀକାନ୍ତ ସିଂହ ଗୁରୁବାର ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲମିଟେଡ (ଜେଏସ୍‌ପିଏଲ୍)ର ଅନୁଗୋଳ ସମନ୍ୱିତ ଇସ୍ପାତ କାରଖାନା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟ ରେଳବାଇ ଓ ଜେଏସ୍‌ପିଏଲ୍ ମଧ୍ୟରେ ଥିବା ସମନ୍ୱୟ ଆହୁରି ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଇସ୍ପାତ କାରଖାନା ପରିସର ବୁଲିବା ପରେ ଅଧିକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଡିଆର୍‌ଏମ୍ ସିଂହ କହିଥିଲେ ଯେ, ଜେଏସ୍‌ପିଏଲ୍ ଇସ୍ପାତ କାରଖାନାର କ୍ଷମତା ସମ୍ପ୍ରସାରଣ ଯୋଜନା ରହିଛି। ଏହି ସମନ୍ୱୟ ଯୋଗୁ ଜେଏସ୍‌ପିଏଲ୍‌ର ଇସ୍ପାତ ଉତ୍ପାଦନ ବୃଦ୍ଧିରେ ରେଳବାଇ ଆବଶ୍ୟକ ସହଯୋଗ କରିପାରିବ ଏବଂ ମାଲ ଓ ଉତ୍ପାଦ ପରିବହନରେ କୌଣସି ସମସ୍ୟା ରହିବ ନାହିଁ। ପ୍ରତି ମାସରେ ଅନୁଗୋଳ ଓ ଖୋର୍ଦ୍ଧାରେ ବୈଠକ କରିଏ ସମ୍ପର୍କରେ ଆଲୋଚନା କରାଯିବ। ଏହି ପରିଦର୍ଶନ ପାଇଁ ଡିଆର୍‌ଏମ୍ ସିଂହ ଏବଂ ତାଙ୍କ ଟିମ୍‌କୁ ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ଟିମ୍‌ରେ ପୂର୍ବତଟ ରେଳ ଇଞ୍ଜିନିୟରିଂ ବିଭାଗ, ଅପରେଶନ, କମର୍ସିଆଲ୍, ସିଭିଲ ଇଞ୍ଜିନିୟରିଂ, ସିଗ୍‌ନାଲ ଏବଂ ମେକାନିକାଲ ବିଭାଗ ଅଧିକାରୀମାନେ ସାମିଲ ହୋଇଥିଲେ।

# ଆପୋଲୋ ପକ୍ଷରୁ କର୍କଟ ସଚେତନତା



**ଭୁବନେଶ୍ୱର,୪।୨:** ଆପୋଲୋ ହସ୍ପିଟାଲ ପକ୍ଷରୁ କର୍କଟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କର୍କଟ ବିଷୟରେ ସଚେତନତା ସୃଷ୍ଟି ପାଇଁ ହସ୍ପିଟାଲ ପକ୍ଷରୁ ଏକ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆପୋଲୋ ହସ୍ପିଟାଲ ଏଣ୍ଟରପ୍ରାଇଜ ଲିମିଟେଡ୍‌ର ଆଞ୍ଚଳିକ ସିଇଓ ସୁଧୀର ଏମ୍ ଦିଗିକର ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମେଡିକାଲ ସର୍ଭିସେସ୍ ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର, ଆୱାକେନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସ୍ୱାଗତିକା ଆଚାର୍ଯ୍ୟ, ଟିସିଏସ୍ ଭୁବନେଶ୍ୱର ଡେଲିଭରି ସେଣ୍ଟର ମୁଖ୍ୟ ସରିତା ମିଶ୍ର ଏବଂ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ସ୍କ୍ରିନିଂ ପ୍ୟାକେଜ ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଆପୋଲୋ କର୍କଟ କେନ୍ଦ୍ର ଓଡ଼ିଶାର ଲୋକଙ୍କ ପାଇଁ ଉପଯୁକ୍ତ ମୂଲ୍ୟରେ କର୍କଟ ରୋଗର ଚିକିତ୍ସା ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା ସିଇଓ ଦିଗିକର କହିଛନ୍ତି। କର୍କଟ ରୋଗର ଚିକିତ୍ସା ସମ୍ଭବ। ମାତ୍ର ଏହାକୁ ଯଦି ଠିକ୍ ସମୟରେ ଚିକିତ୍ସା କରାଯାଏ ଅନେକ ଲୋକ ଏହାର ଲାଭ ପାଇପାରିବେ। ଏହାକୁ ଧ୍ୟାନରେ ରଖି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ସେ କହିଛନ୍ତି।

GOVERNMENT OF ODISHA No. B-709
OFFICE OF THE CHIEF ENGINEER
RESEARCH DEVELOPMENT & QUALITY PROMOTION (R & B), ODISHA
UNIT-IV, SACHIVALAY MARG, BHUBANESWAR
Telephone: 0674-2396562, E-mail ID: qualitycontrol02@gmail.com
"e"-Procurement Notice
No. 75 / Dated Bhubaneswar, the 29th January' 2021
Due to unavoidable circumstances the BID IDENTIFICATION No.01/CE/RDQP/2020-21 published in news papers is hereby cancelled.
Sd./- (Dt.29.01.2021)
Chief Engineer, R.D. & Q.P. (R&B), Odisha
OIPR-34124/11/0003/2021

idco | ODISHA NEW OPPORTUNITIES No.CAD-1182
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No. Civil/EST-11/2020-21
File No. HO/Civil/T&E-E-4424/04/2021/1936 Dt.29.01.21
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the Work: Construction of Auditorium Building at CET, Ghatika, Bhubaneswar
2. Value of the Work: Rs.4931.35 lakh (Approx.)
3. Period of Completion: 18 (Eighteen) Calendar Months
4. Availability of tender online for Bidding:
i. Start Date: 18.00 hours of Dt.10.02.2021.
ii. End Date: 17.00 hours of 02.03.2021.
iii. Opening Date: 11.30 hours of 03.03.2021.
Tender details can be seen from the e-Procurement portal www.tendersorissa.gov.in. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil)
IDCO, Bhubaneswar
OIPR-14003/11/0120/2021

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
QUOTATION CALL No. 61RWSS/RRPUR- 2020-2021 / Dated 01.02.2021
No. O-1028:- The Executive Engineer, RWSS Division, Rairangpur on behalf of Governor of Odisha, invites Sealed quotations are invited from the registered manufacturers / Authorized Dealers for supply of nominal bore of 200 mm dia with wall thickness 7.10 mm ISI marked steel tubes used in water wells of type electric resistance welder (ERW) confirming to IS-4270/2001
1. Period of Completion : 30 (thirty) days
2. EMD to be accompanied with - 1% of quoted amount
3. Approximate cost of materials : - ₹63.00lac
4. Class of Bidder : - Registered manufacturers / Authorized Dealers only
5. Last Date and time of receipt of quotations- From 08.02.2021 up to 16.00 hours of 22.02.2021
6. Date & time of opening of quotations: - Dt. 23.02.2021 at 11.00 hours
7. Other Documents: - (As mentioned in DTCN)
8. The bidder can also participate in on-line mode. Further details can be seen from the website https://www.tendersodisha.gov.in.
9. Any addendum / Corrigendum / Cancellation of tender can also be seen in the said website.
Sd./- Executive Engineer,
RWSS Division, Rairangpur
OIPR-25010/11/0030/2021

ODISHA PUBLIC SERVICE COMMISSION
CUTTACK
NOTICE
No. 908/P.S.C., Dt.4.2.21
No. D-161: It is for information of all concerned that, the Commission have decided to conduct the written examination for recruitment to the Post of Lecturer in Government Collge of Physical Education, pursuant to Advt. No. 05 of 2020-21, tentatively on 13.03.2021 & 14.03.2021. The detail programme of the said examination shall be notified later.
2. The candidate are advised to visit the website of the Commission at http://opsc.gov.in for further information.
Sd./- Secretary
OIPR-12002/11/0071/2021

GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.),
NORTHERN ZONE, HORTICULTURE,
AT/PO- FARM ROAD, SAMBALPUR-768002 (email : eehortnz@gmail.com)
Identification No. 02 /Hort. / NZ / 2020-21 Dt.03.02.2021
No. L-64:-

| | | |
|---|---|---|
| 01 | Nos. of work | : 02 Nos. |
| 02 | Estimated cost | : Rs.7,98,418/- to Rs.15,93,606/- |
| 03 | Period of completion | : 45 to 90 days |
| 04 | Date & Time of availability of bid document in the portal | : From 11.00 Hrs. of 11.02.2021 to 17.30 Hrs. of 22.02.2021 |
| 05 | Last date/time of receipt of bids in the portal | : 17.30 Hrs. of 22.02.2021 |
| 06 | Date & Time of opening of bids | : 11.00 Hrs. of 26.02.2021 onwards |
| 07 | Name and Address of the officer inviting bid | : Executive Engineer (Agril.), Northern Zone, Horticulture, C/o Dy. Director of Horticulture, At/PO-Farm Road, Sambalpur, Pin-768002. |

Further details can be seen from the website www.tendersodisha.gov.in
Sd./- Executive Engineer (Agril.)
Northern Zone, Horticulture, Sambalpur
OIPR-01033/11/0003/2021

GOVT. OF ODISHA No. A-543
DEPARTMENT OF WATER RESOURCES
O/O. THE CHIEF CONSTRUCTION ENGINEER
RENGALI RIGHT IRRIGATION PROJECT, DHENKANAL
email Id: ccerrip@gmail.com
'e' Procurement Notice
No. A-543: The Chief Construction Engineer, Rengali Right Irrigation Project, Mahisapat, Dhenkanal on behlaf of the Governor of Odisha invites Online percentage rate bids in double cover system for construction of the work as detailed below:
1. Name of the Work : 01 No. of Civil Work
2. Tender Cost : Rs.699.82 lakh
3. Bid document cost : Rs.10,000.00 (Online) for each work
4. Bid Security : Rs.6,99,900.00 (Online)
5. Class of Contractor : 'Special Class & Super Class
6. Period of Completion : 18 Calendar months
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover - I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-02/2020-21 | 08.02.2021 10.00 A.M. | 24.02.2021 5.30 P.M. | 25.02.2021 11.00 A.M. |

8. For further details and Online bidding, visit Govt. website www.tendersodisha.gov.in.
Sd./- Chief Construction Engineer
Rengali Right Irrigation Project, Dhenkanal
OIPR-32351/11/0002/2021

DISTRICT PROJECT OFFICE
SAMAGRA SIKHYA, NABARANGPUR
No. 335/Plg/21 Date: 03.02.2021
QUOTATION CALL NOTICE FOR PRINTING & SUPPLY OF SSP & SDP FORMAT
Sealed quotations are invited in prescribed format from the registered offset printers having valid GST Registration/PAN for printing and supply of SSP & SDP formats. Quotations should be submitted in the envelope duly marked on the top "QUOTATION CALL NOTICE FOR PRINTING & SUPPLY OF SDP & SSP FORMAT" in the Office of the District Project Coordinator, Samagra Sikhya, Nabarangpur during office hours by 5.00 P.M. of Dt.17.02.2021 through Speed Post/Registered Post. The tender shall be opened at 11.00 A.M. on Dt.18.02.2021 in the Office of the District Project Coordinator, Samagra Sikhya, Nabarangpur in the presence of the bidders or their authorized representatives. The terms and conditions for printing of SSP & SDP formats can be downloaded from the official website http.//www.OSEPA.odisha.gov.in and http.//www.nabarangpur.nic.in.
By the Order of Collector-cum-Chairman
Sd./- District Project Coordinator
Samagra Sikhya, Nabarangpur

By FAX/E-Mail/Regd. Post/Speed Post
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼
DISTRICT RURAL DEVELOPMENT AGENCY, SUNDARGARH
Sundargarh - 770001, E-mail: ori-dsundargarh@nic.in, Tele/Fax No. 06622-273873
No. 402/DRDA Dated the 4th February, 2021
INVITATION OF EXPRESSION OF INTEREST
Applications are invited from the eligible interested persons for engagement as OMBUDSMAN under Mahatma Gandhi NREGS in DRDA, Sundargarh purely on contractual basis, the details of which are given below.

| Name of Post | Monthly consolidated remuneration | No. of Post lying vacant | Place of engagement | Eligibility criteria |
|---|---|---|---|---|
| OMBUDSMAN | Rs.1,000/- per sitting (Maximum Rs.20,000/- per month) | 01 (One) | DRDA, Sundargarh | Details in NIC website |

N.B. (1) The interested and eligible candidates are required to submit their application forms in the prescribed application format with detailed testimonial/credentials/other documents in support of their eligibility by Registered Post/Speed Post (Indian Post) only and in no other means. The applications to be submitted in other means will not be accepted.
(2) The last date for receiving of application forms in DRDA, Sundargarh is 11.02.2021 (Thursday by 5.00 P.M.)
(3) For application form, terms & conditions, function, eligibility criteria etc. and for any Corrigendum/Addendum relating to this EoI, visit the Official website of Sundargarh District "www.sundargarh.nic.in".
Sd./- Collector-cum-DPC, MGNREGS, Sundargarh

OFFICE OF THE
MUNICIPAL COUNCIL, SUNDARGARH
No. 525 Dt. 04.02.2021
COMPETITIVE BIDDING THROUGH e-Procurement
NOTICE INVITING TENDER
Bid Reference No. SNGM-08/2020-21 / Dt.04.02.2021
On behalf of the Sundargarh Municipality, online e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered/empanelled under Sundargarh Municipality are also eligible to participate for the works.

| | | |
|---|---|---|
| 1. | Total No. of works for which tenders invited | : 22 Nos. |
| 2. | Place of Execution | : Inside of Sundargarh Municipality |
| 3. | Estimated Cost of Works | : Rs.2,67,882/- to Rs.17,85,692/- |
| 4. | Eligible Class of Contractors | : Registered contractors of Class - 'D' to Class - 'C' as indicated against each work mentioned in the Tender Call Notice |
| 5. | Intending bidders have to participate through "Online" bidding only. The website for online bidding is https://www.tendersodisha.gov.in | |
| 6. | The bid documents will be availabel in the abvoe website from | : 11.00 A.M. on 08.02.2021 to 5.00 P.M. on 18.02.2021 for online bidding. |
| 7. | Bids received online will be opened at | : 11.00 A.M. on 23.02.2021 |
| 8. | The bidder must possess valid and compatible Digital Signature Certificate (DSC). | |
| 9. | The DTCN for 22 Nos. of work shall be available in the e-procurement portal https://www.tendersodisha.gov.in for Online bidding. | |

Sd./- Executive Officer
Sundargarh Municipality



ମୁମ୍ବାଇ: ବଲିଉଡରେ 'ରଙ୍ଗିଲା ଗର୍ଲ' ଭାବେ ପରିଚିତ ଉର୍ମିଳା ମାତୋଣ୍ଡକର ଗୁରୁବାର ୪୮ ବର୍ଷରେ ପାଦ ଥାପିଛନ୍ତି। ମା ରୁକ୍‌ସାନା ସୁଲତାନା ଜଣେ ମୁସଲମାନ ଥିବାବେଳେ ପିତା ଶିବିନ୍ଦର ସିଂ ଜଣେ ପଞ୍ଜାବୀ ହିନ୍ଦୁ। ୧୯୭୭ରେ ସେ 'କର୍ମ' ଫିଲ୍ମରେ ଅଭିନୟ କରିଥିଲେ। ତେବେ ୧୯୮୩ରେ ମାସୁମ ଫିଲ୍ମରେ ଶିଶୁ କଳାକାର ଭାବେ ଉର୍ମିଳାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ୨୦୧୬ ରେ ସେ ନିଜଠାରୁ ୧୦ ବର୍ଷ ବୟସ ସାନ କଶ୍ମୀର ବିଜନେସ୍‌ମ୍ୟାନ ମୋହସିନ ଅଖତର ମୀରଙ୍କୁ ଲୁଚାଛପାରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜନୀତିରେ ପାଦ ଦେଇଦେଇଥିଲେ।

# ସୁନାଠୁ ଦାମୀ ଫସଲ



**ଏଭଳି ଏକ ଚାଷ, ଯାହାକୁ ସ୍ଥାନ ମିଳିଛି ଇଂଲିଶ ସାହିତ୍ୟରେ। ଏହାର ଉତ୍ପାଦନ ପାଇଁ ସପ୍ତଦଶ ଶତାବ୍ଦୀରେ ବ୍ରିଟିଶ ସରକାର ଆଣିଥିଲେ ସ୍ୱତନ୍ତ୍ର ନିୟମ। ଔଷଧୀୟ ଗୁଣରେ ଭରପୂର ଏବଂ ଗହଣାଠୁ ଦାମୀ ଏହି ଫସଲ ହେଉଛି 'ହୋପ୍‌ଶୁଟ୍‌ସ'। ଜର୍ମାନୀରୁ ଆରମ୍ଭ ହୋଇଥିବା ଏହି ଚାଷର ଅନ୍ତର୍ଜାତୀୟ ବଜାରରେ ରହିଛି ବେଶ୍ ଚାହିଦା। ଭାରତରେ ମଧ ପରୀକ୍ଷାମୂଳକ ଭାବେ ଏହାର ଉତ୍ପାଦନ ଆରମ୍ଭ ହୋଇଛି, ଯାହାର ଶ୍ରେୟ ଯାଇଛି ବିହାରର ଚାଷୀଙ୍କୁ।**

**ପାଟଣା:** 'ହୋପ୍‌ଶୁଟ୍‌ସ' ଉତ୍ପାଦନ କରି ଚର୍ଚ୍ଚାକୁ ଆସିଛନ୍ତି ବିହାରର ଚାଷୀ। ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ମୂଲ୍ୟବାନ ଫସଲର ଦର ଦଶଗୁଣା ବଢ଼ିଯିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହା ହେଉଛି ହୋପ୍ ପ୍ରଜାତିର ଏକ ଗଛର ପତ୍ର। ଏହାର ଫୁଲ 'ହୋପ୍ସ' ନାମରେ ପରିଚିତ। ହଜାରେ ବର୍ଷ ତଳେ ବିଅରର ସ୍ୱାଦକୁ କଡ଼ା କରିବାରେ ଏହା ବ୍ୟବହାର ହେଉଥିଲା। ଏହାକୁ ବ୍ୟଞ୍ଜନରେ ଫ୍ଲେଭର ଭାବେ ଉପଯୋଗ କରାଯାଉଥିଲା।

ପରବର୍ତ୍ତୀ ସମୟରେ ଚିକିତ୍ସା କ୍ଷେତ୍ରରେ ଏହାର ବ୍ୟବହାର ହେଲା। ତେବେ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ ହେବା ପରେ ଏଥିରୁ ପ୍ରସ୍ତୁତ ହେଉଛି ସ୍ୱାଦିଷ୍ଟ ବ୍ୟଞ୍ଜନ।

୮ମ ଶତାବ୍ଦୀରେ ଜର୍ମାନୀରେ ପ୍ରଥମେ 'ହୋପ୍‌ଶୁଟ୍‌ସ'ର ଉତ୍ପାଦନ କରାଯାଇଥିବା ପ୍ରମାଣ ମିଳେ। ଏହାପରେ ଇଂଲଣ୍ଡ ସମେତ ବହୁ ୟୁରୋପୀୟ ଦେଶରେ ଏହି ଫସଲ ପ୍ରସିଦ୍ଧି ଅର୍ଜନ କରିଥିଲା। ଏହାକୁ ନିଶା ଭାବେ ବହୁଳ ବ୍ୟବହାର କରାଯିବାରୁ ଷୋଡ଼ଶ ଶତାବ୍ଦୀରେ ଇଂଲଣ୍ଡରେ ଏହାକୁ ବ୍ୟାନ୍ କରି ଦିଆଯାଇଥିଲା। ହେଲେ ଜର୍ମାନୀରେ ଦେଖିବାକୁ ମିଳିଥିଲା ଏହାର ବିପରୀତ ଦୃଶ୍ୟ। ସେଠାକାର ସରକାର ଏହାକୁ ଟ୍ୟାକ୍ସ ଫ୍ରି କରିଦେଇଥିଲେ। ତତ୍କାଳୀନ ସମୟରେ ଧର୍ମ ଏବଂ ରାଜନୈତିକ ବିଷୟ ଭାବେ ବେଶ୍ ଜନାଦୃତି ଲାଭ କରିଥିଲା 'ହୋପ୍‌ଶୁଟ୍‌ସ୍'। ଇଂଲଣ୍ଡର ବିଖ୍ୟାତ କବି ଥୋମାସ୍ ଟୁସର 'ହୋପ୍‌ଶୁଟ୍‌ସ'ରେ ଏତେମାତ୍ରାରେ ପ୍ରଭାବିତ ହୋଇଗଲେ ଯେ, ସେ ଏହାକୁ କବିତାରେ ସ୍ଥାନ ଦେଇଥିଲେ। ଏହାର ଉତ୍ପାଦନରେ ଆମେରିକା ପ୍ରଥମ ଏବଂ ଜର୍ମାନୀ ଦ୍ୱିତୀୟରେ ରହିଛି। ଭାରତରେ ମଧ୍ୟ ଏହାର ଚାଷ ଆରମ୍ଭ ହୋଇଛି।

ଔରାଙ୍ଗାବାଦ୍ ଜିଲାର ଚାଷୀ ଅମରେଶ ସିଂ କୁହନ୍ତି, 'ହୋପ୍‌ଶୁଟ୍‌ସ୍'ର ଚାହିଦା ରହିଛି। ଏଥିରୁ ଅନ୍ୟ ଫସଲ ତୁଳନାରେ ଚାଷୀମାନେ ୧୦ ଗୁଣା ଲାଭ ପାଇବା ସମ୍ଭାବନା ରହିଛି। ବାରାଣସୀସ୍ଥିତ ଇଣ୍ଡିଆନ ଭେଜିଟେବଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ତତ୍ତ୍ୱାବଧାନରେ ପରୀକ୍ଷାମୂଳକ ଭିତ୍ତିରେ ଏହାର ଚାଷ କରାଯାଉଛି। ସେଠାରୁ ଅମରେଶ ବିହନ ଆଣିଥିଲେ। ନିଜ ଉଦ୍ୟମରେ ଏହାର ଉତ୍ପାଦନ ଆରମ୍ଭ କରିଥିଲେ। ଏହି ଚାଷର ବ୍ୟାପକ ବ୍ୟବସାୟୀକରଣ ବିହାର ଭଳି ଗରିବ ରାଜ୍ୟର ଭାଗ୍ୟ ବଦଳାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। 'ହୋପ୍‌ଶୁଟ୍‌ସ'ର ବଡ଼ ଅନ୍ତର୍ଜାତୀୟ ବଜାର ରହିଛି। କେଜି ପିଛା ଏହା ୧୦୦୦ ୟୁରୋରୁ ଅଧିକ, ଯାହା ଭାରତୀୟ ମୁଦ୍ରାରେ ପାଖାପାଖି ୯୦,୦୦୦ ଟଙ୍କା। କେତେକ କ୍ଷେତ୍ରରେ ଏହାର ମୂଲ୍ୟ ୧ ଲକ୍ଷ ଟଙ୍କା ଯାଇଥାଏ। ବସନ୍ତ ଋତୁରେ ଇଟାଲୀରେ ଏହାର ଉତ୍ପାଦନ କରାଯାଏ। ନିଲାମ ଭିତ୍ତିରେ ଏହାକୁ ବିକ୍ରି କରାଯାଏ। ତେଣୁ ଏହାର ମୂଲ୍ୟ ଆକାଶଛୁଆଁ ହୋଇଯାଇଥାଏ।

'ହୋପ୍‌ଶୁଟ୍‌ସ୍'ର ପତ୍ର, ଫୁଲ, ଚେର ସବୁ ଉପଯୋଗୀ। ମଦ ଉଦ୍ୟୋଗରେ ଏହାର ବହୁଳ ବ୍ୟବହାର ହୋଇଥାଏ। ଏହା ଏକ ଭଲ ଆଣ୍ଟିଓବାଇଓଟିକ୍। ଯକ୍ଷ୍ମା, କ୍ୟାନ୍‌ସର ଚିକିତ୍ସାରେ ମଧ୍ୟ ଫଳପ୍ରଦ। କେବଳ ଏତିକି ନୁହେଁ, ଯୌନ ସଂକ୍ରମଣ, ଶରୀର ପୀଡ଼ା, ଦାନ୍ତ ବିନ୍ଧା, ଅଲ୍‌ସର, ଆର୍ଥ୍ରାଇଟିସ, ରୁପି, ନିଦ୍ରାହୀନତା ଭଳି ସମସ୍ୟାର ସମାଧାନ ଲାଗି ଏହା ପ୍ରଭାବୀ। ଏଥିରୁ ତେଲ, ଚକୋଲେଟ, ଆଇସ୍‌କ୍ରିମ ମଧ୍ୟ ପ୍ରସ୍ତୁତ କରାଯାଏ। ତେବେ ଏହାର ଚାଷ ସହଜ ନୁହେଁ। କାରଣ ଏକା ସାଙ୍ଗରେ ଫସଲ ଉତ୍ପାଦନ କରିହୁଏ ନାହିଁ। ଗଛ ବଢ଼ିବା ଲାଗି ଅଧିକ ଯତ୍ନ ଆବଶ୍ୟକ। ବିକ୍ରି ଉପଯୋଗୀ ପତ୍ର ଉତ୍ପାଦନ କରିବା ଲାଗି ଚାଷୀଙ୍କୁ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡ଼ିଥାଏ।

# କଶ୍ମୀରୀ କଳି ଶେହନାଜ୍

**ମୁମ୍ବାଇ:** ବିଗ୍‌ବସ୍-୧୩ରେ ପ୍ରତିଯୋଗୀ ଥିବା ଶେହନାଜ୍ ଗିଲ୍‌ଙ୍କୁ କିଏ ନ ଜାଣେ। ଶେହନାଜ୍ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ। ତେବେ ଶେହନାଜ୍ ବିଗବସ୍‌ରେ ଥିବାବେଳେ ଫ୍ୟାନ୍‌ମାନଙ୍କ ହୃଦୟ ଜିତି ନେଇଥିଲେ। ସେଥିପାଇଁ ତାଙ୍କୁ ଏଣ୍ଟରଟେନମେଣ୍ଟ କୁଇନ୍‌ର ଆଖ୍ୟା ଦିଆଯାଇଛି। ଶେହନାଜ ଏବେ ଏକ ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି। ନିକଟରେ ତାଙ୍କର କିଛି ଫଟୋ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ସେ କଶ୍ମୀରି ଟ୍ରାଡିଶନାଲ ଆଉଟ୍‌ଫିଟ୍‌ରେ ନଜର୍ ଆସିଛନ୍ତି। ଏହି ଲୁକ୍‌ସରେ ସେ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ଶେହନାଜ ଅତିଶୀଘ୍ର ବଲିଉଡ୍‌ର ଫେମସ୍ ସିଙ୍ଗର୍ ବାଦଶାହାଙ୍କ ସହ ନଜର୍ ଆସିବେ। ଏହି ନୂଆ ପ୍ରୋଜେକ୍ଟ ପାଇଁ ସେ ବାଦଶାହଙ୍କ ପୁରା ଟିମ୍ ସହ କଶ୍ମୀର ଯାଇଛନ୍ତି। ଏହି ଗୀତର କିଛି ଝଲକ୍ ସେ ନିଜେ ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ଏହାକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ କମେଣ୍ଟ ମଧ କରିଛନ୍ତି। ଏହି ଗୀତ ପୁରା ହିଟ୍ ହେବ ବୋଲି କେତେକ ଫ୍ୟାନ୍‌ମାନେ କମେଣ୍ଟରେ ଲେଖିଛନ୍ତି। ଶେହନାଜ୍‌ଙ୍କ ଆଉଟ୍‌ଫିଟ୍ କଥା କହିଲେ, ସେ କଶ୍ମୀରର ଏକ ପାରମ୍ପରିକ ସାଲୱାର ପିନ୍ଧିବାସହ ମୁଣ୍ଡରେ ଏକ କଶ୍ମୀରି ଟୋପି ପିନ୍ଧିଛନ୍ତି। ମୁହଁରେ ଅତି ଲାଇଟ୍ ମେକ୍‌ଅପ୍ ନେବା ସହ ହେୟାରରେ ବେବି କର୍ଲ ଡିଜାଇନ୍ କରିଛନ୍ତି ସେ। ଫ୍ୟାନ୍‌ମାନେ ଶେହନାଜ୍‌ଙ୍କୁ କଶ୍ମୀରି କଳି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସୂଚନା ଥାଉ କି, ଶେହନାଜ୍ ଲକ୍‌ଡାଉନ୍‌ରେ ଏକ୍ସରସାଇଜ କରି ୧୨କିଲୋ ଓଜନ କମାଇଛନ୍ତି। ସେଥିପାଇଁ ଏବେ ଏକ୍‌ଦମ୍ ଫିଟ୍ ସହ ହଟ୍ ମଧ ଲାଗୁଛନ୍ତି।



ଶେହନାଜ୍ ଗିଲ୍

# ଛାତ୍ରୀଙ୍କ ପରୀକ୍ଷା ପାଇଁ ଅନ୍ୟ ସେବା ବାତିଲ କଲା ରେଲୱେ



**ନୂଆଦିଲ୍ଲୀ:** ନାଜିଆ ନାମ୍ନୀ ଜଣେ ୨୬ ବର୍ଷୀୟା ଯୁବତୀ ଉତ୍ତରପ୍ରଦେଶର ମାଉ ସହରରୁ ଯାଇ ବାରାଣାସୀରେ ପରୀକ୍ଷା ଦେବାର ଥିଲା। କୁହୁଡ଼ି ଯୋଗୁ ଟ୍ରେନ୍ ବିଳମ୍ବରେ ଚାଲୁଥିବାରୁ ନାଜିଆ ଠିକ୍ ସମୟରେ ପହଞ୍ଚି ନ ପାରିଲେ ପରୀକ୍ଷାରୁ ବଞ୍ଚିତ ହେବେ ବୋଲି ତାଙ୍କ ଭାଇ ରେଲୱେ ସେବାକୁ ଟୁଇଟ୍ କରିଥିଲେ। ଏହା ପରେ ଉତ୍ତରପୂର୍ବ ରେଳପଥ ପକ୍ଷରୁ ଲାଇନ କ୍ଲିୟର କରାଯାଇଥିଲା। ମାଉ-ବାରାଣସୀ ରୁଟ୍‌ରେ ଅନ୍ୟ ସମସ୍ତ ସେବା ବନ୍ଦ କରି ଉକ୍ତ ଟ୍ରେନ୍ ଠିକ୍ ସମୟରେ ନାଜିଆଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇଥିଲା। ୪୫ ମିନିଟ୍ ପୂର୍ବରୁ ଟ୍ରେନ୍ ପହଞ୍ଚିବାରୁ ନାଜିଆ ପରୀକ୍ଷା ଦେଇପାରିଥିଲେ। ରେଲୱେର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଗର୍ଭବତୀ କୁକୁର ପାଇଁ ପାର୍ଟି

ହାଇଦ୍ରାବାଦ: ସାଧାରଣତଃ ଗର୍ଭବତୀ ମହିଳାଙ୍କ ଗୋଦ୍‌ଭରାଇ କାର୍ଯ୍ୟକ୍ରମ ବିଷୟରେ ଆପଣ ଜାଣିଥିବେ। ହେଲେ ଗର୍ଭିଣୀ କୁକୁରର ଗୋଦ୍‌ଭରାଇ କରିବା ବୋଧେ ପ୍ରଥମଥର ପାଇଁ ଶୁଣିବେ। ତେଲଙ୍ଗାନା ରାଜ୍ୟ ଖମ୍ମାମ୍ ଜିଲାର ସତ୍ତୁପଲ୍ଲୀ ସହରରେ ଏକ ପାଳିତ କୁକୁର ଗର୍ଭବତୀ ଥିବା ସମୟରେ ତାଙ୍କ ମାଲିକ ଗୋଦ୍‌ଭରାଇ ଉତ୍ସବର ଆୟୋଜନ କରିଥିଲେ। ଜଣେ ଗର୍ଭବତୀ ମହିଳାଙ୍କ ପାଇଁ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମ, ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ଏବଂ ଆଳତି ଏହି କୁକୁର ପାଇଁ ମଧ କରାଯାଇଥିଲା। ଏଥିରେ ସାହି ପଡ଼ୋଶୀ ଭାଗନେଇଥିବା ଦେଖାଯାଇଥିଲା।

# ନିମନ୍ତ୍ରଣ ପତ୍ରରେ ଆନ୍ଦୋଳନ ବାର୍ତ୍ତା

**ଚଣ୍ଡିଗଡ଼:** ବିବାହ ନିମନ୍ତ୍ରଣ କାର୍ଡରେ ଲୋକେ ଦେବଦେବୀଙ୍କ ଫଟୋ କିମ୍ବା ବରକନ୍ୟାଙ୍କ ଫଟୋ ଛପାଇଥାନ୍ତି। ମାତ୍ର ବର୍ତ୍ତମାନ କୃଷକ ଆନ୍ଦୋଳନ ଚାଲିଥିବାରୁ ଏକ ବିବାହ ନିମନ୍ତ୍ରଣ କାର୍ଡରେ କୃଷକଙ୍କ ଫଟୋ ସହ ସ୍ଲୋଗାନ ନୋ ଫାର୍ମର, ନୋ ଫୁଡ୍, ଆଇ ଲଭ୍ କ୍ଷେତ ଆଦି ଛପାଯାଇଥିବା ଦେଖିବାକୁ ମିଳିଛି। ଯାହା ସୋସିଆଲ ମିଡିଆରେ ଖୁବ୍ ଟ୍ରେଣ୍ଡ୍ କରୁଛି। ଭିଆଇପି ସଂସ୍କୃତି ପରି ଲୋକମାନେ ନିଜ ନିଜ ଦାମୀ ଗାଡ଼ିରେ ଏଭଳି ସ୍ଲୋଗାନ ଲଗାଇବା ପାଇଁ ପସନ୍ଦ କରୁଛନ୍ତି। କେତେକ ଟୋଲ ପ୍ଲାଜାରେ ମଧ ଏପରି କୃଷକ କାର୍ଡ ଲଗାଯାଇଛି। କ୍ୟାଥଲର ବିଭିନ୍ନ ପ୍ରିଣ୍ଟିଂ ପ୍ରେସ୍‌ରେ କିଷାନ ଆନ୍ଦୋଳନ ସହ ଜଡ଼ିତ ବିଷୟବସ୍ତୁ ସହିତ ଅନେକ ଲୋକ ଏପରି ବିବାହ କାର୍ଡ ଛପାଉଛନ୍ତି। ଏହି କାର୍ଡରେ ଭଗତ ସିଂ ଏବଂ ଛୋଟୁରାମଙ୍କ ଫଟୋ ମଧ ରହିଛି। ଲୋକମାନେ ଏପରି ନିମନ୍ତ୍ରଣ କାର୍ଡ ଛପାଇବାକୁ ଅର୍ଡର ଦେଉଥିବା ପ୍ରିଣ୍ଟିଂ ପ୍ରେସ୍ ପକ୍ଷରୁ କୁହାଯାଇଛି। ସେହିପରି କନ୍ୟାଙ୍କ ପିତା କହିଛନ୍ତି, ଏପରି ନିମନ୍ତ୍ରଣ କାର୍ଡ ଛପାଯିବାର ଅର୍ଥ କୃଷକଙ୍କ ଅଧିକାର ଲୋକଙ୍କ ନିକଟରେ ପହଞ୍ଚିପାରିବ। କୃଷକ ଆନ୍ଦୋଳନ ଏକ ଐତିହାସିକ ଆନ୍ଦୋଳନ।




ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
ଦଉତୋଟା, ପୁରୀ
ଆବିର୍ଭାବ: ୨୪।୦୨।୧୯୨୪
ତିରୋଧାନ: ୦୧।୦୨।୨୦୧୬
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୬୮୮୪୬

# ୧୩ ବର୍ଷରେ ଯୁକ୍ତ ୩ ଛାତ୍ରୀ



**ଭୋପାଳ:** କେତେଜଣ ଅଭ୍ୟାସ ବଳରେ ପ୍ରତିଭାସମ୍ପନ୍ନ ହୋଇଥାନ୍ତି ତ ଆଉ କେତେଜଣ ଜନ୍ମରୁ ବିଚକ୍ଷଣ ହୋଇଥାନ୍ତି। ତେଣୁ ବୟସ ପୂର୍ବରୁ ହିଁ ଏମାନେ ଭିନ୍ନ ବୋଲି ବାରି ହୋଇପଡ଼ନ୍ତି। ଠିକ୍ ଏମିତି ଜଣେ ହେଉଛନ୍ତି ତନିସ୍କା ସୁଜିତ୍। ମାତ୍ର ୧୩ ବର୍ଷରେ ଏହି ବାଳିକା ଜଣକ ଏବେ ଗ୍ରାଜୁଏଶନ୍ ପଢ଼ିବାକୁ ଯୋଗ୍ୟତା ହାସଲ କରିବା ସହିତ ଆହୁରି ଅନେକ ଗୁଣର ଅଧିକାରୀ ହୋଇ ପାରିଛନ୍ତି।

ମହାରାଷ୍ଟ୍ର ଇନ୍ଦୋରର ୧୩ ବର୍ଷୀୟ ବାଳିକା ତନିସ୍କା ସୁଜିତ୍ ଏବେ ଇତିହାସ ସୃଷ୍ଟି କରିଛନ୍ତି। ମାତ୍ର ୧୨ ବର୍ଷ ବୟସରେ ସେ ଯୁକ୍ତ ଦୁଇ ଶିକ୍ଷା ଶେଷ କରିପାରିଥିଲେ। ଏବେ ୧୩ ବର୍ଷରେ ସେ ଏବେ ଇନ୍ଦୋରର ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ। ୧୧ ବର୍ଷରେ ସେ ମାଟ୍ରିକ ପାସ୍ କରିଥିଲେ। ତନିସ୍କାଙ୍କର ସ୍ମରଣଶକ୍ତି ପ୍ରବଳ ଥିବାରୁ ସେ ଖୁବ୍‌ଶୀଘ୍ର ସବୁ ପାଠକୁ ମନେ ରଖିପାରୁଥିଲେ। ତେଣୁ ବର୍ଷକରେ ଦୁଇ କିମ୍ବା ତିନୋଟି ଶ୍ରେଣୀର ପାଠ ପଢି ସେ ମନେ ରଖିପାରୁଥିଲେ। ତନିସ୍କାଙ୍କର ଏଭଳି ବିଚକ୍ଷଣ ଧିଶକ୍ତି ସମ୍ପର୍କରେ ଜଣା ପଡ଼ିଥିଲା, ଯେତେବେଳେ ସେ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ପଞ୍ଚମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କୁ ଦଶମ ଶ୍ରେଣୀର ଗଣିତ ସମାଧାନ କରିବାକୁ ଦେଲେ ସେ ଖୁବ୍ ସହଜରେ କରି ଦେଇଥିଲେ। ତେଣୁ ତାଙ୍କର ଏଭଳି ପ୍ରତିଭା ଦେଖି ତାଙ୍କ ବାପା ତାଙ୍କ ପାଇଁ କମ୍ ବୟସରେ ବି ଉଚ୍ଚ ଶିକ୍ଷା କରିବାକୁ ସ୍ୱତନ୍ତ୍ର ଅନୁମତି ହାସଲ କରିଥିଲେ। ଏହାପରେ ହିଁ ତନିସ୍କା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରିଛନ୍ତି। ଭିନ୍ନ କଥା ହେଉଛି ତନିସ୍କା କେବଳ ଯେ ପାଠପଢାରେ ବିଚକ୍ଷଣ ପ୍ରତିଭାର ତା' ନୁହେଁ, ବରଂ ସେ ଆହୁରି ଅନେକ ଗୁଣର ଅଧିକାରୀ। ତନିସ୍କା ହେଉଛନ୍ତି ଜଣେ ପରିଚିତ କଥକ ନୃତ୍ୟଶିଳ୍ପୀ। ଦେଶ ତଥା ଦେଶ ବାହାରେ ବି ତାଙ୍କ ନୃତ୍ୟ ପ୍ରତିଭା ପ୍ରଦର୍ଶନ କରି ସାରିଛନ୍ତି। ଏହାଛଡ଼ା ଏବେ ସେ ଆଖି ବନ୍ଦକରି ରୁବିକ୍ କ୍ୟୁବ ମଧ ସମାଧାନ କରିପାରୁଛନ୍ତି।

ବିଶ୍ୱ କ୍ୟାନସର ଦିବସ
ଫେବୃଆରୀ 4 - ବିଶ୍ୱ କ୍ୟାନସର ଦିବସ World CANCER DAY
ଫେବୃଆରୀ 15 - International Childhood Cancer Day
ଉପଲକ୍ଷେ Feb 4 ରୁ Feb 28 ପର୍ଯ୍ୟନ୍ତ
ସାକ୍ଷାତ ଓ ମାଗଣା ପରାମର୍ଶ ପାଇଁ
ରିପୋର୍ଟ ପଠାଇ ବା CANCER ଲେଖି ପଞ୍ଜିକରଣ କରନ୍ତୁ
ଅଧିକ ଜାଣିବା ପାଇଁ ଆମ ସାଇଟ୍ ଦେଖନ୍ତୁ
Time: 11am - 3pm, 6pm - 9pm 8895581095
ଆୟୁର୍ବେଦ ଓଡିଶା AyurvedOdisha.com/Cancer AyurvedOdisha.com/Details

Marriage Wish



AMIT & SIBANI
Jogisarda, Balangir
-:Best Wishes From:-
Family & Relatives.
D-19854

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ !

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍

**ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ଉପରେ ସମସ୍ତଙ୍କ ନଜର ରହିଛି। କୋଭିଡ୍-୧୯ ମହାମାରୀ କାରଣରୁ ୩ ସପ୍ତାହ ଘୁଞ୍ଚାଯାଇଥିବା ଏହି ମେଗା ଇଭେଣ୍ଟ ଏଥର ଫେବୃୟାରୀ ୮ରୁ ଆରମ୍ଭ ହୋଇ ୨୧ରେ ଶେଷ ହେବ। ଗତ ସଂସ୍କରଣରେ ନୋଭାକ ଜୋକୋଭିଚ୍ ପୁରୁଷ ଓ ସୋଫିଆ କେନିନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଟାଇଟଲ ଜିତିଥିଲେ। ବିଶ୍ୱର ପ୍ରାୟ ସବୁ ସିଡେଡ୍ ଖେଳାଳି ଅଂଶଗ୍ରହଣ କରୁଥିଲେ ମଧ୍ୟ ଇଞ୍ଜୁରି ପାଇଁ କିକି ବେର୍ଟେନ୍ସ ଓ କରୋନା ପଜିଟିଭ କାରଣରୁ ମାଡିନ୍‌ସନ କିଜ୍ ଓ ଅମଣ୍ଡା ଆନିସମୋଭାଙ୍କ ଭଳି ସିଡେଡ୍ ଖେଳାଳି ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି...**



ନିର୍ମଳ କୁମାର ମିଶ୍ର



ଟ୍ରେନିଂ ସେସନରେ ରାଫାଲ ନାଡାଲ

**ଅ**ଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ରୂପେ ପରିଗଣିତ। ଫ୍ରେଞ୍ଚ୍ ଓପନ୍, ୱିମ୍ବେଲଡନ୍, ୟୁଏସ୍ ଓପନ୍ ପରି ଅଷ୍ଟ୍ରେଲିଆନ୍ ଓପନ୍ ମଧ୍ୟ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ଅନ୍ୟତମ। ୨୦୨୧ର ଏଟିପି ଟୁର ଅନ୍ତର୍ଗତ ଏବଂ ଆଇଟିଏଫ୍ (ଇଣ୍ଟରନ୍ୟାଶନାଲ ଟେନିସ୍ ଫେଡେରେଶନ୍)ଦ୍ୱାରା ପରିଚାଳିତ ସମସ୍ତ ସିଡେଡ୍ ଟେନିସ୍ ଖେଳାଳିମାନଙ୍କର ସ୍ୱପ୍ନର ଟୁର୍ନାମେଣ୍ଟ ରୂପେ ଏହା ସମଗ୍ର ବିଶ୍ୱରେ ବେଶ୍ ସୁନାମ ଅର୍ଜନ କରିପାରିଛି। ଆକର୍ଷଣୀୟ ପ୍ରାଇଜମନି, ଶୃଙ୍ଖଳିତ ଦର୍ଶକ, ବିଶ୍ୱସ୍ତରୀୟ ଖେଳାଳିମାନଙ୍କ ଅଂଶଗ୍ରହଣ ସହିତ ଗ୍ଲାମର ଏହି ମେଗା ଇଭେଣ୍ଟର ବିଶେଷ ଆକର୍ଷଣ ରହିଆସିଛି। ଗ୍ରାଣ୍ଡସ୍ଲାମ କାଟାଗୋରି ଅନ୍ତର୍ଗତ ଏହାର ୧୦୯ତମ ସଂସ୍କରଣ ଚଳିତ ମାସ ୮ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମେଲବୋର୍ନ ପାର୍କରେ ଆୟୋଜନ ହେବାକୁ ଯାଉଛି। ହାର୍ଡକୋର୍ଟରେ ଖେଳାଯାଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଓପନ ଏରା ଟେନିସ୍‌ର ୫୩ଜଣ ସଂସ୍କରଣ ହେବ।

୨୦୨୦ ସଂସ୍କରଣରେ ସର୍ବିଆର ନୋଭାକ ଜିଜୋକୋଭିକ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଫାଇନାଲର ସେ ଏକ ରୋମାଞ୍ଚକ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ଅନ୍ୟତମ ତାରକା ଖେଳାଳି ଅଷ୍ଟ୍ରିଆର ଡୋମିନିକ ଥିଏମ୍‌ଙ୍କୁ ହରାଇ ୮ମ ଥର ପାଇଁ ସମ୍ମାନଜନକ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ଏଥିସହିତ ସେ ନିଜ କ୍ୟାରିୟରର ୧୭ତମ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତି ଏକମାତ୍ର ଟେନିସ୍ ଖେଳାଳି ଭାବେ ପୁରୁଷ ବିଭାଗରେ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ୨୬ବର୍ଷୀୟ ଡୋମିନିକ୍ ଥିମ୍ ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଗୋଟିଏ ଟାଇଟଲ୍ ଜିତିବାକୁ ସକ୍ଷମ ହୋଇପାରି ନାହାନ୍ତି।

ସେହିପରି ମହିଳା ବିଭାଗରେ ଆମେରିକାର ୨୧ବର୍ଷୀୟା ସୋଫିଆ କେନିକ୍ ପ୍ରଥମ ଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହିତ ସିଧାସଳଖ ୩ଟି ସେଟ୍‌ରେ ଗାରର୍ବାଇନ ମୁଗୁରୁଜାଙ୍କୁ ପରାସ୍ତ କରିଥିଲେ। ଟେନିସ୍ ର୍ୟାଙ୍କିଙ୍ଗରେ ୧୪ତମ ସ୍ଥାନରେ ଥିବା କେନିନ୍ ପ୍ରଥମ ଆମେରିକୀୟ ମହିଳା ରୂପେ ୨୦୦୨ରେ ଜେନିଫର୍ କାପ୍ରିଆଟି ପରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ। କେନିନ୍ ବିଶ୍ୱ ଟେନିସ୍ ର୍ୟାଙ୍କିଙ୍ଗର ଏକ ନମ୍ବର ଖେଳାଳି ଆସ୍‌ଲେ ବାର୍ଟିଙ୍କୁ ପରାସ୍ତ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ।

ପ୍ରଥମେ ଏହି ଟୁର୍ନାମେଣ୍ଟ ଚଳିତବର୍ଷ ଜାନୁୟାରୀ ମାସ ୧୮ତାରିଖରୁ ଆରମ୍ଭ ହୋଇ ୩୧ ଜାନୁୟାରୀରେ ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବ। ବେଳେ କୋଭିଡ୍-୧୯ର ପ୍ରକୋପ ଯୋଗୁ ଏହି ମେଗା ଟୁର୍ନାମେଣ୍ଟକୁ ୩ସପ୍ତାହ ଘୁଞ୍ଚାଇ ଦିଆଯାଇଥିଲା। ଏହି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୨୦୨୧ ଏଟିପି ଟୁର ଏବଂ ଡବ୍ଲ୍ୟୁଟିଏ ଟୁର ଅନ୍ତର୍ଗତ ହୋଇଥିବାରୁ ପ୍ରଫେଶନାଲ ଟେନିସ୍ ଖେଳାଳିମାନଙ୍କ ପାଇଁ ସିଙ୍ଗଲ୍ସ, ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ରହି ଆସିଛି। ୪ଟି ମୁଖ୍ୟ କୋର୍ଟ ସହିତ ମୋଟ ୨୫ଟି କୋର୍ଟରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ଲୋକପ୍ରିୟତା ଶୀର୍ଷକୁ ଛୁଇଁ ପାରିଛି।

ପ୍ରଥମ ଥର ପାଇଁ ଗ୍ରାଣ୍ଡସ୍ଲାମ୍ ଇତିହାସରେ କ୍ୱାଲିଫାୟର ମ୍ୟାଚ୍‌ଗୁଡିକ ଦେଶ ବାହାରେ ଆୟୋଜନ ହୋଇଥିଲା। ଏଥିରେ ଅଂଶ ଗ୍ରହଣ କରୁଥିବା ସମସ୍ତ ଖେଳାଳି କ୍ୱାଲିଫାୟର ମ୍ୟାଚଗୁଡିକ ଦେଶ ବାହାରେ ଜାନୁୟାରୀ ୧୦ ରୁ ୧୩ ତାରିଖ ମଧ୍ୟରେ ଦୋହା, କାତାର, ଦୁବାଇ ଏବଂ ୟୁଏଇରେ ଖେଳିଥିଲେ। ନିୟମ ଅନୁସାରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିବା ସମସ୍ତ ଖେଳାଳି ୧୪ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବା ଆବଶ୍ୟକ। ଜାନୁୟାରୀ ମାସ ୩୦ ତାରିଖରେ ଅଷ୍ଟ୍ରେଲିଆର କ୍ରୀଡ଼ାମନ୍ତ୍ରୀ ମାର୍ଟିନ୍ ପାକୁଲା ପ୍ରତ୍ୟେକ ଦିନ ଦର୍ଶକଙ୍କ ସଂଖ୍ୟା ୩୦ହଜାରରେ ସୀମିତ ରଖିବା ପାଇଁ ଏସଓପି ଜାରି କରିଛନ୍ତି। ଷ୍ଟାଡିୟମର ଦକ୍ଷତାର ଶତକଡା ପଚାଶ ଦର୍ଶକ ମ୍ୟାଚ ଦେଖିବାର ସୁଯୋଗ ପାଇବେ। ଟୁର୍ନାମେଣ୍ଟର ଅନ୍ତିମ ୫ଦିନ ପାଇଁ ଦର୍ଶକଙ୍କ ସଂଖ୍ୟା ୨୫ହଜାର ରଖିବା ପାଇଁ ଅଷ୍ଟ୍ରେଲିଆନ୍ ଟେନିସ୍ ଆସୋସିଏଶନ୍ ଘୋଷଣା କରିଛି।

ଚଳିତ ଟୁର୍ନାମେଣ୍ଟରେ ଏଟିପି ର୍ୟାଙ୍କିଙ୍ଗର ନାମୀଦାମୀ ଖେଳାଳି ମାନେ ଅଂଶ ଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ନୋଭାକ ଜୋକୋଭିଚ, ରାଫାଲ ନାଡାଲ, ଡୋମିନିକ୍ ଥିମ୍, ଡାନିଲି ମେଡଭେଡେଭ୍, ଡେଭିଡ ଗୋଫିନ୍, ଫାବିଓ ଫୋଗନିନି, ଷ୍ଟାନିସଲାସ ୱାୱ୍ରିଙ୍କାଙ୍କ ପରି ସୁନାମଧନ୍ୟ ଖେଳାଳି। ପୁରୁଷ ବିଭାଗର ଅନ୍ୟତମ ସିଡେଡ୍ ଖେଳାଳି ରୋଜର ଫେଡେରର, ଜନ୍ ଇସ୍ନର ଏବଂ ମହିଳା ବିଭାଗର ଷ୍ଟାର ଖେଳାଳି ମାଡିସନ୍ କିଜ, ଆମାଣ୍ଡା ଆନିସିମୋଭ ଏବଂ କିକି ବେର୍ଟେନ୍ସଙ୍କ ପରି ସୁନାମଧନ୍ୟ ଖେଳାଳିମାନେ ଇଞ୍ଜୁରି ଏବଂ ଅନ୍ୟାନ୍ୟ ସମସ୍ୟା ଯୋଗୁ ଓହରି ଯାଇଛନ୍ତି।

ସେହିପରି ମହିଳା ବିଭାଗର ର୍ୟାଙ୍କିଙ୍ଗ ଖେଳାଳିମାନଙ୍କ ମଧ୍ୟରେ ସେରେନା ୱିଲିୟମସ୍, ଜୋହାନା କୋଣ୍ଟା, ଜେନିଫର ବ୍ରାଡି, କାରୋଲିନା ପ୍ଲିସ୍କୋଭା, ପେଟ୍ରା ଭିଟୋଭା, ଆଞ୍ଜେଲିକ କର୍ବର, ନାଓମି ଓସାକା, ସିମୋନା ହାଲେପ, ଆସ୍‌ଥଲେ ବାର୍ଟି, ସୋଫିଆ କେନିନ୍‌ଙ୍କ ପରି ସୁନାମଧନ୍ୟ ଖେଳାଳିମାନେ ଯୋଗ ଦେଉଥିବାରୁ ଟୁର୍ନାମେଣ୍ଟର ଗୁରୁତ୍ୱ ବେଶ୍ ବଢିଯାଇଛି। ସମଗ୍ର ବିଶ୍ୱର କୋଟି କୋଟି ଟେନିସ୍‌ପ୍ରେମୀ ଏଥର ପୁରୁଷ ଏବଂ ମହିଳା ବିଭାଗର ଚାମ୍ପିୟନ କିଏ ହେବ ବୋଲି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଟୁର୍ନାମେଣ୍ଟରେ ମୋଟ ୮କୋଟି ଅଷ୍ଟ୍ରେଲିଆନ୍ ଡଲାର ପ୍ରାଇଜ ମନି ଘୋଷଣା କରାଯାଇଥିବା ବେଳେ 'କିଆ' ମୋଟରର୍ସ ଏହି ମେଗା ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଛି।



ଅଭ୍ୟାସ ଅବସରରେ ସିମୋନା ହାଲେପ୍

**୨୦୨୧ ସଂସ୍କରଣ**

**ସଂସ୍କରଣ:** ୧୦୯ତମ
ଓପନ ଏରାରେ ୫୩
**ତାରିଖ:** ୮ରୁ ୨୧ ଫେବୃୟାରୀ
**କାଟାଗୋରି:** ଗ୍ରାଣ୍ଡସ୍ଲାମ
**ପୁରସ୍କାର ରାଶି:** ୮ ଲକ୍ଷ ଅଷ୍ଟ୍ରେଲୀୟ ଡଲାର
**ସର୍ଫେସ:** ହାର୍ଡ (ଗ୍ରୀନ ସେଟ୍)
**ଲୋକେଶନ:** ମେଲବୋର୍ନ
**ଭେନ୍ୟୁ:** ମେଲବୋର୍ନ ପାର୍କ
**ଡିଫେଣ୍ଡିଂ ଚାମ୍ପିୟନ:** ନୋଭାକ ଜୋକୋଭିଚ (ପୁରୁଷ)
ସୋଫିଆ କେନିନ (ମହିଳା)
**ପୁରୁଷ ଡବଲ୍ସ ଚାମ୍ପିୟନ:** ରାଜୀବ ରାମ ଓ ଜୋଏ ସାଲିସବୁରି
**ମହିଳା ଡବଲ୍ସ ଚାମ୍ପିୟନ:** ଟିମିଆ ବାବୋସ ଓ କ୍ରଷ୍ଟିନା ମ୍ଲାଡୋନୋଭିଚ୍

**ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱରେ ତାମିଲନାଡୁ ଏଥର ଦେଶର ସର୍ବବୃହତ୍ ଘରୋଇ ଟି୨୦ ଟୁର୍ନାମେଣ୍ଟ ମୁସ୍ତାକ ଅଲି ଟ୍ରଫିରେ ଟାଇଟଲ ହାସଲ କରିଛି। ଟୁର୍ନାମେଣ୍ଟରେ ଅପରାଜେୟ ରହିବା ସହ ଫାଇନାଲରେ ବାରୋଦକୁ ହରାଇ ତାମିଲନାଡୁ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଟୁର୍ନାମେଣ୍ଟରେ ନାରାୟଣ ଜଗଦୀଶନ ଓ ଆଶୁତୋଷ ଅମନ ଯଥାକ୍ରମେ ସଫଳତମ ବ୍ୟାଟ୍ସମ୍ୟାନ ଓ ବୋଲର ସାବ୍ୟସ୍ତ ହୋଇଛନ୍ତି...**

# ପୁଣି ତାମିଲନାଡୁ

**ଇ**ତିମଧ୍ୟରେ ଦେଶର ସର୍ବବୃହତ୍ ଘରୋଇ ଟି୨୦ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫି ଅନୁଷ୍ଠିତ ହୋଇଯାଇଛି। ୨୦୨୦-୨୧ ସଂସ୍କରଣରେ ତାମିଲନାଡୁ ନୂଆ ଚାମ୍ପିୟନ ଭାବେ ବିବେଚିତ ହୋଇଛି। ଜାନୁୟାରୀ ୧୦ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଏହି ଦ୍ୱାଦଶ ସଂସ୍କରଣ ଫାଇନାଲରେ ବରୋଦାକୁ ହରାଇ ତାମିଲନାଡୁ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛି। ପୂର୍ବରୁ ୨୦୦୬/୭ରେ ତାମିଲନାଡୁ ପ୍ରଥମଥର ପାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ରାଉଣ୍ଡ ରବିନ୍ ଭିତ୍ତିରେ ଖେଳାଯାଇଥିବା ଏହି ମେଗା ଇଭେଣ୍ଟ ଟି୨୦ ଫର୍ମାଟ୍‌ରେ ଖେଳାଯାଇଥିଲା। ଗତଥରର ଚାମ୍ପିୟନ କର୍ଣାଟକ ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଜାବଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ଟୁର୍ନାମେଣ୍ଟରେ ୩୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମୋଟ ୧୦୩ଟି ମ୍ୟାଚ୍ ଖେଳାଯାଇଥିଲା।

ସାରା ଟୁର୍ନାମେଣ୍ଟରେ ତାମିଲନାଡୁ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଲିଗ୍ ପର୍ଯ୍ୟାୟରେ ତାମିଲନାଡୁ ଗ୍ରୁପ୍ ବି'ରେ ସାମିଲ ଥିଲା। ତାମିଲନାଡୁ ଗ୍ରୁପ୍ ବି'ରେ ୫ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରି ୨୦ ପଏଣ୍ଟ ପାଇଁ ଗ୍ରୁପ୍ ଚାମ୍ପିୟନ ହୋଇଥିଲା। ତାମିଲନାଡୁର ରନ୍‌ରେଟ୍ ମଧ୍ୟ ଚମତ୍କାର ଥିଲା। ଏହାପରେ ନକ୍‌ଆଉଟ୍ ପର୍ଯ୍ୟାୟରେ ତାମିଲନାଡୁ ୫ ଉଇକେଟରେ ହିମାଚଳ ପ୍ରଦେଶକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହାପରେ ସେମିରେ ରାଜସ୍ଥାନକୁ ୭ ଉଇକେଟରେ ପରାସ୍ତ କରି ତାମିଲନାଡୁ ଫାଇନାଲକୁ ଉଠିଥିଲା।

ଫାଇନାଲରେ ଶକ୍ତିଶାଳୀ ତାମିଲନାଡୁ ୨ ଓଭର ବାକି ରଖି ୭ ଉଇକେଟରେ ବରୋଦାକୁ ଅତି ସହଜରେ ପରାସ୍ତ କରି ବାଜି ମାରିଥିଲା। ଟସ୍ ଜିତି ତାମିଲନାଡୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବରୋଦା ୯ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ତାମିଲନାଡୁ ୧୮ ଓଭରରେ ୩ ଉଇକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା। ଟାଇଟଲ ମୁକାବିଲାରେ ବାମହାତୀ ଅର୍ଥୋଡକ୍ସ ବୋଲର ମଣିମାରାନ ସିଦ୍ଧାର୍ଥ ୪ ଓଭର ବୋଲିଂ କରି ୨୦ ଦେଇ ମୂଲ୍ୟବାନ ୪ ଉଇକେଟ ନେବା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ତାମିଲନାଡୁ ଓପନର ନାରାୟନ ଜଗଦୀଶାନ ସର୍ବାଧିକ ୩୬୪ ରନ ସଂଗ୍ରହ କରିଥିଲେ। ସେହିପରି ଆଶୁତୋଷ ଅମନ ସର୍ବାଧିକ ୧୬ ଉଇକେଟ ହାସଲ କରି ଟୁର୍ନାମେଣ୍ଟର ସଫଳତମ ବୋଲର ବିବେଚିତ ହୋଇଥିଲେ।

ଅନ୍ୟପଟେ ବରୋଦା ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ ହେଁ ସାରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ବରୋଦା ଲିଗ୍ ପର୍ଯ୍ୟାୟରେ ୫ଟି ଯାକ ମ୍ୟାଚ୍ ଜିତି ୨୦ ପଏଣ୍ଟ ହାସଲ କରିବା ସହ ଗ୍ରୁପ୍ ସି' ଚାମ୍ପିୟନ ବିବେଚିତ ହୋଇଥିଲା। କ୍ୱାର୍ଟର ଫାଇନାଲରେ ବରୋଦା ୮ ଉଇକେଟରେ ହରିୟାଣାକୁ ଓ ସେମିଫାଇନାଲରେ ୨୫ ରନରେ ପଞ୍ଜାବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସାରା ଟୁର୍ନାମେଣ୍ଟରେ ତାମିଲନାଡୁ ଅପରାଜେୟ ରହିଥିଲା। ତାମିଲନାଡୁର ଏହି ବିଜୟ ଅଧିନାୟକ କାର୍ତ୍ତିକଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ସେ ଏବେ ଜାତୀୟ ଦଳରୁ ବାଦ୍ ପଡିଛନ୍ତି। ଯୁବ ଖେଳାଳିମାନଙ୍କ ଆଗମନ ପରେ କାର୍ତ୍ତିକ ଭାରତୀୟ ଦଳକୁ ଫେରିବା କଷ୍ଟକର ହୋଇପଡିଛି। ତାମିଲନାଡୁକୁ ଜିତିଇବା ପରେ ତାଙ୍କ ନେତୃତ୍ୱକୁ ପ୍ରଂଶାସ କରାଯାଉଛି। ସେ ଏପର୍ଯ୍ୟନ୍ତ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୨୬ ଟେଷ୍ଟ, ୯୪ ଦିନିକିଆ ଓ ୩୨ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି।



ଦୀନେଶ କାର୍ତ୍ତିକ

# ପ୍ରୋତ୍ସାହନ ଅପେକ୍ଷାରେ ପର୍ଶୁରାମ

**ନିଶ୍ଚିନ୍ତକୋଇଲି, ୪।୨(ସ୍ୱ.ପ୍ର.)**

ଯୁବ କ୍ରୀଡାବିତଙ୍କୁ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ନଟରା ଗାଁର ପର୍ଶୁରାମ ସାମଲ(୨୦) ଆର୍ଥିକ ଅନଟନ ହେତୁ ଆଗକୁ ବଢି ପାରୁନାହାନ୍ତି। ସ୍କୁଲ ଓ କଲେଜରେ ପଢିବା ସମୟରେ ଜଣେ ଦକ୍ଷ ଆଥେଲେଟ ଭାବେ ନା କମାଇଥିଲେ। ଓଡ଼ିଶା ଆଥଲେଟ ଆସୋସିଏଶନରେ ପୋଲଭୋଲ୍ଟ ଖେଳରେ ଦକ୍ଷତା ଦେଖାଇ ଦୁଇଥର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ଆବଶ୍ୟକ ପ୍ରୋତ୍ସାହନ ଅଭାବ ଓ ଉନ୍ନତମାନର ପୋଲ(ସ୍ୱତନ୍ତ୍ର ଦଣ୍ଡ) କ୍ରୟ କରିବାକୁ ଆର୍ଥିକ ସଙ୍କଟ ଥିବାରୁ ତାଙ୍କ ସ୍ୱପ୍ନ ଏବେ ମଉଳି ଯିବାକୁ ବସିଛି। ସେ ଅଲିମ୍ପିକ୍‌ରେ ଭାଗ ନେବାକୁ ଆଶା ବାନ୍ଧିଥିଲେ ହେଁ ବର୍ଷେ ହେବ ପ୍ରୋତ୍ସାହନ ଅଭାବରୁ ତାଙ୍କର ଦକ୍ଷତା ପ୍ରତିପାଦନ କରି ପାରୁନାହାନ୍ତି। ଅଲମ୍ପିକ୍‌ରେ ଭାଗ ନେବାକୁ ତାଙ୍କର ଅଧ୍ୟବସାୟର ଆବଶ୍ୟକତା ରହିଛି। ଏଥିଲାଗି ଏକ ସ୍ୱତନ୍ତ୍ର ପୋଲ ଯାହାର ମୂଲ୍ୟ ୭୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଶୁଣି ହତାଶ ହୋଇ ପଡିଛନ୍ତି। ଏ ନେଇ ସେ ବିଭିନ୍ନ ଲୋକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ସାଲେପୁର କଲେଜର କ୍ରୀଡା ଅଧ୍ୟାପକ ବସନ୍ତ କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲଭୋଲ୍ଟ ଖେଳ କୌଶଳ ଶିଖିଥିଲେ। ୨୦୧୫ ଓ ୨୦୧୭ରେ ସେ ଓଡ଼ିଶା ଆଥଲେଟ ଆସୋସିଏଶନ ଆନୁକୂଲ୍ୟରେ ବାରବାଟି ଷ୍ଟାଡିୟମରେ ହୋଇଥିବା ଆଥଲେଟିକ ମ୍ୟାଚରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୯ ଓ ୨୦୨୦ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟ କ୍ରୀଡାବିତ୍‌ମାନେ ସ୍ୱତନ୍ତ୍ର ପୋଲରେ କ୍ରୀଡା ପ୍ରଦର୍ଶନ କରୁଥିବା ବେଳେ ସେ ବାଉଁଶ ଦଣ୍ଡ ସାହାଯ୍ୟରେ କ୍ରୀଡା ପ୍ରଦର୍ଶନ କରିଥାନ୍ତି। ପର୍ଶୁରାମ ସାଲେପୁର କଲେଜରୁ ଚଳିତବର୍ଷ ଯୁକ୍ତ୩ବାଣିଜ୍ୟରେ ପାସ୍ କରିଛନ୍ତି। ପରିବାରର ଦାରିଦ୍ରତା ତାଙ୍କ ପ୍ରତିଭାର ବିକାଶରେ ବାଧକ ସାଜିଛି। ଏ ସମ୍ପର୍କରେ ପର୍ଶୁରାମ କୁହନ୍ତି, ଉଭୟ ଜୁନିୟର ଓ ସିନିୟର ବ୍ୟାଚରେ ଖେଳି ବହୁ ଜାତୀୟସ୍ତରୀୟ ଖେଳରେ ଭାଗ ନେଇଛନ୍ତି। ବାପା ଦିନମଜୁରିଆ ହେତୁ ଖେଳ ପାଇଁ ପ୍ରଶିକ୍ଷଣ ଓ ସରଞ୍ଜାମ କ୍ରୟ କରିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ଯଦି କେହି ଅନୁଷ୍ଠାନ କିମ୍ବା ବ୍ୟକ୍ତି ବିଶେଷ ସାହାଯ୍ୟର ହାତ ବଢାନ୍ତି ତେବେ ନିଶ୍ଚୟ ପ୍ରତିଭାର ବିକାଶ କରିପାରିବି। ଆଗାମୀଦିନରେ ଅଲିମ୍ପିକ ଖେଳରେ ଭାଗ ନେବାକୁ ଆଶା ବାନ୍ଧିଛି।



ପର୍ଶୁରାମ ସାମଲ

# ଶତକ ଅପେକ୍ଷାରେ ରୁଟ୍

**ଭା**ରତ ଓ ଇଂଲଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ପ୍ରଥମ କ୍ରିକେଟ ଟେଷ୍ଟ ଆରମ୍ଭ ହେବ। ଏହା ହେବ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ପାଇଁ ଶତକ ଟେଷ୍ଟ। ରୁଟ୍ ଏ ପର୍ଯ୍ୟନ୍ତ ୯୯ ଟେଷ୍ଟର ୧୮୧ ଇନିଂସ ଖେଳି ୮୨୪୯ ରନ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୫୪ ଏବଂ ଆଭରେଜ ୪୯.୩୯। ସେ ୧୯ଟି ଶତକ, ୪୯ଟି ଅର୍ଦ୍ଧଶତକ ହାସଲ କରିବା ସହ ୩୧ଟି ଉଇକେଟ ନେଇଛନ୍ତି। ୯୯ କିମ୍ବା ତଦୂର୍ଦ୍ଧ୍ୱ ରନ ସ୍କୋର କରିଥିବା କୌଣସି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ୫୦ ପାଖାପାଖି ଆଭରେଜ ରଖିପାରି ନାହାନ୍ତି। କମ୍ ମ୍ୟାଚରେ ସେ ପ୍ରଥମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାବେ ମଧ୍ୟ ୮୦୦୦ ରନ ପୂରଣ କରିଛନ୍ତି। ତେଣୁ ଗତ ୫୦ ବର୍ଷରେ ରୁଟ୍ ଇଂଲଣ୍ଡର ସବୁଠାରୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଛନ୍ତି। ଏସୀୟ ମହାଦେଶରେ ସେ ଜଣେ ଚାମ୍ପିୟନ ବ୍ୟାଟ୍ସମ୍ୟାନ ଭାବେ ପରିଚିତ। ୯୯ ଟେଷ୍ଟ ଖେଳି ରୁଟ୍ ୮୦୦୦ ରନ ଅତିକ୍ରମ କରିଥିବାବେଳେ ଅନ୍ୟ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କେଭିନ ପିଟରସନ ୭୮୮୭, ଆଲିଷ୍ଟର କୁକ୍ ୭୮୮୩, ଗ୍ରାହାମ ଗୁଚ୍ ୭,୫୭୩, ଜେଫ୍ ବୟକଟ ୭୪୪୧ ରନ କରି ପାରିଥିଲେ। ଗତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ରୁଟ୍ ଚମତ୍କାର ଫର୍ମର ପରିଚୟ ଦେଇଥିଲେ। ସେ ୪ଟି ଇନିଂସରେ ୪୨୬ ରନ କରିଥିଲେ। ଫଳରେ ଏସିଆରେ ତାଙ୍କର ଆଭରେଜ ୫୪.୧୩ରେ ପହଞ୍ଚି ଯାଇଛି। ରୁଟ୍ ଏସିଆ ମହାଦେଶରେ ୧୬ଟି ମ୍ୟାଚ ଖେଳି ୪ ଶତକ ସହାୟତାରେ ୧୬୨୪ ରନ ସଂଗ୍ରହ କରିଛନ୍ତି। ତେଣୁ ଆଗାମୀ ସିରିଜରେ ତାଙ୍କ ଉପରେ ନଜର ରହିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୫/୨୦୨୧ Balasore, Friday, February 5/ 2021

# ଚେପକ୍ ପ୍ରସ୍ତୁତ: ଆଜିଠାରୁ ପ୍ରଥମ ଟେଷ୍ଟ

ଚେନ୍ନାଇ,୪।୨(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ଐତିହାସିକ ଟେଷ୍ଟ ସିରିଜ ବିଜୟ ପରେ ଭାରତ ଏବେ ଘରୋଇ ପରିବେଶରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଇଂଲଣ୍ଡକୁ ଭେଟିବ। ଭାରତ ଓ ଇଂଲଣ୍ଡ ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଶୁକ୍ରବାରଠାରୁ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଅଷ୍ଟ୍ରେଲିଆ ବିପକ୍ଷ ହାଇପ୍ରୋଫାଇଲ ଟେଷ୍ଟ ସିରିଜ ଜିତିବା ପରେ ଭାରତର ଆତ୍ମବିଶ୍ୱାସ ବେଶ୍ ଦୃଢ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏହି ସିରିଜରେ ଭଲ ପ୍ରଦର୍ଶନ କରିବାକୁ ହେବ। ଫଳରେ ଏହି ସିରିଜର ଗୁରୁତ୍ୱ ଆହୁରି ବଢିଯାଇଛି।

**ଭାରତ ବନାମ ଇଂଲଣ୍ଡ**

ମ୍ୟାଚ ଆରମ୍ଭ: ସକାଳ ୯.୩୦
ଭେନ୍ୟୁ: ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ, ଚେନ୍ନାଇ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

କୋଭିଡ୍-୧୯ ମହାମାରୀ କାରଣରୁ ଦୀର୍ଘ ଏକ ବର୍ଷ ପରେ ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରୁଛି। ଆଧୁନିକ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିବା ଜୋ ରୁଟ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଏକ ବିଶ୍ୱସ୍ତରୀୟ ଦଳ ହୋଇଥିବାରୁ ଏହି ସିରିଜ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ରୁଟ୍ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ଇଂଲଣ୍ଡ ଦଳର ଦ୍ରୁତ ବୋଲିଂ ବିଭାଗ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଭାବେ ପରିଗଣିତ ହେଉଛି। ଏହି ଦଳରେ କେତେଜଣ ଅଲ୍ ଫର୍ମାଟ ଅଲରାଉଣ୍ଡର ରହିଛନ୍ତି। ଗତ ୩୫ ବର୍ଷରେ ଇଂଲଣ୍ଡ ଚେନ୍ନାଇରେ ଭାରତକୁ ହରାଇ ପାରିନାହିଁ। ଦୀର୍ଘ ୪ ବର୍ଷ ପରେ ଉଭୟ ଟେଷ୍ଟ ସିରିଜରେ ମୁହାଁମୁହିଁ ହେବେ। ଇଂଲଣ୍ଡ ବିପକ୍ଷରେ ଘରୋଇ ପରିବେଶରେ ଭାରତ ୩୨ ପ୍ରତିଶତ ଟେଷ୍ଟ ଜିତିଥିବା ବେଳେ ୪୭ ପ୍ରତିଶତ ମ୍ୟାଚ୍ ଡ୍ର ରଖିଛି। ଉଭୟ ଦଳ ମଧ୍ୟରେ ୧୨୨ଟି ଟେଷ୍ଟ ଖେଳାଯାଇଛି। ସେଥିମଧ୍ୟରୁ ଭାରତ ୨୬, ଇଂଲଣ୍ଡ ୪୭ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୪୯ ମ୍ୟାଚ୍ ଡ୍ର ରହିଛି। ଭାରତରେ ଖେଳାଯାଇଥିବା ୬୦ ଟେଷ୍ଟରୁ ଇଂଲଣ୍ଡ ୧୩ଟି ଓ ଭାରତ ୧୯ଟିରେ ବିଜୟୀ ହୋଇଛି। ୨୮ଟି ମ୍ୟାଚ୍ ଡ୍ର ରହିଛି।

ଅଧିନାୟକ ବିରାଟ କୋହଲି ଦଳକୁ ଫେରିଛନ୍ତି। ଦୀର୍ଘ ଦିନର ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ସାମିଲ ହେବା ପରେ ଏହି ବ୍ରେକ୍ କୋହଲିଙ୍କୁ ଶାରୀରିକ ଓ ମାନସିକ ଭାବେ ବେଶ୍ ସୁସ୍ଥ ରଖିଥିବ। ପ୍ରଶଂସକ କୋହଲିଙ୍କୁ ଏକ ନୂଆ ରୂପରେ ଦେଖିବାକୁ ପାଇବେ। ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଇଂଲଣ୍ଡ ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ତେଣୁ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ କିପରି ସ୍ପିନ୍ ଖେଳିବାକୁ ହୁଏ ତାହା ରୁଟ୍ ଓ ତାଙ୍କ ଖେଳାଳିଙ୍କୁ ଭଲଭାବେ ଜଣାଥିବ। ବିଶ୍ୱର ସର୍ବାଧିକ ଉଇକେଟ ହାସଲକାରୀ ପେସ୍ ବୋଲର ଜେମ୍ସ ଆଣ୍ଡରସନ ଏହି ସିରିଜ ତଥା ମ୍ୟାଚ୍‌ରେ ନିଶ୍ଚିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ। ରୋହିତ ଶର୍ମାଙ୍କ ଧୈର୍ଯ୍ୟ ଓ ଶୁବମନ ଗିଲଙ୍କ ଟେକ୍‌ନିକ ବିପକ୍ଷରେ ସେ କିଭଳି ବୋଲିଂ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଜୋଫ୍ରା ଆର୍ଚରେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାଉନ୍ସର ମାରିବାକୁ ପଛାଇବେ ନାହିଁ। ସେହିପରି ପୁରଣା ବଲ୍‌ରେ ବେନ୍ ଷ୍ଟୋକ୍ସ ରିଭର୍ସ ସୁଇଙ୍ଗ କରି ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବାକୁ ପ୍ରୟାସ କରିବେ।

ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଏବେ ଅତୀତ। ଆମକୁ ଏବେ ଇଂଲଣ୍ଡ ଭଳି ଏକ ବିଶ୍ୱସ୍ତରୀୟ ଦଳକୁ ସମ୍ମାନ ଦେବାକୁ ହେବ। କେବଳ ଗୋଟିଏ ମ୍ୟାଚ୍ ଉପରେ ଆମେ ଫୋକସ କରୁଛୁ ବୋଲି ଉପଅଧିନାୟକ ଅଜିଙ୍କ୍ୟ ରାହାନେ କହିଛନ୍ତି। ଅଷ୍ଟ୍ରେଲିଆ ସିରିଜରେ ବଳିଷ୍ଠ ନେତୃତ୍ୱର ପ୍ରମାଣ ଦେଇଥିବା ରାହାନେ ଏବେ ତାଙ୍କ ପୁରୁଣା ଭୂମିକାକୁ ଫେରିବେ। ଅଷ୍ଟ୍ରେଲିଆକୁ ହରାଇବା ପରେ ଭାରତ ଏହି ମୋମେଣ୍ଟମକୁ ବଜାୟ ରଖିବାକୁ ଚାହିଁବ। ଚିପକର ଏହି ପିଚ୍‌ରେ ପ୍ରଥମ ଦିନ ବଲ୍ ଭଲ ଫାଷ୍ଟ ହେବା ସହ ବାଉନ୍ସ ହେବ। ତୃତୀୟ ଦିନରୁ ଏହା ସ୍ପିନରଙ୍କୁ ସୁହାଇବ। ଅଷ୍ଟ୍ରେଲିଆର ଫାଷ୍ଟ ଓ ବାଉନ୍ସ ପିଚ୍‌ରେ ଭାରତ ଭଲ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ତେଣୁ ଘରୋଇ ପରିବେଶରେ ଭାରତର ବ୍ୟାଟିଂ ଆହୁରି ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

ଆଣ୍ଠୁ ଉପରକୁ ବଲ୍ ଅଧିକ ବାଉନ୍ସ କରିବ ନାହିଁ। ତେଣୁ ଅଷ୍ଟ୍ରେଲିଆ ଗସ୍ତରେ ବଡି ବ୍ଲୋକ୍‌ର ଶିକାର ହୋଇଥିବା ଚେତେଶ୍ୱର ପୂଜାର ଟିକିଏ ଅଧିକ ଆକ୍ରମଣାତ୍ମକ ବ୍ୟାଟିଂ କରିବେ। ଇଂଲଣ୍ଡ ଦଳରେ ମୋଇନ ଅଲୀଙ୍କ ସମେତ ୩ ସ୍ପିନର ରହିଛନ୍ତି। ଅଫ୍ ସ୍ପିନର ଡୋମ ବେସ ଓ ବାମହାତୀ ସ୍ପିନର ଜ୍ୟାକ ଲିଚ୍‌ଙ୍କୁ ମୁକାବିଲା କରିବାରେ ଭାରତୀୟ ବ୍ୟାଟ୍ସମ୍ୟାନ ସଫଳ ହେବେ। ପ୍ରଥମଥର ପାଇଁ ଏହି ଦୁଇ ବୋଲର ଭାରତ ବିପକ୍ଷରେ ବୋଲିଂ କରିବେ। ଫଳରେ ଅଭିଜ୍ଞତା ଦୃଷ୍ଟିକୋଣରୁ ଏମାନେ ପଛରେ ରହିବେ। ଦଳଗତ ଭାବେ ସବୁ ବିଭାଗରେ ଭଲ ପ୍ରଦର୍ଶନ କଲେ ସଫଳ ହେବୁ ବୋଲି ରୁଟ୍ ମ୍ୟାଚ୍ ପୂର୍ବରୁ କହିଛନ୍ତି। ଉଇକେଟ କିପର ଭାବେ ରିଷଭ ପନ୍ତ ଖେଳିବେ ଓ ଘରୋଇ ପରିବେଶରେ ସେ ଆହୁରି ପ୍ରଭାବୀ ସାବ୍ୟସ୍ତ ହେବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ (ଉପ ଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା, ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ରିଦ୍ଧିମାନ ଶାହା ଓ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଡୋମିନିକ୍ ସିବ୍ଲି, ରୋରି ବର୍ନ୍ସ, ଓଲି ପୋପ୍, ଡାନ ଲରେନ୍ସ, ବେନ୍ ଷ୍ଟୋକ୍ସ, ଜୋସ ବଟଲର (ଉଇକେଟ କିପର), ବେନ୍ ଷ୍ଟୋକ୍ସ, ବେନ୍ ଫୋକ୍ସ (ଉଇକେଟ କିପର), ମୋଇନ ଅଲୀ, କ୍ରିସ୍ ୱୋକ୍ସ, ଜୋଫ୍ରା ଆର୍ଚର, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍, ଡୋମିନିକ ବେସ୍, ଜ୍ୟାକ ଲିଚ୍ ଓ ଓଲି ଷ୍ଟୋନ।



ଗୁରୁବାର ଅଭ୍ୟାସ ଅବସରରେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ ସହ ଚେତେଶ୍ୱର ପୂଜାରା।

## କ୍ରଲି ଆହତ, ୨ ଟେଷ୍ଟରୁ ଓହରିଲେ



ଇଂଲଣ୍ଡର ପ୍ରତିଭାସମ୍ପନ୍ନ ଓପନର ଜ୍ୟାକ କ୍ରଲି ଆହତ ହୋଇଛନ୍ତି। ଫଳରେ ସେ ଭାରତ ବିପକ୍ଷ ପ୍ରଥମ ୨ଟି ଟେଷ୍ଟରୁ ଓହରି ଯାଇଛନ୍ତି। ବୁଧବାର ନିଜର ୨୩ତମ ଜନ୍ମଦିନ ଅବସରରେ କ୍ରଲି କଟଟିରେ ଆଘାତ ପାଇଛନ୍ତି। ଚେପକ୍ ଡ୍ରେସିଂ ରୁମ୍‌ର ମାର୍ବଲରେ ଗୋଡ଼ ଖସିଯିବାରୁ ସେ ହାତଭରା ଦେଇ ତଳେ ପଡ଼ିଯାଇଥିଲେ। ଫଳରେ କଟଟିରେ ଆଘାତ ପାଇଥିଲେ। ଗତ ରାତିରେ ଆହତ ସ୍ଥାନରେ ସ୍କାନ କରାଯିବା ପରେ ସେ ଅତିକମ୍‌ରେ ୨ଟି ଟେଷ୍ଟରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ଡାହାଣହାତୀ ବ୍ୟାଟ୍ସମ୍ୟାନ କ୍ରଲି ୧୦ଟି ଟେଷ୍ଟ ଖେଳି ୬୧୬ ରନ କରିଛନ୍ତି। ଏହା ମଧ୍ୟରେ ୧ ଶତକ ଓ ୩ ଅର୍ଦ୍ଧଶତକ ସାମିଲ। ତେବେ ନିକଟରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ସେ ଖରାପ ପ୍ରଦର୍ଶନ କରି ୪ ଇନିଂସରେ ଯଥାକ୍ରମେ ୯, ୮, ୫, ୧୩ ରନ କରିଥିଲେ। କ୍ରଲିଙ୍କ ଆହତ ସମସ୍ୟା ନୈରାଶ୍ୟଜନକ ଏବଂ ଦୁର୍ଭାଗ୍ୟଜନକ ବୋଲି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ପ୍ରକାଶ କରିଛନ୍ତି।

## ଖେଳିପାରନ୍ତି ଅକ୍ଷର ପଟେଲ



ଚେନ୍ନାଇ, ୪।୨(ପି.ଟି.)

ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ରବୀନ୍ଦ୍ର ଜାଡେଜା ଆହତ ଥିବାରୁ ତାଙ୍କ ସମକକ୍ଷ ଜଣେ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇବା ଲକ୍ଷ୍ୟରେ ରହିଛି। ତେଣୁ ଅକ୍ଷର ପଟେଲ ଟେଷ୍ଟ କ୍ୟାରିୟର ଆରମ୍ଭ କରିବା ସମ୍ଭାବନା ରହିଛି ବୋଲି ଅଧିନାୟକ ବିରାଟ କୋହଲି ସୂଚନା ଦେଇଛନ୍ତି। ଜାଡେଜା ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ ଭଲ କରିଥାନ୍ତି। ତାଙ୍କ ଅନୁପସ୍ଥିତିରେ ଅକ୍ଷରଙ୍କୁ ଅଗ୍ରାଧିକାର ଦିଆଯାଇପାରେ ବୋଲି କୋହଲି କହିଛନ୍ତି। ତେବେ ଈଶାନ୍ତ ଶର୍ମା ଓ ମହମ୍ମଦ ସିରାଜଙ୍କ ମଧ୍ୟରୁ ଦ୍ୱିତୀୟ ପସନ୍ଦ ପେସ୍ ବୋଲର ଭାବେ କାହାକୁ ନିଆଯିବ ସେ ସମ୍ପର୍କରେ କିଛି କହିନାହାନ୍ତି।

## ପନ୍ତ ଖେଳିବେ

**ଚେନ୍ନାଇ, ୪।୨ (ପି.ଟି.):** ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଭିଜ୍ଞ ଉଇକେଟ କିପର ରିଦ୍ଧିମାନ ଶାହାଙ୍କୁ ପଛରେ ପକାଇ ରିଷଭ ପନ୍ତ ଖେଳିବା ନିଶ୍ଚିତ ହୋଇଛି। ଅଧିନାୟକ ବିରାଟ କୋହଲି ଏହା ସ୍ପଷ୍ଟ କରିଛନ୍ତି। ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିସାରିଛି। ଅନ୍ୟ କେଉଁ ଦଳ ଫାଇନାଲରେ ପ୍ରବେଶ କରିବ ତାହା ଭାରତ-ଇଂଲଣ୍ଡ ସିରିଜରୁ ସ୍ଥିର ହେବ। ତେଣୁ ଏହାର ଗୁରୁତ୍ୱ ବଢ଼ି ଯାଇଛି। ‘‘ପ୍ରଥମ ଟେଷ୍ଟରେ ପନ୍ତ ଖେଳିବେ। ନିକଟରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସେ କଠିନ ପରିଶ୍ରମ କରୁଛନ୍ତି’’ ବୋଲି କୋହଲି ପ୍ରକାଶ କରିଛନ୍ତି। ବ୍ରିସ୍‌ବେନ ଟେଷ୍ଟରେ ପନ୍ତ ସାହସିକ ୮୯ ରନର ଇନିଂସ ଖେଳିବାରୁ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ସିରିଜ ବିଜୟୀ ହେବା ସମ୍ଭବ ହେଲା। ସିଡ୍‌ନୀ ଟେଷ୍ଟରେ ମଧ୍ୟ ସେ ୯୭ ରନ କରିଥିଲେ। ପନ୍ତ ଏହି ପ୍ରଦର୍ଶନ ଆଗାମୀ ସିରିଜରେ ବଜାୟ ରଖିବେ ବୋଲି କୋହଲି ଆଶାପ୍ରକାଶ କରିଛନ୍ତି। ବ୍ୟାଟିଂ ଦକ୍ଷତା ରଖିଥିବା ବୋଲରଙ୍କୁ ସୁଯୋଗ ମିଳିବ ବୋଲି ମଧ୍ୟ କୋହଲି ସୂଚନା ଦେଇଛନ୍ତି। ସଂଯୋଗବଶତଃ ୨୦୧୬ରେ ଚେପକ୍‌ରେ ଅନୁଷ୍ଠିତ ଅନ୍ତିମ ଟେଷ୍ଟରେ ଭାରତ-ଇଂଲଣ୍ଡ ମୁକାବିଲା ହୋଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ